# ସାନ୍ତାଳୀ ଲୋକ ସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ସାନ୍ତାଳୀ ଲୋକସାହିତ୍ୟ

ଡଃ ନାକୁ ହାଁସଦାଃ

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ସାନ୍ତାଳୀ ଲୋକ ସାହିତ୍ୟ


ସଂକଳକ : ଡଃ ନାକୁ ହାଁସଦା

ନିର୍ଦ୍ଦେଶନା : ଶ୍ରୀ ବିଶ୍ୱର କୁମାର ନାୟକ (ଭା.ପ୍ର.ସେ)

ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍ - ୧, ଭୁବନେଶ୍ୱର - ୯

ପ୍ରଥମ ପ୍ରକାଶନ : ୨୦୧୨

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ,
ଭୁବନେଶ୍ୱର-୧୦


# Santali Lok Sahitya


**Compilation :**
**Dr. Naku Hansdah**

**Supervisor :**
**Sri Biswar Ku. Nayak, IAS**
Member Secretary

**© Publisher :**
**Academy of Tribal Languages & Culture**
Adivasi Exhibition Ground
Unit-1, Bhubaneswar -9

**1st Published** : 2012

**Printed at** : **Bholanath Press**
1201/1601/, Bomikhal
Bhubaneswar-10

# ପ୍ରାକ୍‌ଭାଷ

ଯେକୌଣସି ଜାତିର ପ୍ରଜାତିକ ବୈଚିତ୍ର ଓ ସାଂସ୍କୃତିକ ଐତିହ୍ୟ ଆକଳନରେ ସେମାନଙ୍କର ମୌଖିକ ପରମ୍ପରା ହେଉଛି ପ୍ରମୁଖ ଉପାଦାନ । ଏହି ମୌଖିକ ସାହିତ୍ୟକୁ ଲୋକ ସାହିତ୍ୟ ବା ଲୋକ ପରମ୍ପରା କୁହାଯାଇଥାଏ । ଏହା ସେମାନଙ୍କର ବଂଶର କଂଥା କହେ; ବିଶ୍ୱାସର କଥା କହେ ଓ ଜୀବନ ଜୀବିକାର କଥା କହେ । ଜୀବନାନୁଭୁତିର ବିବିଧ ପରିଚିତିରେ ବନ୍ଧା ସେମାନଙ୍କ ଦିନ ଚର୍ଯ୍ୟାର ରସାଳ ଅଭିବ୍ୟକ୍ତିକୁ ସମୃଦ୍ଧ ରୂପ ଦେଇଥାଏ । ତେଣୁ ସଭ୍ୟତାର ବିକାଶରଧାରା, ସଂସ୍କୃତିର ଅନନ୍ୟତାର ରୂପଚିତ୍ର, ବ୍ୟକ୍ତି ଓ ସମାଜର ଆଧାରର କଥା ସମ୍ପର୍କରେ ଲୋକସାହିତ୍ୟ ବା ଲୋକ ପରଂପରା ହିଁ ଆଲୋକପାତ କରାଇଥାଏ ।

ଜନଜାତିଙ୍କ କ୍ଷେତ୍ରରେ ଏହି ସତ୍ୟ ମଧ୍ୟ ଉପଲବ୍ଧ । ସେମାନଙ୍କ ମଧ୍ୟରୁ ସାନ୍ତାଳ ବିଶେଷ ସ୍ଥାନ ଏବଂ ଭୂମିକା ଗ୍ରହଣ କରିଥାନ୍ତି । କେବଳ ଭାରତରେ ନୁହେଁ, ଅନ୍ୟାନ୍ୟ ପ୍ରତିବେଶୀ ରାଷ୍ଟ୍ରରେ ମଧ୍ୟ ଏହି ଜାତିର ଲୋକେ ବହୁଳ ସଂଖ୍ୟାରେ ବାସ କରନ୍ତି । ଏହିଭଳି ଏକ ପୁରାତନ ଓ ବିସ୍ତୀର୍ଣ୍ଣ ଅଞ୍ଚଳରେ ବାସ କରୁଥିବା ଜନଜାତିର ମୌଖିକ ସାହିତ୍ୟ ମଧ୍ୟ ଅନୁରୂପ ଭାବରେ ସମୃଦ୍ଧ । ଭାବରେ, କଳ୍ପନାରେ, ଆରୋପରେ, ବିଶ୍ଳେଷଣରେ, ରସଚର୍ଚ୍ଚାରେ ସବୁଦିଗରୁ ଏହାର ସମୃଦ୍ଧି ସମ୍ପର୍କରେ ଦ୍ୱିଧାବୋଧର ପ୍ରଶ୍ନ କରାଯାଇ ହୁଏନାହିଁ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଆନୁକୂଲ୍ୟାରେ 'ସାନ୍ତାଳୀ ଲୋକ କାହାଣୀ' ନାମରେ ଏକ ପୁସ୍ତକ ଏଥିପୂର୍ବରୁ ପ୍ରକାଶିତ ହୋଇଛି । କିନ୍ତୁ ସେଥିରେ ଲୋକ ପରମ୍ପରାରେ ସାଂସ୍କୃତିକ ବିଭବର ବୈଶିଷ୍ଟ୍ୟ ଉପରେ ଆଲୋଚନା କରାଯାଇନାହିଁ । ମାତ୍ର ସଂପୃକ୍ତ ପୁସ୍ତକରେ ଲୋକ ପରଂପରାର ଏହି ଲିଖିତ ରୂପରେ ସାଂସ୍କୃତିକ ବୈଭବର ପ୍ରତିଫଳନ କିପରି ଘଟିଛି; କିପରି ସମାଜ ସଂସ୍କୃତି ଦାୟରେ ସାନ୍ତାଳୀ ମଧ୍ୟ ଜନଜୀବନକୁ ଉତ୍ସର୍ଗ ଉପଭୋଗ କରେ, ଜୀବନ କଥାରେ ଉତ୍ତରଦାୟିତ୍ୱର କଥା କିପରି ସାନ୍ତାଳୀ ପ୍ରାଣକୁ ମଧ୍ୟ ଆନ୍ଦୋଳିତ କରେ, ତା'ର ଏକ ସରଳ, ସୁଖବୋଧ୍ୟ ଆଲୋଚନା ଏହି ପୁସ୍ତକ ମାଧ୍ୟମରେ ଦେଖିବାକୁ ମିଳିବ । ସଂଯୋଜନା, ବିଚାର, ବିଶ୍ଳେଷଣରେ ଅନେକ ସ୍ୱାତନ୍ତ୍ର୍ୟ ବହନ କରିଥିବା ହେତୁ ଏ ପୁସ୍ତକର ପ୍ରକାଶିତ ରୂପ ଆବଶ୍ୟକ ବୋଲି ଏକାଡ଼େମୀ ଉପଲବ୍ଧି କରିଛି ।

ସଂକଳକ ଡକ୍ଟର ନାକୁ ହାଁସଦାଃ, ଏଇ ଜନଜାତିର ଜଣେ ଉଦୀୟମାନ ବିଦ୍ୱାନ । କେବଳ ବିଦ୍ୱାନ କହିଲେ ଠିକ୍ ହେବନାହିଁ, ଜୀବନ, ପରିବେଶ, ଐତିହ୍ୟ ଇତ୍ୟାଦିର ଜଣେ ଅତ୍ୟନ୍ତ ସ୍ୱାଭିମାନୀ ରସିକ ବ୍ୟକ୍ତିସତ୍ତା । ତାଙ୍କର ଅବରୋଧରେ ସାନ୍ତାଳୀ ଲୋକସାହିତ୍ୟର ଆକଳନ ଯେ ସୁଧା ପାଠକ ଓ ପରବର୍ତ୍ତୀ ପୀଢ଼ିର ରସଗ୍ରାହୀ ପାଠକମାନଙ୍କୁ ସାହିତ୍ୟିକ ଆନନ୍ଦ ଦେଇ ପାରିବ, ଏହି ବିଶ୍ୱାସ ମୋର ଅଛି ।

**ସନ୍ତୋଷ କୁମାର ଷଡ଼ଙ୍ଗୀ**
କମିଶନର ତଥା ଶାସନ ସଚିବ

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ସାନ୍ତାଳ ଜାତିର ପରିଚୟ | ୧ |
| ୨. | ସାନ୍ତାଳୀ ଲୋକସାହିତ୍ୟର ଉତ୍ପତ୍ତି ଓ ବିକାଶକ୍ରମ | ୧୦ |
| ୩. | ସାନ୍ତାଳ ଲୋକଗୀତର ବିକାଶକ୍ରମ | ୫୯ |
| ୪. | ସାନ୍ତାଳୀ ଲୋକୋକ୍ତି | ୬୧ |
| ୫. | ସାନ୍ତାଳୀ ଲୋକକଥା | |
| ୫.୧ | ବେଙ୍ଗା | ୧୦୯ |
| ୫.୨ | ଦାମୁଦାର୍ ଚାଲାଃ | ୧୧୭ |
| ୫.୩ | କାଲ କୁଇଲୀ | ୧୨୧ |
| ୫.୪ | କାମ୍ରୁ ଗୁରୁ | ୧୨୭ |
| ୫.୫ | ଟୁଡୁ କଳା ବେଶ୍ରା କୁଳି | ୧୩୯ |
| ୫.୬ | ମୀରୁ ଘାଟି | ୧୪୩ |
| ୫.୭ | କିସ୍କୁ ରାପାଜ୍ ମାର୍ଣ୍ଡିକିଷାଣ୍ | ୧୫୦ |
| ୫.୮ | ବାହୁକୁଳି ଗାତେ ଏଟାଃକଳା | ୧୫୪ |
| ୫.୯ | ଜୀବନ୍ ଡାହାର୍ | ୧୬୧ |
| ୫.୧୦ | ହିଲିତ୍ ଆଙ୍ଗିର୍ | ୧୬୬ |
| ୫.୧୧ | ରାଂକିନୀ ଆୟ | ୧୬୯ |

# ସାନ୍ତାଳ ଜାତିର ପରିଚୟ

ଭାରତ ବର୍ଷର ସର୍ବ ପୂରାଚନ ମାନବ କହିଲେ ଆଦିବାସୀ ମାନଙ୍କୁ ହିଁ ବୁଝାଯାଇଥାଏ । କାରଣ ଏହି ମାଟିର ଆଦିମାନବ ଏହି ମାନେ ହିଁ ଅଟନ୍ତି । ଏମାନେ ସର୍ବ ପ୍ରଥମେ ଏହି ମାଟିରେ ବସତି ସ୍ଥାପନ ପୂର୍ବକ ମାନବ ସଭ୍ୟତାର ମୂଳଦୂଆ ସ୍ଥାପନ କରିଥିବା କଥା ସର୍ବସମ୍ମତି କ୍ରମେ ସ୍ୱୀକୃତି ଲାଭ କରିଆସିଅଛି । ଏଥିପାଇଁ ହିଁ ଏମାନଙ୍କୁ ପ୍ରଥମ ବାସିନ୍ଦା ବା ଆଦିବାସୀ ବୋଲି କୁହାଯାଇ ଆସୁଅଛି । ଏଠାରେ ଏକଥା ଉଲ୍ଲେଖ ଯୋଗ୍ୟ ଯେ, ଭାରତ ସରକାରଙ୍କ ୨୦୦୧ ମସିହାର ଜନ ଗଣନା ଅନୁସାରେ ସମଗ୍ର ଭାରତ ବର୍ଷରେ ୪୩୭ ପ୍ରକାରର ଆଦିବାସୀ ବସବାସ କରୁଛନ୍ତି । ଏମାନଙ୍କ ମଧ୍ୟରେ ସଂଖ୍ୟା ଦୃଷ୍ଟିରୁ 'ଗଣ୍ଡ' ଆଦିବାସୀ ସବାଗ୍ରେ ରହିଥିବା ବେଳେ 'ଭିଲ୍' ଆଦିବାସୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଏବଂ 'ସାନ୍ତାଳ' ଆଦିବାସୀ ତୃତୀୟ ବୃହତ୍ ଆଦିବାସୀ ଗୋଷ୍ଠୀ ଭାବରେ ମାନ୍ୟତା ଲାଭ କରିଅଛନ୍ତି । ସାନ୍ତାଳମାନେ ବହୁ ବିସ୍ତୀର୍ଣ୍ଣ ଅଞ୍ଚଳରେ ବସବାସ କରୁଥିବା କଥା ଜଣାଯାଇଥାଏ । ଯେପରିକି ଓଡିଶା, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ, ମଣିପୁର, ନାଗାଲାଣ୍ଡ, ମିଜରାମ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶ ଗଡ ଆଦି ରାଜ୍ୟ ମାନଙ୍କରେ ବାସ କରନ୍ତି । କେବଳ ଏତିକି ନୁହେଁ ଏମାନେ ଭାରତ ବାହାରେ ବାଙ୍ଗଲାଦେଶ, ନେପାଳ, ଚୀନ୍, ମରିଶସ୍, ଶ୍ରୀଲଙ୍କା ଆଦି ରାଷ୍ଟ୍ର ମାନଙ୍କରେ ମଧ୍ୟ ବସବାସ କରୁଥିବା କଥା ଜଣାଇଯାଇଥାଏ । ତେଣୁ, ଏହି ଜାତିକୁ ଏକ ଆନ୍ତର୍ଜାତିକ ସ୍ତରୀୟ ମହାନ ଜାତି ଭାବରେ ଗ୍ରହଣ କରାଯାଇପାରେ ।

ଯେ କୌଣସି ଜାତିର ପରିଚୟ ପ୍ରସଙ୍ଗରେ ନାମ କରଣ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହି ଦୃଷ୍ଟିରୁ ବିଚାର କଲେ ସାନ୍ତାଳ ମାନଙ୍କୁ କେବେ କାହିଁକି ଏହି ନାମରେ ନାମକରଣ କରାଗଲା ଏହା ଆଲୋଚନାର ପରିସର ଭୁକ୍ତ ହେବା ନିତାନ୍ତ ଆବଶ୍ୟକ ।

ପ୍ରତ୍ୟେକ ଜାତିର ନାମକରଣ ପଛରେ ଏକ ଏକ କାରଣମାନ ନିହିତ ହୋଇ ରହିଆସିଛି । ଉଦାହରଣ ସ୍ୱରୂପ ହିନ୍ଦୁ, ବୌଦ୍ଧ, ଜୈନ ଆଦିଙ୍କୁ ଗ୍ରହଣ କରାଯାଇ ପାରେ । ଯଥାଃ- ହିନ୍ଦ୍‌ନଦୀ ଉପତ୍ୟକାରେ ବସବାସ କରୁଥିବା ହେତୁ ସେମାନଙ୍କୁ ହିନ୍ଦୁ

କୁହାଯାଇଅଛି । ସେହି ପରି ବୁଦ୍ଧଦେବଙ୍କ ଅନୁଗାମୀମାନଙ୍କୁ ବୌଦ୍ଧ ବୋଲି କୁହାଯାଏ ଏବଂ ମହାବୀର ଜୀନ୍‌ଙ୍କର ଅନୁଗାମୀ ମାନଙ୍କୁ ଜୈନ କୁହାଯାଏ । ଏହି ମର୍ମରେ ବିଚାର କଲେ ସାନ୍ତାଳମାନଙ୍କୁ ସାନ୍ତାଳ କୁହାଯିବା ପଛରେ କିଛି କାରଣ ନିହିତ ହୋଇ ରହିବା ସ୍ୱାଭାବିକ। ତାହାକୁ ନିମ୍ନରେ ଆଲୋଚନା କରାଗଲା :-

## ୧) ସାହାର୍ ବେଡାରିନ୍ ସାର୍‌ତାଲ୍ ଆକାନ୍‌କଗେ ସାନ୍ତାଲ୍

ସାନ୍ତାଳମାନଙ୍କ ପୂର୍ବପୁରୁଷମାନେ ସାହାର୍‌ବେଡ୍ ଠାରେ ଅବସ୍ଥାନ ପୂର୍ବକ ପାରିସ୍ ବିଭାଜନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ସେଠାରୁ ବିଭିନ୍ନ ସ୍ଥାନକୁ ସାର୍‌ତାଲ୍ ଅର୍ଥାତ୍ ବିସ୍ତାରିତ ହୋଇଥିବାରୁ ସେମାନଙ୍କୁ ସାନ୍ତାଳ୍ କୁହାଯାଏ।

## ୨) ସାରତେବନ୍ ସାଗୁନ୍‌ତେ ସାନ୍ତାଲ୍

ଏଠାରେ କହି ରଖିବା ଉଚିତ୍ ସାନ୍ତାଳମାନେ କୌଣସି ସ୍ଥାନରେ ଶୁଭାଶୁଭ ଖଡି ପାଞ୍ଜି ତଥା ଗଣକମାନଙ୍କ ଦ୍ୱାରା ସ୍ଥିରିକୃତ କରିବାର ପରମ୍ପରା ନାହିଁ । ସେମାନେ ଏହି କାର୍ଯ୍ୟ ପାରମ୍ପରିକ ରୀତିରେ କରୁଥିବାର ଦେଖାଯାଏ । ଆଦିପୁରୁଷ ପିଲ୍‌ଚୁ ମଧ୍ୟ ଧର୍ମ ଅନ୍ୱେଷଣ କରିବା ସକାଶେ ଶାର୍ ବା ଶରର ହିଁ ଆଶ୍ରୟ ନେଇଥିଲେ । ତେଣୁ କହିବା କଥା ଶାର୍ ଦ୍ୱାରା ଶୁଭାଶୁଭ ବିଚାର କରାଯାଉଥିବାରୁ ଏମାନଙ୍କୁ ସାନ୍ତାଳ୍ କୁହାଯାଏ।

## ୩)ସାତ୍‌ଆନ୍ କଗେ ସାନ୍ତାଲ୍

ସାତ୍‌ଆନ୍ ଅର୍ଥାତ ସାଫଲ୍ୟତା ଲଭିବା । ଯେଉଁମାନେ ସାଫଲ୍ୟ ଲଭିଛନ୍ତି ବା ସଫଳତା ହାସଲ କରିଛନ୍ତି, ସେହିମାନଙ୍କୁ ସାନ୍ତାଳ କୁହାଯାଏ । ଏହି ସଫଳତା ସେମାନଙ୍କ ଧର୍ମ ସଂସ୍କୃତି, ପରମ୍ପରା ଦୃଷ୍ଟିରୁ ବିଚାର କରାଯାଇପାରେ । ସେମାନଙ୍କ ଧର୍ମ ଶାର୍‌ନା କେଉଁ ଆବହମାନ କାଳରୁ ବହୁ ଉତ୍‌ଥାନ ପତନ ଦେଇ ଗତି କରି ଆସିଛି । ସେହିପରି ଏମାନଙ୍କ ସଂସ୍କୃତି ଏପର୍ଯ୍ୟନ୍ତ ମଧ୍ୟ ଅକ୍ଷୁଣ୍ଣ ରହିଛି, ଯାହା ତାଙ୍କ ସଫଳତାର ପରିଚାୟକ ଭାବେ ବିବେଚନା କରାଯାଇପାରେ । ପରମ୍ପରା କଥା ଯଦି କହିବା ଏହା କେବଳ ସାନ୍ତାଲ୍‌ମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ସମସ୍ତ ଆଦିବାସୀ ସମାଜର ଏହା ହିଁ ହେଉଛି ଉଭୟ ଶକ୍ତି ଓ ଦୁର୍ବଳତା । ॥୧॥ ତାଙ୍କ ପରମ୍ପରା ପ୍ରତି ଗଭୀର ଆସକ୍ତି ଓ ସମ୍ମାନ ହିଁ ତାହାକୁ ଏପର୍ଯ୍ୟନ୍ତ ସାଇତି ରଖିଛି । ତାହା ସେମାନଙ୍କ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରୁଛି ।

ତେଣୁ ଏହି କ୍ଷେତ୍ରରେ ମଧ୍ୟ ସାନ୍ତାଳମାନେ ସଫଳତା ହାସଲ କରିଛନ୍ତି । ଏହି ପ୍ରକାରେ ଯେଉଁମାନେ ତଥା ଯେଉଁ ସମ୍ପ୍ରଦାୟ ସବୁ ଦିଗରୁ ସାତ୍ ବା ସଫଳତା ଅର୍ଜନ କରିଛନ୍ତି ସେହି ମାନଙ୍କୁ ସାନ୍ତାଳ୍ ବୋଲି କୁହାଯାଇଥାଏ ।

## ୪) ସାଉଁତାଲ୍ ଇୟ୍ୟତେ ସାନ୍ତାଳ୍

ସାଉଁତାଲ୍ ଅର୍ଥାତ୍ ଏକତାଳ । ଏଠାରେ ଜାଣି ରଖିବା ଉଚିତ୍ ଯେଉଁ ତାଳ କଥା କୁହାଯାଉଛି ଏହା କୌଣସି ନାଚର ତାଳ ନୁହେଁ, ଏଠାରେ ତାଳ ଶବ୍ଦଟିକୁ ସାମାଜିକ କର୍ମକର୍ମାଣି ଭାବରେ ନିଆଯାଇଛି । ସାନ୍ତାଳ୍‌ମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ଜୀବନରେ ଯେତେ ପ୍ରକାରର କ୍ରିୟାକର୍ମମାନ ରହିଛି ସମସ୍ତ କର୍ମ ସମ୍ମିଳିତଭାବେ କରିଥାନ୍ତି । ଅନ୍ୟ ସମ୍ପ୍ରଦାୟ ମାନଙ୍କରେ କର୍ତ୍ତା ନିଜେ ଯେତେ ଲୋକଙ୍କୁ ଡାକିଥାନ୍ତି କେବଳ ସେହିମାନେ ଆସି ଉପସ୍ଥିତ ହୁଅନ୍ତି । ତାଙ୍କ ସମେତ ପୁରୋହିତ, ବାରିକ, ଧୋବା ଏମାନଙ୍କୁ କିଛି ଅର୍ଥ ଦେଇ ଡାକି ଦେଲେ ସମସ୍ତ କ୍ରିୟା ବିଧାନ ସରିଯାଇଥାଏ । ଅପର ପକ୍ଷରେ ସାନ୍ତାଳ୍ ସମାଜରେ ମାଝୀବାବା (ଗ୍ରାମମୁଖ୍ୟ), ମଣେହଲ୍ (ଗାଁଉଲା) ବ୍ୟତିରେକ କୌଣସି କାମ କରାଯିବା ସମ୍ଭବ ନୁହେଁ । ଏହି ପ୍ରକାରେ ସୁଖର ହେଉ ଅବା ଦୁଃଖର ହେଉ ସମସ୍ତ ପ୍ରକାର କ୍ରିୟାବିଧାନ ଏକତ୍ର ବା ସମତାଳରେ କରୁଥିବାହେତୁ ଏମାନଙ୍କୁ ସାନ୍ତାଳ୍ କୁହାଯାଇଥାଏ ।

## ୫) ସତ୍‌ତାଲ୍ ଇୟ୍ୟତେ ସାନ୍ତାଳ୍

ଏମାନଙ୍କର କ୍ରିୟାକର୍ମ ତଥା ସମସ୍ତ ପ୍ରକାର ବିଧିବିଧାନରେ ସତ୍ୟ ହିଁ ବିରାଜମାନ କରୁଛି । ଏମାନଙ୍କର ଏହି ସବୁ ରୀତିନୀତି ସମାଜର କୌଣସି ଗୋଟିଏ ଗୋଷ୍ଠୀଦ୍ୱାରା ନିୟନ୍ତ୍ରିତ ହୁଏ ନାହିଁ । ଅର୍ଥାତ ଏହା ଲୋକ ସମୂହ ଦ୍ୱାରା ନିୟନ୍ତ୍ରିତ ହେଉଥିବା ହେତୁ ଏଥିରେ ସତ୍ୟତା ବିରାଜମାନ କରୁଅଛି । ହୁଏତ କୌଣସି ଗୋଟିଏ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରଣ କରାଯାଉଥିଲେ ସେହି ଗୋଷ୍ଠୀ ନିଜ ସୁବିଧା ଏବଂ ସ୍ୱାର୍ଥକୁ ଆଗରେ ରଖି ଏସବୁ କାର୍ଯ୍ୟକଳାପମାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ସେଥିରେ ସତ୍ୟତା ଆଉ ରହିବ ନାହିଁ । ସାନ୍ତାଳ୍ ସମାଜର ସମସ୍ତ କ୍ରିୟା ବିଧାନ ଏହି ପ୍ରକାରେ ସତ୍ ବା ସତ୍ୟ ଉପରେ ଆଧାରିତ ଥିବା ହେତୁ ସେମାନଙ୍କୁ ସାନ୍ତାଳ୍ କୁହାଯାଇଥାଏ ।

## ୬) ସନ୍ଧାଲ୍ ଗେଡେବନ୍ ସାନ୍ତାଲ୍

ସନନ୍ଧାଲ୍ ଅର୍ଥ ସୁଗନ୍ଧ ଗେଡେବନ୍ ଅର୍ଥ ଥିବା ହେତୁ ଅର୍ଥାତ୍ ସୁଗନ୍ଧ ଥିବା ହେତୁ ଏମାନଙ୍କୁ ସାନ୍ତାଲ୍ କୁହାଯାଇଥାଏ । ସାନ୍ତାଲ୍ ସମାଜରେ ଯଥେଷ୍ଟ ପରିମାଣର ସୁଗନ୍ଧ ଦ୍ରବ୍ୟାଦି ରହିଆସିଛି । ତେଣୁ ଏହା ପାଖକୁ ବିଭିନ୍ନ ସମୟରେ ବିଭିନ୍ନ ମହାପୁରୁଷମାନେ ଆକର୍ଷିତ ହୋଇ ଆସିଛନ୍ତି । ଉଦାହରଣ ସ୍ୱରୂପ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ କଥାକୁ ନିଆଯାଇପାରେ । ସେ ଇଂରେଜ ସରକାରଙ୍କ ପାଖରେ ହିନ୍ଦୁ ସମାଜରେ ବିଧବା ପୁନର୍ବିବାହ ସକାଶେ ନୀତି ପ୍ରଣୟନ କରିବା ପାଇଁ ଆବେଦନ କରିବା ପୂର୍ବରୁ ତାଙ୍କ ଗ୍ରାମ "ବୀରସିଂହ" ର ଉପର ସାହିରେ ଥିବା ସାନ୍ତାଳ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ।୨। ଏଠାରେ କହିବା ବାହୁଲ୍ୟ ଯେ ସାନ୍ତାଳ ସମାଜରେ ବିଧବା ବିବାହ ପ୍ରଥା କେଉଁ ଆବାହମାନ କାଳରୁ ରହିଆସିଛି ।

## ୬) ସତ୍ ଆଲ୍‌ତେ ସାନ୍ତାଲ୍

ସତ୍ ଆଲ୍ ଅର୍ଥାତ୍ ସତ୍ୟ ନୀତି ଥିବା ହେତୁ ଏମାନଙ୍କୁ ସାନ୍ତାଳ କୁହାଯାଏ । ସାନ୍ତାଳ ସମାଜର ରୀତିନୀତିମାନ ସେହି ସମାଜର ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଯଦିଓ ମାଝୀବାବା (ଗ୍ରାମମୁଖ୍ୟ), ପୁଲ୍‌ସୀମାଝୀ (ଦଶଗୋଟି ଗ୍ରାମର ମୁଖ୍ୟ) ପିଡ଼ପାରଗାନା (ପିଡର ମୁଖ୍ୟ), ଦେଶ୍‌ପାରଗାନା (ସବ ଡିଭିଜନର ମୁଖ୍ୟ) ଇତ୍ୟାଦି ରହିଥିଲେ ହେଁ ସେମାନେ ନିଜ ଇଚ୍ଛାନୁସାରେ କୌଣସି କାର୍ଯ୍ୟ କରି ନ ଥାନ୍ତି । ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ସେମାନେ ସଭା ଡକାଇ ସେଥିରେ ଅନୁମୋଦନ ଲାଭ କରିବା ପରେ ହିଁ ତାହା କରିବାକୁ ସକ୍ଷମ ହୋଇଥାନ୍ତି । ତେଣୁ ତାଙ୍କ ସମାଜରେ କୌଣସି ସତ୍ୟ ଘଟଣାକୁ ମିଥ୍ୟା ବା ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବା ଏତେ ସହଜ ମଧ୍ୟ ନୁହେଁ । ତାଙ୍କ ସମାଜର ନୀତିନିୟମମାନ ସତ୍ୟକୁ ମୂଳାଧାର ଭାବେ ଗ୍ରହଣ କରି କରାଯାଉଥିବା ହେତୁ ସେମାନଙ୍କୁ ସାନ୍ତାଳ କୁହାଯାଇଥାଏ ।

ଡଃ. ଡାଲଟନ୍ କହନ୍ତି ଯେ ସମ୍ଭବତଃ ସାଆନ୍ତ ଉପାଧିରୁ ସାନ୍ତାଳ ଶବ୍ଦର ଉତ୍ପତ୍ତି ହୋଇଛି । ହୁଏତ କୌଣସି ସାମନ୍ତ ବା ସାଆନ୍ତ ରାଜତ୍ୱ କରିଥିଲେ ଏବଂ ସେହି ସାମନ୍ତ ବା ସାଆନ୍ତ ଶବ୍ଦର ଅପଭ୍ରଂଶ ହୋଇ ସାନ୍ତାଳ ଶବ୍ଦ ସୃଷ୍ଟି ହୋଇ ପାରିଥାଏ । ।୩।

ଇତିହାସରୁ ଜଣାଯାଏ ଯେ ନାଗପୁରର ଛାଇଝୁ ଅଞ୍ଚଳରେ ଅତ୍ୟାଚାର ହେବାରୁ ସାନ୍ତାଳମାନେ ବିଭିନ୍ନ ସ୍ଥାନକୁ ପଳାଇ ଆସିଲେ । ଏମାନଙ୍କ ମଧ୍ୟରୁ ମାଲଭୂମିରୁ କେତେକ ସାଓନ୍ତର ଅଞ୍ଚଳକୁ ପଳାଇ ଆସିଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ପଶ୍ଚିମ ବଙ୍ଗର ସାଓନ୍ତର ଅଞ୍ଚଳରେ ପ୍ରାୟ୍ ଏ ଜାତି ଦୁଇଶହ ବର୍ଷକାଳ ରାଜୁତି କରିଥିଲେ । ଏହିସ୍ଥାନ (ସାଓନ୍ତର) ଅନୁସାରେ ସେମାନଙ୍କର ନାମ ସାଓ୍ୱନ୍ତରରୁ ଅପଭ୍ରଂଶ ହୋଇ ସାନ୍ତାଳ ହୋଇଅଛି । ।୪।

ଏମାନଙ୍କୁ ସାନ୍ତାଳ କୁହାଯିବା ପଛରେ ପୂର୍ବୋକ୍ତ କାରଣ ଗୁଡିକ ବ୍ୟତିରେକ ଅନ୍ୟ ଏକ ମତବାଦ ଥିବାର ଜଣାଯାଇଥାଏ । ତାହା ହେଲା- ଶିଖାର ଦେଶ ସେପଟକୁ ସାତ୍ ନାମକ ଦେଶରେ ଦୀର୍ଘଦିନ ଧରି ରହିଥିବା ହେତୁ ଏମାନଙ୍କୁ ସାନ୍ତାଳ କୁହାଯାଏ । ।୫। କିନ୍ତୁ ସାନ୍ତାଳମାନଙ୍କ ବିନ୍ତି କଥାରେ ସେମାନେ କେବେହେଲେ ମଧ୍ୟ ସାତ୍ ନାମକ ଦେଶରେ ରହିଥିବାର କୌଣସି କଥାବସ୍ତୁ ନ ଥିବାରୁ ଏହା ଗ୍ରହଣଯୋଗ୍ୟ ମନେହୁଏ ନାହିଁ । ଏମାନଙ୍କୁ କେବେ କାହିଁକି ସାନ୍ତାଳ ନାମରେ ନାମିତ କରାଗଲା ଏସବୁ କଥା ଯାହା ହେଉନା କାହିଁକି, ଏହି ଜାତି ଏକ ପ୍ରାଚୀନ ସଭ୍ୟମାନବ ଗୋଷ୍ଠୀ ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ ।

ସାନ୍ତାଳ ମାନେ ବିଶ୍ୱାସ କରନ୍ତି । ହାଁସ୍ ହାଁସ୍‌ଲୀ ପକ୍ଷୀ ଦ୍ୱୟଙ୍କ ଅଣ୍ଡାରୁ ଜାତ ପିଲ୍‌ଚୁ ନରନାରୀ ହେଉଛନ୍ତି ପ୍ରଥମ ମାନବ ଏବଂ ସେମାନେ ସମସ୍ତେ ତାଙ୍କର ବଂଶଧର । ବିନ୍ତିକଥା (ସୃଷ୍ଟି ସମ୍ବନ୍ଧୀୟ ସାନ୍ତାଳୀ ଲୋକକଥା) ଅନୁସାରେ ପିଲ୍‌ଚୁ ଦମ୍ପତିଙ୍କ ପାଖରୁ ସାତପୁତ୍ର ଓ ସାତ କନ୍ୟା ଜାତ ହୋଇଥିଲେ । ମାରାଂ ବୁରୁଙ୍କ ଇଚ୍ଛାମତେ ପରେ ସେମାନେ ପରସ୍ପରଙ୍କୁ ସ୍ୱାମୀ, ସ୍ତ୍ରୀ ଭାବରେ ଗ୍ରହଣ କରିଛନ୍ତି । ଏତେବେଳକୁ ପିଲ୍‌ଚୁ ନରନାରୀ ପାରିସ୍ (Clan) ବିଭାଜନ କରିବା କଥା ଚିନ୍ତା କରିଛନ୍ତି । ଯାହାଫଳରେ ଭବିଷ୍ୟତରେ ତାଙ୍କ ଦାୟାଦୋମାନଙ୍କ ଠାରେ ଭାଇ ଭଉଣୀଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧର ଆବଶ୍ୟକତା ନଥିବ । ଏହି ଧରଣର ସମ୍ବନ୍ଧକୁ ପାପ ବୋଲି ବିବେଚନା କରାଯିବ, ସମାଜ ଏହାକୁ ଏକ ଗର୍ହିତ ଅପରାଧ ବୋଲି ଗ୍ରହଣ କରିବ । ତେଣୁ ସେମାନେ (ପିଲ୍‌ଚୁ ନରନାରୀ) ପ୍ରଥମତଃ ସାତଗୋଟି ଭାଗରେ ପାରିସ୍ କୁ ବିଭାଜନ କରିଛନ୍ତି । ଯଥା – ଜ୍ୟେଷ୍ଠପୁତ୍ରକୁ ହାଁସଦାଃ, ଦ୍ୱିତୀୟଟିକୁ ମୁର୍ମୁ , ତୃତୀୟ ଟିକୁ କିସ୍କୁ, ଚତୁର୍ଥ ଜଣଙ୍କୁ ହେମ୍ବରମ୍, ପଞ୍ଚମଟିକୁ ମାର୍ଣ୍ଡି, ଷଷ୍ଠ ଜଣଙ୍କୁ

ସୋରେନ୍ ଏବଂ ସପ୍ତମଟିକୁ ଟୁଡୁ ପାରିସ୍ ପ୍ରଦାନ କରିଥିଲେ । ସେମାନଙ୍କ ସଂଖ୍ୟା ବହୁଳ ଭାବରେ ବଢିଚାଲିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ପାଞ୍ଚଗୋଟି ପାରିସ୍‌କୁ ଯୋଡା ଯାଇଥିବା କଥା ଜଣାଯାଇଥାଏ । ସେଗୁଡିକ ବାସ୍କେ, ବେଶ୍ରା, ପାଉଁରିଆ, ଚୋଣେ, ବେଦ୍‌ୟା ଏବଂ ଚପ୍‌ୟାର । ଏହି ପ୍ରକାରେ ପରବର୍ତ୍ତୀ ପର୍ଯ୍ୟାୟରେ ପାରିସ୍ ସଂଖ୍ୟା ୧୨ ଗୋଟି ରହିଥିଲା । ଏହି ପାରିସ୍ ମାନଙ୍କର ପୁଣି ବହୁ ଗୁଡିଏ ଖିଲି (Subclan) ରହିଅଛି । ସେଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

ହାଁସଦାଃ - (୧) ଜାତ୍ ହାଁସଦାଃ (୨) ସିକାଲି ହାଁସଦାଃ (୩) କଳା ହାଁସଦାଃ (୪) ଟାଟିଝାରୀ ହାଁସଦାଃ (୫) ହାଣ୍ଡି ହାଁସଦାଃ (୬) କାଣା ହାଁସଦାଃ (୭) ବିନ୍ ଚାତମ୍ ହାଁସଦାଃ (୮) ସିଙ୍ଗାଲ୍ ହାଁସଦାଃ (୯) ସାଦା ହାଁସଦାଃ (୧୦) ଚିଲ୍ ବିନ୍ଦା ହାଁସଦାଃ (୧୧) ସିନ୍ଦୁର୍ ହାଁସଦାଃ (୧୨) ସିରାମ୍ ହାଁସଦାଃ ।

ମୁର୍ମୁ – (୧) ଜାତ୍ ମୁର୍ମୁ (୨) ଚୋପୟା ମୁର୍ମୁ (୩) ଛାପ୍ରା ମୁର୍ମୁ (୪) ଚନ୍ଦନା ମୁର୍ମୁ (୫) ଚାମ୍ପାବାହା ମୁର୍ମୁ (୬) ବାସବାହା ମୁର୍ମୁ (୭) ହାଣ୍ଡି ମୁର୍ମୁ (୮) ଅବର୍ ମୁର୍ମୁ (୦୯) ଟିକା ମୁର୍ମୁ (୧୦) ଖେରୱାଳ ମୁର୍ମୁ (୧୧) ସାଦା ମୁର୍ମୁ (୧୨) ବିଟଲ ମୁର୍ମୁ (୧୩) କେଡ୍‌ବାଲ ମୁର୍ମୁ (୧୪) ଶାମା ମୁର୍ମୁ (୧୫) ଅରବାଲ୍ ମୁର୍ମୁ (୧୬) ହାଟ୍ ମୁର୍ମୁ (୧୭) ଗାଲ୍ ମୁର୍ମୁ (୧୮) ଆଦ୍‌ୱା ମୁର୍ମୁ ।

ମାର୍ଣ୍ଡି – (୧) ଜାତ୍ ମାର୍ଣ୍ଡି (୨) ସାଦା ମାର୍ଣ୍ଡି (୩) ରୁତ୍ ମାର୍ଣ୍ଡି (୪) ରୋଥ୍ ମାର୍ଣ୍ଡି (୫) ଗୋଦା ମାର୍ଣ୍ଡି (୬) କିସାଣ୍ ମାର୍ଣ୍ଡି (୭) ହାଣ୍ଡି ମାର୍ଣ୍ଡି (୮) ହେସେଲ୍ ମାର୍ଣ୍ଡି (୯) ସୋନା ମାର୍ଣ୍ଡି (୧୦) ମିରୁବାହା ମାର୍ଣ୍ଡି (୧୧) ଖେରୱାଳ ମାର୍ଣ୍ଡି (୧୨) ମାରେ ମାର୍ଣ୍ଡି (୧୩) ଟିକା ମାର୍ଣ୍ଡି (୧୪) ସାଦମ୍ ମାର୍ଣ୍ଡି (୧୫) ଯୁଗି ମାର୍ଣ୍ଡି (୧୬) ଲୁନ୍ଦୁଃ ମାର୍ଣ୍ଡି (୧୭) ଖାଣ୍ଡାଜାଙ୍ଗା ମାର୍ଣ୍ଡି (୧୮) ମେରାଚାଖା ମାର୍ଣ୍ଡି (୧୯) ବାଦଲିୟା ମାର୍ଣ୍ଡି (୨୦) ତାରବ୍ ମାର୍ଣ୍ଡି ।

ସୋରେନ୍ – (୧) ଜାତ୍ ସୋରେନ୍ (୨) ସୁଇ ସୋରେନ୍ (୩) ସାଦା ସୋରେନ୍ (୪) ଯୁଗି ସୋରେନ୍ (୫) ବାର୍ସୀ ସୋରେନ୍ (୬) ଚାର୍ଚ୍ଛୀ ସୋରେନ୍ (୭) କାଡା ସୋରେନ୍ (୮) ବିଟଲ ସୋରେନ୍ (୯) ମାଲ ସୋରେନ୍ (୧୦) ମାଲ୍ ସୋରେନ୍ (୧୧) ସିନ୍ଦୁବ୍ ସୋରେନ୍ (୧୨) ବିଣ୍ଡା ସୋରେନ୍ (୧୩) ମୁଣ୍ଡୁ

ସୋରେନ୍ (୧୪) ମେରାଲ ଜୀ ସୋରେନ୍ (୧୫) ତୁରକୁ ସୋରେନ୍ (୧୬) ହାଣ୍ଡି ସୋରେନ୍ (୧୭) ସିପାହୀ ସୋରେନ୍।

ହେମ୍ବରମ୍ – (୧) ଜାତ ହେମ୍ବରମ୍ (୨) ଇତିଲ ହେମ୍ବରମ୍ (୩) ସାଦା ହେମ୍ବରମ୍ (୪) ଗୁଆ ହେମ୍ବରମ୍ (୫) ବାସିଯା ହେମ୍ବରମ୍ (୬) ଗିଦି ହେମ୍ବରମ୍ (୭) କାଡା ହେମ୍ବରମ୍ (୮) ହୁଲୁ ହେମ୍ବରମ୍ (୯) ହେଲେମ୍ ହେମ୍ବରମ୍ (୧୦) ଲାହେର ହେମ୍ବରମ୍ (୧୧)ବାଲେଲିଓ୍ୱିଦ୍ ହେମ୍ବରମ୍ (୧୨)ଜୁଗି ହେମ୍ବରମ୍ (୧୩)କାଡା ହେମ୍ବରମ୍ (୧୪) ଟିକା ହେମ୍ବରମ୍ (୧୫) ଓଦା ହେମ୍ବରମ୍ (୧୬) ସୋନା ହେମ୍ବରମ୍ (୧୭) ସିନ୍ଦୁର ହେମ୍ବରମ୍ (୧୮) ହାଣ୍ଡି ହେମ୍ବରମ୍ (୧୯) ଗିୟାତ୍ ହେମ୍ବରମ୍ (୨୦) ମୁରୁମ୍‌ଏଙ୍ଗା ହେମ୍ବରମ୍।

ଟୁଡୁ – (୧) ଟୁ – ଟୁକୁର ଟୁଡୁ (୨) ସାଦା ଟୁଡୁ (୩) ଜାତ ଟୁଡୁ (୪) ସାଙ୍ଗେ ଟୁଡୁ (୫) କାତ୍ ଟୁଡୁ (୬) ଗୋଡଗା ଟୁଡୁ (୭) ସିଙ୍ଗାର ଟୁଡୁ (୮) ରାସ୍କା ଟୁଡୁ (୯) ଚିଗି ଟୁଡୁ (୧୦) ବୁରୁ ଟୁଡୁ (୧୧) ଆଗାରିୟା ଟୁଡୁ (୧୨) ଜୁଗି ଟୁଡୁ (୧୩) ଅଃ ଟୁଡୁ (୧୪) ସୋନାରି ଟୁଡୁ (୧୫) ଲୁକୁୟ ଟୁଡୁ (୧୬) ଆଣ୍ଡେଲା ଟୁଡୁ (୧୭) ହାଣ୍ଡି ଟୁଡୁ (୧୮) ବାର୍ଛି ଟୁଡୁ (୧୯) ବେସୋୟର ଟୁଡୁ (୨୦) କାବାତିୟା ଟୁଡୁ।

କିସ୍କୁ – (୧) କିକିର କିସ୍କୁ (୨) ଜାତ କିସ୍କୁ (୩) ସାଦା କିସ୍କୁ (୪) ତୁଡକୁ କିସ୍କୁ (୫) ବିନ ଚାଟୋମ କିସ୍କୁ (୬) କିସ୍କୁ କିସ୍କୁ (୭) ସୋନା କିସ୍କୁ (୮) ହୁରୁଡ କିସ୍କୁ (୯) କାଡା କିସ୍କୁ (୧୦) କିସାଁଡ କିସ୍କୁ (୧୧) ବିଟାଲ କିସ୍କୁ (୧୨) ବୋଙ୍ଗା କିସ୍କୁ (୧୩) କିୟା କିସ୍କୁ (୧୪) ହାଣ୍ଡି କିସ୍କୁ (୧୫) ସାଦୋମ କିସ୍କୁ (୧୬) ରାପାଜ କିସ୍କୁ।

ବାସ୍କେ – (୧) ଜାତ ବାସ୍କେ (୨) ମାଝି ବାସ୍କେ (୩) ସେତା ବାସ୍କେ (୪) ସାଦା ବାସ୍କେ (୫) ନାଇକେ ଖିଲି ବାସ୍କେ (୬) ଆୟୁପ୍ ବାସ୍କେ (୭) ମାଞ୍ଜାନ ବାସ୍କେ (୮) ଭୀନ୍ଦାଡ ବାସ୍କେ (୯) ବାର୍ଛି ବାସ୍କେ (୧୦) ଜୁଗି ବାସ୍କେ (୧୧) ମାରେ ବାସ୍କେ (୧୨) ମାରେ ବାସ୍କେ (୧୩) ସୋନା ବାସ୍କେ (୧୪) ନିକିନ ବାସ୍କେ (୧୫) ତୁଡୁକୁ ବାସ୍କେ (୧୬) ଗୋଦି ବାସ୍କେ (୧୭) ହୋଲା ବାସ୍କେ (୧୮) ସିଙ୍ଗାର ବାସ୍କେ (୧୯) କାଡା ବାସ୍କେ (୨୦) ଗୋଡା ବାସ୍କେ (୨୧) ଟୀକା ବାସ୍କେ।

ବେଶ୍ରା – (୧) ଜାତ ବେଶ୍ରା (୨) ସାଦା ବେଶ୍ରା (୩) ଚାଟୋମ ବେଶ୍ରା

(୪) ସୋନା ବେଶ୍ରା (୫) ବଙ୍ଗା ବେଶ୍ରା (୬) ଟୀକା ବେଶ୍ରା (୭) ଟାଡାଁ ବେଶ୍ରା (୮) ବାୟାର ବେଶ୍ରା (୯) ଭିନ୍ଦାଲ ବେଶ୍ରା (୧୦) କାହ୍ନୁ ବେଶ୍ରା (୧୧) ଧାଙ୍ଗେ ବେଶ୍ରା (୧୨) ଗିଦି ବେଶ୍ରା (୧୩) ଗୋଡା ବେଶ୍ରା (୧୪) ହାଣ୍ଡି ବେଶ୍ରା (୧୫) ଜୁଗି ବେଶ୍ରା (୧୬) ବଙ୍ଗାଚାତମ ବେଶ୍ରା (୧୭) ଚାଲି ବେଶ୍ରା (୧୮) କାଡା ବେଶ୍ରା (୧୯) ସିଙ୍ଗାଲ୍ ବେଶ୍ରା ।

ଚଣେ – (୧) ସାଦା ଚଣେ (୨) ମାଝୀ ଖିଲି ଚଣେ (୩) ନାୟକେ ଖିଲି ଚଣେ (୪) କାଡା ଚଣେ (୫) ସୋନା ଚଣେ (୬) ହାଣ୍ଡି ଚଣେ (୭) ଡୁଡୁକୁ ଚଣେ (୮) ଟୀକା ଚଣେ (୯) ବିଟାଲ ଚଣେ (୧୦) ହାନ୍ତେ ଚଣେ (୧୧) ଚନ୍ଦନା ଚଣେ (୧୨) ଗିଦି ଚଣେ ।

ଗୋଣ୍ଡାଓ୍ୱାର – (୧) ସାଦା ଗୋଣ୍ଡାଓ୍ୱାର (୨) ମାଝୀ ଖୀଲି ଗୋଣ୍ଡାଓ୍ୱାର (୩) ନାୟକେ ଖିଲି ଗୋଣ୍ଡାଓ୍ୱାର (୪) ସିଦୁବ୍ ଗୋଣ୍ଡାଓ୍ୱାର (୫) ସୋନା ଗୋଣ୍ଡାଓ୍ୱାର (୬) ରଅଃ ଲୁଟୁର ଗୋଣ୍ଡାଓ୍ୱାର (୭) ଚନ୍ଦନା ଗୋଣ୍ଡାଓ୍ୱାର (୮) ଗିଦି ଗୋଣ୍ଡାଓ୍ୱାର (୯) ଡୁଡୁକୁ ଗୋଣ୍ଡାଓ୍ୱାର (୧୦) ଟିକା ଗୋଣ୍ଡାଓ୍ୱାର (୧୧) କାଡା ଗୋଣ୍ଡାଓ୍ୱାର (୧୨) ଜାତ ଗୋଣ୍ଡାଓ୍ୱାର ।

ପାଁଓ୍ୱରିୟା – (୧) ଜାତ ପାଁଓ୍ୱରିୟା (୨) ମାଝୀ ଖୀଲି ପାଁଓ୍ୱରିୟା (୩) ନାୟକେ ଖିଲି ପାଁଓ୍ୱରିୟା (୪) ସାଦା ପାଁଓ୍ୱରିୟା (୫) ଜୁଗୀ ପାଁଓ୍ୱରିୟା (୬) ବିଟାଲ ପାଁଓ୍ୱରିୟା (୭) ଡୁଡକୁ ପାଁଓ୍ୱରିୟା (୮) ଚନ୍ଦୁ ପାଁଓ୍ୱରିୟା (୯) ଖେରଓ୍ୱାଲ୍ ପାଁଓ୍ୱରିୟା (୧୦) ରଅଃ ଲୁଟୁର ପାଁଓ୍ୱରିୟା (୧୧) ହାଣ୍ଡି ପାଁଓ୍ୱରିୟା (୧୨) ଓବୋର ପାଁଓ୍ୱରିୟା ।

**ପାର୍ଶ୍ୱଟୀକା**


୧. ଡ଼ଃ ସୀତାକାନ୍ତ ମହାପତ୍ର, ଆଦିବାସୀ ସଙ୍ଗୀତ, କୋଣାର୍କ : (ଆଦିବାସୀ ସଂସ୍କୃତି ଓ ସାହିତ୍ୟ ବିଶେଷାଙ୍କ), ଡିସେମ୍ବର- ୧୯୯୦, ପୃଷ୍ଠା- ୫ ।

୨. ଡା ରାମଚନ୍ଦ୍ର ମୁର୍ମୁ, ସାଓ୍ୱାଁର ସାଉଁହେଦ୍( ସଂସ୍କାର ସାହିତ୍ୟ), ବାବା ତିଲ୍କା ପାଠାଗାର, ପାତ୍ରାମହୁଲପାଣି, ପ୍ରଥମ ସଂସ୍କରଣ- ୧୯୮୮, ପୃଷ୍ଠା- ୧୦ ।

୩. ଡଃ ଭାଗବତ ପ୍ରସାଦ ଲେଙ୍କା, ବନଜ୍ୟୋତି ସାନ୍ତାଳଜନଜାତି, ପ୍ରକାଶକ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ - ୧୯୯୬, ପୃଷ୍ଠା - ୧୧ ।

୪. ଡଃ ଭାଗବତ ପ୍ରସାଦ ଲେଙ୍କା, ବନଜ୍ୟୋତି ସାନ୍ତାଳଜନଜାତି, ପ୍ରକାଶକ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ - ୧୯୯୬, ପୃଷ୍ଠା - ୧୨ ।

5. Rev. L.O. Skrefsrud, Horkoren Mare Hapramko Reak Katha (From dictation of an old Guru named Kolean Hembrom), N.E.L. Church, First edition – 1887, seventh edition – 1968, Page – 15.

# ସାନ୍ତାଳୀ ଲୋକସାହିତ୍ୟର ଉତ୍ପତ୍ତି ଓ ବିକାଶକ୍ରମ

## ଲୋକସାହିତ୍ୟ

ସାହିତ୍ୟର ଆଦିରୂପ ହେଉଛି ଲୋକସାହିତ୍ୟ । ଆଧୁନିକ ଶିଷ୍ଟ ସାହିତ୍ୟ ଠାରୁ ଏହା ବହୁ ପ୍ରାଚୀନ । ଏହାକୁ ଇଂରାଜୀରେ Folklore କୁହାଯାଇଥାଏ । ଏହି Folklore ଶବ୍ଦଟି ୧୮୪୬ ଖ୍ରୀଷ୍ଟାବ୍ଦରେ ଗବେଷକ ଉଇଲିୟମ ଥମସ୍‌ଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲା । ॥୧॥ ଅବଶ୍ୟ ଏହା ପୂର୍ବରୁ ଖ୍ରୀ.ଅ. ୧୮୧୨ ରେ ଗ୍ରୀମସ୍ ଭାତୃଦ୍ୱୟଙ୍କୁ Folklore ଚର୍ଚ୍ଚାର ଆଦ୍ୟ ପ୍ରବର୍ତ୍ତକ ବୋଲି ସ୍ୱୀକାର କରାଯାଇଥାଏ ॥୨॥ ତେଣୁ ପୃଥିବୀରେ ଏହି ସମୟବେଳକୁ ଲୋକସାହିତ୍ୟର ସଂଗ୍ରହ ଓ ଆଲୋଚନା ଆରମ୍ଭହେଲା ବୋଲି ଧରିବାକୁ ପଡିବ । ଯଦିଓ କେଉଁ ଆବହମାନ କାଳରୁ ଏଗୁଡିକ ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତହୋଇ ସମଗ୍ର ମାନବସମାଜକୁ ଦିଗ୍‌ଦର୍ଶନ ଦେଇ ଆସୁଅଛି । ପୁନଶ୍ଚ ଭାରତବର୍ଷର କଥା ବିଚାର କଲାବେଳକୁ ଏଠାରେ ଊନବିଂଶ ଶତାବ୍ଦୀରେ ମିସନାରୀ ତଥା ବ୍ରିଟିଶ୍ ପ୍ରଶାସକମାନଙ୍କ ଦ୍ୱାରା ବିଧିବଦ୍ଧଭାବେ ଲୋକସଂସ୍କୃତିର ଚର୍ଚ୍ଚା ଆରମ୍ଭ ହୋଇଥିବା କଥା ଜଣାପଡେ ।।୩।।

ଏହା ପୂର୍ବରୁ ବିଭିନ୍ନ ଭାରତୀୟ ଭାଷାମାନଙ୍କ ପ୍ରାଚୀନ ରଚନାବଳୀରେ ଲୋକକଥାମାନ ସ୍ଥାନ ପାଇଥିଲେ ହେଁ ତାହାକୁ ବିଧିବଦ୍ଧ ଆଲୋଚନାଭାବେ ଗ୍ରହଣ କରାଯାଇପାରିବ ନାହିଁ ।

ଲୋକସାହିତ୍ୟର ସ୍ୱରୂପ କଥା ବିଚାର କଲାବେଳେ ସ୍ୱତଃ ପ୍ରବୃତ୍ତ ଭାବେ ପ୍ରଥମତଃ ମନରେ ଏକ ପ୍ରଶ୍ନ ଉଙ୍କିମାରେ ଲୋକ ସାହିତ୍ୟ କ'ଣ ? କାହାକୁ ଲୋକସାହିତ୍ୟର ପରିସରଭୁକ୍ତ କରାଯାଇପାରିବ ? ଏହି ପ୍ରଶ୍ନର ଉତ୍ତରରେ ସରଳଭାବେ କୁହାଯାଇପାରେ -"ଯେଉଁ ସାହିତ୍ୟ ଲୋକସମାଜରେ କେଉଁ ଆବହମାନକାଳରୁ ପୁରୁଷାନୁକ୍ରମିକ ଭାବେ ଲୋକମୁଖରେ ପ୍ରଚଳିତହୋଇ ରହିଆସିଛି ତାହାକୁ ଲୋକସାହିତ୍ୟ କୁହାଯାଇଥାଏ। ସେଗୁଡିକ ହେଲା ଲୋକ ସମାଜରେ ପ୍ରଚଳିତ କାହାଣୀ, କିମ୍ବଦନ୍ତୀ, ଡଗଡମାଳୀ, ବିଭିନ୍ନ ଗୀତ ତଥା ବୋଲି ଇତ୍ୟାଦି" ।

ଲୋକସାହିତ୍ୟର ସ୍ୱରୂପ ତଥା ତାହାର ରୂପରେଖ ସମ୍ବନ୍ଧରେ ମତବ୍ୟକ୍ତ କରିବାକୁଯାଇ ବିଭିନ୍ନ ସମୟରେ ବିଭିନ୍ନ ଗବେଷକ ତଥା ବିଦ୍ୱାନମାନେ ମତବ୍ୟକ୍ତ

କରିଆସି ଅଛନ୍ତି । ସେଥିରୁ କେତେଗୁଡିଏ ଉଦାହରଣ ସ୍ୱରୂପ ନିମ୍ନରେ ପ୍ରଦାନ କରାଗଲା ।

P.C. ROYCHOUDHURY କୁହନ୍ତି- Folklore is a sure index to the early tradition and culture of the people ।।୪।। ଲୋକସାହିତ୍ୟ ହେଉଛି ଲୋକମାନଙ୍କର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ବାର୍ତ୍ତାବହ ।

**ଅଧ୍ୟାପକ ପଠାଣି ପଟ୍ଟନାୟକଙ୍କ ମତରେ**-ଲୋକସାହିତ୍ୟ ବାସ୍ତବିକ୍ ଲୋକସାଧାରଣଙ୍କ ସାହିତ୍ୟ । ସାହିତ୍ୟ ଓ ସମାଜର ବିକାଶର ପ୍ରାଥମିକ ଅବସ୍ଥାରେ ଏହିପରି ସହଜ ଲଘୁସାହିତ୍ୟ ମାଧ୍ୟମରେ ଭାବପ୍ରକାଶ କରିବା ସ୍ୱାଭାବିକ ହୋଇପଡେ। ।।୫।।

**ଡଃ. ପ୍ରସନ୍ନକୁମାର ମିଶ୍ର ମତଦିଅନ୍ତି -** ବିଭିନ୍ନ ସମୟରେ ଗୋଟିଏ ଜାତି କାହାକୁ କିପରି ସମ୍ମାନଦିଏ କାହାକୁ ଘୃଣାକରେ, କାହାକୁ ଶାସ୍ତିଦିଏ ଏବଂ କେଉଁ ଧରଣର ସମସ୍ୟା ଓ ଆଦର୍ଶ ସହିତ ଜଡିତ ହୋଇପଡେ - ତାହାର ପରିଚୟ ମିଳେ କିମ୍ବଦନ୍ତୀରୁ । ।।୬।।

**ଡଃ. ମହେନ୍ଦ୍ରମିଶ୍ରଙ୍କ ମତାନୁସାରେ-** ଏକ ନିରବଚ୍ଛିନ୍ନ ଲୋକଚେତନା ଓ ମୌଖିକ ପରମ୍ପରା ରୂପେ ଏହା ଲୋକମୁଖରେ ଆବହମାନ କାଳରୁ ଗଡିଆସିଛି । ।।୭।।

**ଡଃ. ଅନାଦିଚରଣ ଗାଁଣ କୁହନ୍ତି -** ଏହାର ସରଳତା, ସାବଲୀଳତା, ଆବେଦନର ସାର୍ବଜନୀନତା ତଥା ଭାବବସ୍ତୁର ଗଣଜୀବନ ଧର୍ମୀୟତାକୁ ବିଚାରକରି ଏହାକୁ ଏକ ଗଣତାନ୍ତ୍ରିକ ସାହିତ୍ୟିକ କଳା (Democratic Literacy Art) କହିଲେ ଅତ୍ୟୁକ୍ତି ହେବ ନାହିଁ । ।।୮।।

ପୂର୍ବୋକ୍ତ ମତବାଦ ସମୂହକୁ ଅନୁଧ୍ୟାନ କଲେ ଆମକୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡିବ, ଯେ ଯେଉଁ କାହାଣୀ ବା ଗୀତ ଲୋକମୁଖରେ ପ୍ରବହମାନ ହୋଇ ରହିଥାଏ, ତାହାକୁ ହିଁ ଲୋକସାହିତ୍ୟର ପରିସରଭୁକ୍ତ କରାଯାଇପାରେ । କାରଣ ଲୋକସାହିତ୍ୟ ପଦବାଚ୍ୟ ହେବାକୁ ହେଲେ ଲୋକମୁଖରେ ପ୍ରଚଳିତ ହେବା ନିତ୍ୟାନ୍ତ ଆବଶ୍ୟକ । ସେଥିରେ କେତେ କ'ଣ ଶିକ୍ଷଣୀୟ ଜିନିଷମାନ ରହିଛି ତାହାର ପ୍ରାଚୀନତା କେତେ, କେଉଁସବୁ ଚରିତ୍ରମାନେ ରହିଛନ୍ତି ଏସବୁଥିରେ ଏତେଟା ଗୁରୁତ୍ୱ ଦିଆଯାଇ ନଥାଏ । କିନ୍ତୁ ସମସ୍ତଙ୍କ ଅଲକ୍ଷ୍ୟରେ ଏକ ମୋଟିଫ୍ ବା ଅଭିପ୍ରାୟ ସମସ୍ତ ଲୋକସାହିତ୍ୟର ସୃଷ୍ଟିରେ ବିରାଜମାନ କରିଥାଏ । କାରଣ ଏହା ହେଉଛି ଲୋକସାହିତ୍ୟର ପ୍ରାଣ । ଏହା ବିନା କୌଣସି କାହାଣୀ ବା ଗୀତ ସଞ୍ଚରିତ ହୋଇପାରି ନ ଥାଏ ।

# ଆଦିବାସୀ ଲୋକସାହିତ୍ୟ

ସମଗ୍ର ଭାରତବର୍ଷରେ ଓଡିଶା ହେଉଛି ଦ୍ୱାତୀୟ ଆଦିବାସୀ ବହୁଳ ରାଜ୍ୟ । ଏଠାରେ ୬୨ ପ୍ରକାରର ଆଦିବାସୀ ବସବାସ କରିଥାନ୍ତି । ସେମାନେ ହେଲେ - ଅମାନାତ୍ୟ, ଓରାଓଁ, କନ୍ଧ, କନ୍ଧ ଗଉଡ, କନ୍ଧଦୋରା, କଲି (ମହ୍ଲାର), କଦ୍ବାର, କିସାନ, କୁଟିଆ, କୁଲିସ, କୋରା, କୋରୁଆ, କୋଲ, କୋଲ୍ ଲୋହାର, କୋହ୍ଲୁ, କୋୟ୍, ଖଡିଆ, ଖରଦ୍ବାର, ଗଦବା, ଗଣ୍ଡ, ଗଣ୍ଡିଆ, ଘରା, ଚେଂଚୁ, ଜୁଆଙ୍ଗ, ଜାତପୁ, ଠାରୁଆ, ଡାଲ୍, ଡିଡାୟୀ, ଦେଶୁଆଭୂମିଜ, ଧାରୁଆ, ପରଜା, ପାରେଙ୍ଗା, ପେଣ୍ଟିଆ, ବନଜାରା, ବାଇଗା, ବାଗତା, ବାଥୁଡି, ବଣ୍ଡାପରଜା, ବିଂଝାଲ, ବିନ୍‌ଝିଆ, ବିରହୋର, ଭତଡା, ଭୂମିଆ, ଭୂଞ୍ଜିଆ, ଭୂମିଜ, ଭୂୟାଁ, ମାଙ୍କିଡି, ମାଙ୍କିଡିଆ, ମାଟିଆ, ମାଡିଆ, ମାହାଲି, ମିର୍ଦ୍ଧା, ମୁଣ୍ଡା, ମୁଣ୍ଡାରି, ରାଜୁଆର, ଲୋଧା, ସଉରା (ଶବର), ସାଉଁତି, ସାନ୍ତାଳ, ଶବରଲୋଧା, ହଲବା ଏବଂ ହୋ ଗୋଷ୍ଠୀର ଅଟନ୍ତି ।।୯।।

ଏହି ଆଦିବାସୀମାନଙ୍କ ମଧ୍ୟରୁ ଅଧିକାଂଶ ଗୋଷ୍ଠୀଙ୍କର ନିଜସ୍ୱ ଭାଷା ରହିଛି, କିନ୍ତୁ ସାନ୍ତାଳ, କୁଇ, ହୋ ଏବଂ ସଉରାଙ୍କୁ ଛାଡିଦେଲେ ଅନ୍ୟମାନଙ୍କର ଲିପି ବିକଶିତ ହୋଇନାହିଁ ।।୧୦।।

ଏକଥା ଯାହାହେଉନା କାହିଁକି ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟର ନିଜସ୍ୱ ଲୋକସାହିତ୍ୟ ଭଣ୍ଡାର ରହିଛି । ଏଥିରେ ସେମାନଙ୍କ ସୃଷ୍ଟିସମ୍ବନ୍ଧୀୟ ଲୋକ କାହାଣୀ, ମନୋରଞ୍ଜନଧର୍ମୀ ଲୋକକାହାଣୀ, ବିଭିନ୍ନ ଡଗଡମାଳି ଏବଂ ଲୋକଗୀତ ସମୂହ ଭରପୂରହୋଇ ରହିଛି । ଲୋକସାହିତ୍ୟର କଥା ଆଲୋଚନା କଲାବେଳକୁ ପ୍ରଥମତଃ ଏହି ଆଦିବାସୀଲୋକ ସାହିତ୍ୟ କଥାହିଁ ମନକୁ ଆସିଯାଇଥାଏ । ଡଃ ସୀତାକାନ୍ତ ମହାପାତ୍ରଙ୍କ ମତରେ - ଆଦିବାସୀ ସଙ୍ଗୀତ ଲୋକସଙ୍ଗୀତ କ୍ଷେତ୍ରରେ ଏକ ବିଶିଷ୍ଟ ସ୍ଥାନଅଧିକାର କରେ ।।୧୧।। ଆଦିବାସୀମାନେ ସେମାନଙ୍କର ଏହି ସଙ୍ଗୀତ ସମୂହ କେବଳ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଗାଇନଥାନ୍ତି, ଏହାକୁ ସେମାନେ ବିଭିନ୍ନ କର୍ମକର୍ମାଣି କରାଯିବା ଅବସରରେ ମଧ୍ୟ ଗାଇଥାନ୍ତି । ଯଥା - ଶିଶୁଟିଏ ଜନ୍ମହେଲେ ଗୀତ ବୋଲାଯାଏ, ତାର ନାଁ ଦେଲାବେଳେ ଗୀତ ବୋଲାଯାଏ । ସେ ଗୀତ ପୁଣି ବହୁବିଧ । କେତେକ ଶୁଭେ ତୁଙ୍ଗ୍ ତୁଙ୍ଗା ବାଦ୍ୟଯନ୍ତ୍ରସହ ଧାଙ୍ଗାବସା ବା ଧାଙ୍ଗି ବସାରୁ । ଆଉ କେତେକ ବଣଜଙ୍ଗଲର କେଉଁ ନିର୍ଜନତା ଭିତରେ କି ପାହାଡ ଖୋଲରେ, ପୁଣି ସାମୂହିକ ନୃତ୍ୟଗୀତ ମଧ୍ୟ ପ୍ରେମ ସମ୍ପର୍କିତ ହୋଇଥାଏ । ବିବାହ ସମୟର ଗୀତ ଯେଉଁଥିରେ ଥଟ୍ଟାତାମସା ଅନେକ ଥାଏ । ତା ସହିତ ଝିଅ ବିଦା ବେଳର କାନ୍ଦଣାଗୀତ ।

ତାପରେ ପୁଣି ମୃତ୍ୟୁ ସମ୍ବନ୍ଧୀୟ ଗୀତ । ମଣିଷଟିଏ ମରିଗଲାବେଳେ, ତାର ଅସ୍ଥି ନଦୀରେ ବିସର୍ଜନ କଲାବେଳେ, ପିତୃ ପିତାମହ ବା ପୂର୍ବଜ ହିସାବରେ ତାଙ୍କୁ ସ୍ମରଣ କଲାବେଳେ ।।୧୨।।

ଦ୍ୱିତୀୟ ପର୍ଯ୍ୟାୟର ଗୀତ ହେଉଛି ବିଭିନ୍ନ ପର୍ବବର୍ବାଣିରେ କୃଷିକର୍ମର ବିବିଧ ପର୍ଯ୍ୟାୟର ବା ଋତୁଚକ୍ର ପରିବର୍ତ୍ତନ ସହିତ ବିଭିନ୍ନ ପର୍ଯ୍ୟାୟର । ମଞ୍ଜି ବୁଣିବା ପୂର୍ବରୁ ଦେବତା ଆରାଧନାର ଗୀତ, ମଞ୍ଜିବୁଣିବା ବେଳର ଗୀତ, ବିଲରେ ଫସଲ ହସିଲାବେଳର ଗୀତ, ବେଉଷଣ ଓ ବଛାବଛିର ଗୀତ, ଫସଲ ଅମଳର ଗୀତ, ପୁଣି ଶାଳ ମହୁଲ ଗଛରେ ଫୁଲ ଉର୍ଣ୍ଣିହୋଇଗଲା ବେଳେ ବସନ୍ତଋତୁର ଗୀତ, ଜଙ୍ଗଲରେ ଶିକାରପାଇଁ ପଶିଲାବେଳକୁ ଗୀତ, ଗୋରୁଗାଈଙ୍କ ପୂଜାପାଇଁ ଗୁହାଳଗୀତ । ମୋଟା ମୋଟି ଦେଖିବାକୁଗଲେ ପ୍ରାୟ ସବୁ ସାମାଜିକ ଜୀବନ ପ୍ରକ୍ରିୟାର ବିବିଧ ପର୍ଯ୍ୟାୟ ପାଇଁ ଗୀତ ଖଞ୍ଜାହୋଇ ରହିଛି । ଜନଜୀବନ ଯେମିତି ନିଜକୁ ପ୍ରକାଶକରେ ମୁଖ୍ୟତଃ ଏବଂ ମୂଳତଃ ସଙ୍ଗୀତ ସାଧ୍ୟମରେ ।।୧୩।।

ସେହିପରି ଆଦିବାସୀ ସାନ୍ତାଳମାନଙ୍କ ଲୋକକଥା ସମ୍ବନ୍ଧରେ ମତବ୍ୟକ୍ତ କରିବାକୁଯାଇ ଡଃ. ଭାଗବତ ପ୍ରସାଦ ଲେଙ୍କା କୁହନ୍ତି - ସାନ୍ତାଳୀ ଲୋକକଥା ଗୁଡିକ ସାନ୍ତାଳ ଆଦିବାସୀଙ୍କର ସଭ୍ୟତା ଓ ସଂସ୍କୃତି ଓ ରୀତିନୀତିର ପୃଷ୍ଠଭୂମିରେ ଗଢିଉଠିଛି । ସେଥିରେ ସାନ୍ତାଳୀ ଜୀବନର ପ୍ରତିଛବି ଫୁଟି ଉଠିଛି । ତହିଁରେ ସନ୍ତାଳମାନଙ୍କର ଧର୍ମବିଶ୍ୱାସ ଦେବତା, ଅପଦେବତା, ଭୂତ-ପ୍ରେତ କାହାଣୀ ଆଦିଙ୍କ କଥା ସ୍ଥାନ ପାଇଛି । ହିତୋପଦେଶ ଭଳି କେତେକ ସାନ୍ତାଳୀ ଲୋକକଥାରେ ନୈତିକତା ଓ ହିତୋପଦେଶର ଶାଶ୍ୱତ ବାଣୀ ଝଙ୍କୃତ । ସଂକ୍ଷେପରେ କହିବାକୁଗଲେ ଏ ସ୍ରଦାୟର ଲୋକକଥା ଏମାନଙ୍କ ଜୀବନଧାରା, ଚାଲିଚଳଣି, ଆଶା ଆକାଂକ୍ଷା, ସଭ୍ୟତା ସଂସ୍କୃତି ଆଦିର ଚିତ୍ର ଚିତ୍ରିତ ।।୧୪।।

## ସାନ୍ତାଳୀ ଲୋକସାହିତ୍ୟ

ପୃଥିବୀର ପ୍ରତ୍ୟେକ ଭାଷାରେ ରହିଛି ଲୋକସାହିତ୍ୟ ସେହିପରି ସନ୍ତାଳୀ ଭାଷାରେ ମଧ୍ୟ ଏକ ସମୃଦ୍ଧିଶାଳୀ ଲୋକସାହିତ୍ୟର ଭଣ୍ଡାର ରହିଛି । କିନ୍ତୁ ପରିତାପର ବିଷୟ ଏହି ଲୋକସାହିତ୍ୟ ଉପରେ ଏପର୍ଯ୍ୟନ୍ତ ବିଶେଷ ଗବେଷଣା କରାଯାଇପାରିନାହିଁ । ଯାହା ମଧ୍ୟ କରାଯାଇ ଅଛି ସମୁଦ୍ରକୁ ଶଙ୍ଖେପରି । ତେଣୁ ଏହିଭାଷାର ବହୁ ମୂଲ୍ୟବାନ୍ ଲୋକଗୀତ ଓ କାହାଣୀ କାଳର କରାଳ ଗର୍ଭରେ ଲୀନହେବାକୁ ଯାଉଛି । ହୁଏତ ଏଥିରୁ ଅନେକ ସଂପୂର୍ଣ୍ଣ ବିଲୋପ ହୋଇ ସାରିଲାଣି ।

ଅନ୍ୟ ଭାଷାମାନଙ୍କର ଲୋକସାହିତ୍ୟ କେବେ କିପରି ଆରମ୍ଭ ହେଲା, ସେ ସମ୍ବନ୍ଧରେ ଯେପରି ସଠିକ୍ ତଥ୍ୟ ପ୍ରଦାନ କରାଯାଇ ପାରିନଥାଏ, ସେହିପରି ସାନ୍ତାଳୀ ଲୋକସାହିତ୍ୟର ଅଯତ୍ନାରମ୍ଭ କେବେ, ଠିକ୍ ଭାବେ କୁହାଯାଇ ପାରିବ ନାହିଁ । କେବଳ ଏତିକି କୁହାଯାଇପାରେ ଯେଉଁଦିନ ଏହିଭାଷାର ସୃଷ୍ଟି ହୋଇଥିଲା । ସେହିଦିନ ପାଖରୁ ହିଁ ଏହାର ଲୋକସାହିତ୍ୟ ଅଙ୍କୁରଦ୍‌ଗମ ହୋଇଯାଇଥିଲା ।

ସାନ୍ତାଳ ସମାଜର କେନ୍ଦ୍ରବିନ୍ଦୁ ହେଉଛି "ବିନ୍ତି କଥା" । ଏଣୁ ସାନ୍ତାଳ ଲୋକସାହିତ୍ୟ ଆଲୋଚନା କରିବାକୁ ହେଲେ ବିନ୍ତି ପାଖକୁ ନିଶ୍ଚୟ ଯିବାକୁ ପଡବ ହିଁ ପଡିବ । ପୁନଶ୍ଚ ଏହି କଥାକୁ ପ୍ରଥମତଃ "ହଲ୍ କରିନ୍ ମାରେହାପ୍‌ଣାମ୍ କରେୟାଃ କାଥା" ରେ ସଂଗ୍ରହ କରାଯାଇଅଛି । ଏଥିରେ କୁହାଯାଇ ଅଛି ଆଦିମାନବ ପିଲଚୁହାଡାମ୍ ପିଲ୍‌ଚୁବୁଡୀଙ୍କର ସାତକନ୍ୟା ସୁଣକୁଜ୍ ନାମକ ବନକୁ ଶାଗ ପତ୍ରାଦି ସଂଗ୍ରହ କରିବା ସକାଶେ ଯାଇ ଚାପାକିଆ ନାମକ ଏକ ବଟବୃକ୍ଷ ସମୀପରେ ବିଶ୍ରାମ ନେବାବେଳେ ବର ଓହଳରେ ଦୋଳିଖେଳି ଏକ ଗୀତ ଗାଇଛନ୍ତି -

ମୁଜ୍‌କ ମୁଜ୍‌କ ଦକ ଦୁଙ୍ଗୁଦ୍ ଦୁଙ୍ଗୁଦଃ ନାୟ୍ ।
ଚାପାକିଆ ବାଲେ ଲାତାର୍‌ଦାରେରେକ ଦୁଙ୍ଗୁଦ୍ ଦୁଙ୍ଗୁଦଃ ।।୧୫।। (ସ୍ୱର-ଡାହାର୍)

ଅର୍ଥ :- ମାଆ ଲୋ ଜନ୍ଦାସବୁ ଚାପାକିଆ ବରଗଛ ତଳେ ସାଲୁବାଲୁ ହେଉଛନ୍ତି । ତେଣୁ ସାନ୍ତାଳୀ ଭାଷାରେ ଏହିଠାରେ ହିଁ ଲୋକସାହିତ୍ୟର ମୂଳଦୂଆ ପଡିଥିଲା ବୋଲି ଗବେଷକମାନେ ଗ୍ରହଣ କରିଥାନ୍ତି । କାରଣ ଏହା ପୂର୍ବରୁ କୌଣସି ଲୋକସାହିତ୍ୟ ଥିବାର ପ୍ରମାଣ ନାହିଁ । ଅର୍ଥାତ୍ ସାନ୍ତାଳୀ ଲୋକସାହିତ୍ୟ ସଙ୍ଗୀତ ରୂପରେ ଆରମ୍ଭ ହୋଇଥିଲା । କେବଳ ସେତିକି ନୁହେଁ ଏହାମଧ୍ୟ ନାରୀମାନଙ୍କ ଦ୍ୱାରାହିଁ କରାଯାଇଥିଲା । ଏହା ସୂଚାଇ ଦେଇଥାଏ ଯେ ସାନ୍ତାଳୀ ଲୋକସାହିତ୍ୟ ପ୍ରତି ମାତୃସ୍ଥାନୀୟା ନାରୀମାନଙ୍କ ଅବଦାନ ଅନେକ ।

ସାନ୍ତାଳୀ ଲୋକସାହିତ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଯଥା - (୧) ପଦ୍ୟ ଶୈଳୀ ବା ଗୀତ ଯାହାକୁ ସାନ୍ତାଳୀଭାଷାରେ ସେରେଞ୍ଜ୍ (୨) ଗଦ୍ୟ ଶୈଳୀ ବା କଥା ଶୈଳୀ ସାନ୍ତାଳୀଭାଷାରେ ରଳତେୟାଃ ବୋଲି କୁହାଯାଇଥାଏ । ଲୋକଗୀତକୁ ଯେପରି (କ) ଡଗଡମାଳି (ଖ) ଶିଶୁଗୀତ (ଗ) ଶ୍ରମ ସଙ୍ଗୀତ (ଘ) ଗାଥା କବିତା (ଐତିହାସିକ ଓ ପୌରାଣିକ) (ଙ) ଉତ୍ସବ ସଙ୍ଗୀତ (ଚ) କ୍ରୀଡା ଗୀତ (ଛ) ନୀତି ବୋଧକ ଗୀତ (ଦାର୍ଶନିକ, ଭକ୍ତି ଭାବ ବ୍ୟଞ୍ଜକ) (ଜ) ହସ, କାନ୍ଦ ଓ କୌତୁକର ଗୀତ (ଝ) ପଲ୍ଲୀ କାହାଣୀ ଆଦି ଭାଗରେ ବିଭକ୍ତ କରାଯାଇଅଛି ।।୧୬।।

ସେହିପରି ସାନ୍ତାଳୀ ଲୋକସଂଗୀତକୁ ମଧ୍ୟ ଏହିପରି ଭାବରେ ବିଭକ୍ତ କରିଦେଲେ ଭଲହେବ। ଯଥା :-

## ଡାହାର୍ ସେରେଞ୍

ଡାହାର୍‌ଗୀତ ସାନ୍ତାଳୀ ଭାଷାର ସର୍ବପ୍ରାଚୀନ ଲୋକଗୀତ ଏହି ଗୀତର ବିଶେଷତ୍ୱ ହେଲା ଏହା ଗ୍ରାମର କୁମାରୀ କନ୍ୟାମାନଙ୍କ ଦ୍ୱାରା ମାଘ ମାସର ଶୁକ୍ଳପକ୍ଷ ଆରମ୍ଭରୁ ଫଗୁଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅର୍ଥାତ୍ ବାହାବଙ୍ଗା ।।୧୭।। ପର୍ଯ୍ୟନ୍ତ ବୋଲାଯାଇଥାଏ । ଏହି ଗୀତକୁ କୁମାରୀମାନେ ପ୍ରତ୍ୟେକ ସନ୍ଧ୍ୟାରେ ଗାଁଦାଣ୍ଡରେ ଏକତ୍ରୀତ ହୋଇ ଡାହାର୍ ନାଚ ଅବସରରେ ଗାନ କରାଯିବାର ପରମ୍ପରା ରହିଆସିଛି । ଏଠାରେ ଉଦାହରଣ ସ୍ୱରୂପ କେତେଗୁଡିଏ ଗୀତ ପ୍ରଦାନ କରାଗଲା

ଙଇଚାଃପିଲ୍ ଇଚାଃ ଦାଦା ଲଃ କାନ୍
ଜାନୁମ୍‌ପିଲ୍ ଜାନୁମ୍ ଦାଦା ଲଃ କାନ୍
ସେର୍ମାରେ ରାଜା ଚାଙ୍ଗାଁର୍ ଲଃ କାନ୍
ଦେଶ୍ ଦାଦା ଦିଶମ୍ ଦାଦା ଲଃ କାନ୍
ଦେଲା ଦାଦା ରାଜା ଦରବାର ।

ଏହି ଗୀତରେ ସାନ ଭଉଣୀ ବଡଭାଇକୁ କହୁଛି ଦାଦା ! 'ଇଚାଃପିଡ' ଜଳିଯାଉଛି । ସେହିପରି ଙଜାନୁମ୍‌ପିଡ ମଧ୍ୟ ଜଳିଯାଉଛି । ସ୍ୱର୍ଗରେ ରାଜାଙ୍କ ଚାମର ମଧ୍ୟ ଜଳି ପୋଡିଯାଉଛି । ଅର୍ଥାତ୍ ରାଜ ପରିବାର ଠାରୁ ଆରମ୍ଭକରି ସାଧାରଣ ପ୍ରଜା ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ବିଦ୍ରୋହର ନିଆଁ ଜଳୁଛି । ଭାଇ, ଚାଲଯିବା ରାଜାଙ୍କ ଦରବାର (ରାଜସଭା)କୁ । ସେଠାରେ ସମସ୍ତ ସମସ୍ୟା ଉତ୍ଥାପନ କରି ତାର ସମାଧାନର ବାଟ ଦେଖାଇ ଦେବାକୁ ଗୁହାରୀ କରିବା ।।୧୮।। ଏହି ଗୀତରୁ ଏହା ସ୍ପଷ୍ଟହୁଏ ଯେ ସନ୍ତାଳମାନେ ଇଚାଃପିଡ ଏବଂ ଜାନୁମ୍ ପିଡ ଅଞ୍ଚଳରେ ବହୁକାଳରୁ ବସବାସକରି ଆସୁଅଛନ୍ତି । ବର୍ତ୍ତମାନ ଏହି ଦୁଇପିଡ ଝାଡଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲ୍ଲାନ୍ତର୍ଗତ କୋହ୍ଲାଣ ଅଞ୍ଚଳ ମଧ୍ୟରେ ରହିଛି ।

ସେହିପରି ଫଗୁଣ ଆସିବାପରେ ସମସ୍ତ ବୃକ୍ଷରାଜି ପଲ୍ଲବିତ ହୋଇ ନବରୂପ ଧାରଣ କରନ୍ତି ଏବଂ ଏମାନେ ମଧ୍ୟ ପ୍ରସ୍ଫୁଟିତ ପୁଷ୍ପରେ ନିଜକୁ ସୁଶୋଭିତ କରିଥାନ୍ତି।

ଅର୍ଥାତ୍ ଏତେବେଳକୁ ସମଗ୍ର ପ୍ରକୃତି ଜଗତ ଉଲ୍ଲସିତ ହୋଇ ଉଠୁଥାଏ । ଏହାକୁ ଦେଖି ସରଳମନା ସାନ୍ତାଳ କିଶୋରୀ ଗାଇଉଠେ -

ବାହା ବଙ୍ଗାହଁ ସେଟେରେନା
ଜତ ବାହାଗେ ବାହାୟେନା
ବାହା ଥପେରେ କୁଇଲୀ କୁହୁୟ୍ ସେରେଞ୍
ଆତୁ କୁଲହୀ ଆଖ୍ଲାରେ କୁଳୀକ ଡାହାର୍ ସେରେଞ ।ଙ୍କ ।।କା।

ଅର୍ଥ - ଫଗୁଣ ଆସିଯାଇଛି । ସମସ୍ତ ପୁଷ୍ପ ପ୍ରସ୍ଫୁଟିତ ହୋଇଛନ୍ତି । ପୁଷ୍ପକୁଞ୍ଜରେ କୋକିଳର କୁହୁତାନ ନିନାଦିତ ହେଉଛି । ଗାଁ ଦାଣ୍ଡ ଆଖଡାରେ ରମଣୀମାନଙ୍କ ଡାହାରଗୀତର ଲହରୀ ଭାସିଆସୁଛି ।

ସାନ୍ତାଳୀ ଭାଷାର କେଉଁ ଅନାମଧ୍ୟେୟ ଲୋକ କବିଙ୍କର ଏହି ଧରଣର ବର୍ଣ୍ଣନାଶୈଳୀ ସୂଚାଇଦିଏ ବାସ୍ତବରେ ଏହିଜାତି କିପରି ପ୍ରକୃତିପ୍ରେମୀ । ସେହିପରି ମଧ୍ୟ ଏଥିରୁ ଏହା ଜାଣିବାକୁ ମିଳେ ଯେ ସାନ୍ତାଳ ବସତି ସବୁ ପ୍ରକୃତି ପରିବେଷ୍ଟିତ ଏକ ଏକ ଉପବନ ତୁଲ୍ୟ । ବାସ୍ତବରେ ଏମାନଙ୍କର ଗାଁ ପାଲଟି ଯାଇଛି ପ୍ରକୃତିର ଏକ ଅଂଶ ବିଶେଷ ।

ସାନ୍ତାଳୀ ଭାଷାର ଡାହାର୍ ସେରେଞ୍ (ଗୀତ) କେବଳ ପ୍ରକୃତି ବର୍ଣ୍ଣନା ମଧ୍ୟରେ ସୀମିତ ନୁହେଁ । ଏହାମଧ୍ୟ ଐତିହାସିକ ଘଟଣାବଳୀକୁ ସାଇତି ରଖିବାରେ ସକ୍ଷମ ହୋଇ ଆସିଛି । ଯାହାକୁ ଐତିହାସିକମାନେ ହୁଏତ ଗୁରୁତ୍ୱନଦେଇ ଆଡେଇ ଦେଇଯାଇଛନ୍ତି । ତାହାକୁ ଲୋକକବି ସାଉଁଟିଆଣି ନିଜ ରଚନାରେ ସ୍ଥାନଦେଇ ଗାଇଉଠନ୍ତି -

ଭଞ୍ଜ୍ ଦିଶମ୍ଦ ନାତୁଃକାନ୍ ନାତୁଃକାନ୍
ଗାଡା ଗାଡାତେ ଭଞ୍ଜ୍ଦିଶମ୍ ଦ,
ଗାଡା ଡିପ୍ରେ ସୋରେନ୍ ସୁନାରାମ୍ । (୨ ଥର) ।।ଖା।

ଅର୍ଥ -ଭଞ୍ଜ୍ଦେଶ ନଦୀରେ ଭାସି ଭାସି ଯାଉଛି । ନଦୀ ତୀଖରେ ସୋରେନ୍ ସୁନାରାମ ।

ଗୀତଟି ଭଞ୍ଜଦେଶ ଅର୍ଥାତ୍ ମୟୂରଭଞ୍ଜକୁ ନେଇ ରଚନା କରାଯାଇଅଛି । ଦୀର୍ଘଦିନ ଧରି ମୟୂରଭଞ୍ଜ ଭଞ୍ଜବଂଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହୋଇ ଆସିଥିଲା

ପରେ ଭାରତ ସ୍ୱାଧୀନ ହେବାପରେ ମୟୂରଭଞ୍ଜର ଶେଷ ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଉପଲବ୍ଧି କରିପାରିଥିଲେ ଯେ ତାଙ୍କ ଶାସନ ଆଉ ବେଶୀ ଦିନ ରହିବ ନାହିଁ । ତେଣୁ ସେ କାଳ ବିଳମ୍ବ ନକରି ତତ୍କାଳୀନ ପ୍ରଜା ମଣ୍ଡଳର ନେତା ଶ୍ରୀ ଶରତ ଚନ୍ଦ୍ର ଦାଶଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରିଥିଲେ। ଶରତ ଚନ୍ଦ୍ର ଦାଶ ନିଜେ ପ୍ରଧାନ ମନ୍ତ୍ରୀ ଓ ଅନ୍ୟକେତେକ ଅବସରପ୍ରାପ୍ତ ସରକାରୀ ଅଫିସରଙ୍କୁ ନେଇ ତାଙ୍କ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ । ଏହାପରେ ୧୯୪୯ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଶ୍ରୀ ଡି.ଭି.ରିଗୋ., ଆଇ.ସି.ଏସ. ଚିଫକମିଶନର ଆସି ମୟୂରଭଞ୍ଜର ଦାୟିତ୍ୱ ନେଲେ । ପରେ ପରେ ମୟୂରଭଞ୍ଜ ଓଡିଶା ସହ ମିଶ୍ରଣ ହୋଇଗଲା । ॥୧୯॥ ଏଠାରେ ଉଲ୍ଲେଖଯୋଗ୍ୟ ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଓଡିଶାର ଅନ୍ୟ ଗଡଜାତ ରାଜ୍ୟମାନ ୧୯୪୮ ବେଳକୁ ଓଡିଶାରେ ମିଶିଯାଇ ଥିଲେ ହେଁ ମୟୂରଭଞ୍ଜ ୧୯୪୮ ମସିହା ଡିସେମ୍ବର ୩୧ ପର୍ଯ୍ୟନ୍ତ ଗୋଟିଏ ବର୍ଷ ପାଇଁ ଅଲଗା ରହିଯାଇଥିଲା । ଏହା ୧୯୪୯ ମସିହା ଜାନୁଆରୀ ପହିଲା ଦିନ ଓଡିଶାରେ ମିଶିଲା ॥୨୦॥ ଏହି ସମୟରେ ମୟୂରଭଞ୍ଜର ସାନ୍ତାଳମାନେ ଏହା ଓଡିଶାରେ ନ ମିଶି ସ୍ୱତନ୍ତ୍ର ଏକ ଝାଡଖଣ୍ଡରାଜ୍ୟ ହେଉ ବୋଲି ଶ୍ରୀ ସୁନାରାମ ସୋରେନଙ୍କ ନେତୃତ୍ୱରେ ସ୍ୱରୋଉଳନ କରିଥିଲେ । ଏହି ଆନ୍ଦୋଳନ ବାମନଘାଟି ସବ୍‌ଡିଭିଜନରେ ଉଗ୍ରରୂପ ଧାରଣ କରିଥିଲା । ଯାହାର ପରିଣାମ ସ୍ୱରୂପ ୧୯୪୯ ମସିହା ଫେବୃୟାରୀ ୬ ତାରିଖ ଦିନ ତତ୍କାଳୀନ ବାମନଘାଟୀ ଉପଖଣ୍ଡ ଅଧିକାରୀ ଅମର ସିଂହଙ୍କ ନିର୍ଦ୍ଦେଶକ୍ରମେ ଗୁଣ୍ଡୁରିଆ ଠାରେ ଅନୁଷ୍ଠିତ ହେଉଥିବା ସାନ୍ତାଳମାନଙ୍କର ଏକ ସଭାସ୍ଥଳୀରେ ପୋଲିସ୍ ବାହିନୀ ନିର୍ମମଭାବେ ଗୁଳିଚାଳନା କରିଥିଲେ । ॥୨୧॥ ଅନ୍ୟାୟ ତଥା ଅନୀତି ଉପାୟ ଅବଲମ୍ବନକରି ଝାଡଖଣ୍ଡ ଆନ୍ଦୋଳନକୁ ଦବେଇ ଦିଆଯାଇଥିଲା । ଶେଷରେ ଆନ୍ଦୋଳନର ନେତୃତ୍ୱ ନେଉଥିବା ସୁନାରାମ ସୋରେନଙ୍କୁ ମଧ୍ୟ ସାମୟିକଭାବେ କାରାବରଣ କରିବାକୁ ପଡିଛି । ଅର୍ଥାତ୍ ସେ ନିରୁପାୟ ହୋଇଯାଇଛନ୍ତି । ଏଥିପାଇଁ ସାନ୍ତାଳୀ ତାହାର୍ ଗୀତରେ ଲୋକକବି ବର୍ଣ୍ଣନା କରିଛନ୍ତି - ଭଞ୍ଜଦେଶ ନଦୀରେ ଭାସି ଭାସି ଯାଉଛି, ନଦୀତୀଖରେ ସୋରେନ୍ ସୁନାରାମ ।॥୨୨॥

**ଲାଗ୍‌ଣେ ସେରେଞ୍**

ଲାଗ୍‌ଣେ ଗୀତ ହେଉଛି ସାନ୍ତାଳୀ ଭାଷାର ସବୁଦିନିଆ ଗୀତ । ଅର୍ଥାତ୍ ଏହି ଗୀତ ଗାନକରାଯିବା ସକାଶେ ସେମିତି କୌଣସି ମାସ, ଋତୁ ବା ପର୍ବପର୍ବାଣୀ ଯୋଡାଯାଇ ନାହିଁ । ତେଣୁ ଏହାକୁ ମୁଖ୍ୟତଃ ଏକ ମନୋରଞ୍ଜନଧର୍ମୀ ସଙ୍ଗୀତ ଭାବରେ ଗ୍ରହଣ କରାଯାଇପାରେ । ସାନ୍ତାଳମାନେ ମୁଖ୍ୟତଃ କୃଷିଜୀବୀ । ତେଣୁ ଏମାନେ ଦିନତମାମ ବିଲରେ କଠିନ ପରିଶ୍ରମ କରିଥାନ୍ତି । ସେମାନଙ୍କ ଏହି ଶ୍ରମଜନିତ କ୍ଳାନ୍ତକୁ ଲାଘବ କରିବା ସକାଶେ କର୍ମକ୍ଷେତ୍ରଠାରୁ ଆରମ୍ଭକରି ଆଖଡାଶାଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ଗୀତକୁ ଗାଇଥାନ୍ତି : -

"ଦିନ୍‌ଦ ହିଜୁଃ ଦିନ୍‌ଦ ଚାଲାଃ
ଦିନ୍‌ଦ ହେଜ୍ ରୁଆଲଃ
ସିଙ୍ଗିଞ୍ ଞିନ୍ଦା ନଙ୍କାଗେ
ହିଜୁଃ ସେନଃଆ ।
ରୂପ୍‌ଦ ହିଜୁଃ ରୂପ୍‌ଦ ଚାଲାଃ
ରୂପ୍‌ଦ ବାୟ୍ ରୁଆଲା
କାସା ପିତଲ୍ ବାଂସେ
ସନା ରୂପା ବାଂସେ
ରୂପ୍‌ଦ ହୁନାଂ
ଦୁଲ୍ ରୁଆଲଃ - ଆ ।"

ଆର୍ଥାତ୍ - "ଦିନ ଆସେ, ଦିନ ଚାଲିଯାଏ । ଦିନ ପୁଣି ଫେରି ଆସେ କାରଣ ଦିନରାତି ଆତଯାତ ହେଉଥାଏ । କିନ୍ତୁ ମଣିଷ ଜୀବନରେ ରୂପ ସୌନ୍ଦର୍ଯ୍ୟ ଥରେ ଆସେ । ରୂପ ଚାଲିଗଲେ ଆଉଫେରି ଆସେ ନାହିଁ । ଅଧିକନ୍ତୁ ରୂପ କଂସା, ପିତ୍ତଳ କିମ୍ବା ସୁନା ରୂପା ହୋଇଥିଲେ ସିନା ତାକୁ ଛାଞ୍ଚରେ ଢାଳି ପୁନର୍ବାର ଗଢି ହୁଅନ୍ତା ।" ଯୁବତୀ ଦଳ ଗୀତକୁ ନକଲକରି ଗାଇ ଥାଆନ୍ତି । ବେଳେ ବେଳେ ଗୀତ ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର ଚାଲେ । ଲାଗ୍‌ଣେର କୌଣସି ପାରମ୍ପରିକ ଗୀତ ନାହିଁ । ଏଥିରେ ଯୁବକ ଯୁବତୀଙ୍କର ମନୋଭାବ ମୁଖ୍ୟ ଭାବରେ ପ୍ରକାଶିତ ହୋଇଥାଏ । କିନ୍ତୁ ସମୟ ସମୟରେ ଦେଶର ରାଜନୀତି, ବିଭିନ୍ନ ସରକାରୀ ଯୋଜନା, ସମାଜର ସାମାଜିକ, ଧାର୍ମିକ,

ଅର୍ଥନୈତିକ ଅବସ୍ଥା ଗୁଡିକ ଗୀତ ମାଧ୍ୟମରେ ପ୍ରକାଶ ପାଏ ।।୨୩।।

ଲାଗ୍‌ଣେ ଗୀତରେ କେବଳ ରୂପ, ଯୌବନ ତଥା ପ୍ରେମକୁ ଗୁରୁତ୍ୱ ଦିଆଯାଇନାହିଁ, ଏଥିରେ ମଧ୍ୟ ସାଂସାରିକ ଜୀବନର ବାସ୍ତବତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଅଛି । ସେଥିପାଇଁ ଲୋକକବି ପରିବାର ପ୍ରତି ସ୍ୱାମୀ ସ୍ତ୍ରୀଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇବାକୁ ଯାଇ ଗାଇ ଉଠିଛି -

ରେଗେଜ୍ ଆକାନ୍ ଚଲାଂ,
କିଷାଣ୍ ଆକାନ୍ ଚଲାଂ,
ଜୀରାଙ୍ଃ ଲାଗିଦ୍ ଅତ୍‌ମେନାଃ ସାହେଦ୍‌ଲାଗିଦ୍‌ହୟ୍,
ମାନା ଲାଂଆୟ୍ ଅକୟ୍ ?

ତିରି ପୁରୁଷ୍ ଇଖାନ୍,
କାଥା ଞାପାମ୍ ବାଂଖାନ୍,
ଅଲାଃ ଦୁଆର୍ ରାପୁଦଃଆ ଅହାୟ୍ ଆଧାବେଲାରେ ।।ଗ।।

ଓଡିଆ ରୂପାନ୍ତର - ସ୍ୱାମୀଜଣକ ନିଜର ପ୍ରାଣପିୟ୍ରୀ ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି :-

ଆମେ ହେଲେ ହୋଇପାରୁ ଗରିବ, ଅବା ଧନୀ,
ବିଶ୍ରାମ ନେବା ସକାଶେ ଏହି ଭୂମି ରହିଛି,
ନିଃଶ୍ୱାସ ନେବା ପାଇଁ ଏହି ବାୟୁ,
ଆମକୁ ମନା କରିବ କିଏ ? କିନ୍ତୁ !
ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ମନମାଳିନ୍ୟ ଘଟିଲେ,
ଘର ଦ୍ୱାର ତଥା ପରିବାର ଅକାଳରେ
ଭାଙ୍ଗି ପଡିବ ଏହା ସୁନିଶ୍ଚିତ ।

ସାନ୍ତାଳୀ ଲୋକକବିଙ୍କ ଉପରୋକ୍ତ ଲାଗ୍‌ଣେ ସଙ୍ଗୀତରୁ ଜଣାପଡେ ଯେ ସାନ୍ତାଳମାନେ ଧନ ତଥା ଅର୍ଥକୁ ହେୟଜ୍ଞାନ କରିଥାନ୍ତି । କେତେ ସହଜରେ ସେ କହିଗଲେ ସେମାନେ ଧନୀ ଅବା ଗରିବ ସେଥିରେ କିଛି ଯାଏ ଆସେନାହିଁ । କାରଣ ସାନ୍ତାଳମାନେ ଜାଣିଛନ୍ତି, ଧନ, ଯାହା ଆଜି ଅଛି ହୁଏତ କାଲିକୁ ତାହା ନ ଥିବ । ସେଥିପାଇଁ ହିଁ ସେମାନେ କୁହନ୍ତି "ଧନ୍ ଉମୁଲ୍ ଦାରେ ଉମୁଲ୍, ଦିନ୍‌ଦ ମିଦ୍‌ଠେନ୍ ବାୟ୍ ତାହେଁନା" ଅର୍ଥାତ୍ ଧନ ହେଉଛି ଗଛର ଛାଇପରିକା, ତାହା ସବୁଦିନ ଗୋଟିଏ ଜାଗାରେ ରହିନଥାଏ । ତେଣୁ ସେ ଏଠାରେ ଧନକୁ ପଛରେ ରଖି ଦାମ୍ପତ୍ୟ ଜୀବନର

ସୁଖ ସୌହାର୍ଦ୍ଦ୍ୟ ତଥା ପରିବାରର ସୁଖଶାନ୍ତିକୁ ଆଗରେ ରଖିଛନ୍ତି । ଆଉ ସେ ପରୋକ୍ଷରେ ସୂଚାଇ ଦେଇଛନ୍ତି ଏହା ସମ୍ମୁଖରେ ଧନଦୌଲତ ସବୁକିଛି ତୁଛ । ସେଥିପାଇଁ ସେ ପୁଣି କହିଛନ୍ତି - ବିଶ୍ରାମ ନେବା ସକାଶେ ଏହି ଭୂମିହିଁ ଯଥେଷ୍ଟ ଏବଂ ଜୀବନ ଜୀଇଁବା ସକାଶେ ବାୟୁ ଅର୍ଥାତ୍ ପ୍ରକୃତି ଦତ୍ତ ଜଳ, ବାୟୁ, ଫଳମୂଳ ହିଁ ଯଥେଷ୍ଟ । ଏହା ଯେହେତୁ ପ୍ରକୃତିର ବା ସ୍ୱୟଂ ସୃଷ୍ଟିକର୍ତ୍ତା ଭଗବାନଙ୍କର ତେଣୁ ଏଥିରୁ ଆମକୁ କେହି ବଞ୍ଚିତ କରିପାରିବେ ନାହିଁ । ସାନ୍ତାଳମାନେ ଯେହେତୁ ପ୍ରକୃତିର ସନ୍ତାନ ତେଣୁ କବି ଆଶାକରି ନାହାନ୍ତି, ଆଧୁନିକ ଯୁଗରେ ନିଜକୁ ସଭ୍ୟ ବୋଲାଉଥିବା ମନୁଷ୍ୟମାନଙ୍କ ପରି ସୁଖ ସ୍ୱାଛନ୍ଦ୍ୟ ପରିପୂର୍ଣ୍ଣ ଶୀତତାପନିୟନ୍ତ୍ରିତ ବିଳାସମୟୀ ବହୁତଳ ଅଟ୍ଟାଳିକା ଅବା ମୁଖରୋଚକ ସ୍ୱାଦିଷ୍ଟ ବ୍ୟଞ୍ଜନ କିନ୍ତୁ ସେ ସତର୍କ କରାଇଦେଇଛନ୍ତି - ଏହି ସାଂସାରିକ ମଣିଷମାନଙ୍କୁ ଯେ ପତି ପତ୍ନୀ ହେଉଛନ୍ତି ପରିବାର ରୂପକ ରଥର ଦୁଇଚକ । ଏହି ଦୁହିଁଙ୍କ ସମ୍ମିଳନ ବ୍ୟତିରେକ ପରିବାର ଅଚଳ ହୋଇପଡେ । ଅର୍ଥାତ୍ ଆଧା ଦିନରେ ତାହା ଭାଙ୍ଗି ପଡିଥାଏ ବୋଲି କବି ଚେତାଇ ଦେଇଛନ୍ତି । ତେଣୁ ପତି ପତ୍ନୀଙ୍କ ମଧ୍ୟରେ ଏକ ଅନାବିଳ ପ୍ରେମ ରହିବା ନିତ୍ୟାନ୍ତ ଆବଶ୍ୟକ ।

ସେହିପରି ଏହି ସାନ୍ତାଳୀ ଲାଗ୍ଣେ ସଙ୍ଗୀତ ମାଧ୍ୟମରେ ମନୁଷ୍ୟ ମନ ପରି ଏକ ସୂକ୍ଷ୍ମ ଜିନିଷକୁ ନେଇ ମଧ୍ୟ ତର୍ଜମା କରାଯାଇଅଛି । ସେଥିପାଇଁ ହିଁ ସାନ୍ତାଳୀଭାଷାର ଅନ୍ୟତମ ବିଦ୍ୱାନ୍ ତଥା ଅଲ୍‌ଚିକି ଲିପି ଉଦ୍ଭାବକ ପଣ୍ଡିତ ରଘୁନାଥମୁର୍ମୁ ଲେଖନ୍ତି -

ମନାଂ ଜାଲା ଦୀଞ୍ଜୀଦୟ୍ ଚାପାଲ୍
ମନାଂ ମାୟା ହଲ୍‌ମୟ୍ ହାତାଞ୍ଜ
ମନ୍‌ଦ ଜୀଞ୍ଜୀ - ହଲ୍‌ମୟ୍ ଆୟୁର୍ ।
ଜାଙ୍ଗେ ଦାରାମ୍ ବାଙ୍ଗେ ବାତାଞ୍ଜା ।
ବୁଗି ବାଲିଜ୍ ବାଙ୍ଗେ ଞେଞେଲା
ମନ୍‌ଦ ଜୀଞ୍ଜୀ ହଲ୍‌ମୟ୍ ଡାକାୟ୍ ।।୨୪।।

ଓଡ଼ିଆ ରୂପାନ୍ତର - ମନର ଜାଲରେ ଏହି ଜୀବନ ଛନ୍ଦି ହୋଇପଡେ,
ମନର ମୋହରେ ଏହି ଦେହ ବାନ୍ଧିହୋଇ ପଡେ,
ଏହି ମନ ଦେହପ୍ରାଣକୁ ପଥକଡାଏ ।
ବାରଣ ମାନେନା ଏ
ଭଲ ମନ୍ଦକୁ ଦେଖେନା ଏ

ଏହି ମନ ଦେହପ୍ରାଣକୁ ଦିଏ ଠେଲି । ମଣିଷର ମନ ଦେହ ଓ ପ୍ରାଣକୁ କିପରି ପ୍ରଭାବିତ କରେ ସେ ସମ୍ବନ୍ଧରେ ପଣ୍ଡିତ ମୁର୍ମୁ ଏହି କବିତା (ସଙ୍ଗୀତ) ମାଧ୍ୟମରେ ଅଭିବ୍ୟକ୍ତ କରିଛନ୍ତି, ମଣିଷ ସବୁବେଳେ କିଛି ନା କିଛି ଭାବୁଥାଏ ତେଣୁ ତାହା ଏକ ଜାଲପରି । ଏହି ମନରୂପକ ଜାଲରେ ଜୀବନ ଛନ୍ଦି ହୋଇପଡେ । ଅର୍ଥାତ୍ ମଣିଷର ମନଜାଲରୁ ଜୀବନକୁ ଅଲଗାକରିବା ସହଜନୁହେଁ । ସେହିପରି ମନର ମୋହରେ ଏହି ଦେହ ମଧ୍ୟ ବାନ୍ଧିହୋଇ ପଡିଛି । ଅନେକ ସମୟରେ ମଣିଷର ଦେହ ଓ ପ୍ରାଣକୁ ମନହିଁ ପଥକଡାଇ ନେଇଥାଏ । ବାସ୍ତବରେ ମନହିଁ ହେଉଛି ପଥପ୍ରଦର୍ଶକ । ସେଥିପାଇଁ କୁହାଯାଇଥାଏ "ଯାହା ମନ ଯେପରି ସେ ସେମିତି କାର୍ଯ୍ୟ କରିଥାଏ ।" ଅର୍ଥାତ୍ ଯିଏ ସତ୍‌ଚିନ୍ତାକରେ ସେ ସତ୍‌କର୍ମହିଁ କରିଥାଏ । କିନ୍ତୁ ଯିଏ ଅସତ୍ ଚିନ୍ତାକରେ ସେ ଅସତ୍ କର୍ମହିଁ କରେ । ସେଥିପାଇଁ କବି କୁହନ୍ତି - ବାରଣକୁ ମାନେନା ଏ, ଅର୍ଥାତ୍ ଯାହାର ମନ ଭଲନୁହେଁ ତାକୁ ଯେତେ ପ୍ରକାରେ ବୁଝାଇଲେ ମଧ୍ୟ ଆକଟ କରିହୁଏ ନାହିଁ । ସେ କେବେହେଲେ ମଧ୍ୟ ଭଲମନ୍ଦ ବିଚାର କରିପାରିନଥାଏ । ତେଣୁ ଏହି ଧରଣର ବ୍ୟକ୍ତି ବିଶେଷଙ୍କ ମନହିଁ ସେମାନଙ୍କୁ ବିପଦ ମଧ୍ୟକୁ ଠେଲିଦେଇଥାଏ । ଯାହା ଫଳରେ, ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡେ । ତେଣୁ କବି ପରୋକ୍ଷରେ ସୂଚାଇ ଦେଇଛନ୍ତି - ପ୍ରତ୍ୟେକ ମନୁଷ୍ୟ ନିଜମନକୁ ସୁସ୍ଥ ତଥା ପରିଷ୍କାର ରଖିବା ଅତ୍ୟାବଶ୍ୟକ ।

## ଦଙ୍‌ସେରେଞ୍

"ଦଙ୍" ଗୀତ ସାନ୍ତାଳ ସମାଜର କେତେଗୁଡିଏ ମାଙ୍ଗଳିକ କାର୍ଯ୍ୟ ଅବସରରେ ଗାନ କରାଯାଇଥାଏ । ଯଥା - ବିବାହ (ବାପ୍ଲା), ଛାଟୟାର୍ (ନାମକରଣ ଉତ୍ସବ), ସେତା ବାପ୍ଲା (ସାହାଡା ବିବାହ), ଫୁଲୁଃ (ସଙ୍ଗାତ ବସିବା), ନୂତନ କୂଅ, ପୋଖରୀ ପ୍ରତିଷ୍ଠା, ବିଲବଛା ଶେଷଦିନ୍, ଧାନକଟା ପରିସମାପ୍ତିଦିନ, ତଥା ଧାନପୁଡା ଡୁଲା ଉପରକୁ ଉଠାଇଲାବେଳେ ଏହି ଗୀତ ଗାନ କରାଯିବାର ପରମ୍ପରା ରହିଛି କିନ୍ତୁ ଏସବୁ ସତ୍ତ୍ୱେ ଏହା ମୁଖ୍ୟତଃ ବିବାହ ସମୟର ଗୀତଭାବେ ହିଁ ପରିଚିତ । ଗୀତ ଗୁଡିକରେ ସାନ୍ତାଳ ବିବାହ ବିଧିର କଥାବସ୍ତୁ ବର ପକ୍ଷର ଯୁବକ ଏବଂ କନ୍ୟାପକ୍ଷର ଯୁବତୀଙ୍କ ଆକ୍ଷେପ ପ୍ରତି ଆକ୍ଷେପ ମୂଳକ, ପ୍ରେମ ମୂଳକ ତଥା ବିଭିନ୍ନ ଇଙ୍ଗିତମୂଳକ ବର୍ଣ୍ଣନାମାନ ରହିଥିବାର ଦେଖାଯାଇଥାଏ । ଏଠାରେ ବିବାହ ଦଙ୍ ଗୀତରେ ଗୋଟିଏ ଉଦାହରଣ ଦିଆଗଲା :-

ଚାନ୍ଦ ସୁରୁଜ୍‌ମୁନୀ କୁନାମୀ ୟେନ୍
ନେଣ୍ଡା ସୁରୁଜ୍‌ମୁନୀ ସେଟେରେନ୍ ତାମ୍

ତେହଞ୍ଜୀନାଦଲେ ସୁନୁମ୍ ଶାଶାଂମେୟ୍
ଗାପା ସିଙ୍ଗାଲ୍ ରେଲେ ବିଦାୟ୍ ମେଦ
ଚିରୁ ନାଙ୍ଗାର୍ ରେଦ ଜାନାମ୍ ସୁରୁଜ୍ ମୁନୀ
ଚାମ୍ପା ନାଙ୍ଗାର ରେଦ ନାମ୍ଦ ରାନୀ ।

ଅର୍ଥାତ୍ ହେ, ସୁରୁଜ୍ ମୁନୀ (ଝିଅର ନାମ) ଚାନ୍ଦ ପୂର୍ଣ୍ଣିମା ହେବା ସହିତ ତୋର ବାହାଘର ଲଗ୍ନ ଆସି ପହଞ୍ଚିଲା । ଆଜି ରାତିରେ ତୋତେ ତେଲ ହଳଦୀ ଲଗାଇବା, କାଲି ମଧ୍ୟରାତ୍ରୀ ବେଳକୁ ତୋତେ ବିଦା କରିଦେବୁ । ଚିରୁ ନଗରର କନ୍ୟାତୁ ଚାମ୍ପା ନଗରର ରାଣୀ ହେବୁ ॥୨୫॥ ଗୀତଟିରେ ଏକ ସାନ୍ତାଳ ବିବାହର କନ୍ୟାଘରେ କରାଯାଉଥିବା ବିଧିର କଥା କୁହାଯାଇଥିବା ସମେତ ଝିଅ ଜନମର କଥା ମଧ୍ୟ କୁହାଯାଇଅଛି । ଏହିମାନଙ୍କ ପରମ୍ପରାରେ ଝିଅକୁ ବିଦାୟଦେବା ଦିନକ ପୂର୍ବରୁ ତେଲ ହଳଦୀ ଲଗାଯିବାର ବିଧି ରହିଛି। ସେହିପରି ମଧ୍ୟ ହିନ୍ଦୁମାନଙ୍କପରି ସାନ୍ତାଳସମାଜରେ ମଧ୍ୟ ବିବାହ ଅନ୍ତେ ଝିଅ ଅନ୍ୟଏକ ଘରର ବୋହୂ ବା ରାଣୀ ବନିଯାଏ । ସେଥିପାଇଁ ହିଁ କୁହାଯାଏ- ଙ୍କକୁଳିହପନ୍ ଜାନାମ୍ ଏଟାଃ ଦୁଆର୍ ଅର୍ଥାତ୍ ଝିଅ ଜନମ ପର ଘରକୁ ।

ଅନେକ ସମୟରେ ସାନ୍ତାଳୀ ଲୋକକବି ପ୍ରକୃତିର ବର୍ଣ୍ଣନା ମାଧ୍ୟମରେ ନିଜ ମନଗହନର କଥା କହିବାକୁ ପ୍ରୟାସ କରିଥାଏ । ତେଣୁ ଏହି ଧରଣର ଦଙ୍ ଗୀତ ଗୁଡିକରେ ଦୁଇଟି ଲେଖାଏଁ ଅର୍ଥ ରହିଛି । ଯଥା ଗୋଟିଏ ବାହ୍ୟାର୍ଥ ଏବଂ ଅପରଟି ଗୁହ୍ୟାର୍ଥ । ଏହି ଧରଣର ଏକ ଗୀତ ହେଉଛି :-

ନାଲେ ଛାଟ୍କା ଜଜଦାରେ
ଦନ୍ନାତେ ପିୟ୍ ନାଲମ୍ ରାଗା,
ନାଲେ ନଳାଃରେମା ହାରାରାଡା ଗୁଡି ମେନାୟ୍, ତାଲେ
ସାତେୟ୍ତେ ପିୟ୍ୟ୍ ଟୁଟିକେମା ।।ଘ।।

**ଓଡିଆ ରୂପାନ୍ତର -**

ଆମ ଅଗଣାର ତେନ୍ତୁଳି ବୃକ୍ଷରେ
ଡେଇଁକି ଚାତକ ରାବିବ ନାହିଁ,
ଆମଘରେ ନବଯୁବା ଗଡି ରହିଅଛି
ଲକ୍ଷ୍ୟକରି ତୋତେ ବିନ୍ଧିଥାନ୍ତା ।

ଗୀତଟିର ବାହ୍ୟଅର୍ଥ ହେଲା - କୌଣସି ବ୍ୟକ୍ତି ବିଶେଷଙ୍କ ଘର ଅଗଣାରେ ଏକ ତେନ୍ତୁଳି ବୃକ୍ଷ ରହିଛି । ଏହି ବୃକ୍ଷର ଡାଳରେ ଡେଇଁ ଡେଇଁ ଚାତକ ପକ୍ଷୀଟିଏ ଆନନ୍ଦ ବିମୋହିତ ହୋଇ ରାବୁ ଅଛି । ଏହାକୁ ଦେଖି ବ୍ୟକ୍ତି ଜଣକ ତାକୁ ସତର୍କ କରାଇ ଦେଉଛି - ରେ ପକ୍ଷୀ, ତୋର ଏ ଆନନ୍ଦ ବେଶୀ ସମୟ ରହିବ ନାହିଁ । କାରଣ ଆମଘରେ ଜଣେ ପୂର୍ଣ୍ଣ ଯୌବନଭରା ଶିକାର ପ୍ରିୟ ଯୁବଗୋଡି ରହିଛି, ସେ ତୁମକୁ ଦେଖିବା ମାତ୍ରେ ଶରମାରି ହତ୍ୟାକରିବ । ଅର୍ଥାତ୍ ତୁମେ ଏଠାରୁ ପଳେଇ ଯାଅ ତମ ପାଇଁ ଏହି ସ୍ଥାନ ଆଦୌ ନିରାପଦ ନୁହେଁ । ଗୁହ୍ୟାର୍ଥ - କୌଣସି ବ୍ୟକ୍ତି ବିଶେଷଙ୍କ ଅଗଣାରେ ଥିବା ତେନ୍ତୁଳିବୃକ୍ଷ ସମୀପରେ ଏକ ଲାବଣ୍ୟମୟୀ କନ୍ୟା ନିଜ ସହଚରୀମାନଙ୍କ ସହିତ ଉଲ୍ଲସିତ ହୋଇ ଖେଳୁଅଛି । ଏହାକୁ ଦେଖି ବ୍ୟକ୍ତି ଜଣଙ୍କର ଆଖି ଲାଖି ଯାଇଛି । କନ୍ୟାଟି ପ୍ରତି ତାଙ୍କର ପିତୃସୁଲଭ ପ୍ରେମଭାବ ଜାଗ୍ରତ ହୋଇଉଠିଛି । ସେଥିପାଇଁ ସେ କନ୍ୟାଟିର ଭବିଷ୍ୟତ କଥା ଚିନ୍ତା କରି ବସିଛନ୍ତି । ଅର୍ଥାତ୍ ଏହିପରି ଏକ ଅପୂର୍ବ ଲାବଣ୍ୟମୟୀ କନ୍ୟା ଦେଖିବାପରେ ଯେ କୌଣସି ଯୁବକର ମନ ତରଳିଯିବା ସ୍ୱାଭାବିକ ତେଣୁ ସେ ଅନ୍ୟମାନଙ୍କ ପରି ଇତସ୍ତତ ଭାବେ ଭ୍ରମଣ କରିବା ଠିକ ନୁହେଁ । ସେଥିପାଇଁ ସେ ତାହାକୁ ସତର୍କ କରେଇ ଦେବାକୁ ଯାଇ କହିଛନ୍ତି - ତାଙ୍କ ଘରେ ଜଣେ ଯୁବାବୟସର ଗୋଡି ରହିଛି ପୁଣି ସ୍ୱଭାବତଃ ସେ ଦୁଷ୍ଟ ପ୍ରକୃତିର । ତେଣୁ ଝିଅଟି ଏହି ଦୃଷ୍ଟ ପ୍ରକୃତିର ଯୁବଗୋଡି ଆସିବା ଆଗରୁ ସମ୍ଭ୍ରମତାର ସହ ସ୍ଥାନ ପରିତ୍ୟାଗ କରିବା ସ୍ୱାଭାବିକ । ଅର୍ଥାତ୍ ଏହି ଗୋଡିଯୁବକ ସହିତ ତାର ପ୍ରେମ ସମ୍ପର୍କ ସ୍ଥାପିତ ହେବାର ଆଉ ସମ୍ଭାବନା ରହୁନାହିଁ । କାରଣ ପିତୃସୁଲଭ ସେହି ବ୍ୟକ୍ତି ଜଣକ ଏହିପରି ଏକ ନାରୀରତ୍ନକୁ ଉପଯୁକ୍ତ ପାତ୍ରଙ୍କ ଠାରେ ସମର୍ପିଦେବାକୁ ଅଭିଳାଷ ରଖିଛନ୍ତି । ସାନ୍ତାଳୀ ଲୋକକବିଙ୍କର, ଏହି ଧରଣର, ଦଙ୍ଗ୍ ଗୀତ ସଂରଚନା ବାସ୍ତବରେ ଲୋକସାହିତ୍ୟର ଭଣ୍ଡାରକୁ ସମୃଦ୍ଧକରିବାରେ ଯଥେଷ୍ଟ ମାତ୍ରାରେ ସହାୟକ ହୋଇପାରିଅଛି । କେବଳ ଲୋକସାହିତ୍ୟ କହିଲେ ଠିକ୍ ହେବ ନାହିଁ ଏହା ବିଶ୍ୱ ସାହିତ୍ୟର ଦରବାରକୁ ସମୃଦ୍ଧ କରିବାରେ ସହାୟକ ହୋଇଅଛି । ସେହିପରି ସାନ୍ତାଳୀ ଦଙ୍ଗ୍ ଗୀତରେ ମଧ୍ୟ ଆଧ୍ୟାତ୍ମିକ ଚିନ୍ତନ ତଥା ଈଶ୍ୱର ବିଶ୍ୱାସର କଥା ପ୍ରକଟିତ ହୋଇ ଉଠିଥିବାର ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ । ଏହି ଧରଣର ଏକ ଗୀତର ଅଂଶବିଶେଷକୁ ଉଦାହରଣ ସ୍ୱରୂପ ନିଆଯାଇପାରେ :-

"ବୁଗି ଲାଗିଦ୍ ଜୀଵୀ ବୁଗୀ ମେନାଃ,
ବାଲିଜ୍ ଲାଗିଦ୍ ଜୀଵୀ ବାଲିଜ୍ ମେନାଃଆ
ଚାନ୍ଦ ତଲ୍‌ଦ ନଙ୍ଗା ବାୟ୍ ତପାଗଃ
ହାର୍‌କେତ୍ ମେନ୍ତେ ଜୀଵୀ ନାଲମ୍ ବାଲିଜା
ହାର୍‌କେତ୍ ଆତେ ଜୀଵୀ ବଲ୍‌ହେ ବୁଗିମେ
ଚାନ୍ଦୟ୍ ରାସ୍କାଃ ସାରି ବୁଗିୟ୍‌ମ୍ମା ।" ॥୨୬॥

**ଓଡିଆ ରୂପାନ୍ତର -**

ଭଲ ପାଇଁ ଜୀବନ ଭଲ ଅଛି
ମନ୍ଦ ପାଇଁ ଜୀବନ ମନ୍ଦ ଅଛି,
ଭଗବାନଙ୍କ ଏ ଅତୁଟ ବନ୍ଧନ
କଷ୍ଟ ଅଛି ବୋଲି ଜୀବନ, କରିବୁନି ହେଳା
କଷ୍ଟ ସହି ଜୀବନେ ନିଷ୍ଠେ କରିବୁ ଭଲ
ଈଶ୍ୱର ପ୍ରସନ୍ନେ ଲଭିବୁ ବାସ୍ତବ ଭଲ ।

ଜୀବନରେ କଷ୍ଟ ଅଛି ବୋଲି ତାହାକୁ ହତାଦର କରିବା ଠିକ୍ ନୁହେଁ । କଷ୍ଟର ସମ୍ମୁଖୀ

ଅର୍ଥ - କବି ଏଠାରେ ଜୀବନକୁ ସମ୍ବୋଧନ କରିକହିଛନ୍ତି - ରେ ଜୀବନ, ଭଲ ପାଇଁ ଭଲ ଅଛି । ଅର୍ଥାତ୍ ଏହି ସୃଷ୍ଟିରେ ଯିଏ ଭଲ କାମକରିବ ସେଥିପାଇଁ ସେ ଭଲ ଫଳହିଁ ପାଇବ । ଯିଏ ମନ୍ଦ କର୍ମ କରିବ ସେ ମଧ୍ୟ କର୍ମ ଅନୁରୂପ ମନ୍ଦ ଫଳ ପାଇବ । ଏହା ବିଧିଙ୍କର ବିଧାନ , ସୃଷ୍ଟିରେ ଉଭୟ ଭଲ ଏବଂ ମନ୍ଦର ଅତୁଟ ବନ୍ଧନ ନିଷ୍ଚୟ ରହିବ କବି କହିବାକୁ ଚାହିଁଛନ୍ତି ଭଲ ଏବଂ ମନ୍ଦ ହେଉଛନ୍ତି ଏହି ସୃଷ୍ଟିର ଏକ ଏକ ଅଂଶ ବିଶେଷ । ତେଣୁ ଏ ଦୁହେଁ ଏହି ସୃଷ୍ଟିରେ ସହାବସ୍ଥାନ କରିବା ସ୍ୱାଭାବିକ । ଦୁହିଁଙ୍କ ମଧ୍ୟରୁ କୌଣସି ଗୋଟିକର ଅନୁପସ୍ଥିତିରେ ଅପରଟିର ଗୁରୁତ୍ୱ ଅନୁଭବ କରିବା ଅସମ୍ଭବ । ନ ହୋଇ ତାହାକୁ ଭ୍ରୁକ୍ଷେପ ନକରି ଭଲର ସ୍ୱପ୍ନ ଦେଖିବୁ । ଅର୍ଥାତ୍ ମାନବ ଜୀବନମାତ୍ରେ ହିଁ ଯାତନା ବା କଷ୍ଟରେ ପରିପୂର୍ଣ୍ଣ । ତେଣୁ ଏହାକୁ ମୁକାବିଲା କରିବାହିଁ ହେଉଛି ପ୍ରକୃତ ମାନବିକତାର ମାପକାଠି । ପ୍ରତ୍ୟେକ ମନୁଷ୍ୟ ଦୁଃଖ ସମୟରେ ଭାଙ୍ଗି ନପଡି ଧୈର୍ଯ୍ୟର ସହିତ ଆସନ୍ତା କାଲିର ସୁଖକୁ ଅପେକ୍ଷା କରିବା ଏକାନ୍ତ ଆବଶ୍ୟକ

ବୋଲି କବି ମତଦିଅନ୍ତି । କେବଳ ସେତିକି ନୁହେଁ ଆହୁରି ମଧ୍ୟ ସେ କହିଛନ୍ତି - କଷ୍ଟ ମଧ୍ୟରେ ଥାଇ ସୁଖର ଅନ୍ୱେଷଣ କରିପାରିଲେ ଭଗବାନ ସନ୍ତୁଷ୍ଟ ହୋଇଥାନ୍ତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସେହି ଧରଣର ବ୍ୟକ୍ତି ବିଶେଷଙ୍କୁ ବାସ୍ତବ ସୁଖ ପ୍ରଦାନ କରନ୍ତି ।

ସାନ୍ତାଳ ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ବାହାଘର ମଧ୍ୟରୁ ଦୁଆର୍ ଇତୁଦ୍ ସିନ୍ଦୁର ବାପ୍ଲା ଅନ୍ୟତମ । ଏହି ବାହାଘରରେ ବର ବରଯାତ୍ରୀଙ୍କୁ ନେଇ କନ୍ୟାଗାଁରେ ପହଞ୍ଚେ । ନିଜ ସାମର୍ଥ୍ୟ ଅନୁସାରେ, ସେ ପାରମ୍ପରିକ ବାଦ୍ୟଯନ୍ତ୍ର ସମେତ ଆଧୁନିକଯୁଗର ପ୍ରଚଳିତ ବ୍ୟାଣ୍ଡ ପାର୍ଟି ମଧ୍ୟ ନେଇପାରେ । ପୂର୍ବରୁ ଯାନବାହନର ସୁବିଧା ନ ଥିବା ହେତୁ ବର ରାହିରେ ବସିଯାଉଥିଲେ ଏବଂ କନ୍ୟାକୁ ଆଣିବା ସକାଶେ ଚାଉଡାଲ୍ ବା ପାଲିଙ୍କି ମଧ୍ୟ ନିଆଯାଉଥିଲା । ଏହାକୁ ନେଇ ଏକ ଦଙ୍ ଗୀତରେ କୁହାଯାଇଅଛି :-

"ହାନ୍‌କୁନା ବାର୍‌ୟାତ୍‌କ ରମ୍‌ଝମ୍

ରାହି ଚାଉଡାଲ୍ ନାକ ଆଗୁଆକାଦ୍ ଦ

ଦୁସେନା ଦାଇନା ରାହିଦ ଞେଲ୍‌ମେ ଚାଉଡାଲ୍‌ଦ ଉୟୁମେ

ପାଛେଚନାଦାୟନା ଜାୱାଁୟ୍ ଦକ ବଦଲେକାନ୍" ।

**ଓଡିଆ ରୂପାନ୍ତର -**

ସେହି ତ ବରଯାତ୍ରୀ ଦଳ ସଜବାଜହୋଇ ପହଞ୍ଚିଲେଣି

ରାହି, ଚାଉଡାଲ୍ ନେଇକି ଆସିଛନ୍ତି ଲୋ ,

ନାନୀ ଯାଇକି ରାହିକୁ ଦେଖିବୁ ଚାଉଡାଲ୍‌ରେ ଉଙ୍କିବୁ ଲୋ

ବରକୁ ସେମାନେ ବଦଳ କରୁ ନାହାନ୍ତି ତ !

ରାହି - ଖୋଲା ପାଲିଙ୍କି, ଚାଉଡାଲ୍ - ପାଲିଙ୍କି (ଆବଦ୍ଧ)

ଏଥିରେ ଲୋକକବି ଧନୀକ ଶ୍ରେଣୀର ସାନ୍ତାଳ ବିବାହର ପାରମ୍ପରିକ କଥା କହିଛନ୍ତି । ସେମାନେ କିପରି ପାଲିଙ୍କିରେ ବସି ଦଳବଳନେଇ ବିବାହ କରିବାକୁ ଯାଉଥିଲେ ତାହା ସେ କହିଛନ୍ତି । ତାହା ସହିତ ସେ କିଶୋରୀ କନ୍ୟାର ମନଗହନରକଥା ଅଭିବ୍ୟକ୍ତ କରିବାକୁ ସକ୍ଷମ ହୋଇଛନ୍ତି । କନ୍ୟାଟି ନିଜ ମନର କଥା କାହାରିକୁ କହିପାରୁନାହିଁ, ବରକୁ ଦେଖିବାପାଇଁ ଚାହିଁଲେ ମଧ୍ୟ ସେ ଦେଖିପାରୁ ନାହିଁ ତେଣୁ ସେ ତା ବଡ ଭଉଣୀଙ୍କ ସମ୍ମୁଖରେ ନିଜ ମନର କଥା ଖୋଲିଦେଇଛନ୍ତି ଏବଂ

ତାଙ୍କର ଆଖିରେ ସେ ବର, ବରଯାତ୍ରୀଦଳକୁ ଦେଖିବା ଅଭିଳାଷ ପ୍ରକାଶ କରିଛନ୍ତି । କାରଣ ସେ ସନ୍ଦିହାନ ହୋଇପଡିଛି, କାଳେ ବରକୁ ସେମାନେ ବଦଳ କରୁନାହାନ୍ତି ! ଏହା ସହିତ ଏଥିରେ ସାନ୍ତାଳୀ ସଂସ୍କୃତିର ଅନ୍ୟ ଏକ କଥା ଲୁକ୍କାୟିତ ହୋଇ ରହିଯାଇଛି । ଯଥା - ସାନ୍ତାଳ ସମାଜରେ ବିବାହ ଅନ୍ତେ, ସାନଭଉଣୀର ବରକୁ ବଡ ଭଉଣୀ ଥଟ୍ଟା ତାମସା କରିବା ତ ଦୂରର କଥା, ତାହାଙ୍କ ସହିତ ସେ ଅତ୍ୟନ୍ତ ସଂଭ୍ରମତାର ସହିତ କଥାବାର୍ତ୍ତା କରିଥାନ୍ତି । ତାଙ୍କୁ ସ୍ପର୍ଶସୁଦ୍ଧା କରି ପାରିନଥାଏ। ଏହା ଠିକ୍ ସାନଭାଇର ପତ୍ନୀଙ୍କ ସହିତ ବଡଭାଇଙ୍କ ଆଚରଣ ପରିକା ହୋଇଥାଏ । ତେଣୁ ବଡ ଭଉଣୀ ବିବାହ ପୂର୍ବରୁ ତାଙ୍କୁ ମନଭରି ଦେଖିଥାନ୍ତୁ ବୋଲି କନ୍ୟାଜଣକ ହୁଏତ ମନେମନେ ଭାବିନେଇଥିବ ।

## ଦାସାଁୟ୍ ସେରେଙ୍

"ଦାସାଁୟ୍" ଶବ୍ଦର ଉତ୍ପତ୍ତି 'ଦାଃ-ସାୟ୍' ଅର୍ଥାତ୍ ବର୍ଷାର ବିରାମରୁ ହୋଇଅଛି । ଏହା ପଛରେ ଏକ କିମ୍ବଦନ୍ତୀ ଲୁକ୍କାୟିତ ହୋଇରହିଛି । ଏହି ଦେଶକୁ ଆର୍ଯ୍ୟମାନଙ୍କ ଆଗମନର ବହୁ ପୂର୍ବରୁ ସାନ୍ତାଳମାନେ ବସତି ସ୍ଥାପନ କରିଥିଲେ । ସେମାନେ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲେ । 'ଚାଇ' ନଗର ଚାମ୍ପା ନଗରରେ ସୁ ପ୍ରତିଷ୍ଠିତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଯ୍ୟମାନେ ସିନ୍ଧୁନଦୀ ଅତିକ୍ରମକରି ସାନ୍ତାଳମାନଙ୍କର ଧନଲୁଣ୍ଠନ କଲେ । ଫଳରେ ଉଭୟଗୋଷ୍ଠୀଙ୍କ ମଧ୍ୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡିଛି । ଆର୍ଯ୍ୟ ଓ ସାନ୍ତାଳ ଯୁଦ୍ଧରେ, ସାନ୍ତାଳରମଣୀ ଆୟନମ୍ ଓ କାଜଲ୍ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଯେଉଁ ସମାଜରେ ନାରୀ ଯୁଦ୍ଧରେ ମୁଖ୍ୟଭୂମିକା ଗ୍ରହଣକରି ପରାକାଷ୍ଠା ଦେଖାଇପାରେ ସେ ସମାଜର ପରାଜୟ ଅସମ୍ଭବ ଜାଣି ଆର୍ଯ୍ୟମାନେ ପ୍ରଥମେ ଆୟନମ୍ ଓ କାଜଲ୍‌କୁ ଆୟତ୍ତ କରିବା ପାଇଁ ସୁଯୋଗ ଖୋଜି ବୁଲିଲେ । ଏକଦା ଆୟନମ୍ ଓ କାଜଲ ନଦୀଘାଟକୁ ଯାଇଥାଆନ୍ତି । ତାଙ୍କୁ ଏକାକୀ ପାଇ ଆର୍ଯ୍ୟମାନେ ଦଳବଦ୍ଧ ହୋଇ ଘେରିଯାଇ ସିନ୍ଧୁନଦୀ ଆରପଟକୁ ଅପହରଣକରି ନେଇଗଲେ । ଦୁର୍ଭାଗ୍ୟକୁ ସେହି ସମୟରେ ପ୍ରବଳ ବର୍ଷା ହୋଇଅଛି, ଯାହା ଫଳରେ ଗାଈ ଜଗୁଆଳ ପିଲାଠାରୁ ଏ ବିଷୟରେ ଅବଗତ ହୋଇ ସୁଦ୍ଧା ସାନ୍ତାଳମାନେ ହଠାତ୍ ଏକତ୍ରୀତ ହୋଇପାରିନାହାନ୍ତି । କିନ୍ତୁ ଦିବି ଓ ଦୁର୍ଗା ନାମକ ଯୁବକ ଦ୍ୱୟ ଆୟନମ୍ ଓ କାଜଲକୁ ରକ୍ଷା କରିବା ପାଇଁ ଧନୁଶର ଧରି ବାହାରି ପଡିଛନ୍ତି । ବର୍ଷା ଫଳରେ

ଆସିଥିବା ନଦୀବଢିକୁ ଖାତିର ନକରି ସେମାନେ ନଦୀ ପାରି ହୋଇଛନ୍ତି । ଏହାର ବାର ଦିନ ପରେ ଦାଃସାଁୟ୍ ଅର୍ଥାତ୍ ବର୍ଷା ଛାଡି ଯାଇଛି । ଦାଃ ସାୟ୍ ପରେ ସାନ୍ତାଳମାନଙ୍କର ଅଭିଯାନ ଦାସାଁୟ୍ ଆରମ୍ଭ ହୋଇଛି । ଭୁଆଙ୍ ବାଦ୍ୟ ଯନ୍ତ୍ର ଭିତରେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖି ନାରୀର ଛଦ୍ମବେଶରେ ଆର୍ଯ୍ୟମାନଙ୍କ ପୀଠକୁ ପ୍ରବେଶ କରିଛନ୍ତି । ସେଥିପାଇଁ ଆଜି ମଧ୍ୟ ଦାସାଁୟ୍ ଗୀତ ପରିବେଷଣ କରିବା ପୂର୍ବରୁ ସେମାନେ କହିଥାନ୍ତି -

"ଦାଃ ସାୟ୍ ଆକାନ୍ ରିଲାମାଲା
ଦିବି , ଦୁର୍ଗା , ଆୟ୍‌ନମ୍ କାଜଲ୍ ଦେଲାସେ
ଆପେ ଜାଲାରେଲେ ଅଡକ୍ ଆକାନ୍
ଜାଲା ହାକାନ୍ କାମ୍‌ରୁ ଦେଶ ହଲ୍ ।

ଅର୍ଥାତ୍ - "ବର୍ଷା ଛାଡିଯାଇଛି । ପରିବେଶ ସମ୍ପୂର୍ଣ୍ଣ ନିର୍ମଳ । ଦିବି, ଦୁର୍ଗା, ଆୟ୍‌ନମ୍, କାଜଲ୍ ସମସ୍ତେ ଚାଲିଆସ । ଆମେ ତୁମ୍ଭର ଅନୁସନ୍ଧାନରେ ବାହାରି ଆସିଛୁ । କାମ୍‌ରୁ ଦେଶବାସୀ ମହାଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।" ଦିବି, ଦୁର୍ଗା, ଆୟ୍‌ନମ୍, କାଜଲ୍‌ଙ୍କୁ ପାଇନାହାନ୍ତି ସତ, ମାତ୍ର ସେମାନଙ୍କର ବୀରତ୍ୱର ସମ୍ମାନ ପାଇଁ ସେଦିନର ପରମ୍ପରାକୁ ଆଜିଯାଏ ବଜାୟ୍ ରଖିଛନ୍ତି । ଆଜିମଧ୍ୟ ଦୁଇଟି ଦାସାଁୟ୍ ଦଳ ଭେଟାଭେଟି ହେଲେ ତେଲ ସିନ୍ଦୁର ଆଦାନ ପ୍ରଦାନ ହୁଅନ୍ତି । ସେତେବେଳେ ତେଲ, ସିନ୍ଦୁର ଆଦାନ ପ୍ରଦାନ ଛଳରେ ତାଙ୍କର ଅନ୍ୱେଷଣର ଫଳାଫଳ ବିନିମୟ୍ କରୁଥିଲେ । ତାହା ଆଜିପର୍ଯ୍ୟନ୍ତ ଜୀବିତ ଅଛି ।

ହାୟ୍‌ରେ ହାୟ୍, ଦିବିରେ ଦୁର୍ଗା ଦକିନ୍
ଅଡକେନାରେ ଆୟ୍‌ନମ୍ କାଜଲ୍ ଦକିନ୍ ବାହେରେନାରେ ।
ହାୟ୍‌ରେ ହାୟ୍, ଚେତେ ଲାଗିନ୍ ଦକିନ୍
ଅଡକେନାରେ ଚେତେ ଲାଗିନ୍ ଦକିନ୍ ବାହେରେନାରେ ?
ହାୟ୍‌ରେ ହାୟ୍, ଦେଶ୍‌ଲାଗିଦ୍ ଦକିନ୍
ଅଡକେନାରେ ଦିଶମ୍ ଲାଗିନ୍ ଦକିନ୍ ବାହେରେନାରେ ।
ହାୟ୍‌ରେ ହାୟ୍, ସୁନୁମ୍ ସିନ୍ଦୁର୍ ଗୁରୁହ ଦେସେ
ଆଣ୍‌ଗୟ୍‌ମେ ଖାଲିଖୁଣ୍ଟି ଗୁରୁହ ଦିଶା ଆବନ୍‌ମେ ହାୟ୍‌ରେ ହାୟ୍,

ଦିବି ଦୁର୍ଗା ଦକିନ୍‌ସେଟେର୍‌ଗଦଃମା ଆୟ୍‌ନମ୍
କାଜଲ୍ ଦକିନ୍ ଅପେଲ୍ ଗଦଃମା ହାୟ୍‌ରେ ହାୟ୍,
ଅଟାଙ୍ ହିଜୁଃପେସେ ସେର୍ମା ସାଙ୍ଗିଞ୍ଜ୍‌ଖନ୍ ଗୁରୁଲାଉ
ହିଜୁଃ ପେସେ ସରଗ୍ ପାତାଲ୍‌ଖନ୍ । ହାୟ୍‌ରେ ହାୟ୍,
ଅତ୍‌ମା ଦିଶମ୍‌ରେମା ଭୂଆଙ୍ ସାଡେକାନ୍ ଆୟ୍‌ନ୍‌ମ୍
କାଜଲ୍‌ଲାଗିଦ୍ କାଂସା ରାଓଁରାଓଁଃ କାନ୍ ।
ହାୟ୍‌ରେ ହାୟ୍ ଦେଲାସେ ଦିବି ଦୁର୍ଗା ଆଣ୍‌ଗହିଜୁଃବିନ୍
ଦେଲାସେ ଆୟ୍‌ନମ୍‌କାଜଲ୍ ଅପେଲ୍ ଗଦଃ ବିନ୍ ।

**ଓଡିଆ ରୂପାନ୍ତର -**

ହାୟ୍ ହାୟ୍ ଦିବି ଦୁର୍ଗା ସେତ ଚାଲି ଗଲେଣି
ଆୟ୍‌ନମ୍ କାଜଲ୍ ମଧ୍ୟ ବାହାରି ଗଲେଣି
ହାୟ୍ ହାୟ୍ କଅଣ ପାଇଁ ସେମାନେ ଚାଲିଗଲେ ?
କଅଣ ପାଇଁ ସେମାନେ ବାହାରି ଗଲେ ?
ହାୟ୍ ହାୟ୍ ଦେଶବାସୀଙ୍କ ପାଇଁ ସେମାନେ ଚାଲିଗଲେ
ନିଜ ଦେଶ ପାଇଁ ସେମାନେ ବାହାରିଗଲେ
ହାୟ୍ ହାୟ୍, ପହଞ୍ଚି ଯାଆନ୍ତୁ ଦୁହେଁ ଦିବି ଦୁର୍ଗା ଆସି
ଉଭା ହେବେ ମଧ୍ୟ ଆଇନମ୍, କାଜଲ ମିଶି
ହାୟ୍ ହାୟ୍ ଧରଣୀ ପୃଷ୍ଠରେ ଭୂଆଙ୍ ଶୁଭୁଛି
ଆକାଶରେ କରତାଳ ପ୍ରତିଧ୍ୱନିତ ହେଉଛି
ହାୟ୍ ହାୟ୍, ଆସ ଆସ ଦିବି ଦୁର୍ଗା ଅବତରଣ କର
ଆସ ଆସ ଆୟ୍‌ନମ୍ କାଜଲ୍ ଉଭାହୋଇଯାଅ ।

ଉକ୍ତ ଗୀତରେ ହାୟ୍ ହାୟ୍ ପ୍ରୟୋଗରୁ ଜଣାଯାଏ ଏହା କରୁଣ ରସାତ୍ମକ । ଦାସାଁୟ୍ ଗୀତରେ ପ୍ରଶ୍ନୋତ୍ତର ଚାଲେ । ଶିଷ୍ୟମାନେ ଗୀତ ମାଧ୍ୟମରେ ଗୁରୁଙ୍କୁ ପ୍ରଶ୍ନ ପଚାରିଥାନ୍ତି । ଗୁରୁ ମଧ୍ୟ ଗୀତମାଧ୍ୟମରେ ଉତ୍ତର ପ୍ରଦାନ କରିଥାଆନ୍ତି ଏତଦ୍ ବ୍ୟତୀତ ସୃଷ୍ଟିର ରହସ୍ୟ ସାନ୍ତାଳମାନେ କେଉଁଠି କିପରି ଯୁଦ୍ଧ କରିଥିଲେ ତାହା ଦାସାଁୟ୍ ଗୀତରୁ ଜଣାପଡିଥାଏ ।।୨୭।।

ପୂର୍ବୋକ୍ତ ଦାସାଁୟ୍ ଲୋକଗୀତରୁ ସ୍ପଷ୍ଟଭାବେ ଜଣାପଡେ ଯେ ସାନ୍ତାଳମାନଙ୍କର ଦାସାଁୟ୍‌ନାଚ ଓ ଗୀତ ଦୁର୍ଗାପୂଜା ଅବସରରେ ପରିବେଷଣ କରାଯାଉଥିଲେ ହେଁ ବାସ୍ତବରେ ଏହାର ଦୁର୍ଗାପୂଜା ସହିତ କୌଣସି ସମ୍ପର୍କ ନାହିଁ । ଗୀତରେ ଯେଉଁ ଦିବି, ଦୁର୍ଗାନାମ ସବୁ ଉଚ୍ଚାରଣ କରାଯାଉଛି ତାହା ଦିବିଏବଂ ଦୁର୍ଗା ନାମକ ଯୁବକଙ୍କ ଉଦ୍ଦେଶ୍ୟରେ କରାଯାଇଅଛି । ସେହିପରି ମଧ୍ୟ ବର୍ଣ୍ଣନା ପ୍ରସଙ୍ଗରେ ଜାଲାହାକାନ୍ କାମ୍‌ରୁଦେଶ୍ ହଲ୍ ଅର୍ଥାତ୍ କାମ୍‌ରୁ ଦେଶବାସୀ ଅସୁବିଧାରେ ପଡିଛନ୍ତି ବୋଲି ଯାହା କୁହାଯାଇଅଛି ଏଥିରୁ ପ୍ରମାଣିତ ହେଉଅଛି ଯେ ସାନ୍ତାଳମାନେ କେଉଁଅନାଦି କାଳରୁ କାମରୂପ ବା ଆସାମ ଅଞ୍ଚଳରେ ବସବାସ କରିଆସୁଛନ୍ତି । ପୁନଶ୍ଚ ଏହି କାମରୂପ ଅଞ୍ଚଳରହିଁ ଗୁରୁକାମ୍ରୁ ଥିଲେ ବୋଲି ସାନ୍ତାଳୀ ଲୋକକଥାରୁ ଜାଣିବାକୁ ମିଳିଥାଏ । ସେ ଜଣେ ବଡ ତନ୍ତ୍ରସାଧକ ଥିଲେ । ତାଙ୍କରି ପାଖରୁ ହିଁ ସାନ୍ତାଳ ସମାଜରେ ପ୍ରଚଳିତ ଓଝା ପରମ୍ପରା ଆରମ୍ଭ ହୋଇଅଛି । ଏହି ସମ୍ବନ୍ଧୀୟ ଲୋକକଥା ପରବର୍ତ୍ତୀ ଚତୁର୍ଥ ପରିଚ୍ଛେଦରେ ଆଲୋଚନା କରାଯାଇଅଛି ।

## ଡାଣ୍ଟା ସେରେଞ୍

ସାନ୍ତାଳୀ ଭାଷାରେ ଡାଣ୍ଟା ଶବ୍ଦର ଅର୍ଥ ଶକ୍ତ ତଥା କଠିନ, ଅର୍ଥାତ୍ ଏହା ଶକ୍ତି ଓ ସାମର୍ଥ୍ୟକୁ ପ୍ରଦର୍ଶନ କରୁଥିବା କଥାକୁ ବୁଝାଇଥାଏ । ତେଣୁ ଏହି ଗୀତ ସାଧାରଣତଃ ରାମ, ଲକ୍ଷ୍ମଣ, ରାବଣ, ଲବକୁଶଙ୍କ ପରି ରାମାୟଣର କେତେଗୁଡିଏ ବୀର ଚରିତ୍ରଙ୍କୁ ନେଇ ସଂଯୋଜନା କରାଯାଇଥାଏ । ଆଶ୍ଚର୍ଯ୍ୟର କଥା ଯେଉଁ ସାନ୍ତାଳଗୋଷ୍ଠୀ ଆର୍ଯ୍ୟମାନଙ୍କୁ ନିଜର ଶତ୍ରୁବୋଲି ଗ୍ରହଣ କରି ଆସିଥିଲେ ସେମାନେ ରାମକଥାକୁ କିପରି ଗ୍ରହଣ କରିନେଇଛନ୍ତି । ପୁନଶ୍ଚ ଯେଉଁମାନେ ସଂସ୍କୃତଭାଷା ସହିତ ଆଦୌ ପରିଚିତ ନୁହଁନ୍ତି ସେମାନେ ରାମାୟଣର କଥାବସ୍ତୁ ଜାଣିଲେ କେଉଁଠୁ । ଏଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ସାନ୍ତାଳମାନେ ଡାଣ୍ଟା ଗୀତରେ ଯେଉଁ ରାମଲକ୍ଷ୍ମଣଙ୍କ କଥା ଗାନକରିଥାନ୍ତି ସେମାନେ ବାଲ୍ମୀକିକୃତ ସଂସ୍କୃତ ରାମାୟଣର ଚରିତ୍ର ନୁହଁନ୍ତି ସେମାନେ ହେଉଛନ୍ତି ସାନ୍ତାଳୀ ଲୋକସାହିତ୍ୟର ଚରିତ୍ର, ଅର୍ଥାତ୍ ରାମାୟଣ ରଚନା କରାଯିବା ପୂର୍ବରୁ ତାହା ସାନ୍ତାଳୀ ଭାଷାରେ ଲୋକକଥା ହୋଇ ରହିଆସିଥିଲା । ସେଥିପାଇଁ ଡାଣ୍ଟାଗୀତରେ ଯେଉଁ ରାମଲକ୍ଷ୍ମଣଙ୍କ କଥା କୁହାଯାଇଅଛି ସେମାନଙ୍କ ଚାଲିଚଳନ ତଥା ବେଶଭୂଷା ଠିକ୍ ଆଦିବାସୀ ସାନ୍ତାଳମାନଙ୍କ ପରି ।

ଯଥା -

ଧରମେର୍‌ଆଖାଲାରେ
ଅକୟ୍‌ ତୁମ୍‌ଦାଃ ଏ ରୁୟ୍‌ ବୟ୍‌ହା
ଧରମେର୍‌ ଆଖାଲାରେ
ଅକୟ୍‌ଃ ଲିପୁର୍‌ ସାଡେ ବୟ୍‌ହା
ଅକୟ୍‌ଃ ଘୁଙ୍ଗ୍‌ରା ସାଡେ ?
ଧରମେର୍‌ ଆଖାଲାରେ
ରାମ୍‌ ତୁମ୍‌ଦାଃ ଏ ରୁୟ୍‌ ବୟ୍‌ହା
ଲଖନ୍‌ ଟାମାକେ ରୁୟ୍‌ ।
ଧରମେର୍‌ ଆଖାଲାରେ
ରାମାଃ ଲିପୁର୍‌ ସାଡେବୟ୍‌ହା
ଲଖନାଃ ଘୁଙ୍ଗ୍‌ରା ସାଡେ ।
ଧରମେର୍‌ ଆଖାଲାରେ
ଧରମେର୍‌ ଆଖାଲାରେ ବୟ୍‌ହା
ଲଖନ୍‌ ଟାମାକେ ରୁୟ୍‌
ରାମାଃ ଲିପୁର୍‌ ସାଡେବୟ୍‌ହା
ଲଖନାଃ ଘୁଙ୍ଗୁରା ସାଡେ ।

ଓଡିଆ ରୂପାନ୍ତର - ଧରମ ଆଖଡାରେ
କିଏ ମାଦଳ ବଜାଏ ଭାଇ
କିଏ ନାଗରା ବଜାଏ ?
ଧରମ ଆଖାଡାରେ
ରାମ ମାଦଳ ବଜାଏ ଭାଇ
ଲକ୍ଷ୍ମଣ ନାଗରା ବଜାଏ,
ଧରମ ଆଖଡାରେ
କାହାର ବାଜୁବନ୍ଧ ଶୁଭେରେ ଭାଇ
କାହାର ଘୁଙ୍ଗୁର ଶୁଭେ ?
ଲକ୍ଷ୍ମଣର ଘୁଙ୍ଗୁର ଶୁଭେ
ଧରମ ଆଖଡାରେ

> ରାମ ମାଦଳ ବଜାଏ ଭାଇ
> ଲକ୍ଷ୍ମଣ ନାଗରା ବଜାଏ
> ରାମର ବାଜୁବନ୍ଧ ବାଜେ ଭାଇ
> ଲକ୍ଷ୍ମଣର ଘୁଙ୍ଗୁର ଶୁଭେ ।।୨୮।।

ଏଥିରେ ବର୍ଣ୍ଣିତ ରାମ ଲକ୍ଷ୍ମଣ ଦୁଇଭାଇ । ସେମାନେ ଧରମ ଆଖଡାରେ ନୃତ୍ୟ କରିବା ସକାଶେ ପଦାର୍ପଣ କରିଛନ୍ତି । ସାନ୍ତାଳମାନଙ୍କ ପ୍ରିୟବାଦ୍ୟ ମାଦଳ, ନାଗରା ଏମାନେ ବଜାଇଛନ୍ତି । ଏମାନେ ଅଣ୍ଟାରେ ଘାଗୁଡି, ବାହୁଟି ଏବଂ ପାଦରେ ଘୁଙ୍ଗୁର ବାନ୍ଧିଛନ୍ତି, ତାହା ଫଳରେ ଧରମ୍ଆଖଡା ରୁଣୁଝୁଣୁ ଶବ୍ଦରେ ନିନାଦିତହୋଇ ଉଠିଛି । ଲୋକକବିଙ୍କର ଏହି ଧରଣର ବର୍ଣ୍ଣନା ରାମଲକ୍ଷ୍ମଣଙ୍କୁ ସେମାନଙ୍କ ଗହଣକୁ ନେଇଆସିଛି। ତେଣୁ ଏମାନେ କେବେହେଲେ ମଧ୍ୟ ବାଲ୍ମୀକିକୃତ ରାମାୟଣ କିମ୍ବା ଅନ୍ୟ କେଉଁ ପ୍ରାନ୍ତୀୟ ଭାଷାରେ ରଚିତ ରାମାୟଣର ହୋଇ ନପାରନ୍ତି । ଏମାନେ ସାନ୍ତାଳ ଲୋକକବିଙ୍କର ନିଜସ୍ୱ ରାମ, ଲକ୍ଷ୍ମଣ ।

## ସହରାୟ୍ ସେରେଞ୍

ସହରାୟ୍ ଗୀତ ସାନ୍ତାଳମାନେ ସହରାୟ୍ପର୍ବ ପାଳନ କରାଯିବା ଅବସରରେ ଗାଇଥାନ୍ତି । ଏହି ପର୍ବ ସେମାନେ କାର୍ତ୍ତିକମାସର ଶୁକ୍ଳପକ୍ଷ ଆରମ୍ଭରୁ ପୂର୍ଣ୍ଣମା ମଧ୍ୟରେ ପାଳନ କରିଥାନ୍ତି । ଏଠାରେ ଏହା ଉଲ୍ଲେଖନୀୟ ଯେ ପର୍ବଟିକୁ ସେମାନେ ପାଞ୍ଚଦିନ ଧରି ପାଳନ କରିଥାନ୍ତି । ଏହି ପାଞ୍ଚଦିନ ମଧ୍ୟରେ "ଆଲାଃକହିଲଃ" ଅର୍ଥାତ୍ ଯେଉଁଦିନ ସେମାନେ ଗୋ ମହିଷାଦିଙ୍କୁ ଛାଡିଥାନ୍ତି ଏହି ଦିନଟି ମୁଖ୍ୟଅଟେ । ତେଣୁ ପର୍ବର ଅୟମାରମ୍ଭ ଅମାବାସ୍ୟା ପୂର୍ବରୁ ଆରମ୍ଭ କରାଗଲେ ମଧ୍ୟ ଏହି ମୁଖ୍ୟଦିନଟି ଶୁକ୍ଳପକ୍ଷରେ ପଡିବା ନିତ୍ୟାନ୍ତ ଆବଶ୍ୟକ । ଏହି ପର୍ବର ଅନ୍ୟଏକ ବିଶେଷତ୍ୱ ହେଲା ସାନ୍ତାଳମାନେ ବର୍ଷକୁ ବିଭିନ୍ନ ପର୍ବପର୍ବାଣୀମାନ ପାଳନ କରୁଥିଲେ ମଧ୍ୟ ସେମାନେ କେବଳ ସହରାୟ୍ ଏବଂ ବାହା (ଫୁଲ ଭାଙ୍ଗୁଣୀ) ଏହି ଦୁଇ ପର୍ବରେ ନିଜ ନିଜର ଝିଅଜୋଇଁଙ୍କୁ ନିମନ୍ତ୍ରଣ କରିବାର ବିଧି ରହିଛି । ପର୍ବଟିକୁ ସେମାନେ "ଉମ୍" (ସ୍ନାନ) ଦିବସ, ଗଠ୍ବଙ୍ଗା (ଗୋଠପୂଜା) ଦିବସ, ଦାକାୟ୍ହିଲଃ (ଅନ୍ନଦିବସ), ଆଲାଃକ ହିଲଃ (ଛାଡିବାଦିନ) ଏବଂ ଯାକ୍ଲେ ବା ଅନ୍ତିମ ତିଥି ଭାବେ ପାଳନ କରିଥାନ୍ତି । ଏହି ପାଞ୍ଚଦିନ ଯାକ ପ୍ରତ୍ୟେକ ସାନ୍ତାଳ ଗ୍ରାମରେ ସୁମଧୁର ସହରାୟ୍ ସଙ୍ଗୀତ ବଂଶୀ

ଏବଂକେନ୍ଦରା ତାନ ସହ ଝଙ୍କୃତ ହୋଇ ଉଠୁଥାଏ । ପୁଣି ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ ଗୀତ ପରିବେଷଣ କରାଯିବାର ବିଧି ରହିଛି । ଆହୁରିମଧ୍ୟ କେତେଗୁଡିଏ ସାର୍ବଜନୀନ ସହରାୟ୍ ସଙ୍ଗୀତ ରହିଛି ଯେଉଁଗୁଡିକ ଯେକୌଣସି ଦିବସରେ ଯେତେବେଳେ ହେଉ ଗାନ କରାଯାଇପାରିବ । କିନ୍ତୁ ପର୍ବଟି ଯେହେତୁ ଗୋମହିଷାଦିଙ୍କ ସକାଶେ ଉଦ୍ଦିଷ୍ଟ ତେଣୁ କେତେକ ଗୀତରେ ସେମାନଙ୍କ କଥାହିଁ କୁହାଯାଉଅଛି । ଯେପରିକି ଉମ୍ (ସ୍ନାନ) ଦିନ ମଧ୍ୟରାତ୍ରରେ ଏହି ଗୀତଟି ବୋଲାଯାଇଥାଏ -

ବେରେଦ୍ ମେସେ ବାବୁ ଆତେନ୍ ମେସେ ବାବୁ
ଦୁଆରାରେ ବାତି ଲାଗାଙ୍କମେ ଉଇରେ-ରେ-ରେ
ଆମ୍ କାଙ୍କରାୟ୍ ଜେଠାହପନ୍ ଖାନ୍‌ଦୁଞ୍ଚ୍ ସାଜାଓ ଇଞ୍ଚାୟ୍
ସନାରୂପା ବାହା ମାଲାତେ ଉଇରେ-ରେ-ରେ
ନେହ୍‌ର ଜହାର୍ ଗରଜ୍ ମନେତେ ଉଇରେ-ରେ-ରେ (୨)
ସିଞ୍ଚ୍ ଚାନ୍ଦ ଝିରିହିରି ଞ୍ଚାନ୍ଦା ଚାନ୍ଦମୁଲଃ କୁନାମୀ
ତେହେଞ୍ଚ୍‌ଦିନ୍‌ଗେ ଗାୟ୍‌ଦୟ୍ ଜାନାମ୍‌ଲେନ୍ ଉଇରେ-ରେ-ରେ
ସୁୟ୍‌କଲେକା ଦେରେଞ୍ଚ୍ ତାୟ୍‌ମା
କାଙ୍କେଦ୍‌ଲେକା ମେଦ୍ ତାୟ୍‌ମା
ତେହେଞ୍ଚ୍ ଦିନ୍‌ଗେ ଗାୟ୍‌ଦୟ୍ ଜାନାମେନ୍ ଉଇରେ-ରେ-ରେ ।।୨୯।।
ଅର୍ଥ - ଗୃହକର୍ତ୍ତାଙ୍କ ଉଦ୍ଦେଶ୍ୟରେ କୁହାଯାଇଅଛି :-

ଆରେ ବାବୁ ତୁ ଉଠିଯା , ଉଠିକି ଶୁଣ ଚର୍ତୁଦିଗରେ ସହରାୟ୍ ପର୍ବର ସହରାୟ୍ ଗୀତ କିପରି ଭାସିଆସୁଛି । ଦ୍ୱାର ଦେଶରେ ତୁ ପ୍ରଦୀପ ପ୍ରଜ୍ୱଳନ କରିଦେ, ତୁ ମୋତେ ସଜେଇଦେ ସୁନାରୂପା ଅଳଙ୍କାରାଦିରେ, ମନ ଆନନ୍ଦରେ ତୁ ମୋତେ ପୂଜାର୍ଚ୍ଚନା କରିଦେ । ସୂର୍ଯ୍ୟଦେବତା ଝଲମଲ ହେଲେଣି, ଜହ୍ନ ମାମୁଁ ନବରୂପରେ କଅଁଳିଲେଣି, ଆଜିର ଦିନରେହିଁ ଗାଈର ଜନମ । ସୂଚଗ୍ରପରି ଶିଙ୍ଗ ତାହାର, ଗୁଞ୍ଜପରି ଆଖି, ଆଜିର ଦିନରେ ଗାଈର ଜନମ ।

ଏଠାରେ କହିବା ବାହୁଲ୍ୟ ଯେ ସାନ୍ତାଳମାନେ ଗାଈ ତଥା ଗୋସମ୍ପଦ ଏବଂ ମଇଁଷିଙ୍କୁ ଏହି ସହରାୟ୍ ଅବସରରେ ପୂଜା କରିଥାନ୍ତି । ଏପରିକି ଏହି ଦିନରେ ସେମାନେ ଏମାନଙ୍କୁ କୌଣସି କାର୍ଯ୍ୟରେ ସୁଦ୍ଧା ନିୟୋଜିତ କରିନଥାନ୍ତି । ସେମାନେ

ବିଶ୍ୱାସକରନ୍ତି ଏହିଦିନ ହିଁ ତଥା ଏହି କାର୍ତ୍ତିକ ଶୁକ୍ଳପକ୍ଷ ମଧ୍ୟରେ ହିଁ ଗାଇ ଜନ୍ମଗ୍ରହଣ କରିଥିଲେ। ସେଥିସକାଶେ ଏହି ଅବସରରେ ସହରାୟ୍ ପର୍ବ ପାଳନ କରାଯାଇଥାଏ । ଗଠ୍ ବଙ୍ଗା (ଗୋଠପୂଜା) ବା ଦାକାୟ୍ହିଲଃ ମଧ୍ୟରାତ୍ରରେ ଗାନ କରାଯାଇଥାଏ - (ଗାଇଦାଣାଗୀତ)-

ଅକୟ୍ ଗାଇୟେ ତିଲାଉ ଏୟ୍ ।
ଲୁଖିବାୟ୍ ସାହାଅ ଏୟ୍
ଅକୟ୍ ବିତ୍‌କିଲେ ତିଲାଉ ଏୟ୍
ଦୁକେ ଭୁଞ୍ଜାଉ ଉଇରେ-ରେ-ରେ
ଗାଇଦୟ୍ ନେହରାଦ ଜାହେର୍ ଲୁଖିଠେନ୍ ଉଇରେ-ରେ-ରେ
ସିରାଗାଇ ଦିପିଲ୍‌କାତେ, ଲୁଖିଦୟ୍ ଆଗୁଲେଦେ
ଅନାତେବନ ତଲାକ ବହଃରେ ହଲୁ ଗେଲେ ଉଇରେ-ରେ-ରେ ।।୩୦।।

ଅର୍ଥାତ୍ - ଯେଉଁବ୍ୟକ୍ତି ଗାଇକୁ ଅବହେଳା କରେ, ତାକୁ ଲକ୍ଷ୍ମୀ ଠାକୁରାଣୀ ସହିପାରନ୍ତି ନାହିଁ । ସେହିପରି ଯିଏ ମଇଁଷିକୁ ଅବହେଳା କରିଥାଏ ତାକୁ ଦୁଃଖ ଭୋଗ କରିବାକୁ ପଡିଥାଏ । କାରଣ ଗାଇ ଜାହିରାର ଲକ୍ଷ୍ମୀ ଠାକୁରାଣୀ ଏବଂ ମଇଁଷି ମାରାଂ ବୁରୁଙ୍କଠାରେ ଗୋଲକ୍ଷ୍ମୀ ପରିପୂର୍ଣ୍ଣ କରିବାପାଇଁ ପ୍ରାର୍ଥନା କରିଥାଏ । ପୁଣି ଶିରା ଗାଇ ନିଜେ ଲକ୍ଷ୍ମୀ ଠାକୁରାଣୀଙ୍କୁ ମୁଣ୍ଡେଇ ଆଣିଥିଲେ । ସେଥିପାଇଁ ସହରାୟ୍ ପର୍ବରେ ଆମେ ଗାଇମାନଙ୍କ ମୁଣ୍ଡରେ ଧାନକେଣ୍ଡା ବାନ୍ଧି ଦେଇଥାଉ । ଏଥିରୁ ଜଣାପଡିଥାଏ ସାନ୍ତାଳମାନେ ଗାଇକୁ କିପରି ସମ୍ମାନ ପ୍ରଦର୍ଶନ କରନ୍ତି । ଆଲାଃକ ହିଲଃ (ଛାଡିବାଦିନ) ଗାଇ, ବଳଦ ତଥା ସମସ୍ତ ଗୋ-ଗୋଷ୍ଠୀକୁ ଶିଙ୍ଗରେ ତେଲ ଏବଂ ଧାନକେଣ୍ଡାରେ ତିଆରି ଧାଙ୍କାଁଲଗାଇ ଦେବାପରେ ମାଦଳବଜାଇ ସାମୂହିକଭାବେ ଛାଡି ଦିଆଯାଇଥାଏ । କିଛି ସମୟପରେ ପୁଣି ଘରକୁ ଅଣାଯାଇଥାଏ । କେତେକ ଜାଗାରେ ଗାଇ ବଳଦଙ୍କୁ ଦାଣ୍ଡରେ ବାନ୍ଧି ମାଦଳ ବଜାଇ ଗୀତଗାଇ ନଚାଯାଇଥାଏ । ଏହାକୁ ଖୁଣ୍ଟାଙ୍କ ବୋଲିକୁହାଯାଏ । ଏହି ଦିନ ମଧ୍ୟ ସାନ୍ତାଳ ଭାଇଭଉଣୀ ମାନେ ଗାଇଉଠନ୍ତି -

ଚେତାନ୍ ଟଲାରେମା ଗାଇକ ତଲେକାନ୍
ଲାତାର ଟଲାରେମା କାଡାକ ତଲେକାନ୍ ।
ଗାଇକ ତଲେକାନ୍‌ଦ ତଲେ ସୂତାମ୍‌ତେ
କାଡାକ ତଲେକାନ୍‌ଦ ବାନ୍ଧି ବାବେର୍‌ତେ ।

ଗାଇଦୟ୍ ଏନେଜ୍ ଆଦ ଧୂଳିଦୟ୍ ଅଟାଂଆ
କାଡାଦୟ୍ ଏନେଜ୍ ଆଦ ହାସାଦୟ୍ ଲକାୟ୍ ।।ଚ।।

ଓଡିଆ ରୂପାନ୍ତର -

ଉପର ସାହିରେ ଗାଇ ବାନ୍ଧୁଛନ୍ତି ·
ତଳସାହିରେ ମଇଁଷି ବାନ୍ଧୁଛନ୍ତି ,
ଗାଇକୁ ବାନ୍ଧୁଛନ୍ତି ତଳେସୂତାରେ
ମଇଁଷିକୁ ବାନ୍ଧୁଛନ୍ତି ପୁଡାଦଉଡିରେ ,
ଗାଇ ନାଚିଲେ ଧୂଳି ଉଡୁଛି
ମଇଁଷି ନାଚିଲେ ମାଟି ଫିଙ୍ଗୁଛି ।

ଏଥିରେ ଗାଇ ଏବଂ ମଇଁଷିକୁ ସାନ୍ତାଳ ସମାଜରେ ସହରାୟ୍ ପର୍ବ ଅବସରରେ କିପରି ନଚାଯାଇଥାଏ ତାହାର ଏକ ସ୍ପଷ୍ଟଚିତ୍ର ଗୀତଟିରେ ଫୁଟି ଉଠିଛି । ପୁଣି ଏଥିରେ ମଧ୍ୟ ଗାଇ ଅର୍ଥାତ୍ ଗୋଜାତି ଏବଂ ମଇଁଷିଙ୍କ ଶକ୍ତି ଓ ସାମର୍ଥ୍ୟର କଥା ପ୍ରତିଫଳିତ ହୋଇଉଠିଛି । ଗାଇଗୋରୁ ମାନଙ୍କ ଅପେକ୍ଷା ମଇଁଷିର ଶକ୍ତି ଯଥେଷ୍ଟ ଅଧିକବୋଲି ଏଥିରେ ବର୍ଣ୍ଣନା କରାଯାଇଛି । ଏହି ପ୍ରକାର ଅଧିକାଂଶ ସହରାୟ୍ ଲୋକଗୀତ ଗୋମହିଷଙ୍କୁ ନେଇ ରଚନା କରାଯାଇଥିବାବେଳେ କେତେକ ମଧ୍ୟ ପ୍ରେମ ଓ ପ୍ରଣୟକୁ ନେଇ ରଚିତ ହୋଇଥିବାର ଦେଖିବାକୁ ମିଳେ ।

ଗାତିଞ୍ଜ୍ ତିରିୟ୍ଉ ଅରଂ ସିଲି ବୁରୁରେ
ଇଞ୍ଜ୍ହୁଞ୍ଜ୍ ଆଁଜମ୍ ଜଂକାନ୍ ଦାଃଲୁଘାଟରେ
ଠିଲିଞ୍ଜ୍ ଦହୟ୍ରେମା ହଲ୍କ ରରଲ୍
ବାଞ୍ଜ୍ ଦହୟ୍ରେମା ଗାତିଞ୍ଜେ କାହିଁସଃ
ହଲ୍କ ରରଲ୍ ଦରେଞ୍ଜ୍ ସାହାଉକାଃଗେ
ଗାତିଞ୍ଜ୍ କାହିଁସ୍ଦରେ ବାଞ୍ଜ୍ ସାହାଉ କେ ।।ଛ।।

ଓଡିଆ ରୂପାନ୍ତର -

ମୋ ପ୍ରେମୀ ବଇଁଶୀ ବଜାଏ ଶିଲି ବଣରେ
ତାକୁ ମୁଁ ଶୁଣୁଛି ପାଣି ଘାଟରେ
ମାଠିଆ ରଖିଲେ ଲୋକେ କହିବେ ନାନାକଥା

ନରଖିଲେ ହେବ ତାଙ୍କ ପ୍ରାଣ ବ୍ୟଥା
ସହିନେବି ସିନା ଲୋକଙ୍କ କଥା
ଦେଖିପାରିବିନି ତାଙ୍କ ମନବ୍ୟଥା ।

## ବାହା ସେରେଞ୍

ବାହାବଙ୍ଗା ବା ବାହାପାରାବ୍ ସାନ୍ତାଳମାନଙ୍କର ଏକ ବିଶିଷ୍ଟ ପର୍ବ ଏହା ଫଗୁଣ ମାସରେ ଅନୁଷ୍ଠିତ ହୋଇଥାଏ । ଏହା ଫଗୁଣମାସର ଶୁକ୍ଳପକ୍ଷ ପଞ୍ଚମୀତିଥିରୁ ପୂର୍ଣ୍ଣମା ମଧ୍ୟରେ ପାଳନ କରାଯାଇଥାଏ । ଅର୍ଥାତ୍ ଦୋଳପୂର୍ଣ୍ଣମା ହେଉଛି ଏହି ପର୍ବ ପାଳନର ଶେଷତିଥି । ପର୍ବପାଳନ ଅବସରରେ ନାୟକେ (ଗ୍ରାମର ପୁରୋହିତ) ଜାହିରା ପୀଠରେ ଥିବା ଦେବାଦେବୀ ମାନଙ୍କୁ ନୂତନ ପୁଷ୍ପ (ଶର୍ଗି, ମହୁଲ) ଅର୍ପଣ କରିଥାନ୍ତି ଏବଂ ପରେ ଗ୍ରାମର ଆବାଳ ବୃଦ୍ଧ ବନିତା ସମସ୍ତେ ତାଙ୍କ ପାଖରୁ ଶର୍ଗିଫୁଲ ସାଦରେ ପ୍ରଣାମ ପୂର୍ବକ ଗ୍ରହଣ କରନ୍ତି । ଏହି ଫୁଲକୁ ରମଣୀମାନେ ଗଭାରେ ଧାରଣ କରୁଥିବା ସ୍ଥଳେ ପୁରୁଷମାନେ କର୍ଣ୍ଣରେ ଧାରଣ କରିଥାନ୍ତି । ପର୍ବଟିକୁ ପ୍ରତ୍ୟେକ ସାନ୍ତାଳଗ୍ରାମରେ ତିନିଦିନ ପାଳନ କରାଯାଇଥାଏ । ଏହି ତିନିଦିନ ମଧ୍ୟରୁ ପ୍ରଥମ ଦିନଟିକୁ ଉମ୍ (ସ୍ନାନ) ଦିବସ, ଦ୍ୱିତୀୟ ଦିନକୁ ବାହାବଙ୍ଗା ଅର୍ଥାତ୍ ଏହିଦିନ ଜାହିରାରେ ପୂଜା କରାଯାଇଥାଏ, ତୃତୀୟ ଦିନଟିକୁ ବାହାସେନ୍ଦ୍ରା (ବାହାପର୍ବ ଉପଲକ୍ଷେ ଶିକାର) ଦିବସ ଭାବେ ପାଳନ କରାଯାଇଥାଏ । ପର୍ବପାଳନ ଅବସରରେ ଯେଉଁଗୀତ ବୋଲାଯାଏ ତାହାକୁ ବାହାସେରେଞ୍ (ବାହାଗୀତ) ବୋଲି କୁହାଯାଇଥାଏ । ପୁନଶ୍ଚ ଏହି ଗୀତ ଗୁଡିକ ମୁଖ୍ୟତଃ ନାୟକେ, ଜାହେର୍‌ଏରା, ମାରାଂବୁରୁ, ମଣେକ, ଲିଟାଆଦି ଦେବାଦେବୀଙ୍କୁ କେନ୍ଦ୍ରକରି ଗାନକରାଯାଇଥାଏ । ଯେହେତୁ ପର୍ବଟି ଆଧ୍ୟାତ୍ମିକ ବିଶ୍ୱାସ ସହିତ ଜଡିତ । ଉମ୍ (ସ୍ନାନ) ଦିବସରେ ଗାନ କରାଯାଇଥାଏ :-

ଯା ଗସାଁୟ୍ ତେହେଞ୍ଦ୍ ନାୟକେ ଦ ତକା ଘାଟ୍
ତକା ନାଲାରେ ନୁମେନା ହ ବାହା ବାହା ଗେ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ବୁୟୁଦ ତକା ଘାଟ୍
ତକା ନାଲାରେ ନାଲ୍‌କା ଏନା ହ ବାହା ବାହାଗେ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ନାୟକେଦ ରଲ୍‌ଘାଟ ରଲ୍ ନାଲାରେ

ନୁମ୍ ଏନା ହ ବାହା ବାହାଗେ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ବୁୟୁଦ ମେରାଲ୍ଘାଟ୍
ମେରାଲ୍ ନାଲାରେ ନାଲ୍କା ଏନା ହ , ବାହାବାହାଗେ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ନାୟ୍କେଦ ଚେତେତେ ଚେତେଦେଦୟ୍
ନୁମ୍ ଏନା ହ ବାହାବାହାଗେ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ବୁୟୁଦ ଚେତେତେ ଚେତେଦେଦୟ୍
ନାଲ୍କା ଏନା ହ ବାହା ବାହାଗେୟ୍ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ନାୟ୍ନେଦ ତଦ୍ଦାତେଦୟ୍
ନୁମ୍ ଏନା ହ ବାହା ବାହାଗେୟ୍ ସ - କାନା
ଯା ଗସାଁୟ୍ ତେହେଞ୍ଦ୍ ବୁୟୁଦ ଦାହେତେ ଦାହେତେଦୟ୍
ନାଲ୍କା ଏନା ହ ବାହାବାହାଗେୟ୍ ସ - କାନା । ।।୩୧।।

**ଓଡିଆ ରୂପାନ୍ତର-**

ହେ ଗୋସେଇଁ ଅଜି ନାୟ୍କେ ( ପୂଜକ ) କେଉଁ ଘାଟ
କେଉଁ ନାଳରେ ଗାଧୋଇଲେ ହୋ ଫୁଲ ସମ ବାସୁଛନ୍ତି
ହେ ଗୋସେଇଁ ବୁୟୁ ( ଏକଦେବୀ ) କେଉଁ ଘାଟ
କେଉଁ ନାଳରେ ମୁଣ୍ଡଧୋଇଲେ ହୋ ଫୁଲ ସମ ବାସୁଛନ୍ତି
ହେ ଗୋସେଇଁ ଆଜି ନାୟ୍କେ ହରିଡାଘାଟ
ହରିଡା ନାଳରେ ଗାଧୋଇଲେ ହୋ , ଫୁଲ ସମ ବାସୁଛନ୍ତି
ହେ ଗୋସେଇଁ ଆଜି ବୁୟୁ ଅଁଳାଘାଟ
ଅଁଳାନାଳରେ ମୁଣ୍ଡଧୋଇଲେହୋ , ଫୁଲ ସମ ବାସୁଛନ୍ତି
ହେ , ଗୋସେଇଁ ନାୟ୍କେ ଆଜି କେଉଁଥିରେ
କେଉଁଥିରେ ଗାଧୋଇଲେ ହୋ , ଫୁଲସମ ବାସୁଛନ୍ତି
ହେ ଗୋସେଇଁ ଆଜି ବୁୟୁ କେଉଁଥିରେ
କେଉଁଥିରେ ମୁଣ୍ଡଧୋଇଲେ ହୋ , ଫୁଲ ସମ ବାସୁଛନ୍ତି
ହେ ଗୋସେଇଁ ଆଜି ନାୟ୍କେ କ୍ଷୀରରେ
ଗାଧୋଇଲେ ହୋ ଫୁଲ ପରି ବାସୁଛନ୍ତି
ହେ ଗୋସେଇଁ ବୁୟୁ ଦହିରେ
ମୁଣ୍ଡ ଧୋଇଲେ ହୋ , ଫୁଲସମ ବାସୁଛନ୍ତି ।

ବାହା ଗୀତର ଏହି ବର୍ଣ୍ଣନାରୁ ସାନ୍ତାଳ ସମାଜରେ ନାୟକେର ସ୍ଥାନ ଯେ ଯଥେଷ୍ଟ ଉଚ୍ଚରେ ଏହା ଜଣାପଡିଥାଏ । ସେ ଦେବାଦେବୀଙ୍କ ପୂଜାର୍ଚ୍ଚନା କରୁକରୁ ନିଜେମଧ୍ୟ ଦେବତୁଲ୍ୟ ହୋଇଯାଇଛନ୍ତି । ତେଣୁ ସେ ସଦାସର୍ବଦା ଶୁଦ୍ଧପୂତ ଭାବେ ଜୀବନ ଅତିବାହିତ କରିବା ଆବଶ୍ୟକ । ଏଠାରେ କହିବାବାହୁଲ୍ୟ ଯେ ଏମାନଙ୍କର ପରମ୍ପରାରେ ଫଗୁଣ ମାସ ଶୁକ୍ଳପକ୍ଷ ପାଖରୁ ବାହାବଙ୍ଗା ଆରମ୍ଭହେଉଥିବାରୁ ନାୟକେବାବା ମଧ୍ୟ ଏହିଦିନ ପାଖରୁ ଅତ୍ୟନ୍ତ ଶୁଚିବନ୍ତ ହୋଇ ରୁହନ୍ତି । ସେ ପ୍ରାୟତଃ ଗାଆଁକୁ ଛାଡି ଅନ୍ୟତ୍ର ଗମନ କରନ୍ତି ନାହିଁ । ଯଦି କୌଣସି ଜରୁରୀକାମରେ ବାହାରକୁ ଗଲେ ସେ ଅନ୍ୟ କୌଣସିଠାରେ ଭୋଜନ କରିବାତ ଦୂରରକଥା ପାଣିସୁଦ୍ଧା ପିଅନ୍ତି ନାହିଁ । ନିଜ ସଙ୍ଗରେ ନେଇଥିବା ଖାଦ୍ୟ ଓ ପାଣିକୁହିଁ ବ୍ୟବହାର କରିଥାନ୍ତି । ସେହିପରି ମଧ୍ୟ ଅନ୍ୟ କୌଣସି ଗ୍ରାମକୁ ଯାଇ ରହିଯାଇଥିଲେ ସେଠାରେ ଯଦି ସ୍ନାନ କ୍ରିୟା ଆଦି କରିବାର ଆବଶ୍ୟକ ପଡେ ସେ ନୂଆ ସାବୁନ ଓ ତେଲ ହିଁ ଲଗାଇଥାନ୍ତି । ଅର୍ଥାତ୍ ଯେଉଁ ସାବୁନ ସେ ବ୍ୟବହାର କରିବେ ତାହା ପୂର୍ବରୁ କେହି ଯେମିତି ବ୍ୟବହାର କରିନଥିବେ । ସେହିପରି ସେ ଯେଉଁ ପାତ୍ରର (ଶିଶି, ଡବା) ତେଲ ମାଖିବେ ତାହା ଯେପରି ପୂର୍ବରୁ କେହି ବ୍ୟବହାର କରିନଥିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥାଏ । ତେଣୁ ଏହି ପ୍ରକାରେ ଶୁଦ୍ଧପୂତଭାବେ ଦିନ ଅତିବାହିତ କରିବା ପରେ, ବାହାପର୍ବର ପ୍ରଥମଦିବସ ସ୍ନାନତିଥିରେ ସେ କେଉଁ ଘାଟ, କେଉଁନାଳରେ, ଗାଧୋଇଛନ୍ତି ତାହା ବର୍ଣ୍ଣନା କରାଯାଇଅଛି । ବାସ୍ତବରେ ଏହା ସାନ୍ତାଳ ସମାଜରେ ନାୟକେର ସ୍ଥାନ ଯେ ଅତି ଉଚ୍ଚରେ ବୋଲି ବାର୍ତ୍ତା ବହନ କରିଥାଏ । ସେହିପରି ମଧ୍ୟ ଅନ୍ୟ ଏକ ବାହାସେରେଞ୍ଜ୍ (ଗୀତ) ରେ ବର୍ଣ୍ଣନା କରାଯାଇଛି :-

କୁଞ୍ଜ୍ କୁଞ୍ଜ୍ କୁଞ୍ଜ୍ ଦାଃଗିଞ୍ଜ୍ ଲୁଲୁ କାନ୍
ଲେହେ ଲେହେ ଡାଡି ଦାଃ ଦାଃଗିଞ୍ଜ୍ ରେଞ୍ଜେଦ୍ କାନ୍,
କୁଞ୍ଜ୍ କୁଞ୍ଜ୍ ଦାଃ ହଁ ଆଁଜେଦ୍ ଏନ୍
ଲେହେ ଲେହେ ଡାଡି ଦାଃ ହଁ ରହଲ୍ ଏନ୍,
ଦାଗ୍ ମେଜା ସିଞ୍ଜ୍ ବଙ୍ଗା ଗସାଁୟ୍,
ଜାଲିମେଜା ମାରାଂଦେଙ୍ଗା ନାକାଲେ,

ହୟ୍ ଆତେ ଦାଗ୍ ମେଜା
ତାର୍ ସେ ଆତେ ଜାଲିମେ,
କୁଞ୍ଚ୍ କୁଞ୍ଚ୍ କୁଞ୍ଚ୍ ଦାଃହଁ ପେରେଜ୍ ଏନ୍
ଲେହେ ଲେହେ ଡାଡି ଦାଃହଁ ସାରେଲେନ୍ ।।୩୨।।

ଓଡିଆ ରୂପାନ୍ତର -

କୂଅ କୂଅ କୂଅରୁ ପାଣି କାଢୁଛି
ଝର ଝର ଝରି ଆସୁଥିବା ପାଣି ମୁଁ ସଂଗ୍ରହ କରୁଛି,
କୂଅ କୂଅ କୂଅପାଣି ଗଲାଣି ଶୁଖି
ଝର ଝର ଝରପାଣି ବି ଗଲାଣି ଶୁଖି,
ହେ ଗୋସେଇଁ ସିଞ୍ଚ୍ ବଙ୍ଗା ଜଳବୃଷ୍ଟିକର ।
ହେ ଗୋସେଇଁ ମାରାଂଦେଙ୍ଗା ଜଳସିଞ୍ଚନ କର,
ବାଆ ସହିତ ବର୍ଷାହେଉ
ବତାସ ସହିତ ବର୍ଷାହେଉ,
କୂଅ କୂଅ କୂଅପାଣି ହେଲାଣି ଭର୍ତ୍ତି
ଝର ଝର ଝରପାଣି ଗଲାଣି ବୋହି ।

ଏଠାରେ ଏକ ପ୍ରାକୃତିକ ବିପ୍ରିତ ତଥା ଅନାବୃଷ୍ଟିର କଥା କୁହାଯାଇଅଛି । ସାନ୍ତାଳମାନେ ଯେହେତୁ ବଣ, ପାହାଡ ତଥା ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ହେତୁ ଅନେକ ସମୟରେ ସେମାନେ ଜଳାଭାବର ସମ୍ମୁଖୀନ ହୁଅନ୍ତି । ଏପରିକି ସେମାନଙ୍କର ପାନୀୟ ଜଳର ମଧ୍ୟ ବହୁସମୟରେ ସମସ୍ୟା ଦେଖାଦେଇଥାଏ । ଏମାନେ ପାନୀୟ ଜଳ ସକାଶେ ନିର୍ଭର କରୁଥିବା କୂଅ ଏବଂ ଝରପାଣି ମଧ୍ୟ ଶୁଖିଯାଇଥାଏ । ତେଣୁ ଏହି ସମସ୍ୟାର ସମାଧାନ କରିବା ସକାଶେ ଆଧ୍ୟାତ୍ମବାଦୀ ସାନ୍ତାଳ ସରକାରଙ୍କ ପାଖରେ ଗୁହାରି କରିବା ଅପେକ୍ଷା ନିଜର ଇଷ୍ଟ ତଥା ଆରାଧ୍ୟ ଦେବାଦେବୀଙ୍କ ପାଖରେ ଗୁହାରୀ କରିବାକୁ ଶ୍ରେୟ ମଣିଛନ୍ତି । ତେଣୁ ସିଞ୍ଚ୍ ବଙ୍ଗା (ସୂର୍ଯ୍ୟଦେବତା) ଓ ମାରାଂଦେଙ୍ଗା (ଶିବ)ଙ୍କୁ ଝଡ ବର୍ଷା ସକାଶେ ନିବେଦନ କରିଛନ୍ତି । ସାନ୍ତାଳମାନଙ୍କର ଏହି ପ୍ରତ୍ୟକ୍ଷ ଦେବତା ସଙ୍ଗେ ସଙ୍ଗେ ବର୍ଷା କରାଇଛନ୍ତି ଏବଂ ଶୁଖିଯାଇଥିବା କୂଅରେ ପାଣିଭର୍ତ୍ତି ହୋଇଯାଇଛି, ଶୁଖିଯାଇଥିବା ଝରପାଣି ପୁନର୍ବାର ଫୁଲି ଉଠି ପାଣି ବୋହିଯାଇଛି । ଏହି ବର୍ଣ୍ଣନାରୁ ଏହା ସ୍ପଷ୍ଟହୋଇ ଉଠେ ସାନ୍ତାଳମାନେ

ଅତ୍ୟନ୍ତ ଧର୍ମବିଶ୍ୱାସୀ ଏପରିକି ସେମାନେ ସରକାର ବା ଶାସକଙ୍କ ଠାରୁ ମଧ୍ୟ ଦେବାଦେବୀଙ୍କୁ ପ୍ରତ୍ୟକ୍ଷ ବୋଲି ମଣିଥାନ୍ତି । ଏହା ହୁଏତ ନିଜକୁ ସଭ୍ୟ ବୋଲାଉଥିବା ତଥାକଥିତ ସମାଜର ଶିକ୍ଷିତବାବୁମାନେ ଅନ୍ଧବିଶ୍ୱାସ ବୋଲି କହିପାରନ୍ତି, କିନ୍ତୁ ବାସ୍ତବରେ ଏହା ହେଉଛି ସାନ୍ତାଳଭାଇ ଭଉଣୀ ମାନଙ୍କ ସରଳବିଶ୍ୱାସର ନିଦର୍ଶନମାତ୍ର

ବାହା ସେରେଞ୍ଚ୍‌ରେ ସାନ୍ତାଳମାନଙ୍କ ଶାର୍‌ନାଧର୍ମର ରୀତିନୀତିର କଥାବସ୍ତୁର କେତେକାଂଶରେ ପ୍ରତିଫଳିତ ହୋଇଅଛି । ଯଥା :-

ତକୟ୍ ଜାୟ୍ ତଲ୍ କେଦେ ହ
ସାରି ସାରଜମ୍ ବୁଟାରେ ଶାଁଡିଗର୍ ସିମ୍‌ଦ ?
ତକୟ୍ ଜାୟ୍‌ଦଲମ୍ କେଦ୍ ହ
ସାରି ଶାର୍‌ଜମ୍ ବୁଟାରେ ସାଗୁନ୍ ମା ଠିଲି ?
ମାରାଂବୁରୁୟ୍ ତଲ୍‌କେଦେ୍ ହ
ସାରି ଶାର୍‌ଜମ୍ ବୁଟାରେ ଶାଁଡିଗର୍ ସିମ୍‌ଦ,
ଜାହେର୍ ଏରାୟ୍‌ଦଲମ୍ କେଦ୍ ହ
ସାରି ଶାର୍‌ଜମ୍ ବୁଟାରେ ସାଗୁନ୍‌ମା ଠିଲି
ତଲ୍ ତେହଁୟ୍ ତଲ୍ କେଦେ ହ
ସାରି ଶାର୍‌ଜମ୍ ବୁଟାରେ ଶାଁଡିଗର ସିମ୍‌ଦ
ଦଲମ୍ ତେହଁୟ୍ ଦଲମ୍ କେଦ୍ ହ
ସାରି ଶାର୍‌ଜମ୍ ବୁଟାରେ ସାଗୁନ୍ ମାଠିଲି ।।୩୩।।

**ଓଡିଆ ରୂପାନ୍ତର -**

କିଏ ବାନ୍ଧିଲେ ହୋ
ସତ୍ୟଶାଳ ବୃକ୍ଷମୂଳରେ କୁକୁଡା ଗଣ୍ଡା
କିଏ ବସାଇଲେ ହୋ
ସତ୍ୟଶାଳ ବୃକ୍ଷମୂଳରେ ଶୁଭକଳସ ?
ମାରାଂବୁରୁ ବାନ୍ଧିଲେ ହୋ
ସତ୍ୟଶାଳବୃକ୍ଷମୂଳରେ କୁକୁଡା ଗଣ୍ଡା
ଜାହେର୍ ଏରା ବସାଇଲେ ହୋ
ସତ୍ୟଶାଳ ବୃକ୍ଷମୂଳରେ ଶୁଭକଳସ

ବନ୍ଧନରେ ବାନ୍ଧିଲେ ହୋ
ସତ୍ୟଶାଳ ବୃକ୍ଷମୂଳରେ କୁକୁଡା ଗଣ୍ଡା
ବସାଇ ସ୍ଥାପନ କଲେ ହୋ
ସତ୍ୟଶାଳ ବୃକ୍ଷମୂଳରେ ଶୁଭକଳସ ।

ଶାର୍‌ନା ଧର୍ମରେ ବଳି ଦିଆଯିବା ପ୍ରଥା କେଉଁ ଅନାଦି କାଳରୁ ରହି ଆସିଛି ! ଏହି ବଳି କିନ୍ତୁ ମେରିଆ ବା ନରବଳି କେବେ ହେଲେ ମଧ୍ୟ ନଥିଲା । ଏମାନେ ବଳି ସ୍ୱରୂପ କୁକୁଡା, ପାରା, ବତକ, ଛାଗ, ମେଣ୍ଢା ଘୁଷୁରୀ, ମଇଁଷି ଏବଂ ଗୋ ବଳି ଦେଇ ଆସୁଛନ୍ତି । ସେମାନଙ୍କ ପୂଜାସ୍ଥଳ ଜାହିରାରେ ଅଧିକାଂଶ ସମୟରେ କେବଳ କୁକୁଡା ବଳିହିଁ ଦିଆଯାଇଥାଏ । ଅନ୍ୟବଳି ସବୁ କେତେ ବର୍ଷ ଅନ୍ତରରେ କିମ୍ବା କୌଣସି ମାନସିକ ରଖାଯାଇଥିଲେ ସେତେବେଳେ ହିଁ ଦିଆଯାଇଥାଏ । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ବଳିପ୍ରଥା ଶାରନା ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ । କାରଣ ଏହା ବିନା ଶାର୍‌ନା ଧର୍ମରେ କୌଣସି ପୂଜା ନାହିଁ, କହିଲେ ଭୁଲ୍ ହେବନାହିଁ । କେବଳ ଦୈନନ୍ଦିନ ପୂଜାରେ ଯାହା ବଳି ଦିଆଯାଇ ନଥାଏ ।

ଆଲୋଚ୍ୟ କବିତାରେ ପ୍ରଶ୍ନ କରାଯାଇଛି ସତ୍ୟଶାଳ ବୃକ୍ଷ ମୂଳରେ କିଏ କୁକୁଡା ଗଣ୍ଡା ବାନ୍ଧିଲେ ବୋଲି । ଏହି ସତ୍ୟଶାଳ ବୃକ୍ଷ ସୂଚାଇ ଦେଉଛି କୁକୁଡା ଗଞ୍ଜା ବନ୍ଧାଯାଇଥିବା ସ୍ଥାନ ନିଶ୍ଚୟ ଜାହେର୍ ଗାଲ୍ ଅଟେ । ଏଥିରେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ପଷ୍ଟକରି ଦିଆଯାଇଛି ମାରାଂବୁରୁ ବାନ୍ଧିଛନ୍ତି କୁକୁଡା ଗଞ୍ଜାଟିକୁ ଏବଂ ଜାହେର୍ ଏରା ସ୍ଥାପନକରିଛନ୍ତି ଶୁଭ କଳସଟିକୁ, ସତ୍ୟଶାଳବୃକ୍ଷ ମୂଳରେ । ଅର୍ଥାତ୍ ଜାହିରାରେ ଏକ ପୂଜାର ଆୟୋଜନ କରାଯାଇଅଛି, ଯେଉଁଥିପାଇଁ ଶୁଭକଳସ ଏବଂ କୁକୁଡା ଗଞ୍ଜାକୁ ଅଣାଯାଇଅଛି । ଏଠାରେ ଯେଉଁ ସତ୍ୟଶାଳବୃକ୍ଷର କଥାକୁହାଯାଇଅଛି ଏହି ଶାଳହେଲା ବିଭିନ୍ନ କିସମର ଶାଳବୃକ୍ଷମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ଶାଳବୃକ୍ଷ । ଏହି ବୃକ୍ଷ ସମୀପରେ ସମସ୍ତ ଦେବାଦେବୀ ଅବସ୍ଥାନ କରନ୍ତି ବୋଲି ସାନ୍ତାଳମାନେ ବିଶ୍ୱାସ କରିଥାନ୍ତି । ଏହାଠିକ୍ ହିନ୍ଦୁଧର୍ମା ବଲମ୍ବୀମାନଙ୍କ ହରିଦ୍ରା ଚନ୍ଦନପରି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶାଳବୃକ୍ଷବିନା ଜାହିରାର କଳ୍ପନା ସୁଦ୍ଧା କରାଯାଇ ନପାରେ । ସେଥିପାଇଁ ହିଁ କୌଣସି ଜାହେରଗାଲ୍‌ରେ ଏହି ବୃକ୍ଷ ନ ଥିଲେ, ଶାଳଗଛର କଟା

ଯାଇଥିବା ଡାଳକୁ ହେଲେମଧ୍ୟ ସେଠାରେ ପୋତାଯାଇଥାଏ । ଏଥିରୁ ହିଁ ଏହା ସ୍ପଷ୍ଟ ହୋଇଯାଉଛି ଯେ ଏକ ଜାହିରା ସକାଶେ ଶାଳବୃକ୍ଷ କିପରି ଅପରିହାର୍ଯ୍ୟ ।

## ଜାତୁର୍ ସେରେଞ୍

ଏହି ଗୀତ ବାହା ପାରାବ୍ (ଫୁଲ ଭାଙ୍ଗୁଣୀ) ଅବସରରେ ଜାହିରାରୁ ଫେରିବା ପରେ ଆଖଡାରେ ବୋଲାଯାଇଥାଏ । ଏଥିରେ ସାନ୍ତାଳ ସମାଜରେ ପୂଜିତ ଜାହେର୍ ଏରା, ମାରାଙ୍ଗ୍‌ବୁରୁ, ମଣେକ, ତୁରୁୟ୍‌କ ଆଦି ଦେବାଦେବୀଙ୍କୁ କେନ୍ଦ୍ରକରି ଗାନ କରାଯାଇଥାଏ । ଯଥା :-

ମଣେକଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍ ବୟ୍‌ହା
ହ ମଣେକକ ସିୟୁଃଆ ନାଲା ନାଳେ,
ହ ତୁରୁୟ୍ କକ କୁକୁଟା ସୀମାସାଳେ ।
ମଣେ କଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍ ବୟ୍‌ହା
ହ ମଣେକକ ଗୁପିୟାଃ ସାଙ୍ଗେ ନୁରିଜ୍,
ହ ତୁରୁୟ୍‌କକ ହାଲାଂ-ଆ ସାହାର୍ ଗୁରିଜ୍ ।
ମଣେ କଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍‌ବୟ୍‌ହା
ହ ମଣେ କକ ସେନ୍ଦ୍ରାୟାଃ ବୁରୁ ହାରା,
ହ ତୁରୁୟ୍‌କକ ତୁମାଲା ଜାରାହାରା ।
ମଣେ କଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍ ବୟ୍‌ହା
ହ ମଣେକକ ବେପାରା ଚାଉଲେ ଲାଦେ
ହ ତୁରୁୟ୍‌କକ ବାନିଜା ବୁଲୁଂ ଲାଦେ ।
ମଣେକଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍‌ବୟ୍‌ହା
ହ ମଣେକକ ରେବେଦା ଲବୟ୍ କଲ୍‌ଗା
ହ ତୁରୁୟ୍‌କକ ଲିଜୁର୍ ବାହା କଲ୍‌ଗା ।
ମଣେକଦ ମଣେ ବୟ୍‌ହା ହ ତୁରୁୟ୍‌କଦ ତୁରୁୟ୍‌ବୟ୍‌ହା
ହ ମଣେକକ ରୁୟାକ ଡେଲା ଡେଡା
ହ ତୁରୁୟ୍‌କକ ନରଂ ଆଦ ସାକଙ୍ଗା ।
ମଣେ କଦ ମଣେ ବୟ୍‌ହାହ ତୁରୁୟ୍‌କଦ ତୁରୁୟ୍‌ବୟ୍‌ହା

ହ ମଣେକକ ସେରେଞ୍ଜାନେହର୍ ଜାତୁର
ହ ତୁରୁୟ୍କକ ଏନେଜ୍-ଆ ଜହାର ଜାତୁର୍ । ।।୩୪।।

**ଓଡ଼ିଆ ଅନୁବାଦ -**

ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ହଳ କରନ୍ତି ନାଳ ପାଖରେ
ହୋ ତୁରୁୟ୍କମାନେ ଘାସ ବାଛନ୍ତି ସୀମା ପାଖରେ ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ଗୋ ଗୋଷ୍ଠନେଇ ଚରାନ୍ତି
ହୋ ତୁରୁୟ୍କମାନେ ବହୁତ ଗୋବର ଗଟାନ୍ତି ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ଶିକାର୍ କରନ୍ତି ବଣପାହାଡରେ
ହୋତୁରୁୟ୍କମାନେ ଖୋଜନ୍ତି ପଡିଆ ପ୍ରାନ୍ତରେ ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ବେପାର୍ କରନ୍ତି ଚାଉଳ ଲଦି
ହୋ ତୁରୁୟ୍କମାନେ ବାଣିଜ୍ୟ କରନ୍ତି ଲୁଣ ଲଦି ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ଲଗାନ୍ତି କେକୀ ପୁଛ
ହୋ ତୁରୁୟ୍କମାନେ ନୁଆନ୍ତି ଫୁଲଗୁଚ୍ଛ ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ବଜାନ୍ତି ଢେଲ୍ଲା ଢେଢା
ହୋ ତୁରୁୟ୍କମାନେ ଫୁଙ୍କନ୍ତି ଶିଙ୍ଗ ଶଙ୍ଖୁଆ ।
ମଣେକମାନେ ପାଞ୍ଚଭାଇ ହୋ ତୁରୁୟ୍କମାନେ ଛଅ ଭାଇ
ହୋ ମଣେକମାନେ ଗାଆନ୍ତି ଗୁହାରୀ ଜାତୁର୍
ହୋ ତୁରୁୟ୍କମାନେ ନାଚନ୍ତି ଜୁହାର୍ ଜାତୁର୍ ।

ଏହି ଜାତୁର୍ ଗୀତରୁ ସ୍ପଷ୍ଟ ହୋଇ ଉଠେ ଯେ ସାନ୍ତାଳମାନେ ବହୁ ପୁରାତନ କାଳରୁ କୃଷି କାର୍ଯ୍ୟ କରି ଆସୁଛନ୍ତି । ପୁନଶ୍ଚ କୃଷି କାର୍ଯ୍ୟ କରିବା ସହିତ ସେମାନେ ମଧ୍ୟ ପଶୁପାଳନ କରୁଥିଲେ । ଅର୍ଥାତ୍ ଏମାନଙ୍କ କୃଷି ଥିଲା ମିଶ୍ରିତ କୃଷି । ଏହା ସହିତ ଅନେକ ସମୟରେ ସେମାନେ ମଧ୍ୟ ବଣଜଙ୍ଗଲରେ ଶିକାର କରୁଥିଲେ । କେବଳ ଏତିକି

ନୁହେଁ ଏହି ଗୋଷ୍ଠୀର ଲୋକମାନେ ବାଣିଜ୍ୟ ବ୍ୟବସାୟ କରୁଥିବାର ମଧ୍ୟ ଜଣାଯାଇଥାଏ । ଏମାନେ ମୁଖ୍ୟତଃ ଚାଉଳ ଓ ଲୁଣ ବ୍ୟବସାୟ କରୁଥିଲେ । କାରଣ ନିଜେ କୃଷିଜିବୀ ହୋଇଥିବା ହେତୁ ଚାଉଳ ଉତ୍ପାଦନ କରି ରପ୍ତାନୀ କରୁଥିଲେ, ସେହିପରି ଲୁଣ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ହୋଇଥିବା ହେତୁ ତାହା ବାହାରୁ ଆମଦାନୀ କରୁଥିଲେ । ଏମାନେ ଅନେକ ସମୟରେ ମନୋରଞ୍ଜନ କରିବା ସକାଶେ ନୃତ୍ୟଗୀତରେ ନିଜକୁ ହଜାଇ ଦେଉଥିଲେ । ଅର୍ଥାତ୍ ଏହି ଜାତି ଏକ ସଭ୍ୟ ଏବଂ ଉନ୍ନତ ଜାତି ଭାବେ ବହୁ ପୂରାତନ କାଳରୁ ରହିଆସିଛି ।

## ରିଞ୍ଜା ସେରେଞ୍

ଗହ୍ମା ପୂର୍ଣ୍ଣିମାରେ ଏହି ରିଞ୍ଜା ଗୀତ ଗାନ କରାଯାଇଥାଏ । ଏଥିରେ ସେହି କୃଷିସଂସାରର କଥା ବର୍ଣ୍ଣନା କରାଯିବା ସମେତ ଏଥିରେ ମଧ୍ୟ ଆଧ୍ୟାତ୍ମିକ ବିଶ୍ୱାସର ସଂଯୋଜନା କରାଯାଇଅଛି : -

ମାଣାଂ ଦବନ୍ ଇର୍କେଃଆ
ଇଳି ଆର୍ ଗୁନ୍ଦ୍ଲି
ଇନା ତାୟମ୍ ଦବନ୍ ଇର୍କେଃଆ
ହୁଲୁ ଆର୍ କାଦା
ଜନଲା ଆର୍ ଘାଙ୍ଗ୍ରା
ଇନା ତାୟନମ୍ ଦବନ୍ ଇର୍ କେଃଆ
ଡାହିରେ ରାମ୍ବ୍ଲା
ଆଷାଢ୍ ବଙ୍ଗା ମୁଲୁଃଏନ୍
ବାଦ୍ ବାଇହାଲ୍ ବାନ୍ଦେଗେ ହାର୍ୟାଲ୍ଲେନ୍
ଦୁଆର୍ ରେବନ୍ ବାତି
ସେବାୟାବନ୍ ଧରମ୍ ।

ଅର୍ଥାତ୍ - ଆମେ ପ୍ରଥମେ ଗୁନ୍ଦ୍ଲିକୁ ଅମଳ କଲୁ । ତାପରେ ଧାନ, ମକା, ଝୁଡଙ୍ଗ ଏବଂ ଶେଷରେ ଡାହିରେ ଥିବା ବିରିକୁ ଅମଳ କଲୁ । ଆଷାଢ ମାସ ଶେଷହେବାରୁ କ୍ଷେତ କିଆରୀ ସବୁଜ ବର୍ଣ୍ଣ ଧାରଣ କଲାଣି । ତେଣୁ ଭଲ ଫସଲ ପାଇବା ପାଇଁ ଦୁଆରରେ ଦୀପଜାଳି ଧରମ ଦେବତାଙ୍କୁ ସେବା କରିବା । ।।୩୫।।

## ଗାଳି ଆସେନ୍ ସେରେଞ୍ (ମାଙ୍କଡ ନଚା ଗୀତ)

ସାନ୍ତାଳସମାଜରେ ମକର ସଂକ୍ରାନ୍ତିକୁ ସଂକ୍ରାନ୍ତି ଭାବରେ ନୁହେଁ ଏହାକୁ ଏକ ପର୍ବଭାବେ ପାଳନ କରାଯାଏ । ଏମାନେ ବର୍ଷକୁ ବିଭିନ୍ନ ପର୍ବପର୍ବାଣୀ ପାଳନ କରୁଥିଲେ ହେଁ ମକରପର୍ବ ହେଉଛି ସେମାନଙ୍କର ସବୁଠୁ ବଡପର୍ବ । ଏହି ପର୍ବ ମୁଖତଃ ତିନିଦିନ ଧରି ପାଳନ କରାଯାଏ । ପ୍ରଥମ ଦିନଟିକୁ ବାଉଁଣ୍ଡି ବୋଲି କୁହାଯାଏ । ଏହିଦିନ ପ୍ରତ୍ୟେକ ସାନ୍ତାଳ ପରିବାରରେ ମାଛ ଓ ଭାତ ଖାଇବାର ବିଧି ରହିଛି । ପୁଣି ସେଦିନ ଧନୀଗରିବ ନିର୍ବିଶେଷରେ ଶାଳପତ୍ର ତିଆରି ଖଲି ଓ ଚଉତିରେ ଖାଇଥାନ୍ତି । ରାତିରେ ଖାଇସାରିବା ପରେ ତାହାକୁ (ଉଚ୍ଛିଷ୍ଟ ଖଲିଚଉତିକୁ) ଅଗଣାରେ ରଖାଯାଇଥାଏ । କାରଣ ସାନ୍ତାଳମାନେ ବିଶ୍ୱାସ କରନ୍ତି ଏହି ରାତ୍ରୀରେ ଠାକୁର ମର୍ତ୍ତଲୋକକୁ ଅବତରଣ କରନ୍ତି ଜନସାଧାରଣଙ୍କୁ ଗଣିବା ସକାଶେ । ସେ ଏହି ଖଲି ଚଉତିକୁ ଗଣି ଜାଣିଥାନ୍ତି କେଉଁ ପରିବାରରେ କେତେ ସଦସ୍ୟ ରହିଛନ୍ତି । ତାପର ଦିନ ହେଉଛି ପାରାବ୍ (ମୁଖ୍ୟ ପର୍ବ) ଏହିଦିନ  ସମସ୍ତଙ୍କଘରେ ପିଠାପଣା, ମାଂସ ଓ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ । ପର୍ବ ପରଦିନଟିକୁ ସେମାନେ ଆଖାନ୍ ଦିବସ ଭାବେ ପାଳନ କରନ୍ତି । ଏହି ଦିନ ପ୍ରତ୍ୟେକଲୋକ ନିଜ ବିଲରେ ହଳର ଅନୁକୂଳ କରିଥାନ୍ତି ସେହିପରି ମଧ୍ୟ ଘରତୋଳା, ବୋହୂଖୋଜା ଏବଂ ଅନ୍ୟକେତେକ ନୂତନ କାର୍ଯ୍ୟର ଅନୁକୂଳ ମଧ୍ୟ ଏହି ଦିନରେ ହିଁ କରାଯାଇଥାଏ । କେବଳ ସେତିକି ନୁହେଁ ଏହାପରଠାରୁ ଦୁଇଦିନ ପର୍ଯ୍ୟନ୍ତ ସାନ୍ତାଳ ଯୁବକମାନେ ମାଙ୍କଡ ନଚା ନାମରେ ବାହାରି ପଡନ୍ତି ପାଖପଡିଶା ଗାଆଁ ମାନଙ୍କୁ ଯାହାକୁ ଗାଳି ଆସେନ୍ ବୋଲି କୁହାଯାଇଥାଏ । କିନ୍ତୁ ଏମାନଙ୍କ ପାଖରେ ବାସ୍ତବରେ କୌଣସି ମାଙ୍କଡ ନଥାଏ । ଏମାନେ ନିଜେହିଁ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀକରି ମାଙ୍କଡ ସାଜିଥାନ୍ତି । ଏହି ଅବସରରେ କାହା ଘରକୁ ପ୍ରବେଶ କରିବାବେଳେ ବଖାଣି ଥାନ୍ତି "ଫାଲ୍ନା ମାଝୀ ଅଲାଃରେ ବାହା ଲେକାନ୍ ଦାକା ସେଙ୍ଗେଲ୍ ଲେକାନ୍ ଉତୁ ମିଃଦିନ୍ ଜମ୍ ଲେଖାନ୍ ଯୁଗେଯୁଗେ ଞୁତୁମ୍ ତାହେଁନା ।" ଅର୍ଥାତ୍ ଅମୁକ ମାଝୀ ବା ପ୍ରଧାନ ଘରେ ଫୁଲପରି ଭାତ ନିଆଁପରି ତରକାରୀ ଦିନକ ପାଇଁ ଖାଇଲେ ଯୁଗେଯୁଗେ ନାମ ରହିଥିବ ତା ପରେ ଗୃହିଣୀଙ୍କ ପାଖରୁ ଅନୁମତି ନେଇ ସେମାନେ ମାଙ୍କଡ ନଚା ଛଳରେ ଗାଇଉଠନ୍ତି :-

ଭେଦାଂ ତିଞ୍ଦାଂ
ଭେଦାଂ ତିଞ୍ଦାଘିଟିକ୍ ଦାଲ୍କୁ ଚାଂ
ଭେଦାଂ ତିଞ୍ ଦାଂ ଭେଦାଂ ତେହେଞ୍ ଧାରିଜ୍‌ଗେ ।

ଏହି ମାଙ୍କଡ଼ନଚା ଗୀତ ଗାଇଲାବେଳେ ସେମାନେ ହାତରେ ଧରିଥିବା ବାଡି ଖଣ୍ଡିକ ସମତାଳରେ କଚାଡି ଥାନ୍ତି । ଏହିକ୍ରମ ଗୃହିଣୀଙ୍କ ପାଖରୁ ଭିକ୍ଷା ମିଳିବା ପର୍ଯ୍ୟନ୍ତ ଚାଲୁରହେ । ଏହାକୁ ଠେଙ୍ଗାଗାଳି ବୋଲି କୁହାଯାଇଥାଏ ।

**ଠେଙ୍ଗା ଗାଳି ଗୀତ -**

ଦିଞ୍ଜ୍ଦାଂ ଦିଞ୍ଜ୍ଲୁଟୁପୁଣ୍ଡୁ
ଦାଁ ଦାଂ ଭେଦାଂ ଭେଦାଂ ଦାଂ
କାଲମ୍ ନଙ୍ଗା ଝଃ
ନେମଖାନ୍ଦ ନେମା ଲେପେ ଗୋ
ବାଂଖାନ୍ଦ ମଣେ ମାହା
ଗାଳିୟ୍ ଗାଳିଲେ ବାସା ଆପେୟ୍ ।

ଅର୍ଥାତ୍ - ଏ ମକର ପୁଣି ଆର ବର୍ଷଯାଇଆସିବ । ତେଣୁ ଯଦି ଦେବାର ଅଛି ଆମକୁ ଶୀଘ୍ରଦେଇ ବିଦା କରିଦିଅ ନଚେତ ଏ ଅଳସୁଆ ମାଙ୍କଡଗୁଡା ଘରେ ପାଞ୍ଚଦିନଧରି ବସା ରହିଯିବେ ।

## ଗାଳି ଏନେଜ୍ ସେରେଞ୍

କେତେକଅଞ୍ଚଳରେ ଯଥା - ଝାଡଖଣ୍ଡର ଆଠଖସି, ଓଡିଶାର ଚାନ୍ଦୁଆ, ବାରିପଦା, ଚିତ୍ରଡା ଆଦି ଅଞ୍ଚଳରେ ଯୁବକ ଯୁବତୀ ସଂଘ ବଦ୍ଧଭାବେ ଗାଳି ବା ମାଙ୍କଡ ନାଚ ନାଚିବା ସକାଶେ ଯାଇଥାନ୍ତି ଏହାକୁ ଗାଳି ଏନେଜ୍ ବୋଲି କୁହାଯାଇଥାଏ । ଏମାନେ ଠେଙ୍ଗା ଗାଳି ଦଳଙ୍କ ପରି ହାତରେ ଠେଙ୍ଗା ଧାରଣକରି ନଥାନ୍ତି । ସେମାନେ ସାଧାରଣ ବେଶ ପୋଷାକରେ ନିଜକୁ ସୁସଜ୍ଜିତକରି ଅନ୍ୟଗାଁରେ ଘରକୁ ଘର ବୁଲି ଏହି ନାଚ ନାଚିଥାନ୍ତି ଏବଂ ପ୍ରତ୍ୟେକ ଘରୁ ଧାନ, ଚାଉଳ, ପିଠା, ମୁଡି ସଂଗ୍ରହ କରିଥାନ୍ତି । ଏତେବେଳକୁ ସେମାନେ ବିଭିନ୍ନ ପ୍ରକାର ସଙ୍ଗୀତ ବୋଲିଥାନ୍ତି । ନିମ୍ନରେ ଉଦାହରଣ ସ୍ୱରୂପ ଏକ ଗାଳି ଏନେଜ୍ ଗୀତ ପ୍ରଦାନ କରାଗଲା :-

ଚାନ୍ଦାନ୍ ବୁରୁ ଚାମ୍ପା ବାହା
ହିସିଦ୍ ହୟ୍ତେ ସଦ ସେଟେରା ଦିଞ୍
ଗାତେ ଡାହେଁନ୍ ରେସେନ୍ ଚାମ୍ପା
ଆମ୍ ଦୁଞ୍ ବାହାକେମା

ନଙ୍ଗା ହଳ୍ପ ରୂପଦ ହୁନାଂ ଏ ସାଜାଅ ରାକାବ୍ କେୟା

ତିନାଃ ଗାଜାଲ୍ ଝୁଲ୍‌ରେ

ଚାମ୍ପା ବାହାମ୍ ବୁସାଣ୍ ଆକାନ୍

ଦାନାଂ ରେଗେ ମସଦ୍ କାତେମ୍

ହସରଞ୍ଜୁର ଜଙ୍ ।

ନଙ୍ଗା ଜୀଙ୍ଗୀ ହଳ୍ପ ତିଞ୍ ହଁ

ଚାମ୍ପା ବାହାଲେକା

ନଙ୍ଗା ହଳ୍ପ ହାସା ଧୂଳିରେ

ମାଣିମେଟାଅ ଜଙ୍ ।

ଅର୍ଥ - ଚନ୍ଦନ ବନରେ ଫୁଟିଥିବା ଚାମ୍ପା ଫୁଲର ସୁରଭି ମୃଦୁ ମଳୟରେ ଭାସି ଆସି ମୋ ପ୍ରାଣକୁ ଉଲ୍ଲସିତ କଲା । ସାଥୀ ଯଦି ପାଖରେ ଥାଆନ୍ତା , ଚାମ୍ପାଫୁଲ ! ତୋତେ ମୁଁ ନାଇପିନ୍ଧି ମୋ ଶରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାନ୍ତି । କେଉଁ ଗହନ ବନରେ ଫୁଟିଛୁ କେଜାଣି ସେହି ଅନ୍ଧକାର ଭିତରେ ଶୁଖି ଝଡ଼ିଯିବୁ । ଏଇ ଶରୀର ଓ ଜୀବନ ମଧ୍ୟ ଠିକ୍ ଚାଫୁଲ ପରି ଦିନେ ଝଡ଼ିଯାଇ ମାଟିରେ ମିଶିଯିବ ।

## ଡ୍ରାମାଗାଳି ସେରେଞ୍

କେତେକ ଅଞ୍ଚଳରେ ଯଥା - ଓଡିଶାର ମୟୂରଭଞ୍ଜ ଜିଲ୍ଲାନ୍ତର୍ଗତ ବାମନଘାଟି ସବ୍‌ଡିଭିଜନର ବହଳଦା, ଜାମୁଦା, ତିରିଂ ଝାଡଖଣ୍ଡର ପୂର୍ବ ସିଂହଭୂମି ଜିଲ୍ଲାନ୍ତର୍ଗତ କୁଙ୍ଗାଲୀ, ହଳଦୀ ପୋଖରୀ ଆଦି ଅଞ୍ଚଳମାନଙ୍କରେ ଯୁବତୀମାନେ ଏହି ଗାଳିନାଚ କରିବା ପାଇଁ ଅନ୍ୟ ଗ୍ରାମକୁ ଯିବାର ପରମ୍ପରା ନାହିଁ । ତେଣୁ ଏହିସବୁ ଅଞ୍ଚଳମାନଙ୍କରେ ଯୁବକମାନେ ହିଁ ନିଜକୁ ନାରୀରୂପେ ସୁସଜ୍ଜିତକରି ନାଚିବାର ପରମ୍ପରା ରହିଛି । ଏହାକୁ ଡ୍ରାମା ଗାଳି ବୋଲି କୁହାଯାଇଥାଏ । ଏମାନେ ଗାଉଥିବା ଏକ ଗୀତର ଉଦାହରଣ ନିମ୍ନରେ ଦିଆଗଲା :-

ଗାଡା ସୁଳା ଲେକା ମାଇଁରେ

ହଳ୍ପ ଲେଗେଜ୍ ଲେଗେଜ୍

ମାଇଁରେ ନେଃ ଏଁୟାନ୍‌ଗେ ସମୟ୍

ମାଇଁରେ ନେଃ ଏଁୟାନ୍‌ଗେ ଅକ୍ତ

ମନ୍‌କୁସି ସାନ୍ତାଲ୍ କଳା

ଗାତେ ବାଛାଅ ଜଙ୍‌ପେ ।

ଏହିପରି ଗୀତ ଝିଅମାନଙ୍କ ଉଦ୍ଦେଶ୍ୟରେ ଯୁବକମାନେ ଗାଆନ୍ତି । ଝିଅମାନଙ୍କୁ ସାନ୍ତାଳୀଭାଷାରେ ମାଇଁ ବୋଲି ସମ୍ବୋଧନ କରାଯାଏ । ଗୀତଟିର ଭାବାର୍ଥ ହେଲା - ଝିଅମାନେ, ନଇପଠାସୁଲା (ତୃଣ ବିଶେଷ ଯେଉଁଥିରେ ସପ ତିଆରି ହୁଏ) ପରି ସତେଜ ଓ କଅଁଳ ଦେଖା ଯାଉଛନ୍ତି । ତୁମ ମନମୁତାବକ ନିଜ ଜାତିର ସାଥୀଟିଏ ବାଛିନେବା ପାଇଁ ଏହା ହିଁ ଉପଯୁକ୍ତ ସମୟ ।।୩୬।।

ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳ ସମାଜରେ ପ୍ରେମ ବିବାହକୁ ମଧ୍ୟ ସାମାଜିକ ସ୍ୱୀକୃତି ଦିଆଯାଇଅଛି । କିନ୍ତୁ ଏହା ସାନ୍ତାଳ ଜାତି ମଧ୍ୟରେ ହେବା ଆବଶ୍ୟକ । ଏହି ଜାତି ବ୍ୟତିରେକ କୌଣସି ଯୁବକ ଯଦି ଅଲଗାଜାତିର ଝିଅକୁ ପ୍ରେମବିବାହ କଲେ ତାହାକୁ ସ୍ୱୀକୃତି ଦିଆଯାଇନଥାଏ ।

**ଝିକା ସେରେଞ୍**

(ଉଦ୍‌ଯାପନୀ ଗୀତ) ଏହି ଗୀତ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରେ ବୋଲାଯାଇଥାଏ । କିନ୍ତୁ ଏହାର ପ୍ରକାର ଭେଦ ଭିନ୍ନ ହୋଇଥିଲେ ହେଁ ସମସ୍ତ ପ୍ରକାର ଝିକା ଗୀତରେ ସୃଷ୍ଟିକର୍ତ୍ତାଙ୍କୁ ପ୍ରଣାମ କରାଯାଏ । ତତ୍‌ସଙ୍ଗେ ସଙ୍ଗେ ଗୁରୁସ୍ଥାନୀୟ ବ୍ୟକ୍ତିବିଶେଷ ତଥା ଗ୍ରାମରମାଝିବାବା (ମୁଖିଆ)ଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଥାଏ । ଯଥା :-

ଏନେଜ୍ କେଦ୍‌ଲାଂ ସେରେଞ୍ କେଦ୍ ଲାଂ
ନଙ୍ଗା ଆତୁ ଆଖାଲାରେ
ନଙ୍ଗାହଲମ୍ ନଙ୍ଗା ଜୀବନ୍ ଲାଂ
ହୁଲାସ୍ ଦହକେଦ୍ ।
ଜହାରାୟ୍‌ଲାଂ ସିସିର୍‌ଜାଉଙ୍ଗିଜ୍
ଗଡ୍ ଆୟ୍‌ଲାଂ ମାଝୀ ବାବା
ଜାୟ୍ ଯୁଗ ନଙ୍ଗୀ ନଙ୍ଗା ଆଖାଲା
ଗମ୍‌ହେଲ୍ ତାହେଁନ୍ ମା ।

ଅର୍ଥାତ୍ - ଏଇ ଗାଆଁ ଆଖଡାରେ ଆମେ ନାଚିଲେ, ଗାଇଲେ ଏହାର

ପ୍ରଭାବରେ ଆମେ ଦେହ ମନକୁ ଉଲ୍ଲସିତ କଲେ । ତେଣୁ ସୃଷ୍ଟିକର୍ତ୍ତାଙ୍କୁ ଜୁହାରି ହେବା, ମାଝୀବାବାଙ୍କୁ ଗଡ୍ (ପ୍ରଣାମ) କରିବା । ଯୁଗ ଯୁଗ ପାଇଁ ଏହି ଆଖଡା ସରସ ସୁନ୍ଦର ସତେଜ ରହୁ ।।୩୭।।

ପୂର୍ବୋକ୍ତ ବିଭାଗ ଗୁଡିକ ବ୍ୟତିରେକ ସାନ୍ତାଳୀଭାଷାରେ ଅହୁରି କେତେ ଗୁଡିଏ ସଙ୍ଗୀତ ବିଭାଗ ରହିଛି । ଯଥା - ବଙ୍ଗା ଡାକାଙ୍କ ସେରେଞ୍ଜ୍ ଯାହାକୁ ଝାର୍ନୀମାନ୍ତାର୍ ବୋଲି ମଧ୍ୟ କୁହାଯାଏ, ବୀର୍ ସେରେଞ୍ଜ୍ ଯାହାକୁ ସିଙ୍ଗ୍ରାଇ ସେରେଞ୍ଜ୍ ମଧ୍ୟ କୁହାଯାଏ  କାହାନୀ ସେରେଞ୍ଜ୍, ପାତାସେରେଞ୍ଜ୍, ଏନେଜ୍ ଜଂ ସେରେଞ୍ଜ୍ ଏବଂ ରାଃଜଂ ସେରେଞ୍ଜ୍ ଆଦି ନାମରେ ଅଭିହିତ କରାଯାଇଥାଏ ।

## ଝାର୍ନୀ ମାନ୍ତାର୍ ସେରେଞ୍ଜ୍

ଶାର୍ନାଧର୍ମ ତନ୍ତ୍ର ପରମ୍ପରାକୁ ମାନ୍ୟତା ଦେଇ ଆସିଛି । ଏଥିପାଇଁ ହିଁ ସାନ୍ତାଳ ସମାଜରେ ଆଜିପର୍ଯ୍ୟନ୍ତ ମଧ୍ୟ ଓଝା (ଗୁଣିଗାରେଡି ଜାଣିଥିବା ବ୍ୟକ୍ତି) ମାନଙ୍କ ସ୍ଥାନ ସୁରକ୍ଷିତହୋଇ ରହିଅଛି । ଏଙ୍ଗାରେ କହିରଖିବା ଉଚିତ୍ ଏହି ପରମ୍ପରାକୁ ଅନ୍ଧ ବିଶ୍ୱାସ ତଥା କୁସଂସ୍କାର କହି ଅବହେଳା ଭାବ ପ୍ରଦର୍ଶନ କରାଯାଇପାରିବ ନାହିଁ । କାରଣ ଏହା ହେଉଛି ସାନ୍ତାଳୀ ସଂସ୍କୃତିର ଏକ ଅବିଚ୍ଛେଦ ଅଙ୍ଗ । ଏହି ଓଝା, ଜାନ୍ ବା ସଖା ।।୩୮।। ଏମାନଙ୍କୁ ଛାଡିଦେଲେ ସାନ୍ତାଳୀ ସଂସ୍କୃତିର ପୂର୍ଣ୍ଣାଙ୍ଗତା ଅସମ୍ଭବ । ଅନେକଙ୍କର ଧାରଣା ଯେ ରୋଗ ବୈରାଗ୍ୟର ଶିକାର ହେଲେ ଲୋକ ଏମାନଙ୍କର ଦ୍ୱାରସ୍ଥ ହୋଇଥାନ୍ତି ବୋଲି । କିନ୍ତୁ ବାସ୍ତବରେ ତାହାନୁହେଁ ରୋଗ ବୈରାଗ୍ୟର ଶିକାର ହେଲେ ପୂର୍ବରୁ ଲୋକମାନେ କେବଳ ଏହିମାନଙ୍କୁ ଭରସା କରୁଥିଲେ କିନ୍ତୁ ବର୍ତ୍ତମାନ ଆଧୁନିକ ଚିକିତ୍ସା ପଦ୍ଧତିର ପ୍ରସାର ଫଳରେ ଲୋକେ ନିହାତି ଦରକାର ନପଡିଲେ ଏମାନଙ୍କ ପାଖକୁ ଯାଉ ନାହାନ୍ତି । ହେଲେ ସାନ୍ତାଳ ସମାଜରେ ନୂଆଘର ପ୍ରତିଷ୍ଠା, ନୂଆବନ୍ଧୁ ପ୍ରତିଷ୍ଠା (ବାହାଘର), ମୃତ୍ୟୁ ଅନ୍ତେ ଘରଶୁଦ୍ଧି କରଣ, କେହି ଅଜାତି ହୋଇଥିଲେ ତାଙ୍କର ଜାତିକରିବା ଆଦି କାର୍ଯ୍ୟ ଏହିମାନଙ୍କ ଦ୍ୱାରା କରାଯାଇଥାଏ । ଅର୍ଥାତ୍ ଏମାନଙ୍କ କାର୍ଯ୍ୟ କେତେକାଂଶରେ ହିନ୍ଦୁମାନଙ୍କ ସମାଜରେ ବ୍ରାହ୍ମଣମାନଙ୍କ ପରି । କିନ୍ତୁ ଏଠାରେ ମନେ ରଖିବା ଉଚିତ୍ ବ୍ରାହ୍ମଣମାନଙ୍କ ପରି ଏମାନେ ବଂଶାନୁକ୍ରମିକଭାବେ ଏହିକାର୍ଯ୍ୟ କରି ନ ଥାନ୍ତି । ଅର୍ଥାତ୍

ଯିଏ ପ୍ରକୃତରେ ସିଦ୍ଧିପ୍ରାପ୍ତ ହେବ ସେହିଁ ଏକୁଟିଆ  ଏହିକାର୍ଯ୍ୟ କରିପାରିବ । ତେଣୁ ଓଝା, ଜାନ୍ ଏମାନେ ଏହି ବିଦ୍ୟା ଶିକ୍ଷାଦେବା ସକାଶେ ଚେଲା ବସାଇଥାନ୍ତି । କେତେକ ସ୍ଥଳରେ ଗ୍ରାମର ଲୋକମାନେ କିଛି ପାରିଶ୍ରମିକଦେଇ ଦୂରଦୂରାନ୍ତରୁ ଗୁରୁମାନଙ୍କୁ ଆଣି ନିଜ ନିଜ ଗ୍ରାମରେ ଚେଲାବସାଇବାର ସୁବ୍ୟବସ୍ଥା କରିଥାନ୍ତି । ଏଥି ସକାଶେ ଗ୍ରାମର କୌଣସି ଏକ ସ୍ଥାନରେ ଖମ୍ବପୋତି ଚେଲାଅଳାଃ ତିଆରି କରାଯାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚେଲାଅଳାଃ କାନ୍ଥଦ୍ୱାରା ଆବଦ୍ଧ କରାଯାଇ ନ ଥାଏ, ଏହା ସବୁ ଆଡକୁ ଖୋଲା ରଖାଯାଇଥାଏ । ଶିଷ୍ୟମାନେ ଯେପରି ଭିତରକୁଯାଇ ବସିପାରୁଥିବେ ସେତିକି ଉଚ୍ଚର କରାଯାଇଥାଏ କିନ୍ତୁ ଭିତରେ କେହି ଠିଆହୋଇ ପାରିବେ ନାହିଁ । ଏହି ଚେଲାକଲା ବା ଶିଷ୍ୟମାନଙ୍କଠାରେ ଦେବାଦେବୀ କିପରିଭାବେ ସବାର ହେବେ ସେଥିସକାଶେ ସେମାନଙ୍କୁ ଆମନ୍ତ୍ରଣ କରିବା ସକାଶେ ଯେଉଁ ସଙ୍ଗୀତସବୁ ବୋଲା ଯାଇଥାଏ ତାହାକୁ "ଝାର୍‌ନୀମାନ୍ତାର୍" ବୋଲି କୁହାଯାଏ । ଏକଥା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଏଥିରେ କେବଳ ଶିଷ୍ୟମାନେହିଁ ଥାନ୍ତି, ଶିଷ୍ୟାଗ୍ରହଣ ପରମ୍ପରା ଏଥିରେ ନାହିଁ । ଏହିମାନେ ପ୍ରତ୍ୟେକ ସନ୍ଧ୍ୟାରେ ଗାଇଉଠନ୍ତି ବିଭିନ୍ନ ଝାରନୀସବୁ । ଯେଉଁଥିରେ ଦେବାଦୀଙ୍କୁ ଆବାହନ କରିବାର ଭାବ ରହିବା ସମେତ ଅନେକାଂଶରେ ସାନ୍ତାଳ ସଂସ୍କୃତିର କଥା ମଧ୍ୟ ଫୁଟିଉଠିଥାଏ । ଯଥା :-

ଚେତାନ୍ ଟଲାରେ ଗୁରୁ, ଘାଣ୍ଟି ବାଜେ ଦ
ଲାତାର୍ ଟଲାରେ ଗୁରୁରାନୀ, କାଁସା ରାହାଲାଙ୍କଃ ଦ
ଦେସେ ଦେଲାରେ, ନାଲ୍‌ଗହିଜୁଃପେ ସରଗ୍‌ପୁରୀଖନ୍
ଦେସେ ଦେଲାରେ ରାକାବ୍‌ହିଜୁଃପେ ପାତାଲପୁରୀ ଖନ୍ ॥ଜା॥

## ଓଡିଆ ରୂପାନ୍ତର -

ଉପରସାହିରେ ଗୁରୁ ଘଣ୍ଟି ବାଜୁଛି,
ତଳ ସାହିରେ ଗୁରୁରାଣୀ କଂସା ଶୁଭୁଛି
ଆସ ଆସ ଓହ୍ଲାଇ ଆସ ସରଗ ପୁରରୁ
ଆସ ଆସ ଉଠିଆସ ପାତାଳ ପୁରରୁ ।

ଚେଲାକଲାମାନେ (ଶିଷ୍ୟଗଣ) ଜଣେଇ ଦେଉଛନ୍ତି ଉପର ସାହିରେ ଗୁରୁଙ୍କର ଘଣ୍ଟିବାଜିଲାଣି । ତଳ ସାହିରେ ଗୁରୁପତ୍ନୀଙ୍କର ଘଣ୍ଟ ଶୁଭିଲାଣି । ହେ

ସ୍ୱର୍ଗାଲୋକର ଦେବାଦେବୀଗଣ ଓହ୍ଲାଇ ଆସନ୍ତୁ, ହେ ପାତାଳଲୋକର ଦେବାଦେବୀଗଣ ଉଠି ଆସନ୍ତୁ, ଆମମାନଙ୍କ ଠାରେ ସବାର୍ ହୁଅନ୍ତୁ ।

ଲାଲ୍ ଲାଟାରେବିନ୍ ଜାନାମ୍ ଲେନ୍
ବାନ୍ଦ ଲାଟାରେବିନ୍ ବୁଷାଣ୍ ଲେନ୍
ଦେଶେ ଦେଲାରେ ଆଇନମ୍ କାଜଲ୍
ନାବିନ୍ ଞୁତମ୍ ସୁନୁମ୍ ସିନ୍ଦୁର ଅଟାଂଗିଡିଃକାନ୍ ।।୪।।

## ଓଡିଆ ରୂପାନ୍ତର -

ଶିଆଳୀ ଲଟାରେ ତୁମେ ଜନ୍ମ ଲଭିଥିଲ,
ବାନ୍ଦ ଲଟାରେ ତୁମେ ବଢିଥିଲ,
ଆସ ଆସରେ ଆଇନମ୍ କାଜଲ୍
ତମନାମରେ ଅର୍ପିତ ତେଲସିନ୍ଦୁର ଉଡିଯାଉଛି ।

ଅର୍ଥ - ସାନ୍ତାଳ ସମାଜରେ ପୂଜିତା ଆଇନମ୍, କାଜଲ୍ ହେଉଛନ୍ତି ଦୁଇଦେବୀ । ସେମାନଙ୍କ ଜନ୍ମ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟନୀ ଅରଣ୍ୟାନୀର ଶିଆଳୀଲତା ମଧ୍ୟରେ ବୋଲି କୁହାଯାଇଅଛି । ସେହିପରି ସେମାନେ ବାନ୍ଦନାମକ ଲତା ଗହନରେ ବଢିଥିଲେ । ସେହି ଦେବୀ ଦ୍ୱୟ ଆବିର୍ଭାବ ହେବା ପକାଶେ ଆମନ୍ତ୍ରଣ କରାଯାଉଅଛି, କାରଣ ସେମାନଙ୍କ ନାମରେ ଗୁରୁଦତ୍ତ ତେଲ ସିନ୍ଦୁର ଉଡିଯାଉଛି । ଅର୍ଥାତ୍ ସେମାନେ କାଳବିଲମ୍ବ ନକରି ବିଜେ ହୁଅନ୍ତୁ ।

ଦେସେ ଦେଲାରେ
ସାତ୍‌ଭାଇ ପାଟ୍ ସାତ୍ ଦେବ୍‌ତା
ଗୁରୁମା ରାଚାରେ
ସୁନୁମ୍‌ମା ସିନ୍ଦୁର୍‌ମାୟ୍ ନେମଃକାନ୍‌ଦ ।।୫।।

## ଓଡିଆ ରୂପାନ୍ତର -

ଆସ ଆସରେ ସାତଭାଇପାଟ୍ ସାତ ଦେବତା
ଅଗଣାରେ ଗୁରୁ ତେଲ ସିନ୍ଦୁର ଦେଉଛନ୍ତି ।

ଅର୍ଥ- ସାନ୍ତାଳ ସମାଜରେ ବିଶ୍ୱାସ କରାଯାଇଥାଏ ଏକ ଦେବ ଗୋଷ୍ଠୀ

ରହିଛନ୍ତି ସେମାନେ ହେଉଛନ୍ତି ସାତଭାଇ । ସେମାନେ ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି ତାହାକୁ ସାତ୍‌ଭାଇପାଟ୍ ବୋଲି କୁହାଯାଇଥାଏ । ସେଥିପାଇଁ ହିଁ ଚେଲାକଳାମାନେ ଗାଇଥାନ୍ତି ଆସ ଆସରେ 'ସାତଭାଇପାଟ୍‌ରେ ଅବସ୍ଥାନ କରୁଥିବା ସାତଦେବତା, ଗୁରୁତାଙ୍କ ଆଗଣାରେ ତେଲସିନ୍ଦୁର ଦେଉଛନ୍ତି । ଅର୍ଥାତ୍ ତୁମ୍ଭେମାନେ ଏହାକୁ ଗ୍ରହଣ କରିବା ସକାଶେ ଶୀଘ୍ର ବିଜେହୁଅ ।

## ବୀର୍ ବା ସିଙ୍ଗ୍‌ରାଇ ସେରେଞ୍ଜ୍

ସାନ୍ତାଳମାନେ ବଣ ମୂଳକରେ ବେଶୀ ସଂଖ୍ୟାରେ ବସବାସ କରିଥାନ୍ତି । ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟାଦି ସଂଗ୍ରହ କରିବା ସକାଶେ ଏବଂ ଶିକାର କରିବା ସକାଶେ ଏମାନେ ଅଧିକାଂଶ ସମୟରେ ଅରଣ୍ୟକୁ ଯାଇଥାନ୍ତି । ଏହି ଅରଣ୍ୟ ବା ବଣ ଜଙ୍ଗଲକୁ ସାନ୍ତାଳୀ ଭାଷାରେ ବୀର୍ ବୋଲି କୁହାଯାଇଥାଏ । ଅର୍ଥାତ୍ ବୀର୍ ମଧ୍ୟରେ ବିଚରଣ କରିବା ଅବସରରେ ସାନ୍ତାଳମାନେ ଯେଉଁଗୀତ ଗାନ କରିଥାନ୍ତି ତାହାକୁହିଁ ବୀର୍ ସେରେଞ୍ଜ୍ ବୋଲି କୁହାଯାଇଥାଏ । ସେହିପରି ସାନ୍ତାଳମାନେ ଏକତ୍ରୀତହୋଇ ଶିକାର କରିବାପରେ ଜଙ୍ଗଲ ସନ୍ନିକଟସ୍ଥ ପ୍ରାନ୍ତରକୁ ବିଶ୍ରାମସ୍ଥଳରୂପେ ବ୍ୟବହାର କରିଥାନ୍ତି । ଏହି ଅବସରରେ ସେମାନଙ୍କର ଶିକାର ଜନିତ ଶ୍ରମକୁ ଲାଘବ କରିବା ସକାଶେ ଯେଉଁଗୀତ ବୋଲିଥାନ୍ତି ତାହାକୁ ସିଙ୍ଗ୍‌ରାଇ ସେରେଞ୍ଜ୍ ବୋଲି କୁହାଯାଏ । ସିଙ୍ଗ୍‌ରାଇ ଶବ୍ଦଟି ସାନ୍ତାଳୀଭାଷାର "ଶିଙ୍ଗାର୍" ଶବ୍ଦରୁ ଆସିଅଛି । ଶିଙ୍ଗାର୍ ଏକ ତାନ୍ତ୍ରୀକ ପ୍ରକ୍ରିୟା । ଯେଉଁ ଗାଇ ଗୋରୁମାନଙ୍କୁ ଶିଙ୍ଗାର୍ କରାଯାଇଥାଏ, ସେମାନେ କାହାର ବୋଲମାନନ୍ତି ନାହିଁ, କାହାକୁ ଦେଖିଲେ ମାରିବାକୁ ଗଡାଇଥାନ୍ତି ଅର୍ଥାତ୍ ସେମାନେ ହିଂସ୍ରହୋଇ ଉଠିଥାନ୍ତି । ତେଣୁ ଶିକାର କରିକରି କ୍ଳାନ୍ତ ହୋଇ ଯାଇଥିବା ଶିକାରୀମାନଙ୍କ ଠାରେ ପୁନଃଶକ୍ତି ସାମର୍ଥ୍ୟ ନିମିତ୍ତ ଯେଉଁ ସଙ୍ଗୀତ ଗାନକରାଯାଇଥାଏ ତାହାହିଁ ସିଙ୍ଗ୍‌ରାଇ ସେରେଞ୍ଜ୍ । ଏହି ସିଙ୍ଗ୍‌ରାଇ ଏବଂ ବୀର୍ ସେରେଞ୍ଜ୍‌ର ସ୍ୱର ଏକ ହୋଇଥିବା ହେତୁ ତାହାକୁ ଗୋଟିଏ ଶ୍ରେଣୀର ସଙ୍ଗୀତ ବୋଲି ଧରି ନିଆଯାଇଅଛି । ଏହି ସଙ୍ଗୀତ ଗୁଡ଼ିକ ମୁଖ୍ୟତଃ ଆଦିରସାତ୍ମକ । କେତେକାଂଶରେ ଗାୟକଏଥିରେ ଅଶ୍ଳୀଳ ଶବ୍ଦଗୁଡ଼ିକ ମଧ୍ୟ ବ୍ୟବହାର କରିଥାନ୍ତି । ଯଥା :-

ଆତୁ ବାହେର୍ ଉଲ୍‌ବାଗ୍‌ଞ୍ଜାନ୍‌ରେ

ଦେଶ୍‌କମାକ ଜାରଙ୍ଗାୟେନ୍ ଦ
ଲାଜ୍ ହୁଡିଞ୍ଜ୍‌ମାୟ୍ ଜୁରୁ ଜୁରୁ
ବୁକା ହଡିଞ୍ଜୁମାୟ୍ ସେରେ ସେରେ
ତକୟ୍ ହୁଡିଞ୍ଜ୍ ମାୟ୍ ଲାୟିମେସେ । ।।ଟା।।
ଓଡିଆ ରୂପାନ୍ତର -
ଗାଆଁ ମୁଣ୍ଡ ଆମ୍ବ ତୋଟାରେ
ଦେଶୁଆମାନେ ହେଲେଣି ଏକତ୍ରୀତ
କୁନୀ ଭଉଣୀ , ପେଟତମର ଫୁଲି ଓହଳିଲାଣି
ନାହି ତମର ଗଲାଣି ବାହାରି ବାହାରି
କିଏ ସେ ଭଉଣୀ କହିଦେ ତା ପରିଚୟ୍ ।

ଅର୍ଥ - ସାନ୍ତାଳ ସମାଜରେ କୌଣସି କୁମାରୀ ଅବୈଧଭାବେ ଗର୍ଭଧାରଣ କଲେ ସେଥିସକାଶେ ଆଖପାଖର ଜାତିଭାଇମାନେ ଏକତ୍ରୀତହୋଇ ଏହାର କାରଣ ଉନ୍ମୋଚନ କରିଥାନ୍ତି । ଅର୍ଥାତ୍ କେଉଁ ଯୁବକଙ୍କ ସକାଶେ କନ୍ୟାଟିର ଏହି ଅବସ୍ଥା ହୋଇଛି ତାହାକୁ ଖୋଜି ବାହାର କରାଯାଇ କନ୍ୟାଜଣଙ୍କୁ ପତ୍ନୀର ମର୍ଯ୍ୟାଦାଦେବା ସକାଶେ ନିର୍ଦ୍ଦେଶ ଦିଆଯାଇଥାଏ । ପୂର୍ବୋକ୍ତ ଗୀତଟିରେ ଏମିତି ଏକ ଘଟଣାର କଥା କୁହାଯାଇଅଛି । ଅତି ଆପଣାର ସାନ ଭଉଣୀଟିର ପେଟ ଫୁଲି ଫୁଲି ଓହଳିଲାଣି ବୋଲି କୁହାଯାଇଅଛି । ଅର୍ଥାତ୍ ସେ ଗର୍ଭବତୀ ବୋଲି ଜଣାପଡିଲାଣି । ସେଥି ସକାଶେ ଜାତିଭାଇ ମାନେ ଗାଆଁମୁଣ୍ଡ ଆମ୍ବତୋଟାରେ ଏକ ସଭାର ଆୟୋଜନ କରିଛନ୍ତି । ଏତେ ବେଳକୁ କୁମାରୀଟିର ବଡଭାଇ ବ୍ୟସ୍ତ ହେବା ସ୍ୱାଭାବିକ । କିନ୍ତୁ ତଥାପି କ୍ରୋଧ ସମ୍ବରଣକରି ଅତ୍ୟନ୍ତ ସ୍ୱାଭାବିକ ଭାବେ ସାନ ଭଉଣୀକୁ ପଚାରିଛି ତମର ଏହି ଅବସ୍ଥା ପାଇଁ କିଏ ସେ ଦାୟୀ କ'ଣ ତାର ପରିଚୟ୍, ଭଉଣୀ ! ତୁମେ ତାହା କହିଦିଅ କୌଣସି ସଂକୋଚ ନକରି । ସାନ୍ତାଳସମାଜର ଏହି ବିଧି ହିଁ ସୂଚାଇଦିଏ ଏମାନେ କୌଣସି ପ୍ରକାରର ଆବିଳତାକୁ ନିଜ ସମାଜ ମଧ୍ୟରେ ପ୍ରବେଶ କରାଇଦିଅନ୍ତି ନାହିଁ । ଯଦି ସେମିତି କିଛି ହେବାକୁ ଯାଉଛି ତାହାହେଲେ ସେମାନେ ଏକତ୍ରୀତ ହୋଇ ତାହାର ମୂଳପ୍ତାଟନ କରିଦେଇଥାନ୍ତି ।

ଗୁପି ଖନାଂ ଇଞ୍ଜ୍ ହେଜ୍‌ଲେନ୍ ଦ

ପିଣ୍ଡାରେମାଞ୍ଜ୍ ଦୁଲୁବ୍ଲେନ୍ ଦ,
ଏହିଲି ଗୋ ମାରାଂହିଲି,
ନାମ୍ରେନାଂ କିଆବାହା ଚାମ୍ପାବାହା ମା ସ ଲିଦିଞ୍ଜ୍ ଦ
ଦେସେ ହିଲିରେ କିଆବାହା ଚାମ୍ପାବାହାଦ
କେଚାଃ ହାଟିଞ୍ଜାଞ୍ଜ୍ ମେ ।।୦।।

**ଓଡିଆ ରୂପାନ୍ତର -**

ଗୋ ଗୋଠରୁ ମୁଁ ଆସିଥିଲି ଫେରି
ବସିଥିଲି ପିଣ୍ଡାରେ
ଲୋ ଭାଉଜ ଲୋ ବଡ ଭାଉଜ !
ତୁମ କିଆଫୁଲ ଚାମ୍ପାଫୁଲ ବାସନା ମୁଁ ପାଇଥିଲି
ଦିଅ ଭାଉଜ କିଆଫୁଲ ଚାମ୍ପା ଫୁଲ
ଭାଙ୍ଗି ମୋତେ କିଛିଦିଅ ।

ଅର୍ଥ - ସାନଭାଇ ଜଣକ ସବୁଦିନ ଗୋରୁ ଚରାଇଥାଏ । ସେଦିନ ସେ ଗୋରୁ ଚରେଇ ଗୋଠରୁ ଘରକୁ ଖାଇବା ସକାଶେ ଫେରିଥାଏ । ଫେରିକି ଘର ପିଣ୍ଡାରେ ସେ ବସିଯାଇଛି । ଏତେବେଳକୁ ଘରଭିତରେ ଭାଇ- ଭାଉଜଙ୍କ ଦୈହିକ ମିଳନର ଦୃଶ୍ୟ ତା ଆଖିରେ ପଡିଯାଇଛି, ପରେ ଯେତେବେଳେ ବଡଭାଇ ବାହାରକୁ ଚାଲିଯାଇଛି । ସେତେବେଳେ ଯୁବା ଦିଅର ପୂର୍ବୋକ୍ତ ଘଟଣା ଭାଉଜଙ୍କୁ ଅବଗତ କରାଇବା ସକାଶେ କହିଛି - ଗୋ ଗୋଠରୁ ଫେରିବାପରେ ମୁଁ ପିଣ୍ଡାରେ ବସିଲାରୁ ମୋତେ ତୁମର କିଆଫୁଲଚାମ୍ପା ଫୁଲ ଗନ୍ଧ ଗନ୍ଧେଇଲା । କେବଳ ସେତିକି ନୁହେଁ ଏହି ନବଯୁବା ଜଣକ କାମାନଳରେ ଦଗ୍‌ଧିଭୂତହୋଇ ନିଜର ହିତାହିତ ଜ୍ଞାନକୁ ବିସ୍ମରୀ ବଡଭଉଣୀତୁଲ୍ୟ ଭାଉଜଙ୍କୁ ପ୍ରେମ ଭିକ୍ଷା କରିବାକୁ ଯାଇ କହିଛି- ଦିଅ ଭାଉଜ ତମ କିଆଫୁଲ ଚାମ୍ପାଫୁଲରୁ ମୋତେ କିଛିଦିଅ । ଏଠାରେ କିଆଫୁଲ ଚା ଫୁଲକୁ ନାରୀର ଯୌବନର୍ ପ୍ରତୀକ ଭାବେ ନିଆଯାଇଅଛି ।

ଏହି ଧରଣର ବହୁ ସଂଖ୍ୟକ ଗୀତ ସାନ୍ତାଳୀଭାଷାରେ ରହିଛି । କିନ୍ତୁ ସାନ୍ତାଳ ସମ୍ପ୍ରଦାୟର ଜୀବନଯାପନ ଶୈଳୀ ତଥା ଆଧୁନିକ ଶିକ୍ଷାର ପ୍ରସାର ଫଳରେ ଏଣିକି ଏଗୁଡିକ କ୍ରମଶଃ ବିଲୁପ୍ତ ହେବାରେ ଲାଗିଛି ।

## କାହାନୀ ସେରେଞ୍

ସାନ୍ତାଳୀ ଭାଷାର କାହାଣୀ ଗୁଡିକରେ ବେଳେବେଳେ ବକ୍ତା କିଛି ବାଟ କହିବାପରେ ମଝିରେ କୌଣସି ଏକ ଚରିତ୍ର ମୁଖର ସଂଳାପକୁ ଗୀତ ଆକାରରେ ପ୍ରକାଶ କରିଥାନ୍ତି । ଏହି ଗୀତକୁହିଁ "କାହାନୀ ସେରେଞ୍" ବୋଲି କୁହାଯାଇଥାଏ । ଯେପରିକି - ଏକ କୁମାରୀକନ୍ୟା ଅନ୍ତସତ୍ତ୍ୱା ହେବାପରେ ଲୋକ ଲଜ୍ଜାକୁ ଭୟକରି ସେ ବହୁଦୂରକୁ ପଳାଇଯାଇଛି । ସେ ଯାଉ ଯାଉ ଏକ ବାଉଁଶ ବଣକୁ ପାଇଛି । ଏହି ବାଉଁଶ ବଣରେ ଅବସ୍ଥାନ କାଳରେ ଏକ ପୁତ୍ରସନ୍ତାନକୁ ଜନ୍ମଦେଇଛି । ସେ ଅନନ୍ୟୋପାୟ ହୋଇ ଏହି ସଦ୍ୟଜାତ ଶିଶୁ ପୁତ୍ରଟିକୁ ବଣରେ ଛାଡି ପଳାଇଆସିଛି । ଏହି ଅବସରରେ ଶାଗୁଣା ପକ୍ଷୀଦ୍ୱୟ ମାନବ ସନ୍ତାନର କ୍ରନ୍ଦନ ଶୁଣି ପାଖକୁ ଆସି ଦେଖନ୍ତେ ପାଖରେ କେହି ନାହାଁନ୍ତି । ଶିଶୁଟି ପ୍ରତି ତାଙ୍କର ଦୟାଭାବ ଆସିଯାଇଛି ଏବଂ ସେମାନେ ତାକୁ ନିଜବସାକୁ ନେଇଯାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁଟି ବଡ ହୋଇଯାଇଛି । ଏଣିକି ସେ ତାର ଦୈନନ୍ଦିନର ଗୁଜୁରାଣ ମେଣ୍ଟାଇବା ପାଇଁ ଭିକ୍ଷାବୃତ୍ତିକୁ ଆଦରି ନେଇଛି । ଯେତେବେଳେ ଘରକୁ ଘର ବୁଲି ସେ ଭିକ୍ଷା ମାଗିଛି ସେତେବେଳେ ସେ ଗାଇଉଠିଛି :-

ବୁରୁ ବୁରୁମା ତାଲାରେ
ମାଦ୍‌ବୁରୁମା ତାଲାରିଞ୍ ଜାନାମ୍ ଲେନା
ଗିଦି ତୁକାରିଞ୍ ହାରାଲେନା
କୟ୍‌କୟ୍‌ତିଞ୍ ଜାଣାନ୍ ନାୟ୍ ଗୋ
ମିମିଦ୍ ଚୁପୁଦ୍ କୟଦ ନିମାଞ୍‌ପେ ।।ଡ଼।।

**ଓଡିଆ ରୂପାନ୍ତର -**

ବଣ ଜଙ୍ଗଲଭିତରେ
ବାଉଁଶ ବଣ ମଧ୍ୟରେ ଜନମ ଲଭିଲି ,
ବଡିଲି ଶାଗୁଣା ବସାରେ
ବୁଲି ବୁଲି ମୁଁ ଭିକ୍ଷା କରଇ ମା ଗୋ
ଭିକ୍ଷା ମିଳୁ ମୁଠାଏ ମୁଠାଏ ।

ସେହିପରି ଅନ୍ୟ ଏକ ସାନ୍ତାଳୀ ଲୋକକାହାଣୀରେ ଝିଅଟି ଯେତେବେଳେ ଅସୁବିଧାର ସମ୍ମୁଖୀନ ହୋଇଛି ସେତେବେଳେ ନିଜ ପୋଷା କୁକୁର ଚାଉଁରା , ଭାଉଁରାକୁ ଡାକିଦେଲେ ତତ୍‌କ୍ଷଣାତ୍ ପହଞ୍ଚିଯାଉଥିଲେ ଏବଂ ତାକୁ ସାହାଯ୍ୟ କରୁଥିଲେ । କିନ୍ତୁ ସେ

ସେମାନଙ୍କୁ ଗୀତରେ ଡାକିଛି -

ଲା ଲା ଚାଉଁରା

ଲା ଲା ଭାଉଁରା ।

**ଓଡ଼ିଆରେ -**

ଆ ଆ ଚାଉଁରା

ଆ ଆ ଭାଉଁରା ।

ସାନ୍ତାଳୀ ଭାଷାରେ କୁକୁରକୁ ଡାକିଲା ବେଳେ "ଲା" ବୋଲି ଡକା ଯାଇଥାଏ

## ଏନେଜ୍ ଇଂ ସେରେଞ୍

କୈଶୋର ବୟସର ସାନ୍ତାଳ ପିଲାମାନଙ୍କ କେତେକ ଖେଳରେ ଗୀତ ବୋଲାଯିବାର ପରମ୍ପରା ରହିଆସିଛି , ଏହାକୁ ଏନେଜ୍ ଇଂ ସେରେଞ୍ କୁହାଯାଏ । ଯେପରି ସାନ୍ତାଳ ପିଲାମାନେ 'ଗାଁଦାଣ୍ଡରେ ଖେଳୁଥିବା ଛୁଆଁ ଛୁଇଁ ଖେଳରେ ଜଣକୁ "ହାଡି" କରାଯାଏ ସେ ଏକ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ଥାଏ । ଯାହାକୁ ତାର ଘର ବୋଲି କୁହାଯାଇଥାଏ । ଅନ୍ୟ ପିଲାମାନେ ସେହି ଘର ଭିତରକୁ ପଶିଲା ବେଳେ ସେ ସେମାନଙ୍କୁ ଗୋଡାଇ ଛୁଇଁବାକୁ ପ୍ରୟାସ କରେ ଯଦି ସେ କାହାକୁ ଛୁଇଁଦିଏ ତାହେଲେ ସେ ମୁକ୍ତି ପାଇଯାଏ ଏବଂ ଯାହାକୁ ଛୁଇଁଦେଇଥାଏ ସେ ହାଡି ହୁଏ । ଏହି ଖେଳକୁ ସାନ୍ତାଳୀ ଭାଷାରେ "ଜଟେଦ୍ ଜଟେଦ୍ ଏନେଜ୍" ବୋଲି କୁହାଯାଏ । ଏହି ଖେଳରେ ହାଡି ହୋଇଥିବା ପିଲା ବ୍ୟତିରେକ ଅନ୍ୟ ସମସ୍ତେ ସମସ୍ୱରରେ ଗାନ କରନ୍ତି :-

ଅକୟାଃ ରାଚାରେ କେଦ୍ କେଦ୍

ମାନା ଗୁରୀଜ୍ କେଦ୍

ମାନା ଚକେ ଦୁଲୁବ୍ ଏନ୍

(ହାଡି ପିଲାର ନାମ) ହାଃ ରାଚାରେ କେଦ୍ କେଦ୍

ମାନା ଗୁରୀଜ୍ କେଦ୍

ମାନା ଚକେ ଦୁଲୁବ୍ ଏନ୍ ।।ଡା।

**ଓଡ଼ିଆ ରୂପାନ୍ତର -**

କାହା ଅଗଣାରେ ଦିଆ ଦିଆ

ଲୋ ଗୋବର ଦିଆହୋଇଛି

ଲୋ ବେଙ୍ଗ ବସିଲା ।

(ହାଡି ପିଲାର ନାମ) ର ଅଗଣାରେ ଦିଆ ଦିଆ
ଲୋ ଗୋବର ଦିଆ ହୋଇଛି
ଲୋ ବେଙ୍ଗ ବସିଲା ।

ସେମିତି ଏହି ସ୍ରଦାୟର ପିଲାମାନେ ଅନ୍ୟ ଏକ ଖେଳ ଖେଳିଥାନ୍ତି ଏଥିରେ ଦୁଇଗୋଟି ପିଲା ହାତଧରା ଧରି ହୋଇ ଆଗକୁ ଥିବାବେଳେ ପଛରୁ ତୃତୀୟ ପିଲାଟି ଗୋଟିଏ ଗୋଡ ଟେକି ଦୁଇଜଣଙ୍କ ହାତ ଉପରେ ଭରାଦିଏ ଏବଂ ତାର ଦୁଇ ହାତରେ ଆଗ ଦୁଇପିଲାଙ୍କ କାନ୍ଧକୁ ଧରିଥାଏ । ଏମାନେ ଆଗେଇ ଚାଲିଲା ବେଳେ ତୃତୀୟ ପିଲାଟି ଡେଇଁ ଡେଇଁ ଗୋଟିଏ ଗୋଡରେ ଯାଉଥାଏ । ଏହାକୁ "ସାଦମ୍ କଦଃ ଏନେକ୍" କୁହାଯାଇଥାଏ । ଏତେ ବେଳକୁ ସେମାନେ ଗାଇଥାନ୍ତି :-

ଡେଙ୍ଗା କଦଃ ସାଦମ୍ କଦଃ
ଟୁନୀ ମାଇ ଟୁନୀ
ଟୁନୀ ମାଇ ଟୁନୀ ।।୫।।

ଅର୍ଥ - ଗେଣ୍ଡାଳିଆ ପକ୍ଷୀ ଚାଲିଲାବେଳେ ଯେମିତି ହଲେ ଘୋଡା ଚାଲିଲା ବେଳେ ଯେମିତି ଦୋହଲେ ଆମ ଝିଅ ଟୁନୀ ଠିକ୍ ସେମିତି ହଲୁଛି ।

ସେହିପରି ଅନ୍ୟ ଏକ ଖେଳରେ ତିନିଚାରି ଜଣ ପୁଅଝିଅ ହାତମୁଠା ଉପରକୁ ରଖନ୍ତି । ଏମାନେ ଏହି ହାତମୁଠା ରଖିଲାବେଳେ ତର୍ଜନୀକୁ ଉପରକୁ ଟେକି ରଖନ୍ତି ଫଳରେ ତାହା ନିଜର ଅନ୍ୟଏକ ହାତରେ ବା ଅନ୍ୟ କାହା ହାତଦ୍ୱାରା ଧରିବା ସୁବିଧା ହୁଏ । ଏହି ପ୍ରକାରେ ସମସ୍ତଙ୍କ ହାତ ଯୋଡା ଯାଇଥାଏ । ସବାଉପରେ ଯେଉଁ ପିଲାଟି ହାତରଖେ ତାର ଡାହାଣ ହାତର ତର୍ଜନୀ ଉପରକୁ ଟେକିହୋଇ ରହେ । ଏବେ ଅନ୍ୟ ଏକ ପିଲା ଯିଏ ଏମାନଙ୍କ ହାତ ସହିତ ହାତ ରଖିନଥାଏ ସେ ତାହାର ଡାହାଣ ହାତର ପାପୁଲିକୁ ଉପରକୁ ଉଠିଥିବା ତର୍ଜନୀ ଉପରେ ରଖି ଧିରେ ଧିରେ ଚକ୍ରାକାରରେ ବୁଲାଇଥାଏ । ଏତେବେଳକୁ ସମସ୍ତେ ସମ ସ୍ୱରରେ ଗାଇଉଠନ୍ତି :-

ଦାମ୍‌ଦୁ ରୁସୁଜ୍ ଶୁଜ୍ କୁଲ୍ କୁଲ୍, ଶୁଜ୍ କୁଲ୍ କୁଲ୍
ହେଁସାଃ ବୁଟାରେ ଭେର୍‌ଭାରି ଠାକ୍‌ଲଃ
ଆଠ୍ ଗୁଣ୍ଡି ବିମ୍ବିରାସା ମେରମ୍‌ଜାତ୍ ମେରମ୍‌ଜାତ୍
କାଗୀହାଣ୍ଡି ବେକେର୍ ବେଣ୍ଡାଂଜିନିଷ ।।୬।।

ଯାହାର ଅର୍ଥ ଠିକ୍ ଭାବରେ ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ଏହା ଏକ ଅର୍ଥହୀନ ଉଚ୍ଚାରଣ ପରିକା ଲାଗେ ।

## ପାତା ସେରେଞ୍ଜ୍

ଏହି ଲୋକଗୀତକୁ କେତେକ ଅଞ୍ଚଳରେ ପରବ୍‌ସେରଞ୍ଜ୍ ବୋଲି କୁହାଯାଇଥାଏ । ଏହା ସାନ୍ତାଳ ସଦାୟର ଏକ ନିର୍ଦ୍ଦିଷ୍ଟ ସମୟରେ ଅନୁଷ୍ଠିତ ହେଉଥିବା ମେଳାମାନଙ୍କରେ ଗାନ କରାଯାଇ ଥାଏ । ଏହି ଧରଣର ମେଳା ଓଡିଶାର ରାଇରଙ୍ଗପୁର ନିକଟସ୍ଥ ବଡାମ୍ ତଳିଆ ଠାରେ ଶିବରାତ୍ରୀଦିନ ଅନୁଷ୍ଠିତହୁଏ । ଏହାକୁ "ଭୁତୁଙ୍ଗୀପାତା" ବୋଲି କୁହାଯାଇଥାଏ । ସେହିପରି ଝାଡଖଣ୍ଡର ସିଂହଭୂମି ଜିଲ୍ଲାନ୍ତର୍ଗତ ହରିଣାଠାରେ ରଜପର୍ବ ବେଳକୁ ଅନ୍ୟ ଏକ ମେଳା ଅନୁଷ୍ଠିତ ହୁଏ । ଏହାର ପ୍ରାଚୀନ ନାମ "ମାଙ୍ଗଲ୍‌ବୀରା ପାତା" ଥିଲା । ଆଉ ମଧ୍ୟ ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲାଅନ୍ତର୍ଗତ ଶିଲ୍‌ଦା ନିକଟସ୍ଥ ଅଲଗନ୍ଦା ନାମକ ସ୍ଥାନରେ ନବମୀ ଓ ବିଜୟା ଦଶମୀ ଦିନ ହୋଇଥାଏ । ଏହାକୁ "ପାଟାବିନ୍ଧା ପାତା" କୁହାଯାଇଥାଏ । ଏହି ଅବସରରେ ଗାନ କରାଯାଉଥିବା ଗୀତକୁ ପାତାସେରେଞ୍ଜ୍ କୁହାଯାଏ । ଏହି ଗୀତଗୁଡିକ ମୁଖ୍ୟତଃ ପ୍ରେମମୂଳକ ଅଟେ ।

**ଯେପରିକି -**

ଏୟ୍‌କାରୁ ଏୟ୍ ସୁନା
ପାତା ଦୟ୍ ଚାଃ ବିନ୍ ବାଗିକେଦ୍
ବତଲ୍ ବତଲ୍ ପାରୁଙ୍ଗାଲେ ଞୁଲେଦ୍
ଖାଲାଃ ଖାଲାଃ ଲାଡୁଲେ ଜମ୍‌ଲେଦ୍
ଏୟ୍‌କାରୁ ଏୟ୍‌ସୁନା
ପାତାଦୟ୍ ଚାଃବିନ୍ ବାଗିକେଦ୍ ।।ଥା।

**ଓଡିଆ ରୂପାନ୍ତର -**

ହେ କାରୁ ହେ ସୁନା
ଆହେ ପାତା ଛାଡିଲ କାହିଁକି,
ବୋତଲ ବୋତଲ ମଦ ପିଇଥିଲୁ ଆମେ

ଡଲା ଡଲା ଲଡୁ ଖାଇଥିଲୁ ଆମେ,

ହେ କାରୁ ହେ ସୁନା

ଆହେ ପାତା ଛାଡିଲ କାହିଁକି ।

ଅର୍ଥ - କାରୁ ଏବଂ ସୁନା ନାମକ ଦୁଇଜଣ ପାତା ପ୍ରିୟ ଯୁବକ ଥିଲେ । ସେମାନେ ପ୍ରାୟ ବହୁସ୍ଥାନରେ ଅନୁଷ୍ଠିତ ହେଉଥିବା ପାତାକୁ ଯାଉଥିଲେ । ସେଠାରେସେମାନେ ସାନ୍ତାଳ ଯୁବତୀମାନଙ୍କୁ ମଦ ଓ ମିଷ୍ଟାନ୍ନଦେଇ ଆପ୍ୟାୟିତ କରୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି କାରଣ ବଶତଃ ସେମାନେ ପାତାଯିବାକୁ ବନ୍ଦ କରିଦେଇଛନ୍ତି । ତେଣୁ ରମଣୀମାନଙ୍କ ମଧ୍ୟରେ ଭାଳେଣୀ ଖେଳିଯାଇଛି । ଏଥିପାଇଁ ହିଁ ସେମାନେ ଅତୀତର ସେହିଦିନ ଗୁଡିକ ସ୍ମୃତିଚାରଣ ପୂର୍ବକ ଗାଇ ଉଠିଛନ୍ତି - ହେ କାରୁ ହେ ସୁନା, ତୁମେ ପାତାକୁଆସିବା କାହିଁକି ଛାଡିଲ ? ତୁମେ ଯେତେବେଳେ ଆସୁଥିଲ, ଆମେ କେତେନା କେତେ ହସଖୁସିରେ ବୋତଲ ବୋତଲ ମଦ ପିଇଛୁ । ଡଲା ଡଲା ଲଡୁ ଖାଇଛୁ । ଅର୍ଥାତ୍ ଏବେ ତମେ ଛାଡିବା ପରେ ଆମକୁ ଆଉ ଏହିସବୁ ଜିନିଷ ଦେବ କିଏ ? ଏଠାରେ କାରୁ ଏବଂ ସୁନା କେବଳ ଦୁଇଟି ନାମ ମାତ୍ର ବାସ୍ତବରେ ପାତାପ୍ରିୟ ରମଣୀମାନେ ନିଜନିଜର ପ୍ରେମିକଙ୍କୁ ହିଁ ମନେ ପକାଇ ଥାନ୍ତି ।

ଏହି ପ୍ରକାରେ ସାମ୍ପ୍ରତିକ ସମୟର ସାନ୍ତାଳୀ ଲୋକଗୀତକୁ ଅନୁଧ୍ୟାନକଲେ ତାହା ପନ୍ଦର ମଧ୍ୟରେ ସୀମିତ ରହିଛି । କିନ୍ତୁ ଅନୁସନ୍ଧାନରୁ ଜଣାଯାଇଛି ସାନ୍ତାଳମାନଙ୍କ ୩୪ ପ୍ରକାରର ସଙ୍ଗୀତ ରହିଥିଲା । ।।୩୯।। ଅର୍ଥାତ୍ ଅବଶିଷ୍ଟ ୧୯ ପ୍ରକାରର ସଙ୍ଗୀତ ଲୋପ ପାଇଗଲାଣି । ତେଣୁ ବର୍ତ୍ତମାନ ପ୍ରଚଳିତ ଲୋକଗୀତ ଗୁଡିକର ସଂରକ୍ଷଣ କରାଯିବା ସକାଶେ ଉପଯୁକ୍ତ ଧ୍ୟାନ ଦିଆନଗଲେ ହୁଏତ ଆଗାମୀ ଶତାବ୍ଦୀ ବେଳକୁ ଏଗୁଡିକ ମଧ୍ୟରୁ ମଧ୍ୟ କେତେକ ଲୋପପାଇ ଯାଇଥିବ ।

ଲୋକଗୀତ ହେଉଛି ସାନ୍ତାଳ ଜୀବନର ଏକ ଅଭିନ୍ନ ଅଙ୍ଗ । ସାନ୍ତାଳୀ ଲୋକଗୀତ ଗୁଡ଼ିକର ସମସାମୟିକତା ହେଉଛି ଏହାର ମୁଖ୍ୟ ବୈଶିଷ୍ଟ୍ୟ । ସମସାମୟିକ ବ୍ୟତିରେକ ଲୋକଗୀତର ବିଶେଷତ୍ୱ ଲୋପ ପାଇଯାଇଥାଏ । ସାନ୍ତାଳୀ ଲୋକଗୀତ ଗୁଡ଼ିକରେ କ୍ଷେତ୍ରିୟ ପ୍ରାଧାନ୍ୟ ଦେଖିବାକୁ ମିଳେ । ଏଗୁଡ଼ିକର ଐତିହାସିକ,

ଭୌଗୋଳିକ, ସାମାଜିକ, ଧାର୍ମିକ, ସାଂସ୍କୃତିକ, ନୈତିକ, ଭାଷାଶାସ୍ତ୍ର ଏବଂ ସାହିତ୍ୟ . ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ॥୪୦॥ ବାସ୍ତବରେ ସାନ୍ତାଳୀ ଲୋକଗୀତ ସମୂହ ସାନ୍ତାଳୀ ସଂସ୍କୃତିର ଏକ ଏକ ଅଲିଭା ସ୍ମୃତି ତଥା ଅମୂଲ୍ୟ ଓଷଦ ଏହାକୁ ବାଦ ଦେଇ ସାନ୍ତାଳୀ ସଂସ୍କୃତିର ପୂର୍ଣ୍ଣାଙ୍ଗ ଅଧ୍ୟୟନ ଅସମ୍ଭବ ।

## ସାନ୍ତାଳୀ ଲୋକଗୀତର ବିକାଶ କ୍ରମ

ସାନ୍ତାଳୀ ଲୋକଗୀତର ଯଦି ବିକାଶକ୍ରମ କଥା ବିଚାର କରାଯାଏ, ତାହାହେଲେ ତାହାକୁ ନିମ୍ନ ପ୍ରକାରେ ସଜାଇ ଦିଆଯାଇ ପାରେ । ଯଥା -

**୧. ଡାହାର୍ ସେରେଞ୍**

ବିନ୍ତି କଥା ଅନୁସାରେ ଯାହା ପ୍ରଥମେ ପିଲ୍‌ଚୁଙ୍କ କନ୍ୟାମାନେ ବର ଓହଳରେ ଦୋଳି ଖେଳି ଗାଇଥିଲେ । ଏହାକୁ ପ୍ରଥମ ସାନ୍ତାଳୀ ଲୋକଗୀତ କୁହାଯାଏ କାରଣ ଏହା ପୂର୍ବରୁ ସାନ୍ତାଳୀଭାଷାର କୌଣସି ଗୀତ ଥିବାର ଜଣାଯାଏ ନାହିଁ ।

**୨. ଲାଗ୍‌ଣେ ସେରେଞ୍**

ଲାଗ୍‌ଣେ ଗୀତ ବୋଲାଯିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ତେଣୁ ଏହା ଏକ ମନୋରଞ୍ଜନଧର୍ମୀ ଲୋକଗୀତ । ତେଣୁ ପିଲ୍‌ଚୁ ବଂଶଧରମାନେ ଗୀତଗାଇ ଶିଖିବା ପରେ ଅର୍ଥାତ୍ ଡାହାର୍ ସେରେଞ୍ ପରେ ଏହି ଗୀତକୁହିଁ ଗାଇଥିବେ ।

**୩. ଦଂ ସେରେଞ୍**

ସାନ୍ତାଳୀ "ଦଂ" ବା "ଦଙ୍" ଶବ୍ଦଟି ଦନ୍ ରୁ ଆସିଅଛି । ଅର୍ଥାତ୍ ଡେଇଁବା କ୍ରିୟାରୁ ଏ ଶବ୍ଦଟି ଆସିଅଛି । ପିଲ୍‌ଚୁ ବଂଶଧରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ପାରିସ୍ ବିଭାଜନ ପରେ ଯେତେବେଳେ ସେମାନଙ୍କ ପୁତ୍ରକନ୍ୟାଙ୍କ ମଧ୍ୟରେ ବିବାହକ୍ରିୟା ଅନୁଷ୍ଠିତ କରାଇଛନ୍ତି, ସେତେବେଳେ ସେମାନେ ଆନନ୍ଦ ବିମୋହିତ ହୋଇ ଖୁସିରେ ଡେଇଁ ଯେଉଁଗୀତ ଗାଇ ଥିଲେ ତାହା ହିଁ ହେଉଛି ଦଂ ସେରେଞ୍ । ଏହି ଖୁସି ସାଧାରଣ ଖୁସିଠାରୁ ଏକଭିନ୍ନ ଖୁସି ହୋଇଥିବା ହେତୁ ଲାଗ୍‌ଣେ ସେରେଞ୍‌ପରେ ଦଙ୍ ସେରେଞ୍ ଆସିବା ସ୍ୱାଭାବିକ କାରଣ ସେମାନେ ସାଧାରଣ ଖୁସିରେ ଲାଗ୍‌ଣେ ଗୀତ ଗାଇଥାନ୍ତି ।

**୪. ବୀର୍ ସେରେଞ୍**

ସାନ୍ତାଳୀ ଭାଷାର ଏହି ଲୋକଗୀତଟି ଶିକାର ଏବଂ ଶୃଙ୍ଗାର ସହିତ ଜଡ଼ିତ ଥିବାରୁ ଏହାର ସୃଷ୍ଟି ପରିବାର ଗଠନପରେ ବୋଲି ଜଣାପଡେ । ଅର୍ଥାତ୍ ଦଂ ସେରେଞ୍ ପରେ ଏହି ବୀର ସେରେଞ୍ ଆସିଅଛି ।

**୫. ବାହା ସେରେଞ୍**

ବାହା ସେରେଞ୍ ସହିତ ଜାହେର୍‌ଗାଲ୍‌ର ସମ୍ବନ୍ଧ ରହିଛି । ଅର୍ଥାତ୍ ଜାହେର୍‌ଗାଲ୍ ବା ଜାହିରା ସ୍ଥାପନ ପରେ ହିଁ ଏହା ସୃଷ୍ଟିହୋଇଅଛି । ଅପର ପକ୍ଷରେ ବିନ୍ତି କଥାରୁ ଜଣାପଡେ ସାନ୍ତାଳମାନେ ପରିବାର ଓ ଗ୍ରାମ ଗଠନ ପରେ ଜାହେର୍‌ଗାଲ୍‌ର ସ୍ଥାପନ କରିଛନ୍ତି । ପୁନଶ୍ଚ ସେତେବେଳେ ସେମାନେ ଶିକାର ଓ ଫଳମୂଳ ସଂଗ୍ରହକୁ ନିଜର ଜୀବିକା ଭାବେ ଗ୍ରହଣ କରିଥିଲେ ତେଣୁ ଏହା ବୀର୍ ସେରେଞ୍ ପରେ ଆସିବା ଯୁକ୍ତିଯୁକ୍ତ ମନେହୁଏ ।

**୬. କାହାନୀ ସେରେଞ୍**

କାହାଣୀ କହିବା ଶୁଣିବା ଏହା ଅପେକ୍ଷାକୃତ ଏକ ଉନ୍ନତ ସମାଜର ପରମ୍ପରା । ସାନ୍ତାଳମାନେ ପରିବାର ଗ୍ରାମ ଏବଂ ଜାହେର୍‌ଗାଲ୍ ସ୍ଥାପନ ପରେହିଁ ଏକ ଉନ୍ନତ ସମାଜ ଗଠନ କରିବାକୁ ସକ୍ଷମ ହୋଇଥିଲେ । ତେଣୁ ବାହା ସେରେଞ୍ ପରେ ପରେ କାହାନୀ ସେରେଞ୍ ସାନ୍ତାଳସମାଜରେ ପ୍ରଚଳିତ ହେବା ସ୍ୱାଭାବିକ ।

**୭. ସହରାୟ୍ ସେରେଞ୍**

ସହାରାୟ୍ ସେରେଞ୍‌ରେ ମୁଖ୍ୟତଃ ଗାଈ ଗୋରୁ ଓ ମଇଁଷିଙ୍କ କଥା କୁହାଯାଇଅଛି । ଅର୍ଥାତ୍ ଯେଉଁସବୁ ପଶୁମାନଙ୍କୁ କୃଷିକାର୍ଯ୍ୟରେ ନିୟୋଜିତ କରାଯାଇଥାଏ ସେହିମାନଙ୍କ କଥା ସହରାୟ୍ ସେରେଞ୍‌ରେ ବର୍ଣ୍ଣନା କରାଯାଇଥିବା ହେତୁ ଏହା ସାନ୍ତାଳମାନେ କୃଷିକାର୍ଯ୍ୟ ଶିଖିବାପରେ ସୃଷ୍ଟିହୋଇଥିବା କଥା ଜଣାପଡେ । ତେଣୁ ପୂର୍ବୋକ୍ତ ଛଅ ଗୋଟି ସେରେଞ୍ ପରେ ଏହି ସେରେଞ୍ ବା ଲୋକଗୀତ ସାନ୍ତାଳ ସମାଜରେ ଉପୃତ୍ତି ଲାଭ କରିଥିବ ।

ଏହି ପ୍ରକାରେ ଏହି ସାତଗୋଟି ଲୋକଗୀତକୁ ସାନ୍ତାଳ ସମାଜରେ ପ୍ରଚଳିତ ଲୋକଗୀତମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟର ବୋଲି ମାନ୍ୟତା ଦିଆଯାଇପାରେ । ଅପର ପକ୍ଷରେ ଅବଶିଷ୍ଟ ଗୀତଗୁଡିକ ପରବର୍ତ୍ତୀ ପର୍ଯ୍ୟାୟର ଗୀତ ଭାବେ ଗ୍ରହଣ

କରାଯିବା ଯୁକ୍ତି ସଙ୍ଗତ ଅଟେ । କାରଣ ଏହି ସବୁ ଗୀତଗୁଡିକ କେବେ ସୃଷ୍ଟିହେଲା , ସେ ସମ୍ବନ୍ଧରେ କୌଣସି ସଠିକ୍ ମତବାଦ ପ୍ରଦାନ କରିବା ଅସମ୍ଭବ । କିନ୍ତୁ ଏକଥା ଯାହା ହେଉନା କାହିଁକି ଏହି ଲୋକଗୀତ ଗୁଡିକ ଯେ ପ୍ରାଚୀନଯୁଗର ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ । ଏହି ପରବର୍ତ୍ତୀ ପର୍ଯ୍ୟାୟର ଲୋକଗୀତ ମଧ୍ୟରେ ଦାସାଁୟ୍, ଡାଣ୍ଡା, ଗାଳି ଆସେନ୍, ଝାରନୀମାନ୍ତାର୍ କାତୁର୍, ରିଞ୍ଜା, ଝିକା, ପାତା, ଏବଂ ଏନେନ୍‌ଜଂ ସେରେଞ୍ଜ୍‌କୁ ଅନ୍ତର୍ଭୁକ୍ତ କରାଯାଇପାରେ ।

## ସାନ୍ତାଳୀ ଲୋକୋକ୍ତି

ଲୋକ ସାହିତ୍ୟର ବିଭିନ୍ନ ଦିଗମାନଙ୍କ ମଧ୍ୟରେ ଲୋକୋକ୍ତି ଏକ ବିଶେଷ ସ୍ଥାନ ଅଧିକାର କରେ । କୁହାଯାଇଥାଏ "କହି ଜାଣିଲେ କଥା ସୁନ୍ଦର ।" କଥା କହିବାର କୌଶଳ ଜାଣିଥିବା ବ୍ୟକ୍ତି ହିଁ ସମସ୍ତଙ୍କ ମନ କିଣିନେବାରେ ସମର୍ଥ ହୋଇଥାଏ । କଥା କହିବାର କଳା ବା କୌଶଳ କହିଲେ ପ୍ରତୀକାତ୍ମକ ଭାଷା ପ୍ରୟୋଗର ପାରଙ୍ଗମତାକୁ ହିଁ ବୁଝାଇଥାଏ । ମନର ଭାବକୁ ଅନ୍ୟମାନଙ୍କ ନିକଟରେ ଏକାନ୍ତ ସରସ ସୁନ୍ଦର ତଥା ପ୍ରଭାବଶାଳୀ ରୂପେ ଅଭିବ୍ୟକ୍ତ କରିବା ଏକ ବିଶେଷ କଳା । ଏଥିପାଇଁ ପ୍ରତ୍ୟେକ ଭାଷାଭାଷୀ ଜନସାଧାରଣ ନିଜ ନିଜ ଭାଷାର ସୃଷ୍ଟି କଳାର କଳାତ୍ମକ ପ୍ରକାଶ ଭଙ୍ଗୀ ପ୍ରତି ବିଶେଷ ଗୁରୁତ୍ୱ ଦେଇ ଆସିଛନ୍ତି । ଭାଷାର ଏହି ବିଶିଷ୍ଟ କଥନ ଭଙ୍ଗୀର ନିଦର୍ଶନ ଗୁଡ଼ିକୁ "ରୂଢ଼ି" ନାମରେ ନାମିତ କରାଯାଇଛି । କାରଣ ଏଥିରେ ପ୍ରୟୋଗ କରାଯାଇଥିବା ପଦ ଗୁଡ଼ିକରେ ତାର ମୂଳ ଆଭିଧାନିକ ଅର୍ଥ ପରିବର୍ତ୍ତେ ପ୍ରସଙ୍ଗକ୍ରମେ ଆରୂଢ଼ ହୋଇଥିବା ଲାକ୍ଷଣିକ ବା ବ୍ୟଞ୍ଜିତ ଅର୍ଥ ପ୍ରକାଶ କରନ୍ତି ।।୪୧।।

ସାନ୍ତାଳୀ ଲୋକସାହିତ୍ୟ, ଲୋକଗୀତରୁ ଆରମ୍ଭ ହୋଇଥିଲେ ହେଁ ଏଥିରେ "ଲୋକୋକ୍ତି" ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ । କାରଣ ଲିଖିତ ସାହିତ୍ୟ ପ୍ରଚଳନର ବହୁକାଳ ପୂର୍ବରୁ ଜନ ସାଧାରଣ ଏହା ମାଧ୍ୟମରେ ନିଜ ମନର ଅଭିବ୍ୟକ୍ତି ପ୍ରକାଶ କରୁଥିଲେ । ଫଳ ସ୍ୱରୂପ ସେମାନଙ୍କ ଅଜାଣତରେ ତଥାକଥିତ ସମାଜ ଏବଂ ସଂସ୍କୃତିର ଚିତ୍ର ଏଥିରେ ଲିପିବଦ୍ଧ କରିଯାଇଅଛନ୍ତି । ତେଣୁ ଏହି ଲୋକୋକ୍ତି ଗୁଡ଼ିକ ବାସ୍ତବରେ ସାହିତ୍ୟର ଏକ ଏକ ଅମୂଲ୍ୟ ସମ୍ପଦ । ସାନ୍ତାଳୀ ଭାଷାରେ ପ୍ରଚଳିତ

ହଜାର ହଜାର ଢଗ ଢମାଳୀ ଓ ରୁଢି ଆଜି ପର୍ଯ୍ୟନ୍ତ ମଧ୍ୟ ଏହି ଭାଷାଭାଷୀର ଅଗଣିତ ନରନାରୀଙ୍କ ମୁଖରେ ପ୍ରଚଳିତ ହୋଇ ରହିଛି । କିନ୍ତୁ ପରିତାପର ବିଷୟ ଆଧୁନିକ ଶିକ୍ଷା ଏବଂ ସାମାଜିକ ଚଳଣୀର ପରିବର୍ତ୍ତନ ହେତୁ ସେଗୁଡ଼ିକ କ୍ରମଶଃ ଲୋପ ପାଇବାକୁ ବସିଛି । ତେଣୁ ଏ ଦିଗରେ ସ୍ୱତନ୍ତ୍ର ଭାବେ ଗବେଷଣାକାର୍ଯ୍ୟ କରାଯାଇ ଏ ଗୁଡ଼ିକର ସଂରକ୍ଷଣ କରାଯିବା ଉଚିତ୍ । ଆଉ ନ ହେଲେ ଆଗାମୀ ଦିନରେ ଏ ଗୁଡ଼ିକ ଖୋଜିଲେ ମଧ୍ୟ ମିଳିବ ନାହିଁ ।

ସାନ୍ତାଳମାନଙ୍କ ମଧ୍ୟରେ ଏହାର ଉତ୍ପତ୍ତି କେବେ ଓ କିପରି ହେଲା ସେ ସମ୍ବନ୍ଧରେ ସଠିକ୍ ତଥ୍ୟ ପ୍ରଦାନ କରିବା ଅସମ୍ଭବ । ସାନ୍ତାଳୀ କିମ୍ବଦନ୍ତି କଥାରୁ ଜାଣିବାକୁ ମିଳେ ଯେ ପୁରୁଷର ନାରୀପ୍ରତି ଯେଉଁ ପ୍ରେମ ଭାବ ରହିଛି ସେଥିରୁ ଏହି "ଲୋକୋକ୍ତି" ସୃଷ୍ଟି ଲାଭକରିଥିଲା । ଯେତେବେଳେ ପିଲଚୁଙ୍କ ସାତକନ୍ୟା ଚାପାକିଆ ନାମକ ବର ଓହଳରେ ଡାହାରସେରେଞ୍ଜ୍ (ଡାହାର୍ ନାମକ ସାନ୍ତାଳୀ ଲୋକଗୀତ) ଗାଇ ଝୁଲୁଥିରେ । ସେତେବେଳେ ଏହା କର୍ଣ୍ଣଗୋଚର ହୁଏ ପିଲଚୁଙ୍କର ସାତପୁତ୍ରଙ୍କର ଯେଉଁମାନେ ଖାଣ୍ଡେରାୟ୍ ପର୍ବତକୁ ଶିକାର କରିବା ସକାଶେ ଯାଇଥିଲେ । ଏହି ମୃଗୟା ଫେରନ୍ତା ଯୁବକମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ଗୀତ ଗାନ କରୁଥିବା ରମଣୀମାନଙ୍କ ପାଖକୁ ଆକର୍ଷିତ ହୋଇ ଆସିଯାଇଛନ୍ତି ଏବଂ ସେମାନେ ପରସ୍ପରଙ୍କୁ ଚିହ୍ନି ପାରିନାହାନ୍ତି । ତେଣୁ ସେମାନେ ପରସ୍ପରଙ୍କୁ ତାଙ୍କ ପରିଚୟ ପଚାରିଛନ୍ତି । ପ୍ରଥମତଃ ପୁତ୍ରଗଣ ଝିଅମାନଙ୍କୁ ତାଙ୍କର ଜାତି (ପାରିସ୍) କଥା ପଚାରିଛନ୍ତି । ଯଥା - ଆପେ କୁଳିକ ଚିଲି ଜାତି ? (ତୁମେ ଝିଅମାନେ କେଉଁ ଜାତିର) ସେତେବେଳେ ଝିଅମାନେ ଉତ୍ତର ଛଳରେ କହିଥିଲେ :-

ଜାତି କଳାପେ କୁଲି କେଦ୍‌ଲେ
ଆଲେ ରେୟାଃ ଜାତି କଳାକ
ରେୟାକ୍ କାଣ୍ଡା କଳା କିତା'କାହାଡୁମ୍ ।।୪୨।।

ଅର୍ଥାତ୍ ହେ ଯୁବକମାନେ ତୁମେ ଆମକୁ ଜାତି କଥା ପଚାରିଲ ତା ହେଲେ ଶୁଣ ଆମ ଜାତି ହେଉଛି "ଥଣ୍ଡା ଜଳ କିତା କାଁହାଡୁମ୍" । ଏହି ଉତ୍ତର ଗୀତ ଛଳରେ ଦେବା ପରି ଜଣାଯାଉଥିଲେ ହେଁ ପ୍ରକୃତରେ ସେମାନେ କଥାରେ କହିଛନ୍ତି । ଯାହା ଏକ ସାଙ୍କେତିକ ଶବ୍ଦ ମାତ୍ର (ଯାହା ଓଡିଆ ଭାଷାର ରୁଢି ପ୍ରୟୋଗ ପରି) । ଅର୍ଥାତ୍ "ଥଣ୍ଡା

ଜଳ କିତାକାହାଡୁମ୍" ନାରୀମାନଙ୍କର ଦୈନନ୍ଦିନର କାର୍ଯ୍ୟକୁ ସୂଚାଉଅଛି । ସେମାନେ ସବୁଦିନ ଘରର ରୋଷେଇ ଆଦିରେ ବ୍ୟବହାର ସକାଶେ ଜଳର ବ୍ୟବସ୍ଥା କରିଥାନ୍ତି । ଏହି ଜଳ ଆଣିବା ସକାଶେ ସେମାନେ ଯେଉଁ ମାଠିଆକୁ ମୁଣ୍ଡରେ ବୋହି ନେଇ ଆସିଥାନ୍ତି ତାହା ମୁଣ୍ଡରେ ଠିକ୍‌ଭାବେ ରହିବା ସକାଶେ ଯେଉଁ ପିଣ୍ଡି ବ୍ୟବହାର କରିଥାନ୍ତି ତାହା ଖଜୁରୀ ଜାତୀୟ କିତାରେ କରାଯାଇଥିବା କଥା ସେମାନେ ପ୍ରକାଶ କରିଛନ୍ତି ।

ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ନାରୀମାନେ ଯୁବକ ମାନଙ୍କୁ ସେମାନଙ୍କ ଜାତି (ପାରିସ୍) କଥା ପଚାରିବାରୁ ଉତ୍ତର ଛଳରେ କହିଛନ୍ତି :-

ଜାତି କୁଳିପେ କୁଲି କେଦ୍‌ଲେ
ଆଲେ ରେୟାଂ ଜାତି କୁଳିକ,
ହେସେଲ୍ ପାୟ୍‌ଣା କୁଲି କଚେ କାଣ୍‌ବା ।।୪୩।।

ଅର୍ଥାତ୍ - ନାରୀମାନେ ଆମକୁ ଜାତିକଥା ପଚାରିଲ ତାହା ହେଲେ ଶୁଣ ଆମ ଜାତି ହେଲା "ଧଉଳାବାଡି ବାଙ୍କମୁଠି" । ଏହା ଓଡିଆଭାଷାରେ ରୁଢିପରି । ଯାହା ପୁରୁଷଲୋକମାନଙ୍କ କର୍ମକୁ ବୁଝାଉ ଅଛି । ଅର୍ଥାତ୍ ହଳକଲାବେଳେ ଯେଉଁ ବାଡି ଖଣ୍ଡିକ ବ୍ୟବହାର କରାଯାଏ ତାହା ଧଳାକାଠରେ ତିଆରି ଏବଂ ସେମାନଙ୍କର ଯେଉଁ ଲଙ୍ଗଳମୁଠି ତାହା ସିଧା ନ ହୋଇ ବଙ୍କାଥାଏ ବୋଲି ବୁଝାଉଅଛି । ତେଣୁ ଏହି ଉକ୍ତି ଦ୍ୱୟ ଯଥା - "ରେୟାଳ କାଣ୍ଡା କିତା କାହାଡୁମ୍" ଏବଂ "ହେସେଲ୍ ପାୟ୍‌ଣା କଚେ କାଣ୍‌ବା" ହେଉଛି ସନ୍ତାଳୀ ଭାଷାର ଆଦି ରୁଢି । କାରଣ ଏହା ପୂର୍ବରୁ କୌଣସି ରୁଢି ତଥା ଲୋକୋକ୍ତି ଥିବାର ଦୃଷ୍ଟାନ୍ତ ବିରଳ । ତେବେ ସାଂନ୍ତାଳୀପରି ଏକ ପ୍ରାଚୀନ ଭାଷାରେ ଲୋକସାହିତ୍ୟର ଏକ ସମୃଦ୍ଧିଶାଳୀ ଭଣ୍ଡାର ରହିବା ସ୍ୱାଭାବିକ । ସାନ୍ତାଳୀ ଲୋକସାହିତ୍ୟରେ ପ୍ରଚଳିତ ଏହି ଲୋକୋକ୍ତି ସମୂହକୁ ନିମ୍ନ ପ୍ରକାରେ ବିଭାଗୀକରଣ କରାଯାଇପାରେ ।

**୧. କାଥାରେନାଂ ଗାଛାର୍ (ରୁଢ଼ିପ୍ରୟୋଗ)**

ସାନ୍ତାଳୀଭାଷାରେ ଅନେକ ସମୟରେ ବ୍ୟବହୃତ ଶବ୍ଦଗୁଛ ମଧ୍ୟରୁ କୌଣସି ଗୋଟିଏ ଶବ୍ଦର ଅର୍ଥ ସ୍ୱତନ୍ତ୍ର ଭାବରେ ପ୍ରତିପାଦିତ ହୁଏ ନାହିଁ । ସମସ୍ତ ଶବ୍ଦର ଅନ୍ୟ ଏକ ଧ୍ୱନିଗତ ଅର୍ଥ ପ୍ରକାଶ ପାଏ ଯାହାକୁ ଓଡିଆଭାଷାର ରୁଢିପ୍ରୟୋଗ ସହିତ ତୁଳନା କରାଯାଇପାରେ । ଅର୍ଥାତ୍ ଏହାର ବାହ୍ୟଅର୍ଥ କ'ଣ ଗୋଟିଏ ପ୍ରକାଶକରିବା ପରି ଜଣାଯାଉଥିଲେ ହେଁ ଏହାର ଅନ୍ୟଏକ ଆଭ୍ୟନ୍ତରୀଣ ବା ପ୍ରକୃତ ଅର୍ଥ ରହିଥାଏ । ଏହି

ଧରଣର ଶବ୍ଦର ପ୍ରୟୋଗକୁ ଏହି ଆଲୋଚନା ପ୍ରସଙ୍ଗରେ କାଥାରେନାଂ ଗାଙ୍କାର୍ ନାମରେ ନାମକରଣ କରାଯାଇଅଛି । ସାନ୍ତାଳୀ ଲୋକମାନଙ୍କର ଏହା ଏକ ଅବିଚ୍ଛିନ୍ନ ଧାରା ଯାହା ସାନ୍ତାଳୀ ଲୋକସାହିତ୍ୟକୁ ସମୃଦ୍ଧ କରିବାରେ ଅନେକାଂଶରେ ସହାୟକ ହୋଇଅଛି । ଏହି ଧରଣର କେତେ ଗୁଡିଏ ଶବ୍ଦକୁ ନିମ୍ନରେ ଉଦାହରଣ ସ୍ୱରୂପ ପ୍ରଦାନ କରାଗଲା

**ହଲ୍ ଞେଲ୍‌ତେ ତାଲାଲାକ୍‌ରେ ବାନ୍ଦେଃ**

ଓଡ଼ିଆ ରୂପାନ୍ତର :- ଅନ୍ୟକୁ ଦେଖି ମଝିପେଟରେ ଶାଢୀ ପିନ୍ଧିବା ।

ଏହାର ବାହ୍ୟଅର୍ଥ ହେଲା ଅନ୍ୟ ସ୍ତ୍ରୀ ଲୋକମାନଙ୍କୁ ଦେଖୀ ମଝି ପେଟରେ ଶାଢୀ ପିନ୍ଧିବା । ଅର୍ଥାତ୍ କୌଣସି ସ୍ତ୍ରୀଲୋକ ନିଜେ ଗର୍ଭବତୀ ନ ହୋଇ ମଧ୍ୟ ଅନ୍ୟ ଗର୍ଭବତୀ ମହିଳାଙ୍କୁ ଦେଖି ସେମାନଙ୍କ ପରି ନାହି ଉପରେ ବା ମଝି ପେଟରେ ଶାଢୀ ପିନ୍ଧିବା ।

ଅଭ୍ୟନ୍ତରୀଣ ଅର୍ଥହେଲା - ଯିଏ ପ୍ରକୃତରେ ଯାହାନୁହେଁ ।

ପ୍ରୟୋଗ - କୌଣସି ଗରୀବ ଲୋକଟିଏ ନିଜ ପୁଅର ବାହାଘର ଖୁବ୍ ଜାକଜମକରେ କରିବା ଅନ୍ତେ ଯେତେବେଳେ ସେ ଅସୁବିଧାର ସମ୍ମୁଖୀନ ହୁଏ । ସେତେବେଳେ ଲୋକମାନେ କହିଥାନ୍ତି କ'ଣ କହିବ ତାଙ୍କ କଥା ସେତ ଅନ୍ୟକୁ ଦେଖି ମଝି ପେଟରେ ଶାଢି ପିନ୍ଧିଲା । ଚେଦ୍‌ଏମ୍ ମେନା ଉନିୟାଃ କାଥା-ଉନିମା ହଲ୍‌ଞେଲତେ ତାଲା ଲାକ୍‌ରେ ବାନ୍ଦେଃକାନ୍‌ଦ ।

**ସେନ୍‌ଗେ ସୁସୁନ୍ କାଜିଗେ ଦୁରାଂ**

ଓଡ଼ିଆ ରୂପାନ୍ତର :- ଚାଲିବାଟା ହିଁ ନାଚିବା କହିବାଟା ହିଁ ଗାଇବା ।

ଅର୍ଥାତ୍ 'ସେନ୍' ବା ଚାଲିବା ଅଥବା ଯିବା ଅର୍ଥରେ ବ୍ୟବହାର ହୁଏ । 'ସୁସୁନ୍' ଅର୍ଥ ନାଚିବା ସେହିପରି 'କାଜି' ଅର୍ଥ କଥାକହିବା ଦୁରାଂ ଅର୍ଥଗୀତ । ତେଣୁ ସେନ୍‌ଗେ ସୁସୁନ୍ କାଜିଗେ ଦୁରାଂର ବାହ୍ୟ ଅର୍ଥହେଲା - ଚାଲିବାଟା ହିଁ ନାଚିବା, କହିବାଟା ହିଁ ଗାଇବା ।

ଆଭ୍ୟନ୍ତରୀଣ ଅର୍ଥହେଲା - କରିଲେ ସବୁ ଜିନିଷ ହୋଇପାରିବ ଅର୍ଥାତ୍ କୌଣସି ଜିନିଷ ଅସମ୍ଭବ ନୁହେଁ ବା କଷ୍ଟକର ନୁହେଁ ।

ପ୍ରୟୋଗ - କୌଣସି ଯୁବକ ଲଙ୍ଗଳ, ଖଟପରି ସାନ୍ତାଳ ସମାଜର ଅତ୍ୟାବଶ୍ୟକ ଜିନିଷ ତିଆରି କରିବାକୁ ଶିଖି ନ ଥିଲେ ଏବଂ ଶିଖିବାକୁ ଡରୁଥିଲେ, ତାକୁ

ସାହସ ଦେବାକୁ ଯାଇ କୁହା ଯାଇଥାଏ - ସାବ୍‌ଲେନ୍‌ଖାନେମ୍ ଗାନ୍‌ଗେୟମ୍ । ଆଲମ୍ ବତରଃଆ ଅନେ ବାକ ମେନା 'ସେନ୍‌ଗେ ସୁସୁନ୍ କାଜିଗେ ଦୁରାଂ' ।

ଓଡିଆ ରୂପାନ୍ତର - ଧରିଲେ ପାରିବୁ, ଡରିବୁନି । ସେଥିପାଇଁପରା କୁହାଯାଇଛି ଚାଲିବାଟାହିଁ ନାଚିବା କହିବାଟାହିଁ ଗାଇବା ଅର୍ଥାତ୍ ନାଚିବା କୌଣସି ବଡକାମ ନୁହେଁ ତୁମେ ଯେଉଁ ଚାଲୁଛ ସେହି ଚାଲିବା ବା ପଦପାତ କରିବା ଶୈଳୀକୁ ନିର୍ଦ୍ଦିଷ୍ଟ ବିଧିରେ କଲେ ତାହାକୁ ନାଚକୁହାଯାଏ । ସେହିପରି ଗାଇବା ମଧ୍ୟ କଷ୍ଟକର କାମ ନୁହେଁ ତୁମେ ଯେଉଁ କଥା କହୁଛ ତାହାକୁ ନିର୍ଦ୍ଦିଷ୍ଟ ଶୈଳୀରେ କହିଗଲେ ହିଁ ଗୀତହୋଇଯିବ । ଏଠାରେ ଲଙ୍ଗଳ, ଖଟ ତିଆରି କରିବା କଥା ଯାହା କୁହାଯାଉଛି ପୂର୍ବୋକ୍ତ ଶୈଳୀରେ କରାଯାଇପାରେ ଲଙ୍ଗଳ ଖଟ ତିଆରି କରିବା ବଡ କାମ ନୁହେଁ ତୁମେ ଯେଉଁ ହାଣୁଛ ତାହାକୁ ନିର୍ଦ୍ଦିଷ୍ଟ ଭଙ୍ଗୀରେ ହାଣିଲେ ହିଁ ଲଙ୍ଗଳ ବା ଖଟ ତିଆରି ହୋଇଯିବ ।

ଏହି ପ୍ରକାରେ ଏହି କଥା ମାଧ୍ୟମରେ ସାନ୍ତାଳୀ ଲୋକକଥା ଏହା ହିଁ ସୂଚାଇ ଦେଇଥାଏ । କୌଣସି କାମ କଷ୍ଟକର ନୁହେଁ କରିଚାଲିଲେ ତାହା ନିଶ୍ଚୟ ସମ୍ଭବ ହୋଇପାରିବ ।

**"ସି" ଖାନ୍‌ଦମ୍ ଡେଲାକଃଗେୟା**

ଓଡ଼ିଆ ରୂପାନ୍ତର :- ହଳ କଲେ ଟେଳା ବାହାରିବ ।

ବିଲରେ ହଳ କଲେ ଟେଳା ବାହାରିବା କୌଣସି ନୂଆକଥା ନୁହେଁ, ସମତଳ ଜମି ହୋଇଥିଲେ ମଧ୍ୟ ଏହା ବାହାରିବା ସ୍ୱାଭାବିକ । ଶବ୍ଦଟିର ଏହା ହେଉଛି ବାହ୍ୟଅର୍ଥ ।

ଆଭ୍ୟନ୍ତରୀଣ ଅର୍ଥ - ଭଲ ଜିନିଷରେ ମଧ୍ୟ ଖୋଜି ବସିଲେ ଖରାପ ବାହାରିବା ସୁନିଶ୍ଚିତ ପ୍ରୟୋଗ - ଭଲଥିବା କୌଣସି ପରିବାରର ଲୋକେ ଓଝା ପାଖକୁ ଯାଇ ତେଲ ଦେଖାଇଲେ, ସେ ନିଶ୍ଚୟ କହିବ ଭୂତ ପ୍ରେତ ତଥା ଡାହାଣୀ ପରି ଅନିଷ୍ଟକାରୀ ଶକ୍ତିମାନେ ଘରର ଅନିଷ୍ଟ ସାଧନ କରୁଛନ୍ତି । ସେହିପରି ସେମାନେ ଯଦି ଜ୍ୟୋତିଷଙ୍କ ପାଖକୁ ଯିବେ ସେ ତାଙ୍କ ପୋଥି କାଢି କହିବେ ରାହୁ କେତୁ ତଥା ଅନ୍ୟ କେଉଁ ଗ୍ରହର କୋପଦୃଷ୍ଟି ପରିବାର ଉପରେ ପଡିଛି ବୋଲି, ଏହାକୁ ଦେଖି ସାନ୍ତାଳ ଲୋକେ କହନ୍ତି -

ସି ଖାନ୍‌ଦମ୍ ଡେଲାକଃଗେୟ୍ । ଅର୍ଥାତ୍ ହଳ କଲେହିଁ ଟେଳା ବାହାରିବ । ତେଣୁ ଦରକାର ନପଡିବା ପର୍ଯ୍ୟନ୍ତ ହଳ ନକରିବା କଥା ଏହା ସୂଚାଇଥାଏ ।

**ତାଲା ଟାଣ୍ଡିରେମା ପାତାଟାଣ୍ଡି**

ଓଡ଼ିଆ ରୂପାନ୍ତର :- ମଝି ପଡିଆରେ ଯାତରାସ୍ଥାନ ।

ଯାତାରା, ମେଳା ଏହିସବୁ ଜିନିଷ ମଝି ପଡିଆରେ ହେବା ସାଧାରଣକଥା । କାରଣ ଏଠାକୁ ବହୁ ସଂଖ୍ୟକ ଲୋକ ଆସୁଥିବା ହେତୁ ଏକ ବିସ୍ତିର୍ଣ୍ଣ ପ୍ରାନ୍ତରର ଆବଶ୍ୟକ ହୋଇଥାଏ । ସାନ୍ତାଳୀ ଭାଷାରେ ତାଲା ଅର୍ଥ ମଝି, ଟାଣ୍ଡି ଅର୍ଥ ପଡିଆ, ପାତାଟାଣ୍ଡି ଅର୍ଥ ମେଳା ବା ଯାତ୍ରା ନିମନ୍ତେ ଉଦ୍ଦିଷ୍ଟ ପ୍ରାନ୍ତର । ଅର୍ଥାତ୍ ତାଲା ଟାଣ୍ଡିରେମା ପାତାଟାଣ୍ଡି ର ଅର୍ଥହେଲା "ମଝି ପଡିଆରେ ଯାତରାସ୍ଥାନ" ଏହା ହେଉଛି ଶବ୍ଦଟିର ବାହ୍ୟ ଅର୍ଥ ।

ଆଭ୍ୟନ୍ତରୀଣ ଅର୍ଥ - ମଣିଷ ସଂସାର ଭିତରେ ଥାଇମଧ୍ୟ ଅସହାୟ ।

ପ୍ରୟୋଗ - କୌଣସି ପିଲାର ପିତାମାତା ଅକାଳରେ ମୃତ୍ୟୁ ଲଭିଲେ, ପିଲାଟି ଜ୍ଞାତି କୁଟୁମ୍ବଙ୍କ ପାଖରେ ରହିବାକୁ ବାଧ୍ୟ ହୋଇଥାଏ । ଅନେକ ସମୟରେ ଦେଖାଯାଏ ସେହିମାନେ ପିଲାଟିର ଦୁଃଖସୁଖ କଥା ଯେତିକି ବୁଝନ୍ତି ନାହିଁ ତାଠାରୁ ଢେର୍ ଅଧିକ ଯତ୍ନବାନ୍ ହୋଇଥାନ୍ତି ତାହାର ସ୍ଥାବର ଅସ୍ଥାବର ସମ୍ପତ୍ତିରୁ କେମିତି ଲାଭ ଉଠାଇବେ । ଏହିପରି ଅବସ୍ଥାର ସମ୍ମୁଖୀନ ହୋଇଥିବା ଲୋକଙ୍କ ଅବସ୍ଥା ଦେଖି କୁହାଯାଇଥାଏ । ଚେଦ୍ ଆରେ ଚେକାୟ୍ "ନଙ୍ଗାଗେକ ମେତାଃଆ ତାଲାଟାଣ୍ଡି ରେମା ପାତାଟାଣ୍ଡି ।" (ଅର୍ଥ - କ'ଣ ଆଉ କରନ୍ତା ଏହାକୁ ହିଁ କହନ୍ତି ମଝି ପଡିଆରେ ଯାତରାସ୍ଥାନ) । ଅର୍ଥାତ୍ ସେ ଯେହେତୁ ପିତାମାତାଙ୍କୁ ହରାଇ ସାରିଛି, ତେଣୁ ତାହାର ଏହି ଅବସ୍ଥା ଠିକ୍ ମଝି ପଡିଆରେ ରହିବା ପରିକା । ଯେହେତୁ ତାର ନିଜର କେହିନାହାନ୍ତି । ପୁନଶ୍ଚ କୁହାଯାଇଛି ପାତାଟାଣ୍ଡି (ଯାତରାସ୍ଥାନ) ସେହି ମଝି ପଡିଆରେ ରହିଛି । ଏହା ତାହାର ସେହି ଜ୍ଞାତି କୁଟୁମ୍ବକୁ ବୁଝାଉଅଛି । ଯେଉଁମାନେ ଖୁବ୍‌ପାଖରେ ଥାଇ ମଧ୍ୟ କେହିନୁହନ୍ତି, ଯେପରି ଯାତରାସ୍ଥାନରେ ଏତେ ସଂଖ୍ୟକ ଲୋକ ଏକତ୍ରୀତ ହୋଇଥିଲେହେଁ ସେମାନେ କେହିକାହାର ନୁହଁନ୍ତି ସମସ୍ତେ ନିଜନିଜର କାମରେବ୍ୟସ୍ତ ।

ଆଧ୍ୟାତ୍ମିକତା ଦୃଷ୍ଟିରୁ ବିଚାରକଲେ ପ୍ରତ୍ୟେକ ମଣିଷ ହେଉଛନ୍ତି ତାଲାଟାଣ୍ଡିରେ ଥିବା ପାତାଟାଣ୍ଡିର ମଣିଷ । ଅର୍ଥାତ୍ ମାନବମାତ୍ରେ ହିଁ ଅସହାୟ ବୋଲି ବୁଝାଯାଇଥାଏ ।

**ଲିଙ୍ଗିନ୍ ଦାଃଦ ବାୟ୍ ରୁଙ୍ଖାଲା**

ଓଡ଼ିଆ ରୂପାନ୍ତର :- ବୋହିଗଲା ପାଣି ଫେରେ ନାହିଁ।

ବୋହିଗଲା ପାଣି ଫେରେ ନାହିଁ ବୋଲି ଯାହା କୁହାଯାଇଅଛି ଏହାର ବାହ୍ୟ ଅର୍ଥ ହେଲା ନଦୀ, ନାଳ ଅବା ନିର୍ଝରିଣୀର ଜଳ ଯେହେତୁ ନିମ୍ନଭୂମି ଆଡକୁ କ୍ଷୀପ୍ର ଗତିରେ ପ୍ରବାହିତ ହେଉଥାଏ ତେଣୁ ସେହି ଜଳରେ କୌଣସି ଜିନିଷ ଭାସିଗଲେ ତାହା ଆଉ ଫେରି ଆସି ନ ଥାଏ ।

ଅଭ୍ୟନ୍ତରୀଣ ଅର୍ଥ - କାହା ପ୍ରତି କଟୁ ମନ୍ତବ୍ୟ ଦିଆଯାଇଥିଲେ ତାହାକୁ ଆଉ ଫେରେଇ ହେବ ନାହିଁ ।

ପ୍ରୟୋଗ - କୌଣସି ଲୋକ କାହାପ୍ରତି କଟୁବାକ୍ୟ ପ୍ରୟୋଗ କରିବା ପରେ ଚିନ୍ତା କରୁଥିଲେ ତାହାକୁ କୁହାଯାଇଥାଏ, ଲିଙ୍ଗିନ୍ ଦାଃଦ ବାୟ୍ ରୁଙ୍ଖାଲା (ବୋହିଗଲା ପାଣିଫେରେ ନାହିଁ) । ତେଣୁ ପରୋକ୍ଷରେ ସୂଚାଇ ଦିଆଯାଇଛି, କଟୁବାକ୍ୟ ପ୍ରୟୋଗ ନ କରିବା ପାଇଁ, କାରଣ ପରେ ଅନୁତାପ କଲେ ମଧ୍ୟ ଆଉ ଫେରାଇ ହେବ ନାହିଁ । ଏହା ଠିକ୍ ଧନୁରୁ ଛଡାଯାଇଥିବା ତୀର ପରି ଯେକୌଣସି ସ୍ଥାନରେ ଭେଦ କରିବା ସୁନିଶ୍ଚିତ । ଅର୍ଥାତ୍ କେବଳ ଅନୁତାପ କରିବାଟା ହିଁ ସାରହେବ ।

**ରାଃ କୁଲ୍ଦ ବାକ ଗେଗେରା**

ଓଡ଼ିଆ ରୂପାନ୍ତର :- ଗର୍ଜିଲା ବାଘ କାମୁଡେ ନାହିଁ।

ରାଃ କୁଲ୍ଦ ବାକ ଗେଗେରା ଅର୍ଥାତ୍ ଗର୍ଜିଲା ବାଘ କାମୁଡେ ନାହିଁ । କାରଣ ସେ ଯେହେତୁ ଗର୍ଜନ କରୁଛି ତେଣୁ ତା ପାଖକୁ ତ ମୂଳରୁ କେହି ଯିବେ ନାହିଁ ତେଣୁ ସେ କାମୁଡିବ ଅବା କାହାକୁ । ଏହା ହେଲା ଶବ୍ଦର ବାହ୍ୟ ଅର୍ଥ।

ଆଭ୍ୟନ୍ତରୀଣ ଅର୍ଥ - ଯେଉଁମାନେ ବେଶୀ କୁହନ୍ତି ସେମାନେ କିଛି କରିପାରି ନ ଥାନ୍ତି ।

ପ୍ରୟୋଗ - କୌଣସି ରାଜନୈତିକ ନେତା ଯେତେବେଳେ ପ୍ରତିଶ୍ରୁତିପରେ ପ୍ରତିଶ୍ରୁତି ଦେଇ ଚାଲନ୍ତି ସେତେବେଳେ ଲୋକମାନେ ତାଙ୍କ ଉପରୁ ଆସ୍ଥା ହରାଇ କହିଥାନ୍ତି ରାଃ କୁଲଦ୍ ବାକ ଗେଗେରା । ଏହା ଠିକ୍ ଓଡିଆ ଭାଷାରେ ପ୍ରଚଳିତ ଗରଜିଲା ମେଘ ବରଷେ ନାହିଁର ସମଅର୍ଥ ବୋଧକ ଶବ୍ଦମାତ୍ର।

**ପିଠାଦ ମିଦ୍ ସାହ୍ୱାତେଦ ବାୟ୍ଇସିନଃଆ**

ଓଡ଼ିଆ ରୂପାନ୍ତର :- ପିଠା ଗୋଟିଏ ପଟୁ ସିଝେ ନାହିଁ ।

ପିଠା ଯେତେବେଳେ ତିଆରି କରାଯାଏ ସେତେବେଳେ ଗୋଟିଏ ପଟୁ ସିଝିବାପରେ ତାହାକୁ ଓଲଟାଇ ଦିଆଯାଏ ଆରପଟ ସିଝିବା ପାଇଁ । ଏହା ହେଲା ଶବ୍ଦଟିର ବାହ୍ୟ ଅର୍ଥ ।

ଆଭ୍ୟନ୍ତରୀଣ ଅର୍ଥଲେହା - ସବୁଦିନ ଏକାପରି ଯାଏ ନାହିଁ ।

ପ୍ରୟୋଗ - ଜଣେ ଯେତେବେଳେ ଅସୁବିଧାରେ ପଡିଛି ସେତେବେଳେ ସେ ତାର ଚିହ୍ନା ପରିଚୟ ସାହି ପଡିଶାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିଥାଏ । ସେତେବେଳେ ସେମାନେ ଅମଙ୍ଗ ହେଲେ ସାହାଯ୍ୟ ଭିକ୍ଷା କରୁଥିବା ଲୋକଟି ସତର୍କ କରାଇଦିଏ - ବାମ୍ ଇମାଞ୍ଚ୍ ଖାନ୍ଦ ଠିକ୍ଗେୟ୍ । ତବେ ଉୟହାର୍ କାଃମେ ପିଠାଦ ମିଦ୍ ସୀହାତେଦ ବାୟ୍ ଇସିନଃଆ । ଅର୍ଥାତ୍ - ଯଦି ଦେବୁନାହିଁ ତାହାମଧ୍ୟ ଠିକ୍ଅଛି କିନ୍ତୁ ଜାଣିଥା ! ପିଠା ଗୋଟିଏ ପଟେ ସିଝେ ନାହିଁ । ଏହା ଓଡିଆ ଭାଷାରେ ପ୍ରଚଳିତ ଏକା ମାଘକେ ଶୀତଯାଏ ନାହିଁ ରୂଢିଟିର ସମଅର୍ଥ ବୋଧକ ଶବ୍ଦମାତ୍ର ।

**ଏକେନ୍ ଠିଲିଦ ସାଡେଗେୟ୍**

ଓଡ଼ିଆ ରୂପାନ୍ତର :- ଫମ୍ପା ମାଟିଆର ଶବଦ ବେଶୀ ।

ଏହା ଓଡିଆ ଭାଷାରେ ବହୁ ପ୍ରଚଳିତ ରୂଢି "ଫମ୍ପା ମାଟିଆର ଶବଦ ବେଶୀ" ସହିତ ସମଅର୍ଥ ପ୍ରକାଶ କରୁଛି ।

**ଜ ଡାର୍ଦ ଲିଡୁର୍ଃଆ**

ଓଡ଼ିଆ ରୂପାନ୍ତର :- ଫଳଥିବା ଡାଳ ନଇଁଥାଏ ।

ଏହାର ଓଡିଆ ରୂପାନ୍ତର ଶବ୍ଦଟି ହେଲା ଫଳଥିବା ଡାଳ ନଇଁଥାଏ । ଅର୍ଥାତ୍ ଯେଉଁ ଡାଳରେ ଫଳଧରିଥାଏ, ତାହା ଭାରାକ୍ରାନ୍ତ ହୋଇ ତଳକୁ ଝୁଙ୍କି ପଡେ । ଏହା ହେଉଛି ଶବ୍ଦଟିର ବାହ୍ୟ ଅର୍ଥ ।

ଆଭ୍ୟନ୍ତରୀଣ ଅର୍ଥ - ବିଦ୍ୟାବନ୍ତ ପୁରୁଷ ବିନମ୍ର ଭାବ ପୋଷଣ କରିଥାଏ ।

ପ୍ରୟୋଗ - ସଭାସ୍ଥଳରେ ଯେତେବେଳେ କୌଣସି ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ତାଙ୍କୁ ପଚରା ନ ଯିବା ପର୍ଯ୍ୟନ୍ତ କୌଣସି ମତ ଉପସ୍ଥାପନ ନକରି ସ୍ଥିର ରହିଯାଇଥାଏ ।

ସେତେବେଳେ ତାଙ୍କର ଏହି ଭାବ ଦେଖି ଅନ୍ୟମାନେ କହି ଉଠନ୍ତି । ଜ ଡାର୍‌ଦ ଲିଡୁରଃଗେୟା । ସାନ୍ତାଳୀ ଭାଷାର ଏହି ଉକ୍ତିଟି ଯୁଗେଯୁଗେ ଜ୍ଞାନୀ, ବିଦ୍ୱାନ୍ ତଥା ପଣ୍ଡିତଜନଙ୍କୁ ବିନମ୍ରଭାବ ପୋଷଣକରିବା ପକାଶେ ଆମନ୍ତ୍ରଣ ଜଣାଇଆସିଛି ।

**ଦିକୁପେଲା ଜାନୁମ୍‌ଝାଣ୍ଟି**

ଓଡ଼ିଆ ରୂପାନ୍ତର :- ଆର୍ଯ୍ୟ ବନ୍ଧୁ କଣ୍ଟା ବାଡ ।

ଏହାର ଓଡିଆ ରୂପ ହେଲା- ଆର୍ଯ୍ୟ ବନ୍ଧୁ କଣ୍ଟା ବାଡ । ଅର୍ଥାତ୍ କଣ୍ଟା ବାଡରେ ଲୁଗାଶୁଖାଇଲେ ତାହା ଯେପରି ଲୁଗାର ସୂତାକୁ ଟାଣି ବାହାର କରିଦିଏ । ଠିକ୍ ସେହିପରି ଆର୍ଯ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ସେମାନେ କୌଣସି ନା କୌଣସି ଆଡୁ କ୍ଷତିସାଧନ କରିନ୍ତିବୋଲି ସାନ୍ତାଳମାନେ ବିଶ୍ୱାସ କରିଥାନ୍ତି । ଏହା ହେଉଛି ଶବ୍ଦଟିର ବାହ୍ୟଅର୍ଥ ।

ଆଭ୍ୟନ୍ତରୀଣ ଅର୍ଥ - ଶତ୍ରୁ ସହିତ ମିତ୍ରତା ।

ପ୍ରୟୋଗ - କୌଣସି ସାନ୍ତାଳ ଲୋକ ଆର୍ଯ୍ୟ ସ୍ରଦାୟର ଲୋକମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ପରେ ଠକାମିର ସମ୍ମୁଖୀନ ହେଲେ ଅନ୍ୟମାନେ କହିଥାନ୍ତି- ଅନାଚେକାକ ମେନା ଦିକୁପେଲା ଜାନୁମ୍ ଝାଣ୍ଟି । ଅର୍ଥାତ୍ ସେଥିପାଇଁ କୁହାଯାଇଛି ଆର୍ଯ୍ୟ ବନ୍ଧୁ କଣ୍ଟାବାଡ । ଏମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ଅର୍ଥ ନିଜର କ୍ଷତିସାଧନ କରିବା । ଏହି ଉକ୍ତିଟି ଘୋଷଣା କରି ଆସିଛି ଶତ୍ରୁସହିତ ମିତ୍ରତା କରିବା ଠିକ୍ ନୁହେଁ ।

**ଅଲାଃ ତିଙ୍କିଗେ ତାୟ୍‌ନଃଆ**

ଓଡ଼ିଆ ରୂପାନ୍ତର :- ଘରଡିଙ୍କି କୁମ୍ଭୀର ।

ଏହା ଓଡିଆ ଭାଷାରେ ପ୍ରଚଳିତ "ଘରଡିଙ୍କି କୁମ୍ଭୀର" ରୂଢିଟିର ସହିତ ଅର୍ଥଗତ ସାମ୍ୟତା ବହନ କରୁଅଛି ।

**ରାଗି ଡାଙ୍ଗ୍ରିଦକ ଆଳଝାଉଃଗେୟା**

ଓଡ଼ିଆ ରୂପାନ୍ତର :- ରାଗି ବଳଦ ଛନ୍ଦିହୁଏ ।

ଓଡିଆ ରୂପାନ୍ତର ହେଉଛି - ରାଗି ବଳଦ ଛନ୍ଦିହୁଏ । ଶବ୍ଦଟିର ବାହ୍ୟ ଅର୍ଥହେଲା - ଯେଉଁବଳଦ ବେଶୀରାଗି ତାହା ଦ୍ୱାରା ଚାଷ କାର୍ଯ୍ୟ କରାଗଲେ ସେ କେତେବେଳେ ହୁଏତ ଛନ୍ଦି ହୋଇଯିବାର ସମ୍ଭାବନା ରହିଛି । କାରଣ ଅନେକ ସମୟରେ ଏହି ଧରଣର ବଳଦ ମାଲିକର ନିର୍ଦ୍ଦେଶ ବା ବୋଲକୁ ଠିକ୍‌ଭାବେ ମାନି ନ

ଥାଏ । ଫଳ ସ୍ୱରୂପ ସେ ହୁଏତ କେତେବେଳେ ବିଲ ବା ପଡିଆ ପାଖରେ ଥିବା ଗଛଲତାରେ ଛନ୍ଦିହୋଇ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଅର୍ଥାତ୍ ସେ ନିଜର ତଥା ମାଲିକର କେତେବେଳେ କ୍ଷତିସାଧନ କରିବ ତାହାର କୌଣସି ଠିକ୍ ଠିକଣା ନ ଥାଏ । ଆଭ୍ୟନ୍ତରୀଣ ଅର୍ଥ - ତରତର ହୋଇ କାର୍ଯ୍ୟକଲେ ଭୁଲ୍‌ହୁଏ ।

ପ୍ରୟୋଗ - ଅନେକ ସମୟରେ ଯୁବକମାନେ ଛୋଟ ଛୋଟ କଥାରେ ଉତ୍‌କ୍ଷିପ୍ତହୋଇ ଗଣ୍ଡଗୋଳ କରିଥାନ୍ତି । ସେତେବେଳେ ସେମାନେ ଗୁରୁସ୍ଥାନୀୟ ଲୋକମାନଙ୍କ କଥାକୁ ମଧ୍ୟ ହେୟଜ୍ଞାନ କରିଥାନ୍ତି । ଯାହାର ପରିଣାମ ସ୍ୱରୂପ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଥାନା ଏବଂ କୋର୍ଟର ଦ୍ୱାରସ୍ଥ ହେବାକୁ ପଡିଥାଏ । ଏହି ଅବସ୍ଥାକୁ ଦେଖି କୁହାଯାଇଥାଏ - ରାଗି ଡାଙ୍ଗୀଦକ ଆଲ୍‌ଝାଉଃଗେୟ୍ (ରାଗି ବଳଦ ଛନ୍ଦି ହୁଏ) ।

ଉକ୍ତିଟି ବୁଝିବିଚାରୀ କାର୍ଯ୍ୟକରିବା ସକାଶେ ପରୋକ୍ଷ ଭାବେ ସୂଚାଉଅଛି ।

**ଆସୁଲ୍ ସେତାଦକ ଗେଗେର୍‌ଗେୟ୍**

ଓଡିଆ ରୂପାନ୍ତର - ପୋଷା କୁକୁର କାମୁଡେ ।

ବାହ୍ୟଅର୍ଥ - ପୋଷା ଯାଇଥିବା କୁକୁର ଯେହେତୁ ଘର ଜଗିବା ଦାୟିତ୍ୱ ବହନକରିଥାଏ ତେଣୁ ଅଚିହ୍ନାଲୋକକୁ ଦେଖିଲେ ଖୁବ୍‌ଜୋରରେ ଭୁକି କାମୁଡିବାକୁ ଗଡାଇଥାଏ । ଅପର ପକ୍ଷରେ ବୁଲା କୁକୁରର କୌଣସି ଦାୟିତ୍ୱ ନ ଥିବା ହେତୁ ସେ କାହାକୁ ଦେଖି ଭୁକେ ନାହିଁ କି ଭୟଭୀତ କରାଇ ନ ଥାଏ । ଆଭ୍ୟନ୍ତରୀଣ ଅର୍ଥ - ବିଶ୍ୱାସରେ ବିଷଦେବା ।

ପ୍ରୟୋଗ - ଅନେକ ସମୟରେ ଘରେ କାମଦାମ କରିବା ସକାଶେ ଯେଉଁ ଲୋକମାନଙ୍କୁ ରଖାଯାଇଥାଏ, ସେମାନଙ୍କୁ ମାଲିକ ଅତି ଆପଣାର ବୋଲି ଭାବିନିଏ । ଏଥି ସକାଶେ ସେ ଘରର ସମସ୍ତ ପ୍ରକାରର ଦାୟିତ୍ୱ ସେମାନଙ୍କ ଉପରେ ଛାଡିଦିଏ । କିନ୍ତୁ ଏମାନଙ୍କ ଭିତରୁ କେତେକ ଏହି ସୁଯୋଗରେ ମାଲିକଙ୍କୁ ଠକି ପଳାଇଯାଇଥାନ୍ତି । ଏହି ଧରଣର ଘଟଣାକୁ ଦେଖି ଲୋକେ କହିଥାନ୍ତି - ଆସୁଲ୍ ସେତାଦକ ଗେଗେର୍ ଗେୟ୍ । (ପୋଷା କୁକୁର କାମୁଡେ) । ଏହା ପରୋକ୍ଷ ଭାବେ ସୂଚାଇଥାଏ ଯେ କାହାରିକୁ ଅତ୍ୟଧିକ ବିଶ୍ୱାସ କରିବା ଠିକ୍ ନୁହେଁ ।

**ଜାମ୍ବୁଳୁଦକ ଦାଲ୍‌ଗେୟ୍ଯ**

ଓଡିଆ ରୂପାନ୍ତର - ଡାମଣା ଦୌଡିଥାଏ ।

ବାହ୍ୟଅର୍ଥ - ଡାମଣା ଏକ ପ୍ରକାର ବିଷହୀନ ସର୍ପ । ସେ ଯେତେବେଳେ କୌଣସି ଲୋକର ସମ୍ମୁଖିନ ହୁଏ, କାଳବିଳମ୍ବ ନ କରି କ୍ଷିପ୍ରଗତିରେ ଦୌଡିପଳାଇ ଯାଇଥାଏ ।

ଆଭ୍ୟନ୍ତରୀଣ ଅର୍ଥ - ମୂର୍ଖଲୋକ ସ୍ଥାନ ଛାଡି ପଳାଇଥାଏ ।

ପ୍ରୟୋଗ - ଏହି ସଂସାରରେ ଖଳପ୍ରକୃତିର ଲୋକଙ୍କ ସଂଖ୍ୟା କମ୍ ନୁହେଁ । ଏହି ଧରଣର ଲୋକ ସବୁବେଳେ ନିଜର ଲାଭ ସକାଶେ ଅନ୍ୟମାନଙ୍କର କ୍ଷତି ପହଞ୍ଚାଇବାକୁ ଆଦୌ ପଶ୍ଚାଦ୍‌ପଦ ହୋଇ ନ ଥାନ୍ତି । ଏପରିକି ସେମାନେ ଅନେକ ସମୟରେ ଗାଁ ଗହଳିର ସାଧାରଣ ନିରକ୍ଷର ଲୋକଙ୍କୁ ସେମାନଙ୍କର ନ୍ୟାର୍ଯ୍ୟପ୍ରାପ୍ୟରୁ ମଧ୍ୟ ବଞ୍ଚିତ କରି ନିଜେ ସେସବୁ ଠୁଳକରିବାରେ ଲାଗି ପଡନ୍ତି । ଅପର ପକ୍ଷରେ ସେହି ଲୋକମାନେ ପ୍ରତିବାଦ କରିବାତ ଦୂରର କଥା ସେମାନେ ସେହିସ୍ଥାନ ସୁଦ୍ଧା ଛାଡି ପଳାଇଥାନ୍ତି । ଏହିପରି ପ୍ରତ୍ୟେକ ବିଷୟ ପ୍ରତି ସେମାନେ ଅନାଗ୍ରହଭାବ ଦେଖାଇଥାନ୍ତି ସେଥିପାଇଁ ହିଁ କୁହାଯାଇଥାଏ - ଜାମ୍ବୁଳୁଦକ ଦାଲ୍‌ଗେୟ୍ଯ (ଡାମଣା ଦୌଡିଥାଏ ବୋଲି) । ଏହା ପରୋକ୍ଷରେ ସୂଚାଇଥାଏ କେହି ଯେପରି ମୁର୍ଖ ନ ରୁହନ୍ତି ।

**ବିଷ୍ ବିଞ୍ଜ୍‌ଦ ବାକଦାଲା**

ଓଡିଆ ରୂପାନ୍ତର - ବିଷଧର ସାପ ଦଉଡେ ନାହିଁ ।

ବାହ୍ୟ ଅର୍ଥ - ବିଷାକ୍ତ ସର୍ପ ବିପଦର ସମ୍ମୁଖୀନ ହେଲେ ସେ ଦୌଡି ପଳାଇ ନ ଥାଏ ବରଂ ଫଣା ଟେକି ନିଜର ଅସ୍ତିତ୍ୱ ସୂଚାଇ ଦେଇଥାଏ ।

ଆଭ୍ୟନ୍ତରୀଣଅର୍ଥ - ଶିକ୍ଷିତ ଲୋକ ପରିସ୍ଥିତିକୁ ମୁକାବିଲା କରେ ।

ପ୍ରୟୋଗ - ଯେତେବେଳେ ଅନେକ ଅଶିକ୍ଷିତଲୋକ ଅନ୍ୟାୟର ସମ୍ମୁଖୀନ ହେବାପରେ ମଧ୍ୟ ତାହାର ପ୍ରତିବାଦ କରିବାକୁ ସାହସ କରିନଥାନ୍ତି, ସେତେବେଳେ ଶିକ୍ଷିତ ଲୋକର ହାବୁଡରେ ଏହି ଧରଣର ଠକ ପଡିଲେ ତାହାକୁ ସେ ଉଚିତ୍ ଯବାବ୍ ଦେଇଥାଏ । ଏହାକୁ ଦେଖି କୁହାଯାଇଥାଏ - ବିଷ୍‌ବିଞ୍ଜ୍‌ଦ ବାକ ଦାଲା (ବିଷଧର ସାପ ଦଉଡେ ନାହିଁ) । ସେହିପରି ମଧ୍ୟ ଯେତେବେଳେ କୌଣସି କଥାକୁ ଠିକ୍ ଭାବରେ ନ

ଜାଣି ମୂର୍ଖ ଲୋକମାନେ ଇତସ୍ତତଃ ହୋଇଥାନ୍ତି ଶିକ୍ଷିତ ଜ୍ଞାନୀ ଲୋକମାନେ କଥାଟିର ଗୁରୁତ୍ୱକୁ ବିଚାର କରି ଯାହାକିଛି ନିଷ୍ପତ୍ତି ନେଇଥାନ୍ତି । ସେଥିପାଇଁ କୁହାଯାଇଥାଏ ବିଷ ବିଞ୍ଝ୍‌ଦ ବାକ ଦାଲା ।

ସାନ୍ତଲୀ ଭାଷାରେ ପ୍ରଚଳିତ ରୂଢ଼ି ଗୁଡିକ ବାସ୍ତବରେ ବକ୍ତାଙ୍କ ଅଜାଣତରେ ସାନ୍ତାଳୀ ସଂସ୍କୃତିର ସାକ୍ଷର ବହନ କରିଥାନ୍ତି । ତେଣୁ ଏ ଗୁଡିକ ଉପଭୟ ଭାଷା ଓ ସଂସ୍କୃତି ଅଧ୍ୟୟନ ସକାଶେ ନିତ୍ୟାନ୍ତ ଆବଶ୍ୟକ ।

## ୨. କୁଦୁମ୍ (କୌତୁକ ପ୍ରଶ୍ନ)

ପ୍ରତ୍ୟେକ ଭାଷାରେ କୌତୁକ ପ୍ରଶ୍ନ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଆସିଛି । ଏହା ମୁଖ୍ୟତଃ ସେହିଭାଷାର ଲୋକସାହିତ୍ୟକୁ ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ । ଏହି କୌତୁକ ପ୍ରଶ୍ନ ସାଧାରଣତଃ ଜେଜେବାପା , ଜେଜେମା , ଅଜା, ଆଈଙ୍କ ସହିତ ନାତି ନାତୁଣୀମାନଙ୍କର ଉତ୍ତର ପ୍ରତ୍ୟୁତ୍ତର ମଧ୍ୟରେ ଆଲୋଚିତ ହୋଇଥାଏ । ସେହିପରି ମଧ୍ୟ ଏହା କେତେବେଳେ ସମବୟସ୍କ ସାଙ୍ଗ ସାଥିମାନଙ୍କ ମେଳରେ ଖୁସିଗପର ଖୋରାକ୍ ଜଗାଇଥାଏ, ତ ଅନ୍ୟ କେତେବେଳେ ଏହା ପଥଚାରୀମାନଙ୍କ ଶ୍ରମ, ତଥା ବିଲବାଡିରେ କାର୍ଯ୍ୟରତ ଶ୍ରମିକଙ୍କ ଶ୍ରମଜନିତ କ୍ଳାନ୍ତକୁ ମଧ୍ୟ ଲାଘବ କରିବାରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ଏହି କୁଦୁମ୍ (କୌତୁକ ପ୍ରଶ୍ନ) ଭାଉଜଦିଅର, ଶାଳୀ ଭିଣୋଇଙ୍କ ମଧ୍ୟରେ ସଂଯୋଗର ସେତୁପରିକା କାର୍ଯ୍ୟ କରିଥାଏ, ଅନ୍ୟ ପ୍ରକାରେ କହିଲେ ହାସ୍ୟରସ ଛଳରେ ସେମାନଙ୍କ ମଧ୍ୟରେ ବୌଦ୍ଧିକ ପରୀକ୍ଷା ଅନୁଷ୍ଠିତ ହୋଇଥାଏ । ଏହି ପ୍ରକାରେ ସମସ୍ତ ଭାଷାର ଲୋକ ସାହିତ୍ୟରେ ଏହା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସିଅଛି ।

ସାନ୍ତାଳୀ ଲୋକସାହିତ୍ୟରେ ଏହି କୁଦୁମ୍‌ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କାରଣ ସାନ୍ତାଳ ସମାଜରେ ଏହା କେବଳ ମନୋରଞ୍ଜନର ପରିସୀମା ମଧ୍ୟରେ ଆବଦ୍ଧ ନ ହୋଇ ଏହା ତାହାର ସଂସ୍କୃତିକୁ ମଧ୍ୟ ପ୍ରଭାବିତ କରିଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳ ସମାଜର ସାଙ୍ଗେବାରୟାତ୍ ବାପ୍ଲା ॥୪॥ ରେ ଦୁଇପକ୍ଷ ଯଥା ବର ଓ କନ୍ୟା ଗ୍ରାମର ଲୋକମାନଙ୍କ ମଧ୍ୟରେ କୁଦୁମ୍ (କୌତୁକ ପ୍ରଶ୍ନ) ମାଧ୍ୟମରେ ଏକ ବୌଦ୍ଧିକ କସରତ ବିବାହ ଅନୁଷ୍ଠିତ ହେବାପୂର୍ବରୁ ହୋଇଥାଏ । ଏହି ପ୍ରକାରେ ସାନ୍ତାଳ

ସମାଜରେ କୁଦୁମ୍ (କୌତୁକ ପ୍ରଶ୍ନ) ମନୋରଞ୍ଜନର ପରିସୀମାକୁ ଲଙ୍ଘି ଏହା ପରମ୍ପରା ତଥା ସଂସ୍କୃତି କ୍ଷେତ୍ରକୁ ପ୍ରବେଶ କରିଥିବା ହେତୁ ଅନ୍ୟଭାଷାର କୁଦୁମ୍‌ଠାରୁ ନିଜର ସ୍ୱାତନ୍ତ୍ର୍ୟତା ପ୍ରତିପାଦନ କରିଅଛି । ସାନ୍ତାଳୀ ଭାଷାରେ ପ୍ରଚଳିତ ଶତଶତ କୁଦୁମ୍ ଗୁଡିକ ମଧ୍ୟରୁ ନିମ୍ନରେ କେତେଗୁଡିଏ ଉଦାହରଣ ସ୍ୱରୂପ ପ୍ରଦାନ କରାଗଲା ।

**କୁଦୁମ୍‌ରେ କୁଳିଦ୍ କୁଳିଦ୍ ସେର୍ମାରେ ବେଦ୍‌ଟୁକୁଜ୍**

ଓଡିଆ ରୂପାନ୍ତର - ସାନ୍ତାଳୀ ଭାଷାରେ କୌତୁକ ପ୍ରଶ୍ନ ପଚାରିଲା ବେଳେ ପ୍ରଶ୍ନକର୍ତ୍ତା କୁଦୁମ୍‌ରେ କୁଳିଦ୍ କୁଳିଦ୍ କହି ପ୍ରଶ୍ନ ପଚାରିବାକୁ ଆରମ୍ଭ କରିଥାନ୍ତି । କୁଦୁମ୍ ଅର୍ଥ କୌତୁକ ପ୍ରଶ୍ନ, କୁଳିଦ୍ ଅର୍ଥ ଚିଲ, ଅର୍ଥାତ୍ ଚିଲପରି ତାଙ୍କ କୌତୁକପ୍ରଶ୍ନର ବାଣ ଏକ ନିର୍ଦ୍ଦିଷ୍ଟ ସ୍ଥଳକୁ ଭେଦକରୁଛି - ସ୍ୱର୍ଗରେ ମୁହଁ ଢଙ୍କା ହାଣ୍ଡି ?

ଉତ୍ତର - ପାଚିଲାକେନ୍ଦୁ (ତିରିଲ୍ ବିଲି) ।

ବ୍ୟାଖ୍ୟା - ସ୍ୱର୍ଗ ଅର୍ଥ ଏଠାରେ ଉଚ୍ଚରେ ବୋଲି ସୂଚାଉଅଛି । କେନ୍ଦୁ ଗଛ ଗୁଡିକ ଡେଙ୍ଗାହୋଇଥିବା ହେତୁ ତାହାର ଫଳଗୁଡିକ ଉଚ୍ଚରେ ରହିବା ସ୍ୱାଭାବିକ । ପୁନଶ୍ଚ ପାଚିଲା କେନ୍ଦୁର ହଳଦିଆ ମିଶ୍ରିତ ନାଲି ବର୍ଣ୍ଣକୁ ହାଣ୍ଡିର ନାଲିରଙ୍ଗ ସହିତ ତୁଳନା କରାଯାଇଅଛି । ଫଳଟିର ଗଠନ ଦୃଷ୍ଟିରୁ ଉପର ଭାଗର ଆବରଣକୁ ଢାଙ୍କୁଣି ବୋଲି କୁହାଯାଇଅଛି ।

**ଗିଦ୍ରାୟ୍ ହୁୟେନ୍ ତାୟନମ୍ ବାପାଗ୍ ନଙ୍ଗାଦ ଚେଦ୍ ?**

ଓଡିଆ ରୂପାନ୍ତର - ସନ୍ତାନ ଜାତହେବା ପରେ ବିଚ୍ଛେଦ ଏହା କ'ଣ ?

ଉତ୍ତର - ଦ୍ୱିବୀଜପତ୍ରୀ ମଞ୍ଜି (ଜଜ ଜାଂ) ।

ବ୍ୟାଖ୍ୟା - ଦ୍ୱି ବୀଜପତ୍ରୀ ମଞ୍ଜିରୁ ଅଙ୍କୁରଦ୍‌ଗମହୋଇ ଚାରାଟି ବାହାରିବା ପରେ କେଇଦିନ ପରେ ଚାରାଟିର ଦ୍ୱିପଟକୁ ଓହଳି ଥିବା ଫାଳିକିଆ ମଞ୍ଜିଦ୍ୱୟ ଝଡିପଡି ଥାଏ । ଏଠାରେ ମଞ୍ଜିର ଏହି ଦୁଇଫାଳକୁ ଏକ ଦମ୍ପତି ବୋଲି ଗ୍ରହଣ କରାଯାଇଛି । ପରେ ତାହାର ଦ୍ୱିପଟକୁ ଝଡିପଡିବାକୁ ବିଚ୍ଛେଦ ବୋଲି କୁହାଯାଇଅଛି । ସାନ୍ତାଳ ସମାଜରେ ବେଳେବେଳେ ଏହି ଧରଣର ବିବାହ ବିଚ୍ଛେଦ ମଧ୍ୟ ଘଟିଥାଏ ।

**ରାପୁଦ୍ ରାପୁଦ୍ ଅଲାଃରେ କଃକ ଏନେଜ୍ କାନ୍ ?**

ଓଡିଆ ରୂପାନ୍ତର - ଭଙ୍ଗା ଘରେ ବଗ ନାଚୁଛନ୍ତି ?

ଉତ୍ତର - ମୁଡିଭାଜିବା (ଖାଜାଲି ଆଡା) ।

ବ୍ୟାଖ୍ୟା - ହାଣ୍ଡିକୁ ଭଙ୍ଗାଯାଇ ତାହାର ଅଧା ଅଂଶରେ ମୁଡି ଭଜାଯାଇ ଥାଏ । ପୁନଶ୍ଚ ଏହି ମୁଡିର ରଙ୍ଗ ଧଳା ଠିକ୍ ବଗ୍ ପରି । ତେଣୁ ଚାଉଳରୁ ଫୁଟି ବାହାରୁଥିବା ଏହି ଭଙ୍ଗାହାଣ୍ଡି ପରିସରଭିତର ମୁଡିକୁ ଆଖିଆଗରେ ରଖି କୁହାଯାଇଛି - ଭଙ୍ଗା ଘରେ ବଗ ନାଚୁଛନ୍ତି ।

**ବିନ୍ ହେରେଲ୍ତେ ଗିଦ୍ରା ଏଙ୍ଗାତ୍ ?**

ଓଡିଆ ରୂପାନ୍ତର - ବିନା ପୁରୁଷରେ ଛୁଆର ମାଆ ହେବା ?

ଉତ୍ତର - ପିଡା (ଗାଣ୍ଡ) ।

ବ୍ୟାଖ୍ୟା - ସାନ୍ତାଳ ସମାଜର ଅଧିକାଂଶ ଲୋକଙ୍କର ଆର୍ଥିକଅବସ୍ଥା ସ୍ୱଚ୍ଛଳ ନ ଥିବା ହେତୁ ଏବଂ ସେମାନେ ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ହେତୁ ସେମାନଙ୍କ ଛୋଟ ଛୋଟ କୁନିଝିଅମାନଙ୍କ ସକାଶେ ବଜାରରୁ କଣ୍ଢେଇ କିଣିବା ସମ୍ଭବ ହୋଇ ନ ଥାଏ । ତେଣୁ ସେମାନେ ଛୋଟଛୋଟ କାଠଡିଆରୀ ପିଡାକୁ କଣ୍ଢେଇ ରୂପରେ ଗ୍ରହଣ କରିଥାନ୍ତି । ଏହାକୁ ସେମାନଙ୍କ ଛୁଆ ବୋଲି କହି କାଖେଇ ଧରି ବୁଲୁଥିବାର ଦେଖାଯାଏ । ତେଣୁ ସେମାନଙ୍କର ଏହି ପିଡାକଣ୍ଢେଇ ପିଲାର ମାଆହେବା ସକାଶେ ସ୍ୱାମୀ ବା କୌଣସି ପୁରୁଷର ସାହଚର୍ଯ୍ୟ ଲୋଡାଯାଇ ନ ଥାଏ । ବାସ୍ତବରେ ଏହି କଣ୍ଢେଇ ଖେଳ କୁନି କୁନି ଝିଅମାନଙ୍କ ଠାରେ ମାତୃତ୍ୱର ବୀଜ ବପନ କରିବାରେ ସହାୟକ ହୋଇଥାଏ । ଏହା ଭବିଷ୍ୟତରେ ସେମାନଙ୍କ ବ୍ୟକ୍ତିଗତ ଜୀବନ ଏବଂ ସମାଜିକ ଜୀବନକୁ ସୁଶୃଙ୍ଖଳିତ କରିବାରେ ଅନେକାଂଶରେ ସହାୟକ ହୋଇଥାଏ ।

**ଗିଦ୍ରା ଝଃଦୟ୍ ଧୁତିଃଆ ସେଁଣାକାତେଦୟ୍ ଲାମ୍ଟାଃଆ ?**

ଓଡିଆ ରୂପାନ୍ତର - ବାଲ୍ୟା ବସ୍ଥାରେ ଧୋତି ପିନ୍ଧେ ବଡହେବା ପରେ ଲଙ୍ଗଳା ହୋଇଥାଏ ?

ଉତ୍ତର - ବାଉଁଶ ପୁଆ (ହେଲ୍ତା) ।

ବ୍ୟାଖ୍ୟା - ବାଉଁଶ ପୁଆ ଯେତେବେଳେ ବାହାରେ ସେତେବେଳେ ତାହା ଏକପ୍ରକାର

ଆବରଣ ଯୁକ୍ତଥାଏ, କିନ୍ତୁ ବଡହେବା ପରେ ଏହି ଆବରଣ ଗୁଡିକ ଗଛରୁ ଅଲଗା ହୋଇ ଯାଇଥାଏ । ଅର୍ଥାତ୍ ବାଲ୍ୟା ବସ୍ଥାରେ, ଏହା ଧୋତି ପରିଧାନ କଲାବେଳକୁ ବଡ ହେବା ପରେ ଲଙ୍ଗଳା ରହିବାକୁ ବୁଝାଉଅଛି ।

**ପୁଣ୍ଣ୍ ଗଡାରେ ହେନ୍ଦେହଲେକ୍ ?**

ଓଡିଆ ରୂପାନ୍ତର - ଧଳା ପଡିଆରେ କଳା ବିରି ?

ଉତ୍ତର - ଅଲ୍ (ଲେଖା) ।

ବ୍ୟାଖ୍ୟା - ଏଠାରେ ଧଳାକାଗଜକୁ ଧଳାପଡିଆ ଭାବେ ଗ୍ରହଣ କରାଯାଇଅଛି । ଏହି ଧଳା କାଗଜ ଉପରେ ଲେଖା ଗୁଡିକୁ କଳାବିରି ବୋଲି କୁହାଯାଇ ଅଛି ।

ଚୀନ୍‌ଦିଶମ୍ ହଲ୍ ଆଖାୟ୍‌ନି ଗଃକାତେକ ଦାଣାନା ?

ଓଡିଆ ରୂପାନ୍ତର - ଚୀନ୍ ଦେଶର ଲୋକ ଆଖାୟ୍‌ନି ବୋହି ବୁଲନ୍ତି ?

ଉତ୍ତର - କୁକୁର (ସେତା) ।

ବ୍ୟାଖ୍ୟା - ଚାରି ପାଞ୍ଚଫୁଟ ଲମ୍ବର ବାଉଁଶ ଦଣ୍ଡର ଅଗ୍ରଭାଗରେ ଲୁହାରେ ତିଆରି ଦାଆପରି ବଙ୍କା, ଦାନ୍ତନଥିବା ଲୁହା ଲାଗିଥାଏ, ତାହାକୁ ଆଖାୟ୍‌ନି କୁହାଯାଏ । ଏହା ଧାନ ମଡେଇଲା ବେଳେ ଚାଷୀମାନେ ବ୍ୟବହାର କରିଥାନ୍ତି । କୁକୁର ଲାଞ୍ଜର ଆକୃତି ମଧ୍ୟ ଠିକ୍ ସେହିପରି ବଙ୍କା ହୋଇଥିବା ହେତୁ ତାହାକୁ ଆଖାୟ୍‌ନି ସହିତ ତୁଳନା କରାଯାଇଅଛି ।

**ଗୁଲ୍‌ଗୁ ଧିରିଦଚାପେଏନା ବାହାତୁଲାମ୍ ଦ ଉନୁମେନା ?**

ଓଡିଆ ରୂପାନ୍ତର - ଶିଳପୁଆ ଭାସିଲା ତୁଳାପୁଷ୍ପ ବୁଡିଲା ?

ଉତ୍ତର - ଆଙ୍ଗ୍ରା ଆର୍ ତରଜ୍ (ଅଙ୍ଗାର ଏବଂ ପାଉଁଶ) ।

ବ୍ୟାଖ୍ୟା - ଅଙ୍ଗାର ମିଶ୍ରିତ ପାଉଁଶ ଜଳ ମଧ୍ୟକୁ ଫିଙ୍ଗାଯାଇଛି । ତହିଁରୁ ଅଙ୍ଗାର ତକ ଭାସି ଉଠିଥିବା ବେଳେ ପାଉଁଶ ସବୁ ବୁଡିଯାଇଛି । ଏଠାରେ ଅଙ୍ଗାରକୁ ଶିଳପୁଆ ଓ ପାଉଁଶକୁ ତୁଳାପୁଷ୍ପ ଭାବେ ଅଭିହିତ କରାଯାଇଅଛି ।

**ମାଟିକୟିଜ୍ କାଲ୍‌ମୀକୁଲି ଦାଃଜାପୁଦ୍‌ଗେ ରାଚାୟ୍‌ଜଗା ?**

ଓଡିଆ ରୂପାନ୍ତର - ମାଟିଘରର ବାରମାସିଆଣୀ ଝଡବରଷାରେ ଅଗଣା ଝାଡୁ କରେ ?

ଉତ୍ତର - ମଟର୍‌ରେନାଂ ସାମନା ଆର୍‌ସି ଜଃଦଦାଃ (ମଟର ଗାଡ଼ିରେ ଲଗାଯାଇଥିବା ସାମନାକାଚ ସଫା କରିବା ଯନ୍ତ୍ର)।

ବ୍ୟାଖ୍ୟା - ମଟର ଗାଡିର ଆଗକାଚରେ ଲାଗିଥିବା ସଫାକରିବା ଯନ୍ତ୍ରଟି କେବଳ ବର୍ଷାହେବା ସମୟରେ ହିଁ ଚାଲୁଥାଏ । ତେଣୁ ଏଠାରେ ଏହାକୁ ହିଁ ମାଟିଘରର ବାରମାସିଆଣୀ କୁହାଯାଇଅଛି । ଏଠାରେ ଏ କଥା ଉଲ୍ଲେଖଯୋଗ୍ୟ ଯେ, ସାନ୍ତାଳ ସମାଜ ତଥା ସଂସ୍କୃତିରେ କାଲ୍‌ମୀ ମାନଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି କିନ୍ତୁ ମନେ ରଖିବା ଉଚିତ୍ ସାନ୍ତାଳମାନେ ଏମାନଙ୍କୁ ଘରର ଚାକରାଣୀ ଭାବେ ବ୍ୟବହାର ନ କରି ବରଂ ତାଙ୍କୁ ପରିବାରର ନୂତନ ସଦସ୍ୟଭାବେ ଗ୍ରହଣ କରିଥାନ୍ତି।

**ସାନ୍ତାଲ୍‌ତେଦ ବୁଡୀ ଦିକୁ ତେଦ ହାଣାମ୍ ?**

ଓଡିଆ ରୂପାନ୍ତର - ସାନ୍ତାଳୀ ଭାଷାରେ ବୁଡୀ ଓଡ଼ିଆ ଭାଷାରେ ବୁଢ଼ା ?

ଉତ୍ତର - ଏଙ୍ଗା କାଟୁବ୍ (ବୁଡା ଆଙ୍ଗୁଳି)।

ବ୍ୟାଖ୍ୟା - ସାନ୍ତାଳୀ ଭାଷାରେ ବୁଡା ଅଙ୍ଗୁଳୀକୁ ଏଙ୍ଗାକାଟୁବ୍ କୁହାଯାଇଥାଏ । ଏଙ୍ଗା ଅର୍ଥ ବୁଡୀ କାଟୁବ୍ ଅର୍ଥ ଅଙ୍ଗୁଳି ଅର୍ଥାତ୍ ବୁଡୀ ଅଙ୍ଗୁଳି ହେବାକଥା କିନ୍ତୁ ଓଡିଆରେ ତାହାକୁ ବୁଡା ଅଙ୍ଗୁଳି କୁହାଯାଉଛି।

**ମିଦ୍‌ଟାଂ ବୁଡୀ ଅଳାଃ ଜଃ କାତେ ରାଚାରେଗେ ଅଡ୍ରାୟ୍ ଗିଡିୟ୍ ?**

ଓଡିଆ ରୂପାନ୍ତର- ଜଣେବୁଡୀ ଘର ଅଳେଇ ଅଗଣାରେ ମଇଳା ଫିଙ୍ଗିଦିଏ ?

ଉତ୍ତର - କାଟ୍‌କମ୍ (କଙ୍କଡା)।

ବ୍ୟାଖ୍ୟା - କଙ୍କଡା ତାହାର ଦ୍ୱାର ମୁହଁରେ ଅପରିଷ୍କାର କରିଥାଏ ଏଠାରେ କଙ୍କଡାକୁ ଜଣେ ବୁଡୀ ବୋଲି କୁହାଯାଇଅଛି ।

**ଆପେ ବାର୍‌ୟାତ୍ ସାଙ୍ଗେ ବାର୍‌ୟାତ୍ ଅଳାଃଖନ୍ ଅତକ୍‌କାତେ ଚେଦ୍‌ସାଡେପେ ଆଁଜମ୍‌ଲେଦ୍ ?**

ଓଡିଆ ରୂପାନ୍ତର- ତୁମେ ବରଯାତ୍ରୀଦଳ ଘରୁ ବାହାରି କେଉଁ ଶବ୍ଦ ଶୁଣିଥିଲ ?

ଉତ୍ତର -ବାଟି ସାଡେ (କଂସାବାସନର ଶବ୍ଦ)।

ବାଖ୍ୟା - ସାନ୍ତାଳମାନଙ୍କ ପରମ୍ପରାରେ ନବଜାତ ସନ୍ତାନକୁ କଂସାବାସନର ଶବ୍ଦରେ ସ୍ୱାଗତ କରାଯାଇ ଥାଏ । ତେଣୁ ଏନ୍ତୁଡିଶାଳରେ ସନ୍ତାନଭୂମିଷ୍ଠ ହେବାମାତ୍ରେ କଂସାବାସନକୁ ଠିଣିଠିଣି ବଜାଯାଇଥାଏ । ତେଣୁ ଏଠାରେ ବରଯାତ୍ରୀଦଳକୁ

ପ୍ରଶ୍ନକରାଯାଇଛି ସେମାନେ ଘରୁ ବାହାରି କେଉଁଶବ୍ଦ ଶୁଣିଥିଲେ । ଘର ଅର୍ଥ ଏଠାରେ ମାତୃଗର୍ଭକୁ ବୁଝାଉଅଛି ।

**ମଣେ ଗଟାଂ ବହ୍ନଃ ଗେଲ୍ ବାର୍ ଗଟାଂ ଜାଙ୍ଗା ମିଦ୍‌ଟାଂ ଗେତାୟ୍ ଚାୟ୍‌ଲମ୍ ?**

ଓଡିଆ ରୂପାନ୍ତର - ଗୋଟାଏ ଜନ୍ତୁର ପାଞ୍ଚଗୋଟି ମୁଣ୍ଡ ବାରଗୋଟି ଗୋଡ କିନ୍ତୁ ଗୋଟିଏ ବୋଲି ଲାଞ୍ଜ ?

ଉତ୍ତର - ଗଜ୍ ଡାଙ୍ଗ୍ରୀ ଗଃ ଅଡକ୍ କ ( ଗୋ ଶବ ବାହକ ) ।

ବ୍ୟାଖ୍ୟା - ମଲା ଗୋରୁଟିକୁ ବୋହିନେବା ସକାଶେ ଚାରିଜଣ ଲୋକର ଆବଶ୍ୟକ ହୋଇଥାଏ । ତେଣୁ ଏହି ଚାରିଜଣଙ୍କର ଗୋଡ ଏବଂ ମଲାଗୋରୁର ଗୋଡ ମିଶାଇଲେ ବାର ଏବଂ ମୁଣ୍ଡ ପାଞ୍ଚ କିନ୍ତୁ ଲାଞ୍ଜ କେବଳ ଗୋଟିଏ ।

**ଗାଡା ଆଲେ ଆଲେତେ ହେନ୍ଦେ ବାରାହୀ ?**

ଓଡିଆ ରୂପାନ୍ତର - ନଦୀ ଧାରେଧାରେ କଳା ବରେହୀ ( ମୋଟା ଦଉଡି ) ?

ଉତ୍ତର - ସୁନୁମ୍ ମୁଁଜ୍ ( ତେଲିଆ ପିମ୍ପୁଡି ) ।

ବ୍ୟାଖ୍ୟା - ଏହି ପିମ୍ପୁଡି ଧାଡିହୋଇ ବହୁ ଦୂରକୁ ଯାଇଥାନ୍ତି । ଏମାନେ ଦେଖିବାକୁ ତେଲିଆ ଏବଂ କଳା ରଙ୍ଗର । ଅପର ପକ୍ଷରେ ବରେହୀ ଏକ ପ୍ରକାର ମୋଟା ଦଉଡି ଯାହାକୁ କୂଅରୁ ପାଣି କାଢିବା ସକାଶେ ବ୍ୟବହାର କରାଯାଇଥାଏ ଏହାର ଲମ୍ବ ମଧ୍ୟ ଟିକେ ବେଶୀ । ସେହିପରି ତେଲିଆ ପିମ୍ପୁଡି କାମୁଡିଲେ ତୁଳନାତ୍ମକ ଭାବେ ବେଶୀ ସମୟ ବ୍ୟଥା ଅନୁଭବ ହୋଇଥାଏ । ଏହି ସାମଞ୍ଜସ୍ୟତା ହେତୁ ତାହାକୁ କଳାବରେହୀ କୁହାଯାଇଅଛି ।

**ଭୁଗାଃ ଡୁଙ୍ଗ୍‌ଦାଃ ?**

ଓଡିଆ ରୂପାନ୍ତର - କଣା ମାଦଳ ?

ଉତ୍ତର - ଖଇଞ୍ଚି ( ଟରଡାଂ ) ।

ବ୍ୟାଖ୍ୟା - ମାଦଳର ଆକୃତି ଗୋଲ ଏବଂ ଅଳ୍ପଲମ୍ବ । ଠିକ୍ ସେହିପରି ବାଉଁଶ ତିଆରି ମାଛଧରିବା ଖଇଞ୍ଚିର ଆକୃତିମଧ୍ୟ ମାଦଳପରି ହୋଇଥିଲେ ହେଁ ଏହାର ଆଗପଟ ମୁହଁ ଖୋଲାଥାଏ ମାଛ ପଶିବା ସକାଶେ ଏଥିପାଇଁ ଏହାକୁ କଣାମାଦଳ ଭାବେ ଅଭିହିତ କରାଯାଇଅଛି ।

**ବାଲେରେଦକ ଡାସେୟେୟା ହାଣାମ୍‌ଲେନ୍ ଖାନ୍‌କ ବାୟେୟା ?**

ଓଡିଆ ରୂପାନ୍ତର- କଅଁଳ ଥିଲାବେଳେ ଖରାରେ ଶୁଖାନ୍ତି ବୁଢାହେଲେ ଘରେ ପୂରାନ୍ତି ?

ଉତ୍ତର - ଟୁକୁଜ୍ (ହାଣ୍ଡି) ।

ବ୍ୟାଖ୍ୟା - କୁମ୍ଭକାର ନୂଆ ଗଢା ହାଣ୍ଡିକୁ ଶୁଖିବାପାଇଁ ଯତ୍ନର ସହିତ ଖରାରେ ଶୁଖାନ୍ତି । ପରେ ତାହା ପୋଡାହେବା ପରେ ପ୍ରାକୃତିକ ଦୁର୍ବିପାକ,ଗୃହ ପାଳିତ ପଶୁ ଏବଂ ଛୋଟଛୋଇ ପିଲାଙ୍କ ଦୌରାତ୍ମ୍ୟରୁ ରକ୍ଷା କରିବା ସକାଶେ ଘରେ ଆଣିକରି ସାଇତି ରଖନ୍ତି ।

**ସାନ୍ତାଳୀ ଭାଷାର (କୁଦୁମ୍) କୌତୁକ ପ୍ରଶ୍ନ ଗୁଡିକ କେବଳ ସାନ୍ତାଳୀ ସଂସ୍କୃତିର ବାହକ ନୁହନ୍ତି, ଏଗୁଡିକ ମଧ ଏହାର ଏକଏକ ଅଂଶ ବିଶେଷ ।**

## ୩. ଭେନ୍ତାର୍ ରଲ୍ (ଅର୍ଥପରିବର୍ତ୍ତନ)

ଶବ୍ଦହେଉଛି ଭାଷାର ଶରୀର, କିନ୍ତୁ ଅର୍ଥ ହେଉଛି ଭାଷାର ଆତ୍ମା । ଅର୍ଥ ବିନା ଭାଷାର, କୌଣସି ମହତ୍ତ୍ୱ ନାହିଁ । ଅର୍ଥର ମହତ୍ତ୍ୱ ବହୁ ପ୍ରାଚୀନ କାଳରୁ ସ୍ୱୀକୃତହୋଇ ଆସିଛି । ଯାସ୍କଙ୍କ ମତରେ ବିନା ଅଗ୍ନିରେ ଯେପରି ଶୁଷ୍କ ଇନ୍ଧନ ପ୍ରଜ୍ଜ୍ୱଳିତ ହୋଇପାରିବ ନାହିଁ, ସେହିପରି ବିନା ଅର୍ଥରେ ଅଭୀପ୍ସିତ ବିଷୟକୁ ପ୍ରକାଶ କରାଯାଇପାରିବ ନାହିଁ ॥୪୫॥ ଅର୍ଥାତ୍ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏହାର ଗୁରୁତ୍ୱ ଯଥେଷ୍ଟ ବେଶୀ । ପୁନଶ୍ଚ ଏହି ଅର୍ଥ ଅନେକ ସମୟରେ ବିଭିନ୍ନ କାରଣ ବଶତଃ ପରିବର୍ତ୍ତନ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଶବ୍ଦର ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରିବାର ଧାରା ରହିଥିଲେ ହେଁ କେତେକାଂଶରେ ଏହାର ବ୍ୟତିକ୍ରମ ଘଟିଥାଏ । ସେତେବେଳକୁ ଏହା ଏକ ସାଙ୍କେତିକ ଶବ୍ଦ ମାତ୍ର ହୋଇଥାଏ । ଏହାକୁ ହିଁ ବକ୍ତାର ବାକ୍‌ଚାତୁରୀ ବୋଲି କୁହାଯାଇଥାଏ । ସାନ୍ତାଳୀ ଭାଷାରେ ଏହି ଧରଣର ଶବ୍ଦର ବ୍ୟବହାରକୁ "ଭେନ୍ତାର୍ ରଲ୍" ବୋଲି କୁହାଯାଇଥାଏ । ସେଗୁଡିକ ମଧ୍ୟରୁ ନିମ୍ନରେ କେତେଗୁଡିଏ ଉଦାହଣର ଦିଆଗଲା, ଯାହା ସାନ୍ତାଳୀ ଲୋକସମାଜରେ ତଥା ଲୋକସାହିତ୍ୟର ବହୁଳଭାବେ ବ୍ୟବହୃତ ହୋଇଥାଏ ।

**ମାରାଂ ହଲ୍**

ଓଡିଆ ରୂପାନ୍ତର - ବଡଲୋକ ।

ଅର୍ଥପରିବର୍ତ୍ତନ ପରେ - ହାତୀ ।

କାରଣ - ସାନ୍ତାଳମାନେ ବିଶ୍ୱାସ କରନ୍ତି ହାତୀ କୁଆଡେ ପୂର୍ବରୁ ମଣିଷ ହିଁ ଥିଲେ । କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ସେମାନେ ଦେବତାର ମାନ୍ୟତା ଦେଇଥାନ୍ତି ।ତେଣୁ ହାତୀଙ୍କୁ ସେମାନେ ମାରାଂହଲ୍ ବୋଲି କହିଥାନ୍ତି । ଏଠାରେ, ଏହା ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳମାନେ ସେମାନଙ୍କ ଇଷ୍ଟଦେବ ମାରାଂବୁରୁଙ୍କୁ ମଧ୍ୟ ମାରାଂହଲ୍ କହିଥାନ୍ତି ।

**ସଲ୍ ଡଙ୍ଗା ଲାଲାଙ୍ଗ**

ଓଡିଆ ରୂପାନ୍ତର -ସୋଲରେ ତିଆରି ଡଙ୍ଗା ଚଳାଇବା ।

ଅର୍ଥପରିବର୍ତ୍ତନ ପରେ-ସାନ୍ତାଳୀ -ଦାଃ ପଟମଃ।

ଅଡ଼ିଆ - ବିଛଣାରେ ମୂତିବା (ଶୋଇକରି) ।

କାରଣ - ଲଜ୍ଜା ବଶତଃ ।

**ରକଜ୍ ଅଙ୍ଗାର୍**

ଓଡିଆ ରୂପାନ୍ତର - ଛୋଟ ଛୋଟ ଗେଣ୍ଡାସବୁ ଜଳାଶୟରୁ ସଂଗ୍ରହ କରିବା ।

ଅର୍ଥପରିବର୍ତ୍ତନ ପରେ -ସାନ୍ତାଳୀ - ପୁଇସା ଅଓ୍ୱାର୍। ଓଡ଼ଆ - ମୁଦ୍ରା ସଂଗ୍ରହ କରିବା !

କାରଣ - ସାନ୍ତାଳ ସମାଜରେ ସାଙ୍ଗେବାରିୟ୍ୟତ୍ ବାପ୍ଲା (ବିବାହ) ସମୟରେ ବରପକ୍ଷର କେତେକ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ କନ୍ୟାକୁ ଭେଟିବାର ସୁଯୋଗ ସ୍ୱରୂପ ଏହି ପରମ୍ପରାଟି ପ୍ରଚଳିତ । ଏତିକି ବେଳକୁ ଏହି ବ୍ୟକ୍ତିମାନେ କନ୍ୟାଟିକୁ କିଛି କିଛି ଅର୍ଥଦାନ କରିବାର ବିଧି ରହିଛି । ଏହାକୁରକଜ ଅଙ୍ଗାର୍ ନାମରେ ନାମିତ କରାଯାଇଅଛି ।

**ଦାର୍ଦାହା**

ଓଡିଆ ରୂପାନ୍ତର - ଗଭୀର ଜଳର ଧାବକ ।

ଅର୍ଥପରିବର୍ତ୍ତନ ପରେ -ସାନ୍ତାଳୀ - ହାକୁ।

ଓଡ଼ିଆ - ମାଛ ।

କାରଣ - ଦାର୍‌ହାରେକ ଦାଲ୍ ଇୟ୍ୟତେ ଦାର୍ଦାହା ଅର୍ଥାତ୍ ଏମାନେ ଗଭୀର ଜଳରେ ଶୀଘ୍ର ସନ୍ତରଣ କରିପାରୁଥିବା ହେତୁ ଦାର୍ଦାହା ବୋଲି କୁହାଯାଇଅଛି ।

**ପେରେଜ୍ ହଲ୍‌ମ**

ଓଡିଆ ରୂପାନ୍ତର - ପୂର୍ଣ୍ଣ ଶରୀର ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଲାଜ୍ ମାଇଜୁ ।

ଓଡ଼ିଆ - ଗର୍ଭବତୀ

କାରଣ - ଲଜ୍ଜାବଶତଃ । କେବଳ ସେତିକି ନୁହେଁ ସାନ୍ତାଳ ସମାଜରେ ପୂର୍ଣ୍ଣତା ତଥା ପୂର୍ଣ୍ଣଚନ୍ଦ୍ର , ପୂର୍ଣ୍ଣକଳସ , ପୂର୍ଣ୍ଣଘଟ ଆଦିକୁ ଶୁଭ ବୋଲି ବିବେଚନା କରାଯାଇଥାଏ । ତେଣୁ ଗର୍ଭ ଧାରଣ କରିବା ମଧ୍ୟ ଠିକ୍ ଏହି ଶ୍ରେଣୀର ବୋଲି ଗ୍ରହଣ କରାଯାଇଥାଏ ।

**ରାଚାତେ**

ଓଡିଆ ରୂପାନ୍ତର - ଅଗଣାକୁ ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଦାଃ ଜଂ ।

ଓଡ଼ିଆ - ପରିଶ୍ରା କରିବାକୁ ।

କାରଣ - ଲଜ୍ଜାବଶତଃ । ସାନ୍ତାଳ ତଥା ଆଦିବାସୀ ଲୋକମାନଙ୍କ ଘରେ ଶୌଚ୍ଳୟର ବ୍ୟବସ୍ଥା ନ ଥିବା ହେତୁ ରାତିରେ ପରିଶ୍ରା କରିବାସକାଶେ ସେମାନେ ଅଗଣାକୁ ହିଁ ବାହାରିଥାନ୍ତି ।

**ଟାଣ୍ଡିତେ**

ଓଡିଆ ରୂପାନ୍ତର - ପଡିଆକୁ ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଇଜ୍ ଜଂ ।

ଓଡ଼ିଆ - ଝାଡାଯିବା ।

କାରଣ - ଲଜ୍ଜାବଶତଃ । ସାନ୍ତାଳମାନଙ୍କ ଘରେ ଶୌଚ୍ଳୟର ବ୍ୟବସ୍ଥା ନ ଥିବା ହେତୁ ଝାଡ଼ାଯିବା ସକାଶେ ସେମାନେ ବାହାର ପଡ଼ିଆକୁ ଯାଇଥାନ୍ତି ।

**ବଙ୍ଗା ଏନ୍**

ଓଡିଆ ରୂପାନ୍ତର - ଦେବତା ହେବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ସେର୍ମା ଦିଶମ୍ତେ ରାକାବ୍ ।

ଓଡ଼ିଆ - ସ୍ୱର୍ଗାରୋହଣ ।

କାରଣ - ଭୟବଶତଃ । ଏଠାରେ ମଧ୍ୟ ମନେ ରଖିବା ଉଚିତ୍ ସାନ୍ତାଳମାନଙ୍କ ପରମ୍ପରାରେ କୌଣସି ବ୍ୟକ୍ତି ବିଶେଷଙ୍କୁ ମୃତ୍ୟୁ ଅନ୍ତେ ଦେବତାର ମାନ୍ୟତା ଦିଆଯାଇଥାଏ । ତେଣୁ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଦେବତାମାନଙ୍କ ଗ୍ରହଣକୁ ଚ୍ଲିଗଲେ ବୋଲି ସେମାନେ କରିଥାନ୍ତି ।

**ହାମାଲ୍ ହଲ୍ମ**

ଓଡିଆ ରୂପାନ୍ତର - ଦେହ ଭାରୀହେବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଲାଜ୍ ମାଇଜୁ ।

ଓଡ଼ିଆ - ଗର୍ଭବତୀ ମହିଳା ।

କାରଣ - ଲଜ୍ଜାବଶତଃ । ସାନ୍ତାଳ ସମାଜରେ ଭାରୀ ଜିନୀଷକୁ ଶୁଭର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ ।

**ମୁଚୁଧୂତି**

ଓଡିଆ ରୂପାନ୍ତର - ଗୋଲେଇ ଧୋତି ।

ଅର୍ଥପରିବର୍ତ୍ତନ ପରେ- ସାନ୍ତାଳୀ - ଶାଳୀବାନ୍ଧେ ।

ଓଡ଼ିଆ - ଶାଡୀପିନ୍ଧିବା ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ସାନ୍ତାଳମାନଙ୍କ ସଂସ୍କୃତିରେ ଡାହାଣୀ ବିଶ୍ୱାସର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପୁନଶ୍ଚ ଏହି ବିଦ୍ୟାକୁ ଅଧିକ ସଂଖ୍ୟାରେ ନାରୀମାନେ ଶିକ୍ଷା କରିଥିବାର କୁହାଯାଇଥାଏ । ତେଣୁ ଡାହାଣୀମାନଙ୍କୁ ମଧ୍ୟ "ମୁଚୁଧୂତିକ" ବୋଲି କୁହାଯାଇଥାଏ ।

**ଆଲାଃ ସାକାମ୍ ବେରେଲଃ**

ଓଡିଆ ରୂପାନ୍ତର - ଶାଗପତ୍ର ନ ସିଝିବା ।

ଅର୍ଥପରିବର୍ତ୍ତନ ପରେ- ସାନ୍ତଳୀ - ବାହୁଣ୍ଡାମ୍ ।

ଓଡ଼ିଆ - କନିଆ ଖୋଜା ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ବୋହୂମାନେ ଘରର ରନ୍ଧାବଢ଼ା କାର୍ଯ୍ୟ କରୁଥିବା ହେତୁ କନ୍ୟା ଖୋଜୁଥିବା ବରପକ୍ଷର ଲୋକମାନେ ତାଙ୍କ ଘରେ ଶାଗପତ୍ର ସିଝିପାରୁ ନ ଥିବା କଥା କହିଥାନ୍ତି ।

**ବୁରୁ ଲାଁଦୁଲଃ**

ଓଡିଆ ରୂପାନ୍ତର - ପାହାଡ ଭାଙ୍ଗିବା ।

ଅର୍ଥପରିବର୍ତ୍ତନ ପରେ -ସାନ୍ତଳୀ - ରାଆଃ ।

ଓଡ଼ିଆ -କାନ୍ଦିବା ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ପାହାଡର ଭଙ୍ଗା ଅଂଶ ଖସିବା ସହିତ ଆଖିରୁ ଲୋତକ ଖସିବାର ସାମଞ୍ଜସ୍ୟତା ହେତୁ ଏହା କୁହାଯାଇଅଛି । ଏହି ଧରଣର ଶବ୍ଦ ବ୍ୟବହାର ଛୋଟପିଲାଙ୍କ କ୍ରନ୍ଦନକୁ ଲକ୍ଷ୍ୟ କରି କୁହାଯାଇଥାଏ ।

**ତୁୟୁ ରାଃ**

ଓଡିଆ ରୂପାନ୍ତର - ଶିଆଳ ଡାକ ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଗିଦ୍ରା ରାଃ ।

ଓଡ଼ିଆ - ଶିଶୁର କ୍ରନ୍ଦନ ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ ।

**ତୁୟୁ ଦେରେଙ୍ଗ୍**

ଓଡିଆ ରୂପାନ୍ତର - ଶିଆଳ ବା ଶୃଗାଳ ଶିଙ୍ଗ ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ମାରିଚ୍ ।

ଓଡ଼ିଆ - ଲଙ୍କା ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ ।

**ହାତୀ ଶୁଣ୍ଢ୍ ରେୟାଃ**

ଓଡିଆ ରୂପାନ୍ତର - ହାତୀଶୁଣ୍ଢର ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ପାରୁଆ ।

ଓଡ଼ିଆ - ମଦ ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ମଦକୁ ରାନ୍ଧିଲା ବେଳେ ହାତୀଶୁଣ୍ଢ ପରି ଏକ ନଳରୁ ତାହା ସଂଗ୍ରହ କରାଯାଉଥିବା ହେତୁ ଏପରି କୁହାଯାଇଥାଏ । ସାନ୍ତାଳମାନେ ମୁଖ୍ୟତଃ ବନ୍ୟଜନ୍ତୁଙ୍କ ସଂସ୍ପର୍ଶରେ ଆସୁଥିବାରୁ ଏପରି ଶବ୍ଦ ବ୍ୟବହାର କରିଥାନ୍ତି ।

**ଅ ପାଘା**

ଓଡିଆ ରୂପାନ୍ତର - ପଘା ନ ଥିବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ଲାଗାମ୍ ବାନୁଃ ।

ଓଡ଼ିଆ - ଲଗାମହୀନ ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ସମାଜରେ ଏହି ଧରଣର ବ୍ୟକ୍ତି ବିଶେଷଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖାଯାଇଥାଏ । ସାଧାରଣତଃ ଏହି ଧରଣର ଲୋକମାନଙ୍କ ସହିତ ଅନ୍ୟମାନେ ବନ୍ଧୁ ବାନ୍ଧିବାକୁ କୁଣ୍ଠାବୋଧ କରିଥାନ୍ତି ।

**ଅଡାଃ ହେଜ୍ଜାମ୍**

ଓଡ଼ିଆ ରୂପାନ୍ତର - ଘରକୁ ଆସି ପହଞ୍ଚିବା ।

ଅର୍ଥପରିବର୍ତ୍ତନ ପରେ -ସାନ୍ତଳୀ - ଜାୱାଁୟ୍ ଅଡାଃ ହେଜ୍ଜାମ୍ ।

ଓଡ଼ିଆ -ଝିଅର ଶାଶୁ ଘରକୁ ପହଞ୍ଚିବା ।

କାରଣ - ସାନ୍ତାଳ ସମାଜରେ ପ୍ରେମ ବିବାହକୁ ମଧ୍ୟ ସ୍ୱୀକୃତି ଦିଆଯାଇ ଅଛି । କୌଣସି ଯୁବକ ଘରକୁ ଯୁବତୀ ନେଇ ଆସିଲେ ମାଝିବାବାଙ୍କ ଉପସ୍ଥିତିରେ ଯୁବକଯୁବତୀ ଉଭୟଙ୍କୁ ପ୍ରଶ୍ନକରାଯିବା ଅବସରରେ କନ୍ୟାଟିକୁ ପଚରାଯାଇଥାଏ ସେ ଅତିଥି ହିସାବରେ ଆସିଛନ୍ତି ନା ଘରକୁ ଆସିପହଞ୍ଚିଛନ୍ତି , ସେ ଉତ୍ତର ଛଳରେ କହିଥାଏ ଘରକୁ ଆସି ପହଞ୍ଚିଛନ୍ତି ।

**ବୁରୁ ରାକାବ୍**

ଓଡିଆ ରୂପାନ୍ତର - ପାହାଡ ଚଢିବା ।

ଅର୍ଥପରିବର୍ତ୍ତନ ପରେ-ସାନ୍ତଳୀ-ଜବର୍‌ଯୁସ୍ତି ବାପାଗଃ(ସମାଜ ପାହାଟା ଖର୍ଣା)।

ଓଡ଼ିଆ -ବିବାହ ବିଚ୍ଛେଦ ( ବାଧ୍ୟତା ମୂଳକ ) ।

କାରଣ - ସାନ୍ତାଳ ସମାଜରେ ନିଜ ପାରିସ୍ ଏବଂ ନିକଟ ସର୍କୀୟମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ନିଷିଦ୍ଧ ଅଟେ । କୋଣସି ଯୁବକଯୁବତୀ ନିକଟ ସର୍କୀୟ ହୋଇମଧ୍ୟ ପରସ୍ପରକୁ ସ୍ୱାମୀ ସ୍ତ୍ରୀ ଭାବେ ଗ୍ରହଣକଲେ ସମାଜ ତାହାକୁ ସ୍ୱୀକୃତି ଦେଇ ନ ଥାଏ । ଏହି ଧରଣର ଏକ ଅପରାଧ ଘଟାଇଥିବା ହେତୁ ସମାଜ ସେମାନଙ୍କୁ ଦଣ୍ଡସ୍ୱରୂପ ଜାଲ ପନ୍ଧିବାକୁ ନିର୍ଦ୍ଦେଶ ଦିଏ ଏବଂ ନିକଟସ୍ଥ ଏକ ପାହାଡ ଉପରକୁ ସର୍ବସାଧାରଣଙ୍କ ଉପସ୍ଥିତିରେ ନିଆଯାଇଥାଏ । ଏହି ପାହାଡ ଉପରୁ ପରସ୍ପରକୁ ବିପରୀତ ଦିଗରେ ପଠାଯାଇଥାଏ, ପୁନର୍ବାର ଏହି ତ୍ରୁଟି ନ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଥାଏ । ଏହାକୁ ବୁରୁରାକାବ୍ କୁହାଯାଏ ।

**ରହଲ୍ ଗାଡାରେ ଡଙ୍ଗା ଚାଲାଙ୍**

ଓଡିଆ ରୂପାନ୍ତର - ଶୁଖିଲା ନଦୀରେ ଡଙ୍ଗା ଚଳେଇବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ବାପ୍ଲାରେ ରାୟ୍‌ବାରଃ ।

ଓଡ଼ିଆ - ବାହାଘର ମଧ୍ୟସ୍ଥ ।

କାରଣ - ସାଙ୍କେତିକ ଶବ୍ଦ ପ୍ରୟୋଗ । ସେମାନେ ଅଲଗା ଅଲଗା ଦୁଇ ପରିବାର ର ସଂଯୋଗ କରୁଥିବା ହେତୁ ସେମାନଙ୍କୁ ନାଉରିଆ ବୋଲି କୁହାଯାଇଥାଏ । ସାନ୍ତାଳ ସମାଜରେ ଏହି କାର୍ଯ୍ୟକୁ ଏକ ପୁଣ୍ୟ କାର୍ଯ୍ୟଭାବେ ବିବେଚନା କରାଯାଇଥାଏ ।

**ରହଲ୍ ଡାର୍‌ରେ ଦେଜ୍**

ଓଡିଆ ରୂପାନ୍ତର - ଶୁଖିଲା ଡାଳରେ ଚଢିବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ଲାଜଃ ।

ଓଡ଼ିଆ - ଗର୍ଭବତୀ ହେବା ।

କାରଣ - ଗର୍ଭାବସ୍ଥାକୁ ନାରୀର ଏକ ବିପଦଜନକ ଅବସ୍ଥା ବୋଲି ପ୍ରାଚୀନକାଳରେ ଧରିନିଆ ଯାଇଥିଲା । କାରଣ ସେତେବେଳେ ଚିକିତ୍ସା ବିଧାନର ସୁବିଧା ନ ଥିବା ହେତୁ ବହୁ ସଂଖ୍ୟକ ଗର୍ଭବତୀ ମହିଳା ମୃତ୍ୟୁମୁଖରେ ପଡୁଥିଲେ । ଏଥିପାଇଁ ହିଁ ଏହାକୁ ଶୁଖିଲା ଡାଳରେ ଚଢିବା ସମ ତୁଳନା କରାଯାଇଅଛି ।

**ବାବେର୍ ଜଟେଦ୍**

ଓଡିଆ ରୂପାନ୍ତର - ଦଉଡି ଛୁଇଁବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତଳୀ - ବିଞ୍ଜ୍‌ଗେର୍ ।

ଓଡ଼ିଆ - ସର୍ପାଘାତ ।

କାରଣ - ଭୟହେତୁ ତାହାକୁ ଉଚ୍ଚାରଣ କରାଯାଇ ନ ଥାଏ । ସାନ୍ତାଳମାନେ ବିଶ୍ୱାସ କରନ୍ତି ଏହି କଥା ଅନ୍ୟମାନଙ୍କ କାନକୁ ଗଲେ ଯେଉଁମାନେ ଡାହାଣୀ ବିଦ୍ୟା ଜାଣିଥିବେ ସେମାନେ ହୁଏତ ରୋଗୀର ଆହୁରି ଅଧିକ ଅନିଷ୍ଟ କରିପାରନ୍ତି । ସେଥିପାଇଁ ଅତ୍ୟନ୍ତ ସନ୍ତର୍ପଣତାର ସହିତ ଏହି ବିଷୟ ଆଲୋଚନା କରାଯାଇଥାଏ । ତାହା ପୁଣି ସାଙ୍କେତିକ ଭାଷାରେ ।

**ଆୟରୁଙ୍ଗା**

ଓଡ଼ିଆ ରୂପାନ୍ତର - ମାଆ ଜ୍ୱର ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ବସନ୍ତ୍ ରୁଆ ।

ଓଡ଼ିଆ - ବସନ୍ତ ରୋଗ ।

କାରଣ - ଭୟ୍ ଏବଂ ଅନ୍ଧବିଶ୍ୱାସ ହେତୁ । ସାନ୍ତାଳମାନଙ୍କ ପରମ୍ପରା ତଥା ସଂସ୍କୃତିରେ ବସନ୍ତ ରୋଗକୁ କେବଳ ଭୟ୍ ନୁହେଁ ଘୃଣା ମଧ୍ୟ କରାଯାଇଥାଏ । ସେଥିପାଇଁ ହିଁ ଏହି ରୋଗରେ ପଡ଼ି କେହି ମୃତ୍ୟୁବରଣ କଲେ ତାହାକୁ ଶ୍ମଶାନ ଛାଡ଼ି ଅନ୍ୟତ୍ର ସତ୍କାର କରାଯାଇଥାଏ ।

**ଦିଶମ୍ ରୁଙ୍ଗା**

ଓଡ଼ିଆ ରୂପାନ୍ତର - ଦେଶ ଜ୍ୱର ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ବସନ୍ତ୍ ରୁଃଆ

ଓଡ଼ିଆ - ବସନ୍ତରୋଗ ।

କାରଣ - ଭୟ୍ ଏବଂ ଅନ୍ଧ ବିଶ୍ୱାସ ହେତୁ ।

**ଝାଲ୍‌କ ବାୟ୍‌ବେଣା**

ଓଡ଼ିଆ ରୂପାନ୍ତର - ଝାଡଭଲ ନୁହେଁ ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ଠୁଣ୍ଟା ଆଜାର୍ ମେନାଃ ତାକଓ୍ୱା ।

ଓଡ଼ିଆ - ବଂଶଟି ଭଲନୁହେଁ ତାଙ୍କ ବଂଶରେ କୁଷ୍ଠ ରୋଗ ଅଛି ।

କାରଣ - ସାଙ୍କେତିକ ଶବ୍ଦ ବ୍ୟବହାର । କୌଣସି ପରିବାରର ଏହି ଧରଣ କଥା ଜାଣିବାପରେ ସେମାନଙ୍କ ସହିତ ବନ୍ଧୁତା ଭଲବଂଶ (କୁଷ୍ଠ ନ ଥିବା)ର ଲୋକମାନେ କରି ନ ଥାନ୍ତି ।

**ମୂଡାଦ୍ ଦନ୍‌ପାରମ୍ ।**

ଓଡ଼ିଆ ରୂପାନ୍ତର - ଗଛର କଟାଗଣ୍ଡି ଡେଇଁ ପାରହେବା ।

ଅର୍ଥପରିବର୍ତ୍ତନ ପରେ - ସାନ୍ତାଳୀ - ମାଣାଂଜାଓ୍ୱାଁୟ୍ ଠେନ୍ ଖନାଂଭାଗାଅଁ ।

ଓଡ଼ିଆ - ପୂର୍ବରୁ ବିବାହ କରି ଛାଡପତ୍ର ପାଇଥିବା ନାରୀ (କନ୍ୟା) ।

କାରଣ - ଲଜ୍ଜାବଶତଃ । ଏହି ଧରଣର କନ୍ୟାମାନଙ୍କୁ ସାନ୍ତାଳ ସମାଜରେ ରକ୍ଷିତାପରି ରଖାଯାଇଥାଏ । ସେମାନେ କୁଳବଧୂର କୌଣସି କର୍ମ କରିପାରି ନ ଥାନ୍ତି । ଏପରିକି ମୃତ୍ୟୁପରେ ମଧ୍ୟ ସେମାନଙ୍କୁ ଅନ୍ୟତ୍ର ପୂଜା କରାଯାଇଥାଏ ।

**ଦେରେଙ୍ଗ୍ ରାପୁଦ୍**

ଓଡିଆ ରୂପାନ୍ତର - ଶିଙ୍ଗ ଭାଙ୍ଗିବା ।

ଅର୍ଥପରିବର୍ତ୍ତନ ପରେ- ସାନ୍ତଳୀ -ବାହୁଆଗୁକାତେ ଜାହାଁୟେଭାଗାଅ ଆକାଦ୍ କଓ୍ବା ।

ଓଡ଼ିଆ - ପୂର୍ବରୁ ବିବାହ କରି ଛାଡ ପତ୍ର ଦେଇଥିବା ପୁରୁଷ (ବର) ।

କାରଣ - ଲଜ୍ଜାବଶତଃ । ଏହିମାନଙ୍କ ସକାଶେ ସେମିତି କିଛି ପ୍ରତିବନ୍ଧକ ନାହିଁ । ଯାହା ସାନ୍ତାଳ ସମାଜ ଏକ ପୁରୁଷ ପ୍ରଧାନ ସମାଜ ବୋଲି ସୂଚାଇଥାଏ । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ତାଙ୍କ ସମାଜରେ କେବଳ ପୁରୁଷମାନେ ନୀତି ନିୟମ ପ୍ରଣୟନ କରିଥାନ୍ତି ।

**ଦାରେଦେକ୍**

ଓଡିଆ ରୂପାନ୍ତର - ଗଛ ଚଢିବା ।

ଅର୍ଥପରିବର୍ତ୍ତନ ପରେ -ସାନ୍ତଳୀ -ଜାହାଁୟ୍ ବାହୁୟ୍ ଲାଜ୍ ଆକାଦେୟ୍ା ।

ଓଡ଼ିଆ - ପତ୍ନୀଙ୍କୁ ଗର୍ଭବତୀ କରିଥିବା ସ୍ୱାମୀ ।

କାରଣ - ଲଜ୍ଜାବଶତଃ । ସାନ୍ତାଳମାନଙ୍କ ସଂସ୍କୃତିରେ ବୃକ୍ଷକୁ ଦେବତାର ମାନ୍ୟତା ଦିଆଯାଇଥାଏ । ସେଥିପାଇଁ ଗଛ ଚଢ଼ିବାପୂର୍ବରୁ ତାହାକୁ ନମସ୍କାର କରିଥାନ୍ତି । ସେହିପରି ଗର୍ଭବତୀ କରାଇବାକୁ ମଧ୍ୟ ଏକ ମହତ୍ କାର୍ଯ୍ୟର ମାନ୍ୟତା ସ୍ୱରୂପ ତାହାକୁ ଗଛଚଢ଼ା ବୋଲି କୁହାଯାଇଥାଏ ।

ସାନ୍ତାଳୀ ଭାଷାର (ଭେନ୍ତାର୍ ରଲ୍) ଭିନ୍ନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ କେବଳ ଭାଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁନାହିଁ, ଏ ଗୁଡିକ ସଂସ୍କୃତିଗତ ମୂଲ୍ୟ ମଧ୍ୟ ରହିଛି ।

## ୪. କାଥାରେନାଂ ସଣ୍‌ଗା (ଡଗ ଡମାଳି)

ପୃଥିବୀର ପ୍ରତ୍ୟେକ ଭାଷାର ଆଦିରୂପ ହେଉଛି ତାହାର ଲୋକସାହିତ୍ୟ । ଏହି ଲୋକସାହିତ୍ୟର ଏକ ଅବିଚ୍ଛେଦ ଅଙ୍ଗ ହେଉଛି ସେଥିରେ ପ୍ରଚଳିତ ଡଗଡମାଳି । ଏହାକୁ ସାନ୍ତାଳୀ ଭାଷାରେ କାଥାରେନାଂ ସଣ୍‌ଗା କୁହାଯାଏ । ଏହାରି ମାଧ୍ୟମରେ ଅତି ଅଳ୍ପରେ ଭାବନାକୁ ପ୍ରକାଶ କରିଦେବାରେ ବକ୍ତା ସକ୍ଷମ ହୋଇଥାଏ । କେବଳ ନିଜ ମନର କଥା ନୁହେଁ ଏଥିରେ ମଧ୍ୟ ସମାଜର ପ୍ରତିଛବି ଅଙ୍କିତ ହୋଇଥିବାର ଦୃଷ୍ଟିଗୋଚର ହୋଇଥାଏ । ତେଣୁ ଏହା ସାହିତ୍ୟ ତଥା ସମାଜର ଏକ ଅମୂଲ୍ୟ ଓ୍ୱଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟଭାଷାମାନଙ୍କ ପରି ସାନ୍ତାଳୀ ଭାଷାରେ ମଧ୍ୟ ଶତଶତ କାଥାରେନାଂ ସଣ୍‌ଗା (ଡଗଡମାଳି) ରହିଛି ଯାହା ବିଶ୍ୱର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବାରେ ସହାୟକ ହୋଇ ଆସିଛି । କିନ୍ତୁ ପରିତାପର ବିଷୟ ଆଧୁନିକ ଶିକ୍ଷାର ପ୍ରସାର ଏବଂ ସାନ୍ତାଳମାନଙ୍କ ଜୀବନଯାପନ ଶୈଳୀର ପରିବର୍ତ୍ତନ ସହିତ ଏସବୁ କ୍ରମଶଃ ଲୋପ ପାଇବାକୁ ଆରମ୍ଭ କରିଛି । ତେଣୁ ବର୍ତ୍ତମାନ ସମୟରୁ ଏଗୁଡିକ ସଂଗ୍ରହ କରା ନ ଗଲେ ହୁଏତ ଆଗାମୀ କେତେବର୍ଷପରେ ଏହାକୁ ଖୋଜିଲେ ଆଉମିଳିବ ନାହିଁ । ସାନ୍ତାଳୀ ଲୋକସାହିତ୍ୟର ଏହିଦିଗ ପ୍ରତି ସ୍ୱତନ୍ତ୍ରଭାବେ ଗବେଷଣା କରାଯିବାର ଆବଶ୍ୟକତା ରହିଛି । ଏଥିରେ ଯେଉଁ କେତେଗୋଟି ଡଗଡମାଳିମାନ ପ୍ରଦାନ କରାଗଲା ଏହା କେବଳ ନମୁନା ମାତ୍ର ।

**ଝେଁଠ୍ ବଙ୍ଗା ସିତୁମ୍‌ତେ ହେସେଲ୍‌ଡୁଗୀ ଗକ୍**
**ଆଷାଲ୍ ବଙ୍ଗା ଜାପୁଦ୍‌ତେ କାଡାଦେରେଙ୍ଗେ ଡିଲ୍ ।**

ଓଡିଆ ରୂପାନ୍ତର - ଜ୍ୟେଷ୍ଠ ମାସର ଖରାରେ ଧଉଳାଗଛର ଅଗ ମରେ
ଆଷାଢ ମାସର ବରଷାରେ ମଇଁଷି ଶିଙ୍ଗ ହଲେ ।

ପୂର୍ବୋକ୍ତ ଡଗରେ ପ୍ରକୃତିର ପ୍ରଚଣ୍ଡତା କଥା ବର୍ଣ୍ଣନା କରାଯାଇଅଛି । ଅର୍ଥାତ୍ ପ୍ରକୃତି ବେଳେବେଳେ କିପରି ଉଗ୍ରରୂପ ଧାରଣକରେ ତାହା ଏଥିରୁ ଜଣାପଡିଥାଏ । ପ୍ରକୃତିର ଏହି ପରିବର୍ତ୍ତନ ମାସ ସହିତ କିପରି ଯୋଡିହୋଇ ରହିଛି ତାହାର ମନୋଜ୍ଞ ପରିପ୍ରକାଶ ଏଥିରେ କରାଯାଇଅଛି । ଯଥା - ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପର କଥା ଅଭିବ୍ୟକ୍ତ କରିବାକୁ ଯାଇ କୁହାଯାଇଅଛି । ଏଥିରେ ଧଉଳାଗଛର ଅଗ ମରିଯାଇଥାଏ, ସେହିପରି ଆଷାଢ଼ ମାସ ହେଲାବେଳକୁ ଅବିରତ ବର୍ଷା କରିଥାଏ ।

ବେଳେବେଳେ ଏହା ଅନେକ ଦିନ ପର୍ଯ୍ୟନ୍ତ ଲାଗିରହେ । ଏଥିରେ ଗଛଲତାଦି ନଷ୍ଟହେବା କଥାତ ଛାଡ ମଇଁଷି ଶିଙ୍ଗ ମଧ୍ୟ ହଲିଯାଇଥାଏ । ଏହି ଲୋକୋକ୍ତି ମାଧ୍ୟମରେ ପ୍ରକୃତିର ପରାକ୍ରମତା ଅର୍ଥାତ୍ ତାହା କିପରି ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରେ ଦର୍ଶାଇ ଦିଆଯାଇଅଛି ।

**ବୁରୁ ବୀର୍‌ଦ ଲଃଆ ଦିଶମ୍ ହଲ୍‌କ ଞେଲା ।**
**ମନେ ଜୀଵୀ ଲଃଆ ଅକୟେ ଞେଲ୍ ?**

**ଓଡିଆ ରୂପାନ୍ତର - ବଣ ପାହାଡ ପୋଡିଲେ ଦେଶ ଲୋକେ ଦେଖନ୍ତି ମନ ଅନ୍ତର ପୋଡିଲେ କିଏ ଦେଖିବ ?**

ଏଥିରେ ପ୍ରକୃତି ସହିତ ମନୁଷ୍ୟକୁ ତୁଳନା କରାଯାଇଅଛି । ମନୁଷ୍ୟ ବେଳେବେଳେ କେତେ ଦୟନୀୟ୍ ହୋଇପଡେ ତାହା ଏଥିରେ ସୂଚାଇ ଦିଆଯାଇଅଛି । ଏହି ସୃଷ୍ଟିରେ ନିଜକୁ ଶ୍ରେଷ୍ଠବୋଲି ମଣୁଥିବା ଏହି ମାନବ ଏକ ପାହାଡଠାରୁ ମଧ୍ୟ କିପରି ଅସହାୟ୍ ସେ କଥା ପ୍ରକାଶ କରିବାକୁ ଯାଇ କୁହାଯାଇଅଛି-ବଣ ବା ପାହାଡରେ ଯେତେବେଳେ କୌଣସି କାରଣ ବଶତଃ ନିଆଁଲାଗି ପୋଡିବାକୁ ଆରମ୍ଭକରେ, ସେତେବେଳେ ସମଗ୍ର ଦେଶର ଲୋକେ ଜାଣି ଯାଇଥାଆନ୍ତି । ଅର୍ଥାତ୍ ସେମାନେ ଚାହିଁଲେ ସେହି ଅଗ୍ନିକୁ ଜଳଢାଳି ନିର୍ବାପିତ କରିଦେଇପାରନ୍ତି । ଅପର ପକ୍ଷରେ କୌଣସି କାରଣ ବଶତଃ ମନୁଷ୍ୟର ମନ ଯେତେବେଳେ ପୋଡିବାକୁ ଆରମ୍ଭକରେ ତାହାକୁ କେହି ଜାଣିପାରି ନ ଥାନ୍ତି । ତେଣୁ ତାହାକୁ ନିର୍ବାପିତ କରିବାର ସୁଯୋଗ ନାହିଁ, ତଥା ଏଥିରେ ସେ ତିଳତିଳକରି ଦଗ୍‌ଧିଭୂତ ହେବାଟା ହିଁ ସାରହୁଏ । ଏହି ପ୍ରକାରେ ଏହିମନୁଷ୍ୟ ପାହାଡଠାରୁ ମଧ୍ୟ ଅସହାୟ୍ ବୋଲି ପ୍ରମାଣିତ ହୋଇ ଯାଇଅଛି ।

**ହଲ୍‌ଜୀବନ୍ ତୁମ୍ବା ଦାଃ**
**ତିନ୍‌ରେ ଦୁଲସାଙ୍କଃଆ ଅକୟେ, ବାଡାୟ୍ ?**

ଓଡିଆ ରୂପାନ୍ତର - ମାନବ ଜୀବନ ତୁମ୍ବା ପାଣି କେତେବେଳେ ଢଳିପଡିବ କିଏ ଜାଣିଛି ?

ଏଦ୍ବାରେ ମନୁଷ୍ୟ ଜୀବନର ଅନିଶ୍ଚିତତା ସମ୍ବନ୍ଧରେ ସୂଚାଇ ଦିଆଯାଇଅଛି । ସେଥିପାଇଁ ମନୁଷ୍ୟ ଜୀବନକୁ ଲାଉତୁମ୍ବାର ପାଣି ସହିତ ତୁଳନା କରାଯାଇଅଛି ।

ଅର୍ଥାତ୍ ତୁମ୍ବାରେ ପାଣି ଭର୍ତ୍ତି କରାଯାଇଛି ଏହାସତ୍ୟ କିନ୍ତୁ ସାମାନ୍ୟ ଆଘାତରେ ହେଲେମଧ୍ୟ ତାହା ଢଳିପଡିବାର ସମ୍ଭାବନା ରହିଛି । ଆଉ ପଡିଗଲେ କ୍ଷଣକ ମଧ୍ୟରେ ତୁମ୍ବାଟି ପାଣିଶୂନ୍ୟ ହୋଇଯିବ ଏହା ସୁନିଶ୍ଚିତ । ଏହି ସଂସାର ମଧ୍ୟରେ ମନୁଷ୍ୟର ବଞ୍ଚିବାମଧ୍ୟଠିକ୍ ସେମିତି । ଏହି ଶରୀରରେ ପ୍ରାଣଅଛି ସତ୍ୟ କିନ୍ତୁ କେଉଁଠି କେତେବେଳେ କ'ଣ ଦୁର୍ଘଟଣା ଘଟିଲେ ଶରୀରଟି କ୍ଷଣକ ମଧ୍ୟରେ ପ୍ରାଣଶୂନ୍ୟ ହୋଇଯାଏ । ତେଣୁ ଏହି ଡଗଟି ଯେଉଁ ସାନ୍ତାଳଭାଇ ଭଉଣୀମାନେ ଗୀତା ଭାବଗତଠାରୁ ବହୁଦୂରରେ ସେମାନଙ୍କୁ କେଉଁ ଆବହମାନ କାଳରୁ ମନୁଷ୍ୟ ଜୀବନର ଅଳିକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଆସୁଛି ଏବଂ ପରୋକ୍ଷରେ ମିଥ୍ୟା ମାୟା ମୋହକୁ ତ୍ୟାଗ କରିବା ସକାଶେ ପ୍ରବର୍ତ୍ତାଇ ଆସିଅଛି ।

**ନିତ୍ ନଃଅନଙ୍ଗୀ ଧିନାଂ ଅକାଲେକା**
**ହାପେନ୍‌ରେନାଂ କାଥା ଅକୟେ ବାଡାୟ୍ ?**

ଓଡିଆ ରୂପାନ୍ତର - ଏବେ ଏମିତିକା ପରେ କେମିତିକା ଭବିଷ୍ୟର କଥା ଜାଣିଅଛି କିଏ ?

ଭବିଷ୍ୟତ ଯେ ଅନ୍ଧକାର ଅର୍ଥାତ୍ ଭବିଷ୍ୟତ ସମ୍ବନ୍ଧରେ ସଠିକ୍ ମତ ପ୍ରଦାନ କରିବା ଅସମ୍ଭବ ଏହା ଏହି ଡଗରେ ପ୍ରକାଶ କରାଯାଇଅଛି । ଏକଥା ସ୍ପଷ୍ଟ କରିଦେବାକୁ ଯାଇ କୁହାଯାଇଅଛି ଭବିଷ୍ୟତ କଥା ଜାଣିବା ତ ଦୂରରକଥା, ଏବେ ତୁମେ ଯେଉଁ ଅବସ୍ଥାରେ ଅଛ ଆଉ ଟିକିଏ ସମୟପରେ ତୁମ୍ଭ ଅବସ୍ଥା କ'ଣ ହେବ ତାହା ମଧ୍ୟ କୁହାଯାଇ ପାରିବନାହିଁ । ଅର୍ଥାତ୍ ଏହି ମୂହୁର୍ତ୍ତରୁ ପରମୂହୁର୍ତ୍ତର କଥା ମଧ୍ୟ ନିଶ୍ଚିତ ନୁହେଁ । ତେଣୁ ପରୋକ୍ଷରେ କୁହାଯାଇଅଛି ଭବିଷ୍ୟର କଥା କେହି ଜାଣିପାରିବେ ନାହିଁ ।

**କଳା ବାଖାନ୍ କୁଳି ଅହୟ୍ ତାହେଁ କଃଆ**
**ବିଣ୍ଡି ବାଂଖାନ୍ ଠିଲି ବାୟ୍ ଦଳମଃଆ ।**

**ଓଡିଆ ରୂପାନ୍ତର -** ପୁରୁଷ ବିନା ନାରୀ ରହିପାରିବନି
ସମା ବିନା ମାଠିଆ ବସିପାରିବ ନି ।

ସମାଜ ଗଠନରେ ପୁରୁଷ ଏବଂ ନାରୀ ଦୁହିଁଙ୍କର ସମାନ ଭୂମିକା ରହିଛି । ଏଥିପାଇଁ ହିଁ ଜଣକ ବିନା ଅନ୍ୟଜଣକ ଅପୂର୍ଣ୍ଣାଙ୍ଗ ବୋଲି କୁହାଯାଇଥାଏ । କେବଳ ସମାଜ କାହିଁକି ଏହି ସୃଷ୍ଟିକୁ ରକ୍ଷାକରିବା ସକାଶେ ଦୁହିଁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଅର୍ଥାତ୍ ଏମାନେ ଦୁହେଁ ଦୁହିଁଙ୍କ ସାହଚର୍ଯ୍ୟରେ ଜୀବନ ଧାରଣ କରିଥାନ୍ତି । ଏହି କଥାକୁ ଅଭିବ୍ୟକ୍ତ କରିବାକୁଯାଇ ସାନ୍ତାଳୀ ଭାଷାର ଢଗରେ ଏମାନଙ୍କୁ ସମା ଓ ମାଠିଆ ସହିତ ତୁଳନା କରାଯାଇଅଛି । ସମା ବିନା ମାଠିଆ ଯେପରି ବସିପାରିବ ନାହିଁ ସେହିପରି ମାଠିଆ ବିନା ସମାର କୌଣସି ମୂଲ୍ୟ ନ ଥାଏ ।

**ଏଦେଲ୍ ମୁରୁଦ୍ ବାହା ଞେଲଃ ଜେଙ୍ଗେଦ୍ ଜେଙ୍ଗେଦ୍**
**ସ ବାଂତେ ଇଖାନ୍ ଗରଜ୍ ବାନୁଃ ।**

ଓଡିଆ ରୂପାନ୍ତର - ଶିମୁଳି ପଳାଶ ଫୁଲ ଦେଖିବାକୁ ଟହ ଟହ ବାସେ ନାହିଁ ବୋଲି ସେ ତ ପାଏନି ଆଦର ।

ଏଥିରେ ରୂପ ଅପେକ୍ଷା ଗୁଣର ମହତ୍ତ୍ୱ ପ୍ରତିପାଦନ କରାଯାଇଅଛି । ଏହାର ନିଦର୍ଶନ ସ୍ୱରୂପ ଶିମୁଳି ଏବଂ ପଳାଶ ଫୁଲକୁ ନିଆଯାଇଅଛି । ଏହି ଦୁଇଜାତିର ପୁଷ୍ପ ଦେଖିବାକୁ କେତେ ସୁନ୍ଦର ନାଲି ଟହଟହ, କିନ୍ତୁ ତାହାର ସୁଗନ୍ଧ ନାହିଁ ବୋଲି କେହି ଆଦର କରିନଥାନ୍ତି । ଅର୍ଥାତ୍ ପରୋକ୍ଷରେ ସୂଚାଇ ଦିଆଗଲା ପ୍ରତ୍ୟେକ ମନୁଷ୍ୟ ନିଜର ବାହ୍ୟ ସୌନ୍ଦର୍ଯ୍ୟ ତଥା ବେଶ ପରିଧାନ ଅପେକ୍ଷା ସୁ ଗୁଣାବଳି ଦ୍ୱାରା ବିମଣ୍ଡିତ ହେବା ଆବଶ୍ୟକ ଏହା ନ କଲେ ସମାଜରେ କେହି ତାକୁ ଆଦର କରିବେ ନାହିଁ ।

**ମୁକ୍‌କାମୀ କୁରୁମୁଟୁ**
**ଭରୁକାମୀ ଭଟୁପୁଟୁ ।**

ଓଡିଆ ରୂପାନ୍ତର - ପିମ୍ପୁଡିର କାମ ତରତର ଭଅଁରର କାମ ନଟପଟ ।

ଏହି ଢଗ ମାଧ୍ୟମରେ ମୁଷ୍ୟକୁ କର୍ମପ୍ରବଣ କରାଇବା ସକାଶେ ପ୍ରଚେଷ୍ଟା କରାଯାଇଅଛି । ଏଥିପାଇଁ ହିଁ ଏହି ସୃଷ୍ଟିର କ୍ଷୁଦ୍ରାତ୍‌ଅପି-କ୍ଷୁଦ୍ର ଜୀବ ପିମ୍ପୁଡି ଓ ଭଅଁରର କଥା କୁହାଯାଇଅଛି । ଏମାନେ ଏତେ କ୍ଷୁଦ୍ର ହୋଇଥିଲେ ହେଁ କର୍ମରେ କେବେହେଲେ ମଧ୍ୟ ଅବହେଳା ଭାବ ପୋଷଣ କରିନଥାନ୍ତି । ସେମାନେ ଜୀବନ ତମାମ ଏହିପରି କର୍ମ କରିଚାଲନ୍ତି, ସତରେ ଯେପରି କର୍ମ ହିଁ ହେଉଛି ତାଙ୍କ ଜୀବନ ଏହାକୁ ଛାଡି ସତେ ଅବା ସେମାନେ ବଞ୍ଚିପାରିବେ ନାହିଁ । ତେଣୁ ସେମାନେ କୀଟହୋଇ ଯଦି ଏହିପରି ଆଚରଣ କରୁଛନ୍ତି, ତାହେଲେ ଏହି ସୃଷ୍ଟିର ଶ୍ରେଷ୍ଠଜୀବ ମନୁଷ୍ୟ କ'ଣ ନ କରିବା ଉଚିତ !

**ଅଲ୍‌ଦ ଳିକ୍‌ଟ ଳକ୍‌ଟ ଅକା ଠିକାଣ୍ ବା'ଆ,**
**ଅକୟ୍ ରାସାୟ୍ ଚେପେକ୍ ଆକାଦ୍, ଉନିଏନା ଅନା ଗୁନେ ବାଡାୟ୍ ।**

ଓଡିଆ ରୂପାନ୍ତର - ଲେଖା (ଲିପି) ଅଙ୍କା ବଙ୍କା ନାହିଁ ତା ଠିକଣା,
ରସ ଆସ୍ୱାଦନ କରିଛି ଯିଏ ସିଏ ଏକା ଜାଣେ ତା ଠିକଣା ।

ଏଠାରେ ଜନସାଧାରଣଙ୍କୁ ଅକ୍ଷର (ଲିପି) ସହିତ ପରିଚିତ କରାଇବା ତଥା ବିଦ୍ୟାଧ୍ୟୟନର ଆବଶ୍ୟକତା ସମ୍ବନ୍ଧରେ ସୂଚନା ଦେବାକୁ ପ୍ରୟାସ କରାଯାଇଅଛି । ଏଥିପାଇଁ ହିଁ କୁହାଯାଇଅଛି ଲିପିକୁ ଦେଖିଲେ ତାହା ଅଙ୍କା ବଙ୍କା ଦେଖାଯାଇଥାଏ, ଯାହାର କୌଣସି ଠିକଣାରୂପ (ନିରକ୍ଷର ଲୋକଙ୍କ ସକାଶେ) ନ ଥାଏ । କିନ୍ତୁ ତାହାର ରସ ଯେଉଁମାନେ ଆସ୍ୱାଦନ କରିଛନ୍ତି, ସେହିମାନେ କେବଳ ତାହାର ଗୁଣ ବା ଠିକଣା ଜାଣିଛନ୍ତି । ଅର୍ଥାତ୍ ଏଥିରେ ପରୋକ୍ଷରେ ସମସ୍ତଙ୍କୁ ଆମନ୍ତ୍ରଣ କରାଯାଇଅଛି, ସେହି ରସ ଆସ୍ୱାଦନ କରିବା ସକାଶେ ।

**ଜାନାମ୍ ଆୟ୍ ସିବିଲ୍ ହଡଦ୍**
**କାଜୀ ଆୟ୍ ହେଙ୍କେର ହଡଦ୍ ।**

ଓଡିଆ ରୂପାନ୍ତର - ଜନମକଲା ମାଆ ଅଟଇ ମିଠାଲାଉ ବିମାତା ଅଟଇ ପିତାଲାଉ ।

ଏଥିରେ ମାତା ଏବଂ ବିମାତାଙ୍କ ମଧ୍ୟରେ ପ୍ରଭେଦ କ'ଣ ସୂଚାଇ ଦିଆଯାଇଅଛି । ଏଥିପାଇଁ ସାନ୍ତାଳ ସମାଜର ବହୁ ପରିଚିତ ପରିବା ଲାଉ ସହିତ ସେମାନଙ୍କୁ ତୁଳନା କରାଯାଇଅଛି । ଅର୍ଥାତ୍ ସମସ୍ତ ପ୍ରକାର ଲାଉ, ଲାଉ ପଦବାଚ୍ୟ ହୋଇଥିଲେ ହେଁ ସମସ୍ତ ଲାଉ ସମାନ ନୁହେଁ । ତା ଭିତରୁ କେତେକ ଅଛି ପିତାଲାଉ ଯାହାକୁ ଖାଇହୁଏ ନାହିଁ । ଠିକ୍ ସେମିତି ପିତାଙ୍କ ସମସ୍ତ ପତ୍ନୀଙ୍କୁ ମାଆ ବୋଲି ସମ୍ବୋଧନ କରାଯାଉଥିଲେ ହେଁ ସମସ୍ତେ ସମାନ ନୁହଁନ୍ତି, ତାହାଭିତରୁ କେବଳ ଜଣେ ହେଉଛନ୍ତି ଜନମକଲା ମାଆ, ଯାହାଙ୍କୁ ମିଠାଲାଉ ସହିତ ତୁଳନା କରାଯାଇପାରେ । ଏହାବ୍ୟତୀତ ଅନ୍ୟମାନେ ସମସ୍ତେ ହେବେ ବିମାତା ଯେଉଁମାନଙ୍କୁ ପିତାଲାଉ ସହିତ ତୁଳନା କରାଯାଇଥାଏ । ବିମାତାମାନଙ୍କ ଏହି ଧରଣର ଗୁଣାବଳି ଥିବାର ସମାଜ କେଉଁ ଆବହମାନ କାଳରୁ ବିଶ୍ୱାସ କରି ଆସିଛି ।

**ଡାପ୍‌ନୀ ଚେତାନ୍ ବେଙ୍ଗାଲ୍ ବାଫାଙ୍କ ଲାକବ୍ ମୁମୁଁ ହୁୟୁଃ**
**ଭାଗି କୁଳିମ୍ ଲେୟେରାକନ୍ ହାଲୁବ୍ ସୁମୁଁ ଏମ୍ ହୁୟୁଃ ।**

ଓଡିଆ ରୂପାନ୍ତର- ଘୋଡଣୀ ଉପର ବାଇଗଣ ସିଝା ଖାଇବାଟା ଖାଲିହୁଏ
ସୁନ୍ଦର କଅଁଳ ଦେହଲୋନାରୀ କୁଣ୍ଢାଇବାଟା ଖାଲିହୁଏ ।

ଏହି ଡଗ ଡାଣ୍ଡା, ରିଞ୍ଜା ନାଚ ଅବସରରେ ଯୁବକମାନେ ମଝିରେ ମଝିରେ ଘୋଷାପଦ ଭାବେ ଉଚ୍ଚାରଣ କରିଥାନ୍ତି । ଏହା ମାଧ୍ୟମରେ ସମଗ୍ରମାନବ ସମାଜକୁ ସୂଚାଇ ଦିଆଯାଇଛି ଯୌବନ ଯେତେ ଆନନ୍ଦ ଓ ଉଲ୍ଲାସର ଲହରୀ ନେଇ ଆସୁଥିଲେ ହେଁ ତାହା ଅଳିକମାତ୍ର । ଠିକ୍ ଭାତ ହାଣ୍ଡିର ଘୋଡଣୀ ଉପରେ ରଖାଯାଇଥିବା ବାଇଗଣ ସିଝାପରି । ଏହାକୁ ଠିକ୍ ସମୟରେ ନ ଖାଇଲେ ତାହା ବାସିହୋଇ ଗନ୍ଧେଇଥାଏ । ଅର୍ଥାତ୍ ତାହାକୁ ଉଚିତ୍ ସମୟରେ ଖାଇଦେବାଟା ହିଁ ସାର । ଅପର ପକ୍ଷରେ ନାରୀର ଯୌବନ ଆସିବାପରେ ତାହାର ସର୍ବାଙ୍ଗ କଅଁଳି ଉଠିଥାଏ, କିନ୍ତୁ ଏହାକୁ ମଧ୍ୟ ଯଥାସମୟରେ ସଦୁପୋଯୋଗ ନ କଲେ ତାହା ଅସାର ହୋଇଉଠେ । ତେଣୁ ତାହାକୁ ଉଚିତ୍ ସମୟରେ ସୁଦପୋଯୋଗ କରିବା ହିଁ ସାର ଅଟେ ।

**କଲା ଜାୱାଁୟ୍‌ଦ ବାକ ଆଃସୁଲା**
**ହାଣାମ୍ ଜାୱାଁୟ୍ ଗେକ ଆଃସୁଲା ।**

ଓଡିଆ ରୂପାନ୍ତର - ପିଲା ବର ପୋଷନ୍ତି ନାହିଁ ବୁଢା ବରହିଁ ପୋଷିଥାନ୍ତି ।

ଏଥିରେ ପରୋକ୍ଷରେ ବିବାହର ବୟସକଥା ସ୍ପଷ୍ଟ କରି ଦିଆଯାଇଛି । ସେଥିପାଇଁ ହିଁ କୁହାଯାଇଅଛି ପିଲା ବର ପୋଷନ୍ତି ନାହିଁ ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ବୟସକୁ ଆସିବାପରେ ହିଁ ମନୁଷ୍ୟର ଦାୟିତ୍ୱ ଜ୍ଞାନ ଆସିଥାଏ ଏବଂ ନିଜ ପରିବାର ତଥା କୁଟୁମ୍ବକୁ ପ୍ରତିପୋଷଣ କରିପାରିଥାଏ ଅନ୍ୟଥା ଏହିକାର୍ଯ୍ୟକୁ ସେ ଠିକ୍‌ଭାବେ କରିପାରି ନ ଥାଏ । ତେଣୁ ସାନ୍ତାଳ ସମାଜରେ ସର୍ବଦା କନ୍ୟାର ବୟସଠାରୁ ବରର ବୟସ ଅଧିକ ରଖାଯାଇଥାଏ । ସେଥିପାଇଁ କୁହାଯାଇଥାଏ ହାଣାମ୍ ଜାୱାଁୟ୍‌ଗେକ ଆଃସୁଲା (ବୁଢାବର ହିଁ ପୋଷିଥାନ୍ତି) ।

**ମୁଣ୍ଡାରେନା ମୁଷ୍ଟିବାନୁଃ
ମୁଣ୍ଡାପିଛି ପିଣ୍ଡା ।**

ଓଡିଆ ରୂପାନ୍ତର - ମୁଣ୍ଡାର ମୁଷ୍ଟି ନାହିଁ
ମୁଣ୍ଡା ପିଛା ପିଣ୍ଡା ।

ସାନ୍ତାଳମାନଙ୍କ ପରମ୍ପରିକ ସମାଜ ବ୍ୟବସ୍ଥାରେ କୌଣସି ଏକ ବଂଶର ଦୁଇ ପରିବାରର ସଦସ୍ୟ ମୃତ୍ୟୁବରଣ କରିଥିଲେ ସେମାନଙ୍କର ଏକକାଳୀନ ଶୁଦ୍ଧିକ୍ରିୟା କରାଯାଇଥାଏ । ଏପରିକି ସେମାନଙ୍କ ଅସ୍ଥିବିସର୍ଜନ ଅବସରରେ ଯେଉଁ ପିଣ୍ଡା (ପୂଜା କରିବାସ୍ଥାନ) ତିଆରି କରାଯାଏ ତାହା ଅଲଗା ଅଲଗା ନ ହୋଇ ଏକସ୍ଥାନରେ, ତାଙ୍କୁ ପୂଜାଅର୍ପଣ କରାଯାଇଥାଏ । ଏହି ପ୍ରକାରେ ଯେତେଲୋକ ମୃତ୍ୟୁ ବରଣ କରିଥିଲେ ହେଁ ସେମାନଙ୍କୁ ଏକତ୍ର ଏକସ୍ଥାନରେ ପୂଜା କରାଯାଇଥାଏ ଯାହାକି ସେମାନେ ଏକ ପରିବାରର ବୋଲି ସୂଚାଇ ଦେଇଥାଏ । ଅପର ପକ୍ଷରେ ମୁଣ୍ଡା ସ୍ମ୍ରଦାୟରେ ଯେତେଲୋକ ମରିଥାନ୍ତି ସେମାନଙ୍କ ସକାଶେ ଅଲଗା ଅଲଗା ମଣ୍ଡପ କରିଥାନ୍ତି । ଅର୍ଥାତ୍ କିଏ କେଉଁ ବଂଶର କିଛି ଜଣାପଡି ନ ଥାଏ ।

**ବାଲ୍‌ଗେରେ ବୁଣୁଃବ୍‌ଏମ୍ ମାରେଲେରେ ଆଗୁକମେ କାଡା ତୁଲାରେ ବାହିମ୍ ମାରେଲେରେ ଆଗୁକମେ ଛୁଟ୍‌କୀ ।**

ଓଡିଆ ରୂପାନ୍ତର -ବାଡିରେ ପାଳ ପୁରୁଣା ରହିଲେ ଘରକୁ ଆଣିବୁ ମଇଁଷି କୁଲାରେ ପୁଡା ପୁରୁଣା ରହିଲେ ଘରକୁ ଆଣିବୁ ଛୋଟକୀ ।

ସାନ୍ତାଳ ସମାଜରେ, ବହୁପତ୍ନୀ ଗ୍ରହଣକୁ ମଧ୍ୟ ସ୍ୱୀକୃତି ଦିଆଯାଇଥାଏ । ସେଥିପାଇଁ ପୁରୁଷମାନଙ୍କୁ ସତର୍କ କରାଇବାକୁ ଯାଇ ଏହି ଢଗଟି କୁହାଯାଇଥାଏ । ଯଥା - ବାଡିରେ ଗୋରୁଗାଈ ମାନଙ୍କ ଖାଇବା ସକାଶେ ରଖାଯାଇଥିବା ପାଳ ଯଦି ବଳୁଥାଏ ତାହା ହେଲେ ମଇଁଷିକୁ ରଖାଯାଇପାରେ । କାରଣ ମଇଁଷିମାନେ ଅପେକ୍ଷାକୃତ ବେଶୀ ଖାଉଥିବାହେତୁ ବାଡିରେ ଯଥେଷ୍ଟ ପରିମାଣର ପାଳ ନ ରହିଲେ ସେମାନଙ୍କୁ ପାଳିହୁଏ ନାହିଁ । ସେହିପରି ଘରେ ଯଥେଷ୍ଟ ପରିମାଣର, ସଞ୍ଚି ନ ଥିଲେ ଏକାଧିକ ପତ୍ନୀଗ୍ରହଣ କରିବା ଅନୁଚିତ ।

ସାନ୍ତାଳୀ ଢଗଢମାଳି ଗୁଡିକ ପ୍ରକୃତ ପକ୍ଷେ ତାହାର ସଂସ୍କୃତିର ଏକ ଏକ ମୂର୍ତ୍ତିମନ୍ତ ପ୍ରତୀକ କହିଲେ ତିଳେମାତ୍ର ଅତ୍ୟୁକ୍ତି ହେବ ନାହିଁ।

## ୫. କୁଲିସାଡେ ଗାଲ୍‌ମାରାୱ (ପଚାରି ବୁଝିବା)

ସାନ୍ତାଳୀମାନେ ସମସ୍ତ ପ୍ରକାର ସାମାଜିକ କ୍ରିୟାକର୍ମ ମାଝିବାବା (ଗ୍ରାମର ମୁଖ୍ୟ), ପାର୍‌ନିକ୍ (ଗ୍ରାମର ଉପମୁଖ୍ୟ), ଜଗମାଝୀ (ମାଝିବାବାଙ୍କ ସହଯୋଗୀ) ଏବଂ ମଣେହଲ୍ (ପାଞ୍ଚଭାଇ)ଙ୍କ ସହାୟତାରେ କରିଥାନ୍ତି । ଏହି ଅବସରରେ କାର୍ଯ୍ୟାରମ୍ଭ ପୂର୍ବରୁ କୁଲିସାଡେ ଗାଲ୍‌ମାରାୱ (ପଚାରି ବୁଝିବା) ପର୍ବ ଅନୁଷ୍ଠିତ ହୋଇଥାଏ । ଏହାକୁ ମୁଖ୍ୟତଃ ପାଞ୍ଚଭାଗରେ ବିଭକ୍ତ କରାଯାଇପାରେ ଯଥା - (୧) ଆତୁ ଆଖ୍‌ଳାରେ (୨) ଯାହାଁୟୀଃ ଅଳାଃରେ (୩) ଜାହେର୍‌ଗାଳରେ (୪) ପେଳାକ ଦାରାମ୍ ଜଖାରେ ଏବଂ (୫) ବଙ୍ଗାକ ରୁମ୍‌ବେଳାରେ ।

### ଆତୁ ଆଖ୍‌ଳାରେ (ଗ୍ରାମ ଆଖଡାରେ)

ସାନ୍ତାଳମାନେ ଯେଉଁ ସ୍ଥାନରେ ନାଚଗୀତ ଆଦି ପରିବେଷଣ କରିଥାନ୍ତି ତାହାକୁ ଗ୍ରାମର ଆଖଡା ବୋଲି କୁହାଯାଇଥାଏ । ଏହା ପ୍ରାୟତଃ ମାଝୀବାବାଙ୍କ ଘର ସମ୍ମୁଖରେ ହିଁ କରାଯାଇଥାଏ । ଏହି ଧର୍ମ ଆଖଡାରେ କେବଳ ନାଚଗୀତ ଅନୁଷ୍ଠିତ ହୁଏ ନାହିଁ, ଏଥିରେ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକମାନ ମାଝୀବାବାଙ୍କ ପୌରୋହିତ୍ୟରେ କରାଯାଇଥାଏ । ତେଣୁ ଏହାକୁ ମାଝୀବାବାଙ୍କ ଦରବାର ମଣ୍ଡପ ସ୍ୱରୂପ ମଧ୍ୟ ଗ୍ରହଣ କରାଯାଇପାରେ । ଏହିଠାରେ ମାଝିବାବା ନ୍ୟାୟ ମୀମାଂଶାମାନ ମଧ୍ୟ କରିଥାନ୍ତି । ବୈଠକ ଅନୁଷ୍ଠିତ ହେବା ଅବସରରେ ଜଗମାଝୀଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମର କୌଣସି ଏକ ଭଦ୍ରବ୍ୟକ୍ତି କୁଲିସାଡେ ଗାଲମାରାୱ (ପଚାରୀ ବୁଝିବା) ପ୍ରସଙ୍ଗ ଆରମ୍ଭ କରନ୍ତି -

ଦିଶି ତବେଖାନ୍ ଜଗ୍‌ମାଝୀକିନ୍ ଆବିନ୍‌ଗେ ଚେତାନଟଲା ଲାତାର୍‌ଟଲା ବିନ୍ ଦାଣାକେଦ୍‌ତେ ନଃଅୟ୍ ଧରମ୍ ଆଖ୍‌ଳାରେବିନ୍ ଜାର୍‌ଙ୍ଗାକେଦ୍‌ବନ୍, ତବେ ନିୟ୍‌ଗେଲେ କୁଲିସାଡେୟେଦ୍ ବିନା, ଚେଦ୍ ଲାଗିନ୍ତେ ତେହେଞ୍ଜ୍ ଦୁବିନ୍ ଜାର୍‌ଙ୍ଗା ଆକାଦ୍‌ବନା, ଆର୍ ଆବିନ୍‌ହଁ ବାଂ କୁଲିଲେବିନ୍ ଖାନ୍ ଚେଦ୍‌ଲେକାରେବିନ୍ ଲାୟ୍ । ଜଗ୍‌ମାଝୀକିନ୍ ପାହାଟାସେଦ୍‌ଖନ୍ କିନ୍ ମେନା - ବିଚାର୍‌ଗେ ।

ହୟ୍‌ବାବା ତବେପେ କୁଲିକେଦ୍‌ଲିଞ୍ଜ୍‌ଖାନ୍ ଅଲିଞ୍ଜ୍‌ହଁଲିଞ୍ଜ୍ ଲାୟ୍, ଆର୍ ବାଲିଞ୍ଜ୍ ଲାୟ୍‌ଲେଖାନ୍ ଆପେହଁ ଚେକାତେପେ ବାଡାୟ୍ । ଆଲିଞ୍ଜ୍ ଦହାଁଃ ବାବା

ହାଣାମ୍‌ମାଝୀୟାଃ କାଥା ଲେକାତେଗେ ଚେତାନ୍‌ଟଲା ଲାତାରଟ୍‌ଲା ଦୁଲିଞ୍ଜ୍ ଜାରଙ୍ଗାଆକାଦ୍‌ବନା । ଉନିଗେବନ୍ ଜିଗାସ୍‌ଲେଖାନ୍ ଅନାଦୟ୍ ଲାୟ୍‌ସାଡେୟ୍‌ବନା କୁଃଲିହଲେ ମେନା - ବିଚାର୍‌ଗେ ।

ଦିଶ୍ ତବେଖାନ୍ ହାଣାମ୍‌ମାଝୀ ଆମ୍‌ହଁଲେ ଜିଗାସେଦ୍ ମେୟ୍, ମାସେ ଜଗ୍‌ମାଝୀ କିନ୍‌ମା ଆମ୍‌ଠେନ୍‌ଗେ କାଥାକିନ୍‌ଲାଗା ଡାଂ କେଦା, ଚେଦ୍ କାଥାକ ଖାତିର୍ ଜଗ୍‌ମାଝୀଦମ୍ ଜାରଙ୍ଗାଅଚ ଆକାଦ୍ କିନା, ଅନାକଗେ ତାବନେମ୍ ରାଲାଅଡକ୍ କାଃଆ

ମାଝୀ ବାବାୟ୍ ମେନା - ବିଚାର୍‌ଗେ

ନଙ୍ଗାତାୟନମ୍ ଖାନ୍‌ଦ ଗାଲ୍‌ମାରାଙ୍ଗାକୟ୍ ଏତହବା ।

ଓଡିଆ ରୂପାନ୍ତର - ଦେଖ୍ ତାହେଲେ ଜଗମାଝୀଦ୍ୱୟ, ତୁମେ ଉପରସାହି ତଳସାହି ବୁଲି ଆମ ସମସ୍ତଙ୍କୁ ଏହି ଧର୍ମ ଆଖଡାରେ ଏକତ୍ରୀତ କରିଅଛ, ତେବେ ଏହା ହିଁ ତୁମକୁ ପଚାରୁଅଛୁଁ, କେଉଁ କାରଣ ପାଇଁ ଆଜି ଏକାଠି କରାଇଅଛ । ଆଉ ତୁମ୍ଭଙ୍କୁ ମଧ୍ୟ ନ ପଚାରିଲେ ତୁମ୍ଭେ କିପରି ଅବା କହିଥାନ୍ତ !

ଏତେବେଳକୁ ଜଗ୍‌ମାଝୀଦ୍ୱୟ ସମ୍ମତି ସ୍ୱରୂପ କହିଥାନ୍ତି - ବିଚାର୍‌ଗେ, ହଁ ବାବା ଯେତେବେଳେ ତୁମେମାନେ ଆମକୁ ପଚାରିଲ ଆମେ ମଧ୍ୟ କହିବୁ, ଆଉ ନ କହିଲେ ତୁମ୍ଭେମାନେ ମଧ୍ୟ ଜାଣିବ କିପରି ? ଆମ୍ଭେ ହାଣାମ ମାଝୀ (ମାଝିବାବା)ଙ୍କ କଥାନୁସାରେ ହିଁ ଉପରସାହି ତଳସାହି ସମସ୍ତଙ୍କୁ ଏକାଠି କରିଛୁଁ, ତାଙ୍କୁ ପଚାରିଲେ ସେହିଁ ଆମକୁ ଏହାର କାରଣ ଖୋଲି କହିବେ ।

ପଚାରିବା ଲୋକ କହିଥାନ୍ତି - ବିଚାର୍‌ଗେ

ଦେଖ୍ ହାଣାମ୍‌ମାଝୀ ଆପଣଙ୍କୁ ଜିଜ୍ଞାସିଲୁ, ଜଗମାଝୀଦ୍ୱୟ କଥାଟାକୁ ଅପଣଙ୍କ ଆଡକୁ ଠେଲିଦେଇଛନ୍ତି - କେଉଁ କଥା ସକାଶେ ଜଗମାଝୀ ଦ୍ୱୟଙ୍କୁ ଏକତ୍ରୀତ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି , ତାହାକୁ ଖୋଲି କହିବାହେବେ ।

ଏହାପରେ ମାଝୀ ବାବା କଥାବସ୍ତୁ ଆରମ୍ଭ କରିଥାନ୍ତି ।

**ଯାହାୟାଃଅଲାଃରେ (କାହା ଘରେ)**

ଯେତେବେଳେ କୌଣସି ବ୍ୟକ୍ତି ବିଶେଷଙ୍କ ଘରେ କୌଣସି କାରଣ ବଶତଃ ଜଗମାଝୀଙ୍କ ଦ୍ୱାରା ଗ୍ରାମର ଅନ୍ୟଭାଇମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ ସେତେବେଳେ ମଧ୍ୟ ଆଖଡାରେ ଯେଉଁ ଶୈଳୀରେ କଥାବସ୍ତୁମାନ ଆରମ୍ଭ କରାଯାଇଥାଏ ଠିକ୍ ସେହି

ଶୈଳୀରେ ଆଲୋଚନା ଆରମ୍ଭ କରାଯାଇଥାଏ । କିନ୍ତୁ ଏଥିରେ ଜଗମାଝୀଙ୍କ ପାଖରୁ କଥାଯାଇ ମାଝୀବାବା (ଗ୍ରାମମୁଖ୍ୟ)ଙ୍କ ପରିବର୍ତ୍ତେ ଗୃହକର୍ତ୍ତାଙ୍କ ପାଖକୁ ଯାଇଥାଏ । ଏହାପରେ ସେ ଗ୍ରାମର ପାଞ୍ଚଭାଇଙ୍କୁ କାହିଁକି ଡକାଇଛନ୍ତି କହିବାକୁ ଆରମ୍ଭ କରିଥାନ୍ତି ।

**ଜାହେର୍‌ଗାଳ୍‌ରେ (ଜାହିରାରେ)**

ସାନ୍ତାଳ ସମାଜର ସଭା ବେଳେବେଳେ ବିଭିନ୍ନ ପୂଜା ଅବସରରେ ଜାହେର୍‌ଗାଳ୍‌ଠାରେ ଅନୁଷ୍ଠିତ ହୋଇଥାଏ । ସେଗୁଡିକ ମଧ୍ୟରୁ ମାଗ୍‌ବଙ୍ଗା (ମାଘପୂଜା) ଅବସରରେ ଅନୁଷ୍ଠିତ ହେଉଥିବା ବୈଠକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ବୈଠକରେ ହିଁ ସ୍ଥିରିକୃତ ହୋଇଥାଏ ମାଝୀବାବା, ଜଗମାଝୀ ପାରାନିକ୍ ଏବଂ ନାୟ୍‌କେ ପଦବୀରେ ଯେଉଁମାନେ ଅବସ୍ଥାପିତ ଅଛନ୍ତି ସେମାନେ ରହିବେ ନା ସେମାନଙ୍କୁ ପରିବର୍ତ୍ତନ କରାଯିବ । ସେମାନେ ଚାହିଁଲେ ନିଜ ଆଡୁ ମଧ୍ୟ ଏହି ପଦବୀକୁ ତ୍ୟାଗ କରିପାରନ୍ତି । କେବଳ ସେତିକି ନୁହେଁ ଏହି ସଭାରେ ଆଲୋଚନା କରାଯାଇଥାଏ ଗ୍ରାମର କେଉଁ ଭାଇମାନଙ୍କ ପାଖରୁ ସମାଜକୁ କେଉଁ ବାବଦକୁ କେତେ ପ୍ରାପ୍ୟ ରହିଯାଇଅଛି । ଏଠାରେ ଆଲୋଚନା ଆରମ୍ଭ କରିବା ସକାଶେ ଜଗମାଝୀ ଉପସ୍ଥିତ ଥିବା କୌଣସି ଏକ ଭଦ୍ରବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ଏହାପରେ ସେ ଆଲୋଚନା ଆରମ୍ଭ କରିବା ଛଳରେ ପଚାରିଥାଆନ୍ତି -

ଦିଖ୍ ତବେଖାନ୍ ମାଝୀ, ଜଗମାଝୀ ଆପେଗେଲେ ଜିଗାସ୍ ପେୟ୍‌, ନେସଃରେନାଂ ବଛର୍‌ସାଲ୍‌ମା ପୁରାହ୍ଜେନା ତବେ ନେସ୍‌ରେନାଂ ଦାୟ୍‌ଦାଦ୍‌ନୀକଦ ଜତଆଃଗେବନ୍ ଞାମ୍ ପୁରାହ୍ଜ ଆକାଃଆ ଚେ ଆର୍ ଅକାକରେ ଚେଦ୍‌କ ହାଳାଃ ବଚଃ ମେନାଃ ଆକାନ୍ ଗେୟ୍ ।

ମାଝୀ, ଜଗମାଝୀ ସମସ୍ୱରରେ କହିଥାନ୍ତି - ବିଚାର୍‌ଗେ ।

ଓଡିଆ ରୂପାନ୍ତର - ଦେଖି ତାହାହେଲେ ମାଝୀ, ଜଗମାଝୀ ଆପଣମାନଙ୍କୁ ଏହା ହିଁ ପଚାରୁଅଛୁଁ, ଏ ବର୍ଷର ବର୍ଷଟି ସରିଲାଣି ତେବେ ଏ ବର୍ଷର ସମସ୍ତ ପ୍ରାପ୍ୟ ଆମେ ପାଇସାରିଛୁଁ, ନା ଆଉ କେଉଁଠି କ'ଣ ବାକି ରହିଯାଇଅଛି !

ମାଝୀ, ଜଗମାଝୀଦ୍ୱୟ ସମ୍ମତି ସୂଚକ ଶବ୍ଦ- "ବିଚାର୍‌ଗେ" କହିଥାନ୍ତି । ତାହାପରେ ଉତ୍ତର ଛଳରେ ଏମାନେ କହିଥାନ୍ତି -

ନେସଃରେନାଂ ଦାୟ୍‌ଦାଦ୍‌ନୀକଦ ଜତଙ୍କାଃଗେବନ୍ ଓାମ୍ ପୁରାଙ୍କାକାଦା ତବେ ଫାଲ୍‌ନା ଅଲାଃରେନାଂ ଛାଟ୍‌ୟାର୍ ଜେଖା ହୟ୍‌ରୁଙ୍କାଲ୍ ହାଣ୍ଡି, ତୁସ୍‌କାହାଃ ଆତୁତାଲାରେ ଆଣ୍‌ଗମ୍ ଲାଗାରେନାଂ ବଙ୍ଗାଧାର୍‌ଗେ ବାକିମେନାଃଆ ।

ଓଡିଆରେ ରୂପାନ୍ତର - ଏ ବର୍ଷର ସମସ୍ତ ପ୍ରାପ୍ୟ ଆମେ ପାଇସାରିଛୁଁ, ତେବେ ଫାଲ୍‌ନା ଘରର ନାମକରଣ ଉତ୍ସବ ବାବାଦକୁ ହାଣ୍ଡିଆ ବାକି ରହିଯାଇଅଛି, ତୁସ୍‌କାର ଗାଁଦାଣ୍ଡରେ ମଇ ଚଲାଇଥିବା ଅରିଷ୍ଟର ଖଣ୍ଡନ ସକାଶେ ଦେବଭୋଗ ବାକି ରହିଯାଇଅଛି । ଏହାପରେ ଭଦ୍ରବ୍ୟକ୍ତି ଜଣକ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ କହିଥାନ୍ତି -

ଦିଖି ତବେଖନ୍ ଆବ ପରଜା ହପନ୍‌କ ଆବ ପାହାଟା ଖନାଂପେ ଲାୟ୍,‌ ମାସେ ତବେଖାନ୍ ନେସଃଦ ଅନା ମାରେ ଦାତ୍‌ରମ୍ କତେଗେବନ୍ କାମିକାନା ଚେ ନାଙ୍କାନାଃ କବନ୍ ଆଣ୍‌ଗୟେଦା !

ତେଲା ରୁଙ୍କାଲ୍‌ରେ ଆତୁହଲ୍‌କ ରଳା - ଇନ୍‌କୁ ମାଝୀ ଜଗମାଝୀଗେ ଦହରେୟାଂ ତାହେଁନ୍ ଖାନ୍‌କ ରଳା ମାରେନାଃକଗେ ତାହେଁନଃ । ବାଂ ଦହକରେନାଂ ତାହେଁନ୍ ଖାନ୍‌କ ରଳା - ନାଙ୍କାନାଃ କବନ୍ ଆଣ୍‌ଗୟା ।

ଓଡିଆ ରୂପାନ୍ତର - ଦେଖି ତାହାହେଲେ ଆମ ପରଜାଙ୍କ ତରଫରୁ କହିବେ ଏହି ବର୍ଷ ସେହି ପୁରୁଣା ଦାଆରେ କାମ ଚଳାଇନେବା ନା ନୂଆ ଆଣିବା !

ଉତ୍ତର ଛଳରେ ଏକାଧିକ ଲୋକ ଜଣ ଜଣ କରି କହିଥାନ୍ତି ସେହି ପୁରୁଣା ମାଝୀ, ଜଗମାଝୀଙ୍କୁ ରଖିବାର ସପକ୍ଷରେ ମତ ଦେବାର ଥିଲେ କହିଥାନ୍ତି ପୁରୁଣା ସବୁଥାଉ । ନ ରଖିବାର ସପକ୍ଷରେ ମତଦେବାକୁ ହେଲେ କହିଥାନ୍ତି ନୂଆସବୁ ଆଣିବା । ଏହି ପ୍ରକାରେ ନାୟ୍‌କେ (ଜାହିରାର ପୂଜକ)ଙ୍କ ରଖିବା ଏବଂ ନ ରଖିବା ସପକ୍ଷରେ ମଧ୍ୟ ଆଲୋଚନା କରାଯାଇଥାଏ ।

**ନାଙ୍କା ପେଲାକ ଦାରାମ୍ ବେଲାରେ (ନୂତନ ଅଭ୍ୟାଗତଙ୍କ ଆଗମନ ଅବସରରେ)**

ନୂତନ ବନ୍ଧୁଙ୍କ କଥା ଯାହା କୁହାଯାଇଅଛି, ଏହା ବିବାହ ଅବସରର କଥା । ଏଠାରେ ଜାଣିରଖିବା ଉଚିତ୍ ଯେ ସାନ୍ତାଳ ସମାଜର ସାଙ୍ଗେବାର୍‌ୟାତ୍ ବାପ୍ଲା ଅବସରରେ ବରଙ୍କ ଅଭିଭାବକମାନେ ବରଯାତ୍ରୀଦଳଙ୍କୁ ନେଇ କନ୍ୟାଗ୍ରାମ ଅଭିମୁଖେ ଯାତ୍ରା କରିଥାନ୍ତି । କନ୍ୟାଗ୍ରାମକୁ ପହଞ୍ଚିବା ପରେ ଗାଆଁ ମୁଣ୍ଡରେ ଟଣାଯାଇଥିବା

ଆମ୍ବପତ୍ର ଗୁଛା ଦଉଡିକୁ ଦେଖି ସେମାନେ ସେଠାରେ ହିଁ ଅଟକି ଯାଇଥାନ୍ତି । ଏହାପରେ ରାୟ୍‌ବାରିୟ୍ (ମଧ୍ୟସ୍ଥ) ଜଣକ ମାଝୀବାବାଙ୍କୁ ଅବଗତ କରାଇଥାନ୍ତି ଯେ ସେ ବରଯାତ୍ରୀଦଳକୁ ଗ୍ରାମମୁଣ୍ଡ ପର୍ଯ୍ୟନ୍ତ ଆଣିଛନ୍ତି । ଏହାପରେ ମାଝୀବାବା ତାଙ୍କ ଅନୁଚରମାନଙ୍କୁ ନେଇ ସେଠାକୁ ପହଞ୍ଚିଥାନ୍ତି ବରଯାତ୍ରୀ ଦଳକୁ ସ୍ୱାଗତ କରିବା ପାଇଁ । ଏହି ଆବସରରେ ଦୁଇପକ୍ଷର ଭଦ୍ରମଣ୍ଡଳୀ ବସି ନମସ୍କାର ଆଦାନ ପ୍ରଦାନ ପରେ ନିଜ ହସ୍ତରେ ପତ୍ରମୋଡି ଅତିଥିଗଣ ବିଡି ତିଆରି କରି ଟାଣିଥାନ୍ତି । ଏଠାରେ ଜାଣିରଖିବା ଉଚିତ୍ ଗ୍ରାମର ମାଝୀବାବା ଏବଂ ତାଙ୍କ ଅନୁଗାମୀମାନେ ସେମାନଙ୍କୁ ନମସ୍କାର କରିବା ସହିତ ଶୁଖିଲା ଶାଳପତ୍ର ଓ ଧୂଆଁପତ୍ର ହସ୍ତରେ ପ୍ରଦାନ କରିଥାନ୍ତି । ତାହାପରେ କନ୍ୟାପକ୍ଷର ଜଣେ ଭଦ୍ରବ୍ୟକ୍ତି କୁଲିସାଡେ ଗାଲ୍‌ମାରାଙ୍କ ଆରମ୍ଭକରି କହିଥାନ୍ତି -

ଦିଖି ତବେଖାନ୍ ପେଲାଆପୁଞ୍ଚ୍‌କ ଆପେଦ ତାବନ୍‌ଅକୟ୍‌ମାଝୀ ହପନ୍‌କ ଅକାଗରାମ୍‌ଖନ୍ ଅକା ଗରାମ୍‌ତେ ପାଅ ଦପେ ଲାହାଆକାଦ୍ ବାଡାଅ ଆକାଦା ।

ବାର୍‌ୟ୍‌ତ୍‌କ ପାହାଟାଖନାଂ - ବିଚାର୍‌ଗେ ବାବା । ତେଲାରୁଙ୍ଗାଲ୍- ହୟ୍‌ବାବା ତବେପେ କୁଲିକେଦ୍ ଲେଖାନ୍ ଆଲେ ହଁଲେ ଲାୟ୍‌ଗେୟ୍ ଆର୍ ବାଲେ ଲାୟ୍‌ଲେଖାନ୍ ଆପେହଁ ଚେକାତେପେ ବାଡାୟ୍ । ଆଲେଦ (ମାଝୀୟ୍ଃ ଜୁତୁମ୍) ମାଝୀ ହପନ୍‌କ (ଆତୁଜୁତୁମ୍) ଗରାମ୍ ଖନଂ (ବାହୁ ଆତୁଜୁତୁମ୍) ଧାବିଜ୍ ପାଅଦଲେ ବାଡାଅ ଆକାଦ୍ ଲାହା ଆକାଦା ।

ଆତୁହଲ୍ ପାହାଟା ଖନାଂରଲ୍ - ବିଚାର୍‌ଗେ ବାବା, (କଲାପାହାଟା ମାଝୀ ଜୁତୁମ୍) ମାଝୀ ହପନ୍‌କ (କଲାଆତୁ) ଗରମ୍ ଖନାଂ (କୁଲିଆତୁ) ଗରାମ୍‌ତେ ପାଅ ମାପେ ବାଡାଙ୍ଗାକାଦ୍‌ଗେ ତବେ ବାବା ଚେଦ୍ ଜୁତୁମ୍‌ତେ ପାଅ ଦପେ ବାଡାଙ୍ଗାକାଦା । ତେଲାରୁଙ୍ଗାଲ- ବାରୟ୍‌ତ୍‌କ, ଆଲେଦ ବାବା ବାପ୍ଲା ଜୁତୁମ୍ ତେଗେ ପାଅଦଲେ ବାଡାଅ ଆକାଦା, ମେନ୍‌ଗାନଃଆ ଚିଆଆକାଦ୍ ବାହା ଇଦିଗେଲେ ହେଜ୍‌ଆକାନା ।

ଆତୁହଲ୍ ପାହାଟା ଖନାଂ - ବିଚାର୍‌ଗେ ।

କୁକ୍‌ଲୀ - ବାପ୍ଲା କାଥା ଆଡି ରାସ୍କାରେନାଂ କାଥାକାନା । ତବେ ବାପ୍ଲାମା ଆବଆଃ ସମାଜରେ ଆଡିଲେକାନ୍ ବାପ୍ଲାମେନାଃଆ, ଅକାବାପ୍ଲା ଜୁତୁମ୍ ତାବନ୍ ସେ ସେଟେରାକାନା ।

ବାର୍‌ୟାତ୍‌କ ପାହାଟା ଖନାଂକ ଲାୟ୍ - ବିଚାର୍‌ଗେ

ତେଲା ରୁଙ୍କାଲ୍ - ସାଙ୍ଗେବାରୟାତ୍ ବାପ୍ପା ।

ଆତୁହଲ୍ ପାହାଟାଖନାଂ - ବିଚାର୍‌ଗେ

କୁକ୍‌ଲୀ- ଆଭ୍ରା ହେକ୍‌ସେଟେରୋଡାନ୍ ପେଲାଆପୁଷ୍ଟକ ତବେ ନିୟାଗେଲେ କୁଲିସାତେୟେଦ୍‌ପେୟା, ଲାକ୍‌ହାସୁ ବହଃହାସୁ କଦ ତାବନ୍‌ପେ ବୁଗିବାଲାଗେୟା ଚେଡାଆ

ବାର୍‌ୟାତ୍ କକମେନା - ବିଚାର୍‌ଗେ ।

ତେଲାରୁଙ୍କାଲ୍ - ଜତଙ୍କାଃ କଗେବନ୍ ବୁଗିବାଲାଗେୟା ।

ଓଡିଆ ରୂପାନ୍ତର - ଦେଖି ତାହାହେଲେ ବନ୍ଧୁଗଣ ଆପଣମାନେ କେଉଁ ମାଝୀବାବାଙ୍କ ପୁତ୍ର, କେଉଁ ଗ୍ରାମରୁ କେଉଁ ଗ୍ରାମକୁ ପାଦ ବଢାଇଛନ୍ତି ।

ବରଯାତ୍ରୀଙ୍କ ତରଫରୁ କୁହାଯାଇଥାଏ -ଆମ୍ଭେ ଅମୁକ ମାଝୀର ପୁତ୍ରଗଣ (ବରଗ୍ରାମ) ଗ୍ରାମରୁ (କନ୍ୟା ଗ୍ରାମର ନାମ) ଗ୍ରାମ ପର୍ଯ୍ୟନ୍ତ ପାଦ ବଢାଇଛୁଁ, ତେବେ କେଉଁକାରଣ ସକାଶେ ?( କନ୍ୟା ଗ୍ରାମର ଭଦ୍ରବ୍ୟକ୍ତି ପ୍ରଶ୍ନ କରନ୍ତି )

ବରଯାତ୍ରୀ ଗଣ - ବିଚାର୍‌ଗେ କହିଥାନ୍ତି ।

ଉତ୍ତର - ବାବା, ଆମ୍ଭେମାନେ ବିବାହ ସକାଶେ ପାଦ ବଢାଇଅଛୁଁ, ଏହା କହିଲେ ଠିକ୍‌ହେବ ଆଗରୁ ଦେଖି ଠିକ୍ କରିଥିବା ଫୁଲ ନେବା ସକାଶେ ଆମ୍ଭେ ଆସିଅଛୁଁ

କନ୍ୟା ଗ୍ରାମବାସୀ ଗଣ କହିଥାନ୍ତି - ବିଚାର୍‌ଗେ

ପ୍ରଶ୍ନ -ବିବାହ କଥା, ବଡ ଆନନ୍ଦର କଥା । ତେବେ ବିବାହ ଆମ ସମାଜରେ ବହୁପ୍ରକାରର ବିବାହ ରହିଛି, କେଉଁ ପ୍ରକାର ବିବାହ ସକାଶେ ଆପଣମାନେ ଆସି ପହଞ୍ଚିଛନ୍ତି ।

ବରଯାତ୍ରୀ ଦଳ - ବିଚାର୍‌ଗେ

ଉତ୍ତର - ସାଙ୍ଗେବାର୍‌ୟାତ୍ (ବିବାହ)

ଗ୍ରାମବାସୀମାନେ - ବିଚାର୍‌ଗେ କହିଥାନ୍ତି ।

ପ୍ରଶ୍ନ - ହେଉ ଆସି ପହଞ୍ଚିଥିବା ବନ୍ଧୁଗଣ, ଏହା ହିଁ ଆପଣମାନଙ୍କୁ ପଚାରୁଅଛୁଁ, ପେଟବ୍ୟଥା, ମୁଣ୍ଡବ୍ୟଥା ତଥା ଆପଣମାନଙ୍କ ଦେହପା କଅଣ ଠିକ୍ ଅଛି ତ ?

ବରଯାତ୍ରୀ ଦଳ - ବିଚାର୍‌ଗେ

ଉତ୍ତର - ହଁ ସବୁ ଠିକ୍ ଅଛୁଁ ।

ସାନ୍ତାଳ ସମାଜରେ ଏହି ପ୍ରକାରେ ବିଭିନ୍ନ ସାମାଜିକ କର୍ମକର୍ମାଣିମାନ ଅନୁଷ୍ଠିତ ହେବା ଅବସରରେ ପଚାରିବୁଝିବା ବିଧି ରହିଛି । ଯାହା ଏହି ସମାଜରେ ଏକ ଉନ୍ନତ ତଥା ପରିମାର୍ଜିତ ପରମ୍ପରା ରହିଥିବାର ସୂଚାଇ ଆସିଅଛି । ବାସ୍ତବରେ ଏହା ହିଁ ସୂଚାଇଥାଏ ଏହି ଜାତି ଏକ ଉନ୍ନତ ସଂସ୍କୃତିର ଅଧିକାରୀ ।

**୫. ବାଖେଣ୍ (ମନ୍ତ୍ରୋଚ୍ଚାରଣ)**

ପ୍ରତ୍ୟେକ ମନୁଷ୍ୟ ସୃଷ୍ଟିକର୍ତ୍ତା ତଥା ଅଲୌକିକ ସତ୍ତ୍ୱାର ଆଶୀର୍ବାଦ ଲାଭକରିବା ସକାଶେ କେଉଁ ଆବହମାନ କାଳରୁ ପୂଜାକରି ଆସୁଅଛି । କାରଣ ତାର ବିଶ୍ୱାସ ସେ ତାହାର ଆଶୀର୍ବାଦ ଲାଭକରିବା ପରେହିଁ ତାହାର ଜୀବନ ସୁଖ ଏବଂ ଶାନ୍ତିରେ ଅତିବାହିତ କରିପାରିବ ଆଉ ଏହା ନ ହେଲେ ମନୁଷ୍ୟର ଜୀବନ ଦୁର୍ବିସହ ହୋଇପଡେ । ଏଥିପାଇଁ ତାଙ୍କୁ ପୂଜାକରିବା ସକାଶେ ବିଭିନ୍ନ ମନ୍ତ୍ରାଦି ସୃଷ୍ଟି ହୋଇଅଛି । ସାନ୍ତାଳମାନେ ମଧ୍ୟ ଅଲୌକିକ ଶକ୍ତି ତଥା ଭୂତପ୍ରେତାଦିଙ୍କର ପୂଜାର୍ଚ୍ଚନା କରିଥାନ୍ତି । କିନ୍ତୁ ଏମାନେ ଯେଉଁମନ୍ତ୍ର ଉଚ୍ଚାରଣ କରନ୍ତି ତାହା ସେମାନଙ୍କ କଥିତ ଭାଷାର, ଯାହାକୁ ଏହି ଭାଷାଭାଷୀର ସର୍ବସାଧାରଣ ଅକ୍ଲେଶରେ ବୁଝିପାରିବେ । ସାନ୍ତାଳମାନେ ବହୁ ଦେବାଦେବୀଙ୍କୁ ବିଶ୍ୱାସ କରୁଥିବା ହେତୁ ତାଙ୍କର ବହୁସଂଖ୍ୟକ ମନ୍ତ୍ର ରହିଥିବାର ଜଣାଯାଇଥାଏ । ସେଗୁଡିକ ମଧ୍ୟରୁ ମାଗ୍‌ବଙ୍ଗା, ହାପ୍‌ଣାମକଣ୍ଟୁତୁମ ହାଣ୍ଡିବଙ୍ଗା, ଏରେବଙ୍ଗା, ଜମ୍‌ସିମ୍‌ବଙ୍ଗା, କାରାମ୍‌ବଙ୍ଗା, ସେନ୍ଦ୍ରାବଙ୍ଗା ଆଦି ପ୍ରଧାନ ଅଟେ । ଉଦାହରଣ ସ୍ୱରୂପ ନିମ୍ନରେ ବାହାବଙ୍ଗା (ଶାଲୟ୍‌ପୂଜା) ଅବସରରେ କରାଯାଉଥିବା ବାଖେଣ୍‌ଟିକୁ ପ୍ରଦାନ କରାଗଲା ।

"ଜହାର୍ ଜାହେର୍‌ଆୟ୍ ବାହାଣ୍ଟୁତୁମ୍ ତେଲେ ପେରେକ୍‌ଉମାଣେଦ୍ ମେଘ ସୁକ୍‌ତେ ସାଙ୍ଗାଁର୍‌ତେ ଆତାଂକାଃ ତେଲାକାଃଆମ୍ । ଆଲେହଁ ମାଡ୍‌କମାଲେ ସାର୍‌କମାଲେ ସେନ୍ଦ୍ରାୟ୍‌ଲେ କାର୍‌କାଆଲେ ଟାଟ୍‌କା ଆଲ ବ୍‌ଚଃଆଲ । ଜାର୍‌ଗେ ଦାଃ ଜାଳିଦାଃକ ହୟ୍‌ଆଗୁ ଚାପେଆଗୁ ଆଲେୟାମ୍, ଆତୁରେ ରଗ୍‌ଆଃ ବିଷିନାଃକ ଆଲମ୍ ବଲ ଅଚ ଶଳ ଅଚୟା । ଅନାକ ଞେଲ୍‌ଦାରାମ୍ ଞେଦ୍‌ରାମ୍ କାକଆମ୍ । ସିଙ୍ଗ୍‌ବୀର୍

ମାନ୍‌ବୀର୍ ମୀହୁଁ ଏଙ୍ଗା ମେରମ୍ ଏଙ୍ଗା ଆତିଞ୍ଜାକ ମାସାଣାକ ହଲେଦ୍‌ଆଲ ପାଟୁବ୍‌ଆଲ, ଗୁଟ୍‌ଗୁଦ୍ ସେତାକ ତଲ୍‌ଦହ ଛାନ୍ଦାଦହ କାକଆମ୍ । ଜମ୍‌ଆଲେ ହାବ୍‌ଆଲେ ଲାଜ୍‌ହାସୁ ଚହଃହାସୁ ଆଲମ୍ ବାଜାଙ୍ଗ ଅଚୟ୍ଯ । ଦେୟ୍‌କ ଭାଗିନ୍‌କ ପେଲାକ ପୁରୁଭୁକ ହର୍‌ତେଟୀର୍‌ତେ ହିଜୁଃଆକ ସେନଃଆକ ଟାଟ୍‌କା ଆଲ ଭିଲ୍‌କି ଆଲ । ଏନେଜ୍ ଆଲେ ସେରେଞ୍ଜାଲେ ହେସେଜ୍‌ବାଳେ ସେକେଜ୍‌ବାଳେ, ଲାହାର୍‌କଃ ସାହାର୍‌କଃମା । ସାର୍‌କଃ ସାଗୁନ୍ କଃମା ।"

ଜତହଲ୍‌ଗେକ ଜହାରା

ଓଡିଆ ରୂପାନ୍ତର - ଜୁହାର୍ ଜାହେର୍‌ଆୟ୍ (ଜାହିରାର ଆଧିଷ୍ଠାତ୍ରୀ ଦେବୀ) ଫୁଲଭାଙ୍ଗୁଣୀ ନାମରେ ତୁମକୁ ଯାହା ସମର୍ପିଦେଉଛୁ, ସୁଖରେ ଶ୍ରଦ୍ଧାରେ ଘେନା କରିବେ । ଆମ୍ଭେ ମଧ୍ୟ ମହୁଲ ଫୁଲ, ଶାଳଫଳ ସଂଗ୍ରହ କରିବୁ, ବଣରେ ବୁଲିବୁ ଶିକାର କରିବୁ ଯେପରି କୌଣସି ଅଘଟଣ, ଦୁର୍ଘଟଣା ନ ଘଟେ । ଝଡିବର୍ଷାକୁ ପବନରେ ଭସେଇନେଇ ଆସିବ, ଗାଆଁକୁ ରୋଗ ବ୍ୟାଧି ପ୍ରବେଶ କରେଇଦେବ ନାହିଁ । ସେ ସବୁକୁ ଦେଖି ଦୂରକୁ ଫିଙ୍ଗି ଦେଉଥିବ । ସିଞ୍ଜ୍‌ବଣ ମାନ୍‌ବଣରେ ଗାଇ ଛେଳି ଚରିବେ କେଉଁଠି ମୋଡି ମକଚି ହେବେ ନାହିଁ । ସିଂହ ବାଘଙ୍କୁ ବାନ୍ଧି ଛନ୍ଦି ରଖିବ । ଆମେ ଖାଇବୁ ପିଇବୁ ପେଟବ୍ୟଥା, ମୁଣ୍ଡବ୍ୟଥା, ସୃଷ୍ଟି କରାଇବ ନାହିଁ । ଭଣଜା ଭାଣିଜୀ ବନ୍ଧୁବାନ୍ଧବ ବାଟରେ ବଣରେ ଆସିବେ ଯିବେ ସେମାନଙ୍କର ଯେପରି କୌଣସି ଅସୁବିଧା ଅଘଟଣ କିଛି ନ ହୁଏ । ନାଚିବୁ ଗାଇବୁ ହର୍ଷ ଉଲ୍ଲାସରେ ତାହା ସମାପିତ ହେଉ । ବୃଦ୍ଧି ସମୃଦ୍ଧି ହିଁ ହେଉ, ଶୁଭ ହିଁ ଶୁଭ ବିରାଜମାନ କରୁ ।

ଏହାପରେ ସମସ୍ତେ ଏକସଙ୍ଗେ ପ୍ରଣାମ କରିଥାନ୍ତି ।

ସାନ୍ତାଳୀ ଭାଷାର ଏହି ବାଖେଣ୍ (ମନ୍ତ୍ର) ଗୁଡିକ ଅବଗତ କରାଇଥାନ୍ତି ସେମାନଙ୍କ ଉଦାରତା, ମହାନତା ତଥା ଉନ୍ନତ ରୁଚି ସନ୍ନ ସଂସ୍କୃତି ସମ୍ବନ୍ଧରେ । ଯାହାକୁ ସମଗ୍ର ମାନବ ସମାଜ ସକାଶେ ଗର୍ବ ଓ ଗୌରୋବର ବିଷୟ ଭାବେ ଗ୍ରହଣ କରାଯାଇପାରେ । ଏଥିରୁ ଏକଥା ସ୍ପଷ୍ଟ ହୋଇଯାଇଥାଏ ସାନ୍ତାଳ ଜାତି କେବେହେଲେ ମଧ୍ୟ ସ୍ୱାର୍ଥପର ନ ଥିଲା ସେ କେବଳ ନିଜର ହିତ ସାଧନ କରିବା ସକାଶେ ଇଷ୍ଟ ଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରୁ ନ ଥିଲା; ସେ ପ୍ରାର୍ଥନା କରୁଥିଲା ନିଜ ସହିତ ବନ୍ଧୁ ବାନ୍ଧବଙ୍କର ମଙ୍ଗଳ ଯାଇଁ କେବଳ ସେତିକି ନୁହେଁ ଆହୁରି ମଧ୍ୟ ଗୋରୁ, ଗାଈ,

ଛେଳି, ମେଣ୍ଢା ଏବଂ ଘୁଷୁରୀ ଆଦି ଗୃହ ପାଳିତ ପଶୁଙ୍କ ସକାଶେ ମଧ୍ୟ ପ୍ରାର୍ଥନା କରୁଥିଲା । ଅର୍ଥାତ୍ ସମଗ୍ର ସୃଷ୍ଟିର ସମସ୍ତ ସଜୀବଙ୍କ ମଙ୍ଗଳ କାମନା କରିଆସିଛି ।


<u>ପାଦଟୀକା</u>

୧. **ଡଃ ମହେନ୍ଦ୍ର କୁମାର ମିଶ୍ର** କଳାହାଣ୍ଡିର ଲୋକ ସଂସ୍କୃତି, ଫ୍ରେଣ୍ଡ ପବ୍ଲୀଶର୍ସ, ବିନୋଦ ବିହାରୀ କଟକ, ପ୍ରଥମ ସଂସ୍କରଣ- ୧୯୯୬ ପୃଷ୍ଠା - ୧

୨. **ଡଃ ମହେନ୍ଦ୍ର କୁମାର ମିଶ୍ର** କଳାହାଣ୍ଡିର ଲୋକ ସଂସ୍କୃତି, ଫ୍ରେଣ୍ଡ ପବ୍ଲୀଶର୍ସ, ବିନୋଦ ବିହାରୀ କଟକ, ପ୍ରଥମ ସଂସ୍କରଣ- ୧୯୯୬ ପୃଷ୍ଠା - ୧

୩. **ଡଃ ମହେନ୍ଦ୍ର କୁମାର ମିଶ୍ର** କଳାହାଣ୍ଡିର ଲୋକ ସଂସ୍କୃତି, ଫ୍ରେଣ୍ଡ ପବ୍ଲୀଶର୍ସ, ବିନୋଦ ବିହାରୀ କଟକ, ୧୯୯୬ , ପୃଷ୍ଠା - ୧ ।

୪. P.C. Roy choudhury Folktales of Bihar, First Published 1968, Reprinted 1982 (Foreward) .

୫. **ପଠାଣି ପଟ୍ଟନାୟକ** ଓଡିଆ ସାହିତ୍ୟର ଇତିହାସ, ନାଳନ୍ଦା କଟକ, ଦ୍ୱିତୀୟ ସଂସ୍କରଣ- ୧୯୮୪, ପୃଷ୍ଠା - ୭୮ ।

୬. **ଡଃ ପ୍ରସନ୍ନ କୁମାର ମିଶ୍ର** ଓଡିଶାର କିମ୍ବଦନ୍ତୀ, ୧୯୮୯ ମୁଖବନ୍ଧ, ପୃଷ୍ଠା - ୦୧ ।

୭. **ଡଃ ମହେନ୍ଦ୍ର କୁମାର ମିଶ୍ର** କଳାହାଣ୍ଡିର ଲୋକସଂସ୍କୃତି, ଫ୍ରେଣ୍ଡ ପବ୍ଲୀଶର୍ସ, ବିନୋଦ ବିହାରୀ କଟକ, ପ୍ରଥମ ସଂସ୍କରଣ-୧୯୯୬ ପୃଷ୍ଠା - ୧୧୮ ।

୮. **ଡଃ ଅନାଦି ଚରଣ ଗାଁଣ** ଲୋକସାହିତ୍ୟର ରୂପରେଖ, ମିତା ବୁକ୍ସ, ବାଦାମବାଡି କଟକ, ପ୍ରଥମ ପ୍ରକାଶନ ୨୦୦୪, ପୃଷ୍ଠା - ୧୦ ।

୯. **ଡଃ ଭାଗବତ ପ୍ରସାଦ ଲେଙ୍କା** ବନଜ୍ୟୋତି ସାନ୍ତାଳ ଜନଜାତି, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ସଂସ୍କରଣ ୧୯୯୬, ପରିଶିଷ୍ଟ- ପୃଷ୍ଠା - XIX.

୧୦. **ଡଃ ଖଗେଶ୍ୱର ମହାପାତ୍ର** ଓଡିଶାର ଆଦିବାସୀ ଭାଷା ଓ ଲିପି, କୋଣାର୍କ ଏକାଦଶୀତି ତମ ସଂଖ୍ୟା, ଡିସେମ୍ବର ୧୯୯୦ (ଆଦିବାସୀ ସଂସ୍କୃତି ଓ ସାହିତ୍ୟ ବିଶେଷାଙ୍କ, ଓଡିଶା ସାହିତ୍ୟ ଏକାଡେମୀ) ପୃଷ୍ଠା - ୧୧

୧୧. **ଡଃ ସୀତାକାନ୍ତ ମହାପାତ୍ର** ଆଦିବାସୀ ସଙ୍ଗୀତ, କୋଣାର୍କ ଏକାଦଶୀତମ ସଂଖ୍ୟା, ଡିସେମ୍ବର ୧୯୯୦ (ଆଦିବାସୀ ସଂସ୍କୃତି ଓ ସାହିତ୍ୟ ବିଶେଷାଙ୍କ, ଓଡ଼ିଶା ସାହିତ୍ୟ ଏକାଡେମୀ) ପୃଷ୍ଠା-୦୧ ।

୧୨. **ଡଃ ସୀତାକାନ୍ତ ମହାପାତ୍ର** ଆଦିବାସୀ ସଙ୍ଗୀତ, କୋଣାର୍କ ଏକାଦଶୀତମ ସଂଖ୍ୟା, (ଆଦିବାସୀ ସଂସ୍କୃତି ଓ ସାହିତ୍ୟ ବିଶେଷାଙ୍କ, ଓଡ଼ିଶା ସାହିତ୍ୟ ଏକାଡେମୀ) ପୃଷ୍ଠା - ୦୬।

୧୩. **ଡଃ ସୀତାକାନ୍ତ ମହାପାତ୍ର** ଆଦିବାସୀ ସଙ୍ଗୀତ କୋଣାର୍କ ଏକାଦଶୀତିତମ ସଂଖ୍ୟା, ଡିସେମ୍ବର ୧୯୯୦ (ଆଦିବାସୀ ସଂସ୍କୃତି ଓ ସାହିତ୍ୟ ବିଶେଷାଙ୍କ, ଓଡ଼ିଶା ସାହିତ୍ୟ ଏକାଡେମୀ) ପୃଷ୍ଠା-୦୬।

୧୪. **ଡଃ ଭାଗବତ ପ୍ରସାଦ ଲେଙ୍କା** ବନଜ୍ୟୋତି ସାନ୍ତାଳ ଜନଜାତି, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ସଂସ୍କରଣ ୧୯୯୬, ପୃଷ୍ଠା- ୧୬୨।

୧୫. **Rev. L.O. Skrefsrud** Horkoren mare Hapramko Reak Katha, From the dictation of an old guru named Kolean (Kolean Hembrom), N.E.L. Church, 1st Edition-1887, 7th Edition - 1968, Page - 06.

୧୬. **ପଠାଣି ପଟ୍ଟନାୟକ** ଓଡ଼ିଆ ସାହିତ୍ୟର ଇତିହାସ, ନାଳନ୍ଦା କଟକ, ଦ୍ୱିତୀୟ ପ୍ରକାଶନ ୧୯୮୪, ପୃଷ୍ଠା - ୮୪।

୧୭. ସାନ୍ତାଳମାନେ ଫଗୁଣ ମାସର ଶୁକ୍ଳପଞ୍ଚମୀଠାରୁ ପୂର୍ଣ୍ଣିମା ମଧ୍ୟରେ ବାହା ପର୍ବ ବା ବାହାବଙ୍ଗା (ଶାଲୟପୂଜା) ପାଳନ କରିଥାନ୍ତି । ଏହା ସାନ୍ତାଳମାନେ ପାଳନ କରୁଥିବା ପର୍ବପର୍ବାଣି ମଧ୍ୟରୁ ଅନ୍ୟତମ ଅଟେ ।

୧୮. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୂବନେଶ୍ୱର, ପୃଷ୍ଠା - ୭୯।

୧୯. **ଦ୍ୱିଜ କିଶୋର ପରିଡା ମନୋଜ ଦଳବେହେରା** ମୟୂରଭଞ୍ଜ ଏକ ଦୃଷ୍ଟିପାତ ୧୯୮୮, ପୃଷ୍ଠା - ୧୯।

୧୦. **Arjun Murmu** Akil Ahlala - A santali general knowledge, Pt. Raghunath Murmu OLITUN ASRA, 2000, Kulgi Page - 19 .

୧୧. **Arjun Murmu** Akil Ahlala , Pt. Raghunath Murmu OLITUN ASRA, 2000, Kulgi Page - 19 .

୧୨. **ସୁନାରାମ ସୋରେନ୍** ହେଉଛନ୍ତି ଜଣେ ସାନ୍ତାଳ ଆଦିବାସୀ ନେତା । ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ଆଦିବାସୀ ଓକିଲ ଓଡିଶା ପ୍ରଦେଶର ପ୍ରଥମ (T.H. & R.W) ମନ୍ତ୍ରୀ, Arjun Murmu, Akil Ahala , 2000, Page – 37.

୧୩. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୭୨ ।

୧୪. **ପଣ୍ଡିତ ରଘୁନାଥମୁର୍ମୁ** Hor seren (ହର୍‌ସେରେଞ୍ଜ୍) 1st edition - 1936, 2nd edition – 1993, Page - 74 .

୧୫. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୭୩ ।

୧୬. **ପଣ୍ଡିତ ରଘୁନାଥମୁର୍ମୁ** Hor Seren (ହର୍‌ସେରେଞ୍ଜ୍) 1st edition - 1936, 2nd edition - 1993, Page – 02.

୧୭. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୭୭ ।

୧୮. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୭୭ ।

୨୯. **Arjun Murmu** Baha Soharai Sari Durang (ବାହା ସହରାୟ୍ ସାରି ଦୁରାଙ୍), ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି, ୨୦୦୦, ପୃଷ୍ଠା- ୦୧

୩୦. **Arjun Murmu** Baha Soharai Sari Durang (ବାହା ସହରାୟ୍ ସାରି ଦୁରାଙ୍) ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି, ୨୦୦୦, ପୃଷ୍ଠା- ୦୪।

୩୧. **Arjun Murmu** Baha Soharai Sari Durang ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି,୨୦୦୦, ପୃଷ୍ଠା-୦୩

୩୨. **Arjun Murmu** Baha Soharai Sari Durang ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି,୨୦୦୦, ପୃଷ୍ଠା-୧୯

୩୩. **Arjun Murmu** Baha Soharai Sari Durang ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି,୨୦୦୦,ପୃଷ୍ଠା-୨୦।

୩୪. **Arjun Murmu** Baha Soharai Sari Durang ପଣ୍ଡିତ ରଘୁନାଥମୁର୍ମୁ ଅଲ୍ ଇତୁନ୍ ଆଶ୍ଲା, କୁଲଗି,୨୦୦୦,ପୃଷ୍ଠା-୦୩।

୩୫. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୮୦।

୩୬. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୮୨।

୩୭. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୬୮।

୩୮. **ଓଝା, ଜାନ୍ ବା ସଖା** - ସାନ୍ତାଳ ସମାଜର ତନ୍ତ୍ର ଉପାସକ (ଗୁଣିଆ)। ଏମାନଙ୍କର କାର୍ଯ୍ୟ ପ୍ରଣାଳୀ ଅନେକାଂଶରେ ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ଜ୍ୟୋତିଷ ମାନଙ୍କ ପରି। ସେମାନେ ଅତୀତ, ଭବିଷ୍ୟତର କଥା କହିବା ସମେତ ଅରିଷ୍ଟ ମଧ୍ୟ ଖଣ୍ଡନ କରିଥାନ୍ତି।

୩୯. **ଶ୍ରୀମତୀ ଦମୟନ୍ତୀ ବେଶ୍ରା** ସାନ୍ତାଳମାନଙ୍କର ନୃତ୍ୟ ଓ ସଙ୍ଗୀତ, ବନଜ୍ୟା ୨୦୦୫ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପୃଷ୍ଠା - ୭୦।

୪୦. **ଡଃ. ରତନ ହେମ୍ବରମ୍** ସାନ୍ତାଳୀ ଲୋକ୍‌ଗୀତ୍ ମେ ସାହିତ୍ୟ ଔର ସଂସ୍କୃତି ମାଧା ପ୍ରକାଶନ, ଜାମସେଦପୁର, ଝାଡଖଣ୍ଡ, ପ୍ରଥମ ସଂସ୍କରଣ-୨୦୦୫, ପୃଷ୍ଠା - ୨୬।

୪୧. ସାଦନା ମଣ୍ଡଳୀ (ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ଓଡ଼ିଶା), ପ୍ରାୟୋଗିକ ଓଡ଼ିଆ ଭାଷା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର। ପ୍ରଥମ ସଂସ୍କରଣ - ୨୦୦୬, ପୃଷ୍ଠା - ୨୧୮.

୪୨. Kandra Murmu Har Hapanak Katha (ହଲ୍ ହପନାଃ କାଥା) 1992, Page – 16.

୪୩. Kandra Murmu Har Hapanak Katha (ହଲ୍ ହପନାଃ କାଥା) 1992, Page – 16.

୪୪. **ସାଙ୍ଗେବାରୟାତ୍ ବାପ୍ଲା** - ସାନ୍ତାଳ ସମାଜରେ ପ୍ରଚଳିତ ବହୁବିଧ ବିବାହ ପଦ୍ଧତି ମଧ୍ୟରୁ ସାଙ୍ଗେବାରୟାତ୍ ବାପ୍ଲା ଅନ୍ୟତମ । ଏହା ଏକ ବ୍ୟୟବହୁଳ ପଦ୍ଧତି ହୋଇଥିବାହେତୁ ଏହା କେବଳ ଧନୀକ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ସୀମିତ । ଏହି ବିବାହରେ ବରଯାତ୍ରୀମାନଙ୍କ ସହିତ ବର ଯାଇ ନ ଥାନ୍ତି କେବଳ ବରପିତା ଏବଂ ଅନ୍ୟାନ୍ୟ ଅଭିଭାବକ ମାନେ ଯାଇଥାନ୍ତି । ତେଣୁ ଏମାନଙ୍କ ଗହଣରେ କନ୍ୟାକୁ ଅଣାଯିବା ପରେ ବରଘର ଗାଁରେ ବିବାହ ସନ୍ନ ହୋଇଥାଏ ।

୪୫. **ଡଃ. ବାସୁଦେବ ସାହୁ** ଭାଷା ବିଜ୍ଞାନର ରୂପରେଖ, ପୃଷ୍ଠା - ୧୬୬।

# ଗବେଷକ ନିଜେ ସଂଗ୍ରହ କରିଥିବା ଲୋକଗୀତ ସମୂହର ଉତ୍ସ

କ. ଶ୍ରୀମତୀ ଦେଲ୍‌ହ ହେମ୍ବ୍ରମ୍, (ବୟସ -୭୦), ଗ୍ରାମ - ନନ୍ଦାବସା, ବ୍ଲକ୍ - ବହଳଦା, ଜିଲ୍ଲା - ମୟୂରଭଞ୍ଜ (ଓଡିଶା) ।

ଖ. ଶ୍ରୀମତୀ କାପୁରା ମାର୍ଣ୍ଡି, (ବୟସ - ୫୦), ଗ୍ରାମ - ଦଲ୍‌କୀ, ବ୍ଲକ୍ - କୁସୁମୀ, ଜିଲ୍ଲା - ମୟୂରଭଞ୍ଜ (ଓଡିଶା) ।

ଗ. ଶ୍ରୀ ଗୁର୍‌ବା ମାର୍ଣ୍ଡି, (ବୟସ - ୭୩), ଗ୍ରାମ - କାଶିଆବେଡା, ଥାନା/ବ୍ଲକ୍ - ପଟ୍‌କା, ଜିଲ୍ଲା - ପୂର୍ବସିଂହଭୂମି (ଝାଡ଼ଖଣ୍ଡ) ।

ଘ. ଶ୍ରୀ ଧରମ୍‌ବୀର୍ ସୋରେନ୍, (ବୟସ - ୭୫), ଗ୍ରାମ-ବାସୀନାଲା, ବ୍ଲକ୍ - ଫୁଲ୍‌କୁସୁମା, ଜିଲ୍ଲା - ବାଙ୍କୁଡା (ପଶ୍ଚିମ ବଙ୍ଗ) ।

ଙ. ଶ୍ରୀ ବାବୁଲାଲ୍ ହେମ୍ବ୍ରମ୍, (ବୟସ - ୮୪), ଗ୍ରାମ - ରଘୁନାଥପୁର, ବ୍ଲକ୍ - ଚାକୁଲିଆ, ଜିଲ୍ଲା- ପୂର୍ବସିଂହଭୂମି (ଝାଡ଼ଖଣ୍ଡ) ।

ଚ. ଶ୍ରୀ ସମାୟ୍ ହାଁସ୍‌ଦାଃ, (ବୟସ - ୬୫), ଗ୍ରାମ - ନନ୍ଦାବସା, ବ୍ଲକ୍ - ବହଳଦା, ଜିଲ୍ଲା - ମୟୂରଭଞ୍ଜ(ଓଡିଶା) ।

ଛ. ଶ୍ରୀ ଭୀମା ଟୁଡୁ, (ବୟସ - ୪୦), ଗ୍ରାମ - ଉଦାଲ୍, ପୋ.ଅ. - ବୁଡୀଖମାର, ବ୍ଲକ୍ -ବାଙ୍ଗିରୀପୋଷି, ଜିଲ୍ଲା - ମୟୂରଭଞ୍ଜ (ଓଡିଶା) ।

ଜ. ଗୁରୁ ଯାଇରାମ୍ ସୋରେନ୍, (ବୟସ - ୭୫), ଗ୍ରାମ - ନନ୍ଦାବସା, ବ୍ଲକ - ବହଳଦା, ଜିଲ୍ଲା - ମୟୂରଭଞ୍ଜ(ଓଡିଶା) ।

ଝ. ଗୁରୁ ମାହା କିସ୍କୁ, (ବୟସ - ୭୦), ଗ୍ରାମ - କାଶିଆବେଡା, ଥାନା/ବ୍ଲକ୍ ପଟକା, ଜିଲ୍ଲା - ପୂର୍ବସିଂହଭୂମି (ଝାଡ଼ଖଣ୍ଡ) ।

ଞ. ଗୁରୁ ବିମ୍‌ଦା ମାଝୀ, (ବୟସ - ୮୦), ଗ୍ରାମ - ପାହାଡପୁର, ଥାନା/ବ୍ଲକ୍ - ପଟ୍‌କା, ଜିଲ୍ଲା - ପୂର୍ବସିଂହଭୂମି (ଝାଡ଼ଖଣ୍ଡ) ।

ଟ.	ଶ୍ରୀ ଶିଦା ମାଝୀ, (ବୟସ - ୭୬), ଗ୍ରାମ - ରଙ୍ଗାମାଟିଆ, ମୟୂରଭଞ୍ଜ, ଶୁଣିବା ସ୍ଥାନ- ପଟ୍ରାସେନ୍ଦ୍ରା (ପଟ୍ରାଶିକାର), କାଶିଆବେଡା, ବ୍ଲକ୍ - ପଟକା, ଜିଲ୍ଲା - ପୂର୍ବସିଂହଭୂମି (ଝାଡ଼ଖଣ୍ଡ)।

ଠ.	ଶ୍ରୀ ଗାଚାନ୍ ମାଝୀ, (ବୟସ-୪୦), ଗ୍ରାମ - ଘଣ୍ଟା ଘୁଟୁ (ପଳସା), ବ୍ଲକ୍- ବହଳଦା, ଜିଲ୍ଲା-ମୟୂରଭଞ୍ଜ(ଓଡିଶା), ଶୁଣିବାସ୍ଥାନ-ବାଙ୍କାସେନ୍ଦ୍ରା (ବାଙ୍କାଶିକାର), ବଡକେଡମ- ମୟୂରଭଞ୍ଜ(ଓଡିଶା)।

ଡ.	ଶ୍ରୀ ମାଝ ହେମ୍ବରମ୍, (ବୟସ - ୩୨), ଗ୍ରାମ - ନନ୍ଦାବସା, ବ୍ଲକ୍ - ବହଳଦା, ଜିଲ୍ଲା - ମୟୂରଭଞ୍ଜ (ଓଡିଶା)।

ଢ., ଣ., ତ. -ଗବେଷକ ନିଜେ ନିଜଗ୍ରାମର ପିଲାଙ୍କ ସହିତ ଖେଳିଲାବେଳେ ଛୋଟ ଥିବାବେଳେ ଅନେକ ଥର ଗାଇଛନ୍ତି ।

ଥ.	ଶ୍ରୀ ଗୁନ୍ଦାଇ ହେମ୍ବରମ୍, (ବୟସ-୩୫), ଗ୍ରାମ - ତାରଣା, ବ୍ଲକ୍ - ବଳଦା, ଜିଲ୍ଲା- ମୟୂରଭଞ୍ଜ (ଓଡିଶା)।

# ସାନ୍ତାଳୀ ଲୋକକଥା

## ଲୋକକଥା - ୧

## ବେଙ୍ଗା

ସେଦାୟ୍ ଯୁଗ୍‌ରେନାଂ କାଥା ମିଦ୍‌ଟାଂ ଆତୁରେ ମିଦ୍ ଆଟ୍‌କୁଲା ହାଣାମ୍ ବୁଡୀକିନ୍ ତାହେଁକାନା । ନୁକିନ୍‌ଦ ଦିନ୍‌ହିଲଃ ଆୟୁବ୍‌ବେଲା କିନ୍ କୁପୁଦୁମା । ନଙ୍କା କୁପୁଦୁମ୍‌ରେହଁ ଆକିନାଃ ହାରାଙ୍ଗ ଜୀତାଙ୍ଗ ତାକିନ୍ ତାହେଁନ୍ କାନ୍ ତାହେଁନ୍ । ନଙ୍କା ନଙ୍କାତେ ଉନ୍‌କିନ୍‌ଦ ବାଜିସାବ୍ ହଁକିନ୍ ଏୟ୍‌ହବ୍‌କେଦା । ତବେ ଦିନ୍‌ହିଲଃଗେ ହାଣାମ୍‌ଗେ ବାଜି ଦୟ୍ ଦାଲେଃକାନ୍ ତାହେଁନ୍ । ନଙ୍କାଖାତିର୍ ବୁଡୀୟାଃ ମନେରେ ଆଡିଦୁଖ୍ । ଦିନାମ୍‌ଗେ ଆନିଭାବି ବାଲାୟା ଅକାଲେକାତେ କୁଦୁମ୍ ଲାଡାୟ୍‌ରେ ହାଣାମେ ହାରାଙ୍ଗେୟା ମେନ୍ତେ । ମିଃଦିନ୍‌ଦ ନଙ୍କା ଭାବି ଭାବି ତେଗେ ବୁରୁଆଲେ ସେନ୍ ଗୁରିଜ୍‌ହାଲାଂ ଏ ଚାଲାଙ୍ଗାକାନା । ଉନ୍‌ରେ ଙ୍ଗେଲ୍‌ଙ୍ଗାମ୍ କେଦେୟାୟ୍ ସେନ୍ଦ୍ରା କଲାକକ ଗଜ୍ ଅଟଆକାଦ୍‌ଦେ ମିଦ୍ କାରିନାଙ୍ଗିନ୍ ବିଞ୍ଜ୍ । ବୁଡୀଦ ଆଡି ହୁସିଆର୍‌ତେ ହାନ୍ତେନାତେ କୟଃକେଦ୍‌ତେ ଉନି ବିଞ୍ଜାଃ ବହଃ ଦତାୟ୍ ଧିରିତେ କୁଟାମ୍ ଗାଣ୍ଡିଜ୍‌କେଃଆୟ୍ ଆର୍ ଶାକାମ୍‌ରେ ରେଦ୍ କେଦ୍‌ତେ ଗଛାରେ ଦହକେଦାୟ୍ । ଇନାହିଲଃ ଆୟୁବ୍ ବେଲା ଯାଙ୍ଗଦିନ୍ ଲେକାଗେ ହାଣାମ୍ ବୁଡୀକିନ୍ ଦୁଲୁବ୍ ମିଦ୍ ଆକାନ୍ ବେଲାରେ ବୁଡୀଦୟ୍ ମେନ୍‌ଗଦ୍‌କେଦା । ଏହାଣାମ୍ ତେହେଞ୍ଜ୍ ଇଞ୍ଜମିଦ୍‌ଟାଂ କାଥାଞ୍ଜ୍ କୁଲିମେୟା ଯୁଦିମ୍ ଲାୟ୍‌କେୟା ଏନ୍‌ଖାନେମ୍ ତୁଞ୍ଜ୍ ଗୁଜିଞ୍ଜା, ଆର ବାମ୍ ଲାୟ୍‌ଦାଲେୟାଃରେଦ ଆମିଞ୍ଜ୍ ଗଜ୍‌ମେୟା । ହାଣାମ୍‌ହଁ ସଙ୍ଗେଗେ ଲାନ୍ଦାକାତେ ହଁ ମେନ୍ତେ ମେନ୍‌କେଃ ଆୟ୍ । ଚେଦାଃବାଂମା ହାଣାମାଃ ଉୟ୍‌ହାର୍ ତାହେଁକାନା ଚେଦ୍‌ଆରେ କୁଲିଇଞ୍ଜା ବାଂଖାନ୍ ମିଦ୍‌ଟାଂ କୁଦୁମେ କୁଲିଇଞ୍ଜା ନୁୟ୍‌ବୁଡୀୟାଃମା ଜତ କୁଦୁମିଞ୍ଜ୍ ବାଡାୟା । ତବେ ବୁଡୀଦ ଆରହଁ ଦଲ୍‌ହାୟ୍ ମେନ୍‌କେଦା ବାଙ୍ଗା ହାଣାମ୍ ଲାନ୍ଦାଲାନ୍ଦାଦ ବାଙ୍ଗା ନଙ୍କାଦ ସାରିଗିଞ୍ଜ୍ ମେନେଦା । ତାମ୍ବା ତୁରସୀକାତେକିନ୍ ନେୟାମ୍ ଧରମେନା ଯେ ବୁଡୀ ଯାହାଁୟ୍ କୁଃଲିକାନା ଅନାକାଥା ହାଣାମେ ଲାୟ୍‌ଲେରେ ଦ ବୁଡୀ ତୁଞ୍ଜ୍‌ଗଜେୟା ଆର୍ ବାୟ୍ ଲାୟ୍‌ଦାଲେୟାଃରେଦ ବୁଡୀ ହାଲାମେ ଗଜେୟାମେନ୍ତେ ।

ଇନା ତାୟନ୍‌ମ୍ ଖାନ୍ ବୁଡୀଦ ଅନାରେଦ୍‌ଏ ଅଡକ୍‌କେଦା ଆର୍ ହାଣାମେ କୁଲିୟେକାନା, ମାହାଣାମ୍ ଲାୟ୍‌ମେ ନଙ୍ଗାରେଦ୍‌ରେ ଚେଦ୍ ମେନାଃଆ ? ହାଣାମ୍ ଆଡିହାନା ନାଙ୍ଗାୟ୍ ଞୁତୁମ୍ ବାଲାକେଦ୍‌ରେହଁଗେ ସାରିୟାଃଦ ବାୟ୍ ଞୁତୁମ୍ ଞାମ୍ ଦାଲେୟାଦ୍‌ଗେୟା । ମିଃଦିନ୍ ପାରମେନା, ବାର୍‌ସିଂ ପାରମେନା ଅନ୍‌କାତେ ବଙ୍ଗା ପୁରାଙ୍କେନ୍ ରେହଁଗେ ବାୟ୍ ଞୁତୁମ୍ ଞାମ୍ ଦାଲେୟାଃକାନ୍ ଗେୟା । ଅନ୍‌କା ଅନ୍‌କାତେ ବଛର୍‌ଦିନହଁ ପୁରାଙ୍ଗଃଲାଗିନ୍ ତବେରେହଁଗେ ବାୟ୍ ଲାୟ୍ ଦାଲେୟାଦ୍ ଗେୟା । ଆଦ ଏନ୍‌ଖାନ୍ ହାଣାମ୍‌ଦ ହାରେ ମାନାଙ୍ଗ କେଦ୍‌ତେ ବୁଡୀ ମେତାୟ୍ କାନାୟ୍ ବୁଡୀ ଅହଗିଞ୍ ଲାୟ୍‌ଦାଲେୟାଃଆ ଆର୍ ନିତଂଦ ଆମ୍‌ଗେ ଅକାଲେକାତେମ୍ ଗୁଜିଞ୍‌କାନା ଠାଉକାୟ୍‌ମେ । ଅନ୍‌କାତେ ବୁଡୀ ଆନିଭାବିବାଲାକେଦ୍‌ତେ ଆଜ୍ ନିଜର ତିତେ ଆଜିଜ୍ ହାଣାମ୍ ଗଜ୍‌ଦ ଠିକ୍ ବାୟ୍ ଭାବିଲାଃଆ । ଅନାଚେକା ହାଣାମେ ମେତାୟ୍‌କାନା ହାଣାମ୍ ଆତୁ ବାହେର୍ ବାଦ୍‌ଟାଣ୍ଡିରେ ଆଲେଚେତାନ୍‌ରେ ଆମଦ ତିଙ୍ଗୁନ୍‌ମେ ଆର୍ ଆତୁକଲାକକ ତୁଞ୍‌ଗଜ୍‌ମେୟା । ହାଣାମ୍ ରାଃ ମେଦ୍‌ହା ହାନ୍ତେ ମେତାୟ୍‌କାନା ଠିକ୍‌ଗେୟା ଆମ୍ ଯାହାଁଲେକାମ୍ ମେନେଃଆ ଅନ୍‌କାଗେ ହୁୟ୍‌ଝୁଆ । ତବେ ଇଞ୍ଚାଃ ମିଦ୍‌ଟାଂ କାଥା ଦହ୍‌ୟ୍‌ମେ ଇଞ୍ ଯାହାଁ ହିଲଃ ଏମ୍ ତୁଞ୍‌ଗଜ୍ ଅଚୟିଞ୍ କାନା ଅନା ମାଣାଂହିଲଃରେ ଇଞ୍ଚିନ୍ ଯତମିଶ୍‌ଏରା ଆର୍‌ପେଲାକକ ହେଜ୍ ସେଟେରଃମା । ଇନାହିଲଃଦ ଗାଡାଖନାଂ ଇଞ୍‌ଗେ ହାକୁଞ୍ ଗଜ୍ ଆଗୁକତେ ଆୟୁବ୍‌ବେଲାଦ ଯତହଲ୍ ହାକୁରାସେ ସାଲାଃ ଦାକାବନ୍ ଜମ୍ ମିଦା । ଦସାର୍‌ହିଲଃଦ ପିଠା, ଖାଜାଲି, ତାବେନ୍, ହାଣ୍ଡି, ଲେଟ, ଜିଲ୍‌ଦାକା ଜତଆଃ ଲାଂକୁଲାଙ୍ଗା । ଯାଉଁତେ ନାଙ୍ଗା ଲୁଗ୍ଲିହଁ ବାନାହଲ୍‌ଲାଂ ସାବା ଆର୍ ପେଲାକ ସାଉଁଲାଂ ଜମ୍‌ମିଦା ତାୟନମ୍ ତାରାସିଞ୍ ଆୟୁବ୍‌ବେଲାଦ ସାଜାଙ୍ଗସାପ୍ଲାଙ୍ଗ କାତେ ବାଦ୍‌ଟାଣ୍ଡିପେ ଇଦିଇଞ୍ଚା ଆର୍ ଆତୁକଲାକକ ତୁଞ୍ ଗୁଜିଞ୍ଚା । ହାଣାମାଃ ମଚାଖନାଂ ନଙ୍ଗାକାଥା ଆଁଜମ୍‌କାତେ ବୁଡୀହଁୟ୍ ରେବେନେନା ଆରେ ମେନ୍‌କେଦା ହୟ୍ ତବେ ନଙ୍ଗାଗେଲାଂ କାମିୟା ।

ନଙ୍ଗା ତାୟନମ୍‌ଦ ହାଣାମ୍‌ରିନ୍ ଯାହାଁ ତିନାଂଗେ ମିଶ୍‌ଏରା ଆର୍ ପେଲାକକ ତାହେଁଲେନ୍ ଯତକିନ୍ ନେଙ୍ଗତା ବାର୍‌ତେ କେଦ୍‌କଙ୍ଗା । ଯତପେଲାଗେ ଠାଉକାଆକାନ୍ ଦିନ୍‌ରେକ ହେଜ୍‌ସେଟେରେନା । ଇନା ହିଲଃ ଆୟୁବ୍‌ବେଲାଦ ହାଣାମ୍ ଆଜାଃ ତିତେ ସାବ୍‌ଆଗୁଲେଦ୍‌କ ହାକୁଗେକ ରାସେକେଦ୍‌କତେକ ଜମ୍‌ବାଲାକେଦ୍‌ତେ ଯେ ଜାହାର୍‌କ ଯାଏଗାବାଲାୟେନା । ତବେ ହାଣାମାଃମେଦ୍‌ଦ ଲାଠାଗେ ବାୟ୍ ଲାଠାଃକାନା । ଚେଦାଃ

# ଲୋକକଥା - ୧

# ବେଝା (ଲାଖ ବିନ୍ଧା)

## ଓଡିଆ ଅନୁବାଦ

ପ୍ରାଚୀନ ଯୁଗର କଥା । ଗୋଟିଏ ଗାଆଁରେ ଆଣ୍ଠୁକୁଡା ବୁଢାବୁଢୀ ଥିଲେ । ଏମାନେ ସନ୍ଧ୍ୟାରେ ସବୁଦିନେ ପରସ୍ପରକୁ କୌତୁକ ପ୍ରଶ୍ନମାନ ପଚରାପଚରି ହେଉଥିଲେ । ଏହି କୌତୁକ ପ୍ରଶ୍ନ ପଚରାପଚରିରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା । ଏହି ପ୍ରତିଯୋଗିତା ହେଉ ହେଉ ପରେ ସେମାନେ ବାଜି ଧରିବାକୁ ମଧ୍ୟ ଆରମ୍ଭ କରିଦେଲେ । ତେବେ ସବୁଦିନ ବୁଢା ହିଁ ବାଜି ଜିଣୁଥିଲା । ଏଥିପାଇଁ ବୁଢୀ ମନରେ ଭାରି ଦୁଃଖ । ସବୁଦିନ ସେ ଭାବୁଥିଲା କୌତୁକ ପ୍ରଶ୍ନ ଲଢେଇରେ ବୁଢାକୁ କେମିତି ଜିଣିବ । ଦିନକର କଥା ଏହିପରି ଭାବୁଭାବୁ ବୁଢୀ ଜଙ୍ଗଲ ଆଡକୁ ଗୋବର ଗୋଟାଇବା ପାଇଁ ଯାଇଥାଏ । ଏତେ ବେଳକୁ ତାହାର ନଜର ପଡିଲା ଶିକାରୀ ଯୁବକମାନେ ମାରି ପକାଇ ଯାଇଥିବା ଏକ କଳାନାଗ ସାପ ଉପରେ । ବୁଢୀ ଭାରି ସନ୍ତର୍ପଣରେ ଏପଟ ସେପଟକୁ ଅନାଇ, ସେହି ସାପର ମୁଣ୍ଡକୁ ପଥରରେ ଛେଚି ଅଲଗା କରିଦେଲା ଏବଂ ତାହାକୁ ପତ୍ରରେ ଗୁଡାଇ ଶାଢୀଥଳିରେ ସାଇତି ରଖିଲା । ସେହିଦିନ ସନ୍ଧ୍ୟାରେ ସବୁଦିନପରି ଦୁହେଁ ଏକତ୍ର ବସିଥିବା ବେଳେ ବୁଢୀକହିଲା - ଏ ବୁଢା ଆଜି ମୁଁ ତୁମକୁ କଥାଟିଏ ପଚାରିବି ଯଦି ଉତ୍ତର ଦେଇପାରିବ ତା ହେଲେ ତୁମେ ମୋତେ ବିନ୍ଧିମାରିବ, ଆଉକହିନପାରିଲେତୁମକୁ ମାରିବି । ବୁଢା କଥାଟିକୁ ଶୁଣୁ ଶୁଣୁ ହସି ହସି ହଁ ଭରିଲା । କାହିଁକି ନା ସେ ଭାବୁଥିଲା କ'ଣ ଆଉ ପଚାରିବ ନହେଲେ ଏକ କୌତୁକ ପ୍ରଶ୍ନ ପଚାରିବ, ଏହିବୁଢୀର ସବୁ କୌତୁକ ପ୍ରଶ୍ନର ଉତ୍ତର ମୁଁ ଜାଣିଛି । ତେବେ ବୁଢୀ ଆଉଥରେ କହିଲା - ନା ବୁଢା ଏହା ମୁଁ ଥଟ୍ଟାରେ କହୁନାହିଁ, ସତରେ କହୁଛି । ତମ୍ବା ତୁଳସୀ ନେଇ ଧର୍ମ ନାମରେ ଶପଥକଲେ ଯେ ବୁଢୀ ଯାହା ପଚାରୁଛି ତାହାର ଉତ୍ତର ବୁଢା କହିପାରିଲେ ବୁଢୀକୁ ବିନ୍ଧି ମାରିବ ଆଉ କହି ନ ପାରିଲେ ବୁଢୀ ବୁଢାକୁ ମାରିବ ବୋଲି ।

ଏହାପରେ ବୁଢୀ ସେହି ପତ୍ରପୁଡିଆକୁ କାଢିଲା ଆଉ ବୁଢାକୁ ପଚାରୁଛି - ଦେଖ୍ ବୁଢା କହିଲ ଏହି ପୁଡିଆରେ କ'ଣ ଅଛି ? ବୁଢା ଇଆଡୁ ସେଆଡୁ ଅନେକ ଗୁଡିଏ ଜିନିଷ କହିବା ପରେ ମଧ୍ୟ ସତକଥାଟିକୁ କହିପାରିଲା ନାହିଁ । ଦିନେଗଲା ଦୁଇ ଦିନଗଲା ଏହି ପ୍ରକାରେ ମାସଟିଏ ପୂରିଯିବା ପରେ ମଧ୍ୟ ବୁଢା ସତକଥା (ଠିକ୍ ଉତ୍ତର) କହିପାରିଲା ନାହିଁ । ଏହିପରି ହେଉ ହେଉ ବର୍ଷ ପୂରିବାକୁ ବସିଲାଣି ତଥାପି ବୁଢା ସଠିକ୍ ଉତ୍ତର ଦେଇ ପାରିଲା ନାହିଁ । ଏହାପରେ ବୁଢା ହାର ମାନିଲା ଆଉ ବୁଢୀକୁ କହୁଛି, ବୁଢୀ ! ମୁଁ ଆଉ କହିପାରିବି ନାହିଁ, ଏଣିକି ତୁମେ ଠିକ୍ କରିବ କିପରି ମୋତେ ମାରିବ । ତାହା ପରେ ବୁଢୀ ଭାବି ଦେଖିଲା ନିଜ ସ୍ୱାମୀକୁ ନିଜହାତରେ ମାରିବା ଠିକ୍‌ହେବ ନାହିଁ । ସେଥିପାଇଁ ବୁଢାକୁ କହୁଛି - ବୁଢା ! ଗାଆଁମୁଣ୍ଡ ବିଲମଝିରେ ହିଡ ଉପରେ ତୁମେ ଠିଆହେବ ଆଉ ଗାଆଁ ଯାକର ପୁରୁଷମାନେ ମିଶି ତୁମକୁ ବିନ୍ଧିମାରିବେ । ବୁଢା କାନ୍ଦକାନ୍ଦ ହୋଇ କହିଲା ଠିକ୍ ଅଛି, ତୁମେ ଯେମିତି କହୁଛ, ସେମିତି ହିଁ ହେବ । ହେଲେ ତୁମକୁ ମୋର ଏକ ଅନୁରୋଧ ରକ୍ଷାକରିବାକୁ ପଡିବ, ତୁମେ ଯେଉଁଦିନ ମୋତେ ବିନ୍ଧି ମରେଇବ ତାହା ପୂର୍ବଦିନରୁ ମୋର ସମସ୍ତ ଭଉଣୀ ଆଉ ବନ୍ଧୁବାନ୍ଧବ ଆସିପହଞ୍ଚିବେ । ସେହିଦିନ ନଦୀରୁ ମୁଁ ନିଜେ ମାଛଧରିଆଣିବି, ସନ୍ଧ୍ୟାରେ ଆମେ ସମସ୍ତେ ମାଛ ଝୋଳସହିତ ଭାତ ପଙ୍‌କ୍ତି ଭୋଜନ କରିବା । ତା'ପରଦିନ ପିଠା, ମୁଢି, ଚୂଡା, ହାଣ୍ଡିଆ, ଲେଟ, ମାଂସଭାତ ସମସ୍ତ ଜିନିଷ ଆମେ ସେମାନଙ୍କ ସକାଶେ ପ୍ରସ୍ତୁତ କରିବା ଏହା ସହିତ ଆମ୍ଭେ ଦୁହେଁ ନୂତନ ବସ୍ତ୍ର ପରିଧାନକରିବା ଆଉ ଅତିଥିମାନଙ୍କ ସହିତ ଏକତ୍ର ଭୋଜନ କରିବା । ତାହାପରେ ଉପରଅଳି ସନ୍ଧ୍ୟା ପୂର୍ବରୁ ସଜବାଜହୋଇ ମୋତେ ବିଲମଝିକୁ ନେଇଯିବ ଆଉ ଗାଆଁର ସମସ୍ତ ପୁରୁଷ ଲୋକମାନେ ମିଶି ମୋତେ ବିନ୍ଧିମାରିବେ । ବୁଢା ମୁହଁରୁ ଏହି କଥାଶୁଣି ବୁଢୀମଧ୍ୟ ରାଜି ହୋଇଗଲା ଆଉ କହିଲା ହେଉ ତାହାହେଲେ ଏମିତି ହିଁ କରିବା ।

ଏହାପରେ ବୁଢାର ଯେତେ ଭଉଣୀଥିଲେ ଏବଂ ସମସ୍ତ ବନ୍ଧୁବାନ୍ଧବଙ୍କୁ ସେମାନେ ନିମନ୍ତ୍ରଣ କଲେ । ସମସ୍ତ ଅତିଥିଗଣ ନିର୍ଦ୍ଧାରିତ ଦିନରେ ଆସି ପହଞ୍ଚିଲେ । ସେହିଦିନ ସନ୍ଧ୍ୟାରେ ବୁଢା ନିଜେ ମାରିଆଣିଥିବା ମାଛକୁ ସେମାନେ ତରକାରିକଲେ ଏବଂ ମାଛଭାତ ଖାଇ ସମସ୍ତେ ଶୋଇପଡିଲେ । ହେଲେ ବୁଢା ଆଖିରେ ଆଦୌନିଦ ଆସୁ ନ ଥାଏ, କାରଣ ତାହାର ଭଉଣୀ ମାନଙ୍କ ଭିତରୁ ଯାହାକୁ ବହୁଦୂରରେ ବାହା

ଉନ୍ ଖନ୍‌ଗେ ନଢ୍ବାଘାଟ୍‌ଦ ମୀରୁଘାଟି ଘାଟ୍ ମେନ୍ତେକ ଛାଟୟାର୍ କେଃଆ । ନଢ୍ବାଘାଟ୍‌ଦ ମୟୂରଭଞ୍ଜ୍ ଜିଲ୍ଲା ରେନାଂ ଜାମ୍‌ଶଳା ଆର୍ ସିହ୍‌ଭୂମ୍ ଜିଲ୍ଲାରେନାଂ ବହଳାଗୁଡ଼ା ତାଲାତେ ଲିଞ୍ଜିୟାକାନ୍ ସବର୍‌ନାକା ଗାଡାରେ ତେହେଞ୍ଚ୍ ଧାବିଜ୍ ହଁ ମେନାଃ ଗେୟାଃ ।

ସୂତ୍ର - ହଲ୍ କାହାନୀ, ପୃଷ୍ଠା - ୧
(ଲୋକ - କାହାଣୀ)
ଲେଖକ - ଶ୍ରୀ ସାଲ୍‌ଖୁ ମୁର୍ମୁ
ଗ୍ରାମ - ମାକ୍‌ଲି, ପୋ.ଅ.- ବଡ଼ାମାରା
ଭାୟା - ଚାକୁଲିଆ,
ଜିଲ୍ଲା - ସିହ୍‌ଭୂମି (ବିହାର)
ପ୍ରଥମ ସଂସ୍କରଣ - ୧୪.୦୬.୧୯୮୭
ସଂଗ୍ରାହକ-ଶ୍ରୀ ନାକୁ ହାଁସ୍‌ଦାଃ (ଗବେଷକ)

# ମୀରୁ ଘାଟି (ମୀରୁ ଘାଟ)

## ଓଡିଆ ଅନୁବାଦ

ବହୁଦିନ ତଳର କଥା ଭଞ୍ଜଭୂମି (ମୟୂରଭଞ୍ଜ ଜିଲ୍ଲା) ରୁ ଧଳଭୂମି (ବିହାରର ସିଂହଭୂମି ଜିଲ୍ଲାର ଧଳଭୂମ ସବ୍‌ଡିଭିଜନ) କୁ ବୋହୁଟିଏ ଅଣାହୋଇଥିଲା । ଆଣିବାପରେ ବହୁଦିନ ଅତିବାହିତ ହୋଇଯାଇଥିଲା । ଘରଦ୍ୱାର ପିଲାଛୁଆ ସଂସାର ତାଙ୍କର ହୋଇସାରିଥିଲା । ଦିନକର କଥା କାହିଁକି କେଜାଣି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳିଗୋଳ ହେଲା । କଳିଗୋଳ ପରେ ପୁରୁଷ ଜଣକ କାମକୁ ଚାଲିଗଲା । ଠିକ୍ ଏହି ସୁଯୋଗରେ ନାରୀଜଣକ ଚ଼ଲାବୁଲା ଶିଖିଥିବା ମୀରୁ ନାମକ ଏକ ଝିଅ ପିଲାକୁ ଧରି ବାପାମାଆ ଘରକୁ ଲୁଚିପଳାଇବାକୁ ବାହାରିଲା । ପଛରୁ ତାଙ୍କୁ କେହି ଯେପରି ଦେଖି ନ ପାରନ୍ତି ସେଥିପାଇଁ ସେ କେତେବେଳେ ଦୌଡିକି ତ କେତେବେଳେ ଚାଲି, ତରତରହୋଇ ପଳାଇଗଲା । କାଖରେ ଟିକିଏ ବଡ଼ପିଲାକୁ ଧରି ତରତରଚାଲି, ସେ ଘନ ଘନ ହାଲିଆ ହୋଇଯାଉଥାଏ । ହାଲିଆ ହୋଇଗଲେ ସେ ଅଣ୍ଟାକୁ ଟିକେ ସଳଖାଇବା ପାଇଁ ପିଲାଟିକୁ ଟିକେ ଚ଼ଲେଇ ଦିଏ । ଏତେ ଟିକେ ଛୁଆ କେତେ ଅବା ଆଉଚାଲି ଥାନ୍ତା । ଟିକିଏ ଚାଲିବାପରେ ପୁଣି ମାଆକୁ ଭିଡିଧରୁଛି । ମାଆ ମଧ୍ୟ ପିଲାଟିକୁ କାଖେଇ କାଖେଇ ବିରକ୍ତହୋଇ ଗଲାଣି । ବିରକ୍ତ ହୋଇ ଥରୁଟିଏ ତା ପାଟିରୁ ବାହାରିଗଲା - ରୁହନା ତୁ ଚାଲୁନୁ ନାଇଁ, ତୋତେ ନଦୀ ପାଣିରେ ପକାଇ ନ ଯାଇଛି ଯଦି ! କଥାଟି କହିସାରି ସଙ୍ଗେସଙ୍ଗେ ପିଲାଟିକୁ ଟେକି ଉଠାଇ କାଖରେ ଧରି ତରତର ହୋଇ ଚାଲିଲା ।

ଠିକ୍ ସୂର୍ଯ୍ୟ ଅସ୍ତହେବା ବେଳକୁ ନଦୀଘାଟ ପହଞ୍ଚିଯାଇଥିଲା । ପହଞ୍ଚି ଦେଖେ ତ ନଦୀରେ ପାଣି ପୂର୍ଣ୍ଣହୋଇ ରହିଛି । ପାରିହେବାକୁ ଭରସା ପାଉ ନ ଥାଏ ।.କ୍ରୋଧ ବଶତଃ ଆସିଗଲା ସିନା ହେଲେ ବଢିଦେଖିବା ପରେ ମନ ତାର ଅଲଗା ହୋଇଗଲା । ବେଳେବେଳେ ଫେରିଯିବାକୁ ଭାବୁଛି, ହେଲେ ଆହୁରି ମଧ୍ୟ ଭାବୁଛି ଫେରିଗଲେ କାହିଁ କେଉଁଠି ତାର ଟାଣ ରହିଲା । ଲୋକମାନେ ମଧ୍ୟ କହିବେ ଦେଖିଲ ପଳେଇ ଯାଉଥିଲ

ପରା ! ତୁମେ ନିଜେ ଫେରିଆସିଲ ନା । ମନକୁ ଦୃଢ଼କଲା ଯାହାବି ହୋଇଯାଉ ଫେରିବି ନାହିଁ ମୁଁ ଯିବି । ପରେ ନାଉରୀଆ ପାଖକୁ ଗଲା । ଯାଇ ନାଉରୀଆକୁ କହିଲା - ଏ ଗୋ ନାଉରୀଆ ଚ଼ାଲ ଆମକୁ ପାରକରିଦିଅ । ଏତେବେଳକୁ ନାଉରୀଆ କହିଲା - ଏ ଗୋ ନୂଆପାଣି ବହୁତ ଆସିଯାଇଛି ଆଉ ସୂର୍ଯ୍ୟମଧ୍ୟ ଅସ୍ତହେବାକୁ ଯାଉଛି, ଏବେ ଡଙ୍ଗା ଚ଼ଳାଇବା ଭରସା ପାଉନି । ସେତେବେଳେ ରମଣୀଟି ଭାରିଦୁଃଖ କଲା । ତାଙ୍କୁ କହିଲା ନାଉରୀଆ - ତୁମେ ଯେତେ ଯାହାନେବ ପଛେ ଆମକୁ ପାରକରିଦିଅ । କାହିଁକିନା ମୋ ମାଆ ଭାରି ଅସୁସ୍ଥ ଅଛନ୍ତି । ତାଙ୍କୁ ଦେଖିବାକୁ ମୁଁ ଯାଉଛି, ଏତକ ଶୁଣିବାପରେ ନାଉରୀଆ ନାରୀଟିର କଥା କାଟିପାରିଲା ନାହିଁ । ପାର କରିଦେବା ପାଇଁ ରାଜି ହୋଇଗଲା । ତାହାପରେ ମାଆ ଝିଅ ଦୁହେଁ ଡଙ୍ଗାରେ ବସିଗଲେ । ନାଉରୀଆ ଘାଟରୁ ଡଙ୍ଗାକୁ ଧିରେ ଧିରେ ଚ଼ଳାଇଲା । ଭରା ନଦୀରେ ନାଉରୀଆ ଡଙ୍ଗାଟିକୁ ତେରଛାଭାବେ କାଟି ଉପର ଆଡକୁ ନେବାପରେ ତଳ ଆଡକୁ ସୁଅରେ ମୁହାଁଇଦେଲା । ସୁଅ ମୁହଁରେ ଡଙ୍ଗାଟି ସହଜରେ ହଲିଦୋହଲି ଭାସିଗଲା । ଠିକ୍ ମଝି ନଇରେ ପହଞ୍ଚିବାପରେ ଡଙ୍ଗାଟି ଆପେ ଆପେ ଥମିଗଲା । ଆଉ ଅଣ୍ଡିରାମଇଁଷି ପରି ତାହା ଗର୍ଜିବାକୁ ଲାଗିଲା । ବହୁ ସମୟ ବିତିଯିବା ପରେ ମଧ୍ୟ ଡଙ୍ଗା ଆଦୌ ଚାଲିଲା ନାହିଁ । ତାହାପରେ ଡଙ୍ଗାଟି ସେହିଠାରେ ଭଅଁରପରି ଘୂରିବାକୁ ଲାଗିଲା । ନାଉରୀଆକୁ ମଧ୍ୟ ବହୁତ ଭୟଲାଗିଲା । କ'ଣ ହେଲା, କ'ଣ ନାହିଁ କିଛିହେଲେ ମଧ୍ୟ ଜାଣି ପାରୁ ନ ଥାଏ । ପୂର୍ବରୁ ସେ କେବେ ଏପରିହେବା ଦେଖି ନ ଥିଲା । ଏପଟେ ନାରୀଟି ମଧ୍ୟ ଭୟରେ ଧକଧକ ହେଉଥାଏ । ଭୟରେ ତାହାର ପ୍ରାଣ ସ୍ୱର୍ଗପାତାଳ ହେଉଥାଏ । ବଞ୍ଚିବାଟା ବୋଧହୁଏ ଅସମ୍ଭବ । ଭୟାତୁରା ମୁହଁରେ ସେ ନାଉରୀଆକୁ ଚାହିଁରହିଥାଏ, ବଞ୍ଚାଇବା ପାଇଁ କ'ଣ ସେ କରୁଛି । ହେଲେ ନାହିଁ ତା ମୁହଁରେ ମଧ୍ୟ ନିରାଶାର ଭାବ ହିଁ ପ୍ରକଟିତ ହୋଇଉଠୁଛି । ଦୁହେଁଯାକ କାଠ ପାଲଟିଯାଇ ଥାନ୍ତି । କେହି କାହାରିକୁ କିଛି କହୁ ନ ଥାନ୍ତି । ବହୁ ସମୟପରେ ନାଉରୀଆ ଦୀର୍ଘଶ୍ୱାସ ଛାଡି ରମଣୀଟିକୁ ପଚାରିଲା - ଏ ଗୋ ଝିଆକୁ ବାଟରେ କିଛି କହି (ଅଭିଶାପ) ନାହଁ ତ ? ନାଉରୀଆ ଏହିକଥାକୁ ବହୁଥର କହିଲା । ହେଲେ ନାରୀଟି ମୂଳରୁ କିଛି କହିଲା ନାହିଁ । ସେ ଭୟାତୁରାହୋଇ ମିଟିମିଟି ଆଖିରେ ନାଉରୀଆକୁ ଚାହିଁ ରହିଥାଏ । କିଛି ସମୟପରେ ନାଉରୀଆ କହିଲା - ବୋଧହୁଏ କିଛି

କହିଥିବ, ଏବେ ଏହି ଛୁଆର ପାଦ ଧୋଇଦିଅ, ଆଉ ନ ହେଲେ ବଞ୍ଚିବାର ଅନ୍ୟକୌଣସି ବାଟ ନାହିଁ । ନାଉରୀଆଙ୍କର ଏହି କଥା ଶୁଣି ନାରୀଟି ଆହୁରିବେଶୀ ଭୟକରି ଯାଇଛି । ଭୟରେ ସେ ଥରିବାକୁ ଆରମ୍ଭକଲା । କ'ଣ କରିବ କ'ଣ ନାହିଁ, ନାଉରୀଆର ଆଦେଶକୁ ପାଳନ କରିବ କି ନାହିଁ କିଛି ଠିକ୍ କରିପାରୁ ନ ଥାଏ । ଭାବୁଛି କାହିଁକି ଆସିଲି, ଆସିକି କେଉଁ ମହରଗରେ ପଡିଲି । ଏହା ପରେ ନାଉରୀଆ ପୁନର୍ବାର ସେହିକଥା କହିଛି ।

ଶୀଘ୍ର ତାହାର ପାଦ ଧୋଇଦିଅ, କ'ଣ ଭାବୁଛ ! ଆଉ ନ ହେଲେ କ'ଣ ବିପଦ ଘନେଇ ଆସୁଛି । ତାହାପରେ ନାରୀଜଣକ ଭୟାତୁରାହୋଇ ପିଲାର ଗୋଡ ଡଙ୍ଗାରୁ ଟିକିଏ ବାହାର କରି ଧୋଇବ ବୋଲି ଗୋଟିଏ ହାତରେ ପାଣିଆଣିଲା ବେଳକୁ ଡଙ୍ଗାଟି ଦୋହଲି ଯାଇଛି । ଫଳରେ ଆର ହାତରେ ଧରିଥିବା ପିଲାଟି ଖସି ପଡିଯାଇଛି । ନିଜକୁ ସମ୍ଭାଳିବାପରେ ପିଲାଟିକୁ ଧରିଲାବେଳକୁ ସେ ଗଭୀର ଜଳରେ ବୁଡିଯାଇଥିଲା । ନାରୀଟିର ଛାତି ଫାଟିଗଲା ପରି ଅନୁଭବ କଲା । ହାତ ଗୋଡ କିଏ ଭାଙ୍ଗି ଦେଲା ! ଜୀବନ ତାହାର ସରଗପାତାଳ ହେଲା । ପିଲାଟିର ନାମ ଉଚ୍ଚାରଣକରି ବଡ ପାଟିରେ ବାହୁନି ବାହୁନି କାନ୍ଦିବାକୁ ଆରମ୍ଭକଲା - ହାୟ୍ ହାୟ୍‌ରେ ମୀରୁ ମୋର, ମୀରୁ ମୋର ମୋତେ ଛାଡ଼ି ଚାଲିଗଲା ।

ଏହାପରେ ନାଉରୀଆ ନାରୀଟିର କ୍ରନ୍ଦନ ଶୁଣି କହିଲା - ଏ ଗୋ ! କାନ୍ଦ ନାହିଁ, ଆହୁରି ବହୁତବଡ ବିପଦ ଆସିବା ପରି ମୋତେ ଲାଗୁଛି । କେଜାଣି ଡଙ୍ଗାକୁ ମଧ୍ୟ ସମ୍ଭାଳି ପାରିବି କି ନାହିଁ । ଆଖିପିଛୁଳାକେ ଡଙ୍ଗାଯାଇ ଆରକୂଳରେ ଲାଗିଲା । ନାଉରୀଆ ତରବର ହୋଇ ଘାଟରେ ନାରୀଜଣଙ୍କୁ ଓହ୍ଲାଇଦେଇ ଫେରିଯାଇଥିଲା । ଡଙ୍ଗାରୁ ଓହ୍ଲାଇ ନାରୀଟି ପଛକୁ ଫେରିଚାହିଁଥିଲା ଏହି ଆଶାରେ କାଳେ ତାହାର ଅତି ଆପଣାର ମୀରୁ (ଝିଅ) ତାହା ପଛେ ପଛେ ପହଁରି ଆସୁଥିବ । କିନ୍ତୁ ଦେଖିଲାବେଳକୁ ବଢିପାଣି ରାକ୍ଷସ ପରିକା ତାହା ଆଡକୁ ଆଁକରି ଆସୁଥିଲା । କିଛି ସମୟପରେ ନାରୀଜଣକ ମଧ୍ୟ କୁଆଡେ ଉଭେଇଯାଇଥିଲା, ସେ ଆଉ ଦେଖାଗଲା ନାହିଁ ।

ସେହି ଦିନ ପାଖରୁ ଏହି ଘାଟକୁ ମୀରୁଘାଟି ନାମରେ ନାମିତ କରାଗଲା । ଏହି ଘାଟ ମୟୁରଭଞ୍ଜ ଜିଲ୍ଲାର ଜାମଶଳା ଏବଂ ସିଂହଭୂମି ଜିଲ୍ଲାର ବହଳାଗୁଡ଼ା ମଧ୍ୟରେ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା ନଦୀରେ ଆଜିପର୍ଯ୍ୟନ୍ତ ମଧ୍ୟ ରହିଛି ।

## ଲୋକକଥା - ୬

# କିସ୍କୁ ରାପାକ୍ ମାର୍ଣ୍ଡିକିଷାଣ୍

ସେଦାୟ୍ ଖନାଂ ସାନ୍ତାଲ୍କ ମାଦ୍ରେଦ କିସ୍କୁହଲ୍କ ରାପାକ୍କ ତାହେଁ ଆଗୁଲେନ୍ ତାହେଁକାନା । ଅନ୍କାଗେ ମାର୍ଣ୍ଡିକଦ ମାହାଜନ୍କ ତାହେଁଲେନ୍ ତାହେଁକାନା । ନୁକୁଦ ଆନେକ୍ ଧାନେକ୍ ଧନ୍ତେଗେକ ତପାଲେନ୍ ତାହେଁନ୍ । ମାର୍ଣ୍ଡିକିଷାଣ୍ କୟିକ୍ ମିଦ୍ଟାଂ ଆଡିଚ଼ରକ୍ କୁଲିଗିଦ୍ରାୟ୍ ତାହେଁକାନା । ଆଦ ଅନେବାଂକ ମେନା ଅଲାଃ ଜାନିଗେ ପେଲାଦକ ବଲନା । ଅନ୍କା ଲେକାତେଗେ ମାର୍ଣ୍ଡିକ ଅଲାଃରେ କିସ୍କୁରାପାକ୍କ ନାହ୍ଵାପେଲା ରୂପତେକ ବଲୟେନା । ଞେଲ୍ଞେପେଲ୍, କୁସିକୁପୁସି ଶାର୍ଶାଗୁନ୍ ଯତହ୍ଵାଃ ନାପାୟ୍ତେଗେ ସାତ୍ଏନା । ନହ୍ଵା ତାୟନମ୍ ଖାନ୍ଗେ କିସ୍କୁକଦ ରାହୀଚ଼ାଉଡାଲ୍ ବାକ୍ ବାକ୍ନାହାନ୍ତେ ମାର୍ଣ୍ଡିକୟିକ୍ ହପନ୍ ଏରାଦକ ବାପ୍ଲାଇଦିକେଦେୟା । ଇଦି କେଦେୟାକ ଆଡିସାଙ୍ଗିଞ୍ ଗେଲ୍ବାର୍ବୁରୁ ପାରମ୍ 'ମାନ୍ଦେବୁରୁ' ହାନା ସାହା ଆକଦିଶମ୍ତେ ।

ନଙ୍କାତେ ବୁଗିତେଗେ ଦିନ୍ଦ ପାରମ୍ଇଦିଃ କାନା । ତବେ ଅନେବାଂକ ମେନା ଯତଦିନ୍ଦ ସମାନ୍ଦ ବାୟ୍ ଚାଲାଃଆ, ମିଃଦିନ ହାନ୍ହାର୍ତେଦ୍ ଚେଦ୍କଟଂ ବାହୁକୁଲି ଏଗେର୍ବାଲା କେଦେୟା । ଇନାଁଖାନ୍ଗେ ଦୁଲାଲ୍ତେ ହାରାହାକାନ୍ ଉନିକୁଲିଗିଦ୍ରା ଜୀହ୍ଵୀରେ ଆଡିଦଲ୍ଗେ ବାଧାୟ୍ ଆୟ୍କାଉକେଦା । ଅନାଚେକା ମିଃଦିନ୍ଦ ତାକ୍ ଞାମ୍କାତେ ଆପାବାରେ ଅଲାଃତେୟ୍ ଞୀର୍ ଚାଲାଃକାନ୍ ତାହେଁନ୍ । ଉନିଚାଲାଃ, ଏଟାଃ ହଲ୍କକ ଞେଲ୍ କେଦେଖାନ୍ କିସ୍କୁକ ଅଲାଃରେକ ଲାୟାଦ୍କହ୍ଵା । ଇନାଃ ଖାନ୍ଗେ କିସ୍କୁରାକ୍ ହପନ୍ଦ ବାହୁପାଞ୍ଜାୟ୍ ଅଡକେନା, ଇନାଃତେଗେ ବାହୁକୁଲିଦ ଆଡିହରବରୟ୍ ତାଲାମାକାଦ୍ ଇୟାତେ ମାନ୍ଦେବୁରୁୟ୍ ସେଟେରେନା । ମାନ୍ଦେବୁରୁ ଚ଼ଟ୍ଦମକ୍ ରେଖାନ୍ଗେ ଆକ୍ଜାହ୍ଵାଁୟେ ସେନ୍ସେଟେର୍ କେଦେୟା, ସାଦମ୍ ଚେତାନ୍ଖନ୍ ଆଣ୍ଗ କାତେ ମେତାୟ୍କାନା ଚ଼େଦାଃଏମ୍ ଞୀର୍କାନା ଦେଲାଂ ଅଲାଃତେଗେଲାଂ ଗୁହ୍ଵାଲା । ଇନାଃ ଖାନ୍ଗେ ରାଃ ମେଦ୍ହା ହାନ୍ତେ ବାହୁକୁଲି ମେନ୍କେଦା - ବାଆ ଗୋ ଇଞ୍ଦ ଅହଗିଞ୍ ଗୁହ୍ଵାଲ୍କଃଆ ଇଞ୍ଦ ଆଲେ ଅଲାଃତେଗିଞ୍ ସେନଃଆ । କଲାୟିକ୍ ଏ ମେତାୟ୍ କାନା ଏ ଗୋ ଇନା ହିଲଃଗେସେ ଆୟ୍ ଚ଼େଦ୍ କଚୟ୍ ରଳ୍ବାଲା ଞଃକେଦା ଦିନ୍ଦନାଃ

ଅନକାଦ ବାୟ୍ ରଲା, ମାରାଂହଲ୍‌କଙ୍କାଃ ରଲକଦ ସାହାଙ୍କ ହୁୟ୍ଃଗେୟା । ତବେରେହଁଗେ ବାହୁକୁଲି ବାୟ୍ ବୁଝାଉଃକାନ୍ ଗେୟା । ଆରହଁ ଆଜ୍‌ଗେ ଉଲ୍‌ଟା ଆଜ୍ ଜାଙ୍କାୟେ ମେତାୟ୍‌କାନା - ଉନାଃଯୁଦି ଇଞ୍ଜ୍ ଚେତାନ୍‌ରେ ଗରଜ୍‌ମେନାଃ ତାମା ଉକୁର୍ ଏନ୍‌ଖାନ୍ ଇନାହିଲଃ ଆୟ୍ ଉନାଃ ଏ ଏଗେରିଞ୍ଜ୍‌କାନ୍ ରେହଁ ଚେଦ୍‌ହଁ ତ ବାମ୍ ମେନ୍‌ଲାଃଆ । ନଙ୍କାକାଥା ମେନ୍‌କାତେ ଉଠାଅ ଗଦଃ କାନ୍ ତାହେଁନ୍ ଇନାଃ ଖାନ୍‌ଗେ କଲାଦ ତିରେ ସାବ୍‌କାତେ ଅର୍ ରୁଙ୍କାଲେ କାନ୍ ତାହେଁନ୍ । ଖାନ୍‌ଗେ କୁଲିୟିଜ୍‌ଦ ମିଦ୍‌ଟାଂ ଦାରେରେ ରାଚାଃ ଉରିଜ୍ ଏନ୍ତେ ରୁଙ୍କାଲ୍‌ଦ ବାୟ୍‌ରେବେନ୍ କାନ୍‌ଗେୟା ଆର୍ ଆଡି ହାନା ନାଙ୍କା ଆକିନ୍ ଆକିନ୍ ଭିତ୍ରାରେକିନ୍ ରପଲେନା, ଅନ୍‌କାତେ କଲାହାଃ ବହଃତେ ତାହୁଁ ଖନ୍ ତାହୁଁ ରାଗି ରାକାବ୍ ଏନା । ମୁଚାଦ୍‌ରେଦ ଡାଣ୍ଡା ଖନାଂ ତାର୍‌ଙ୍କାଲେ ଅର୍‌ବଜ୍‌କାତେ ଯାହାଁତିତେ ଆଜ୍ ବାହୁ ଦାରେରେ ରାଚାଃ ଆକାନ୍‌ତାହେଁଦ୍ ଅନା ତିଦ ତାୟେ ସାମାଃଖାଣ୍ଡିଜ୍ କାଦା । ଇନାଂ ଖାନ୍‌ଗେ ଦାଃ ତାନାଃ ଲିଜିୟେନ୍‌ଲେକା ବାହୁକୁଲିୟାଃ ଖାଣ୍ଡିଜ୍ ତିଖନ୍ ମାୟାଂ ଲିଗିୟେନା ଆର୍ ଅଣ୍ଡେଗେ ଜୀଙ୍କୀ ହଁତାୟ୍ ଅଟାଂ ଏନା । କିସ୍କୁରାଜ୍ ହପନ୍‌ଦ ନଙ୍କା କାମି ଅଟଆତେ ଆକ ଅଲାଃତେ ରୁଙ୍କାଲେନା ।

ନଙ୍କା ଘଟନ୍ ତାୟନମ୍ ମିଃଦିନ୍ ଦ ମାଲ୍‌ହେକ ମାଦ୍ ମାଃ ମାଢେ ବୁରୁତେକ ଚାଲାଙ୍କାକାନା । ଉନ୍‌ରେ ମାର୍ଣ୍ଣିକୟିଜ୍ ହପନ୍ ଏରାହାଃ ଗଜ୍‌ହଲମ ବୁରୁରେକ ଞାମ୍ କେଦ୍ ଖାନ୍ ଉନ୍‌କୁଦ ମାର୍ଣ୍ଣିକିଷାଣ୍‌କ ଅଲାଃରେ ନଙ୍କା କାଥାଦକ ଲାୟ୍ ଅଟକାଦା । ନଙ୍କା କାଥା ଆଁଜମ୍ କାତେ ମାର୍ଣ୍ଣିକଦ ଆଡି ବେବାଲିଜ୍‌କ ରାଗିୟେନା । ନଙ୍କାଦ ଆକହଁକ ହାଲା ରୁଙ୍କାଲ୍‌ଗେୟା ମେନ୍ତେକ ଠାଉକା କେଦା । ହାଲାଲେକାତେଦ କିସ୍କୁକୟିଜ୍ ସାଦମ୍‌କ କୁମ୍ବୁକୁୟେରେନାଂ କ ଠାଉକାକେଦା, ଅନାଚେକା ନୁକୁଦ କିସ୍କୁକ ସିୟୁଃକ ଚାଲାଙ୍କାକାନ୍ ବେଲାରେ ସାଦମ୍ ତାକଦ ତଲଠେନ୍ ଖନାଂଗେ ଚାଏଲମ୍ ରେ ସାବ୍‌କାତେ ପାହ୍ଲାତେକ ଆତ୍‌କିର୍ କୁମ୍ବୁକେଦେୟା । କିସ୍କୁକ ଅଲାଃରୁଙ୍କାଲ୍‌କାତେ ଞେଲେଦକ ସାଦମ୍ ତାକଦ ବାନୁଃଏୟା । ସାଦମ୍ ପାଞ୍ଜାକ ପାଞ୍ଜାକେଦ୍‌ଦ ଅନାଦ ପାହ୍ଲାତେ ମାର୍ଣ୍ଣିକଙ୍କାଃ ଅଲାଃ ଚାଲାଙ୍କାକାନା । ଖାନ୍‌ଗେ କିସ୍କୁରାଜାଃ ମେଦ୍‌ଖନ୍ ମେଦ୍‌ଦାଃ କରୟେନା ଆର୍ ଧରମ୍ ସାକ୍ଷିକାତେ ମେନ୍‌କେଦା । ତେହେଞ୍ଜ୍ ଖନାଂଦ ତଟ୍‌ରେ ସିଞ୍ଜ୍‌ଚାନ୍ଦଙ୍କୀନ୍ଦଚାନ୍ଦକିନ୍ କୁଲୁଃଧାବିଜ୍ ଦ କିସ୍କୁ ମାର୍ଣ୍ଣିଦ ଆଲକ ଆନା ନିୟାଃମା ।

ଇନାହିଲଃ ଖନାଂଗେ ନଃଅୟ୍ ନିତଂ ଧାବିକ୍ ରେହଁଗେ ନଦ୍ଧାକିନ୍ ପାରିସ୍ ଭିତ୍ରାରେଦ ବାଂକ ଆନାନିୟ୍ଃ ଆ । ମେନାକ ଚେଲେନଃ ଯାହାଁୟ୍କ ବାଂ ମାନାଦ୍ଧ ବାତାଦ୍ଧାତେକ ଆନାନିୟ୍ଲେନ୍ ରେଦ ବାଂକ ଫାବାଦ୍ଧ କଃଆ । ଆଧା ଦିନ୍ରେଗେକ ହାଟିଞ୍ଚ୍ ହାପାଟିଞ୍ଚଃ ଆ ।

ସୂତ୍ର - ଶ୍ରୀ କାଲ୍ୟାନ୍ ମାଣ୍ଡି (୭୦)

ଗ୍ରାମ - ନନ୍ଦାବସା

ଜିଲ୍ଲା - ମୟୂରଭଞ୍ଜ (ଓଡିଶା)

ଶୁଣିବା ସ୍ଥାନ - ନନ୍ଦାବସା

ସଂଗ୍ରାହକ - ଶ୍ରୀ ନାକୁ ହାଁସ୍ଦାଃ (ଗବେଷକ)

## ଲୋକକଥା - ୭

# କିସ୍କୁ ରାପାଜ୍ ମାର୍ଣ୍ଡିକିଷାଣ୍
# (କିସ୍କୁ ରାଜା ମାର୍ଣ୍ଡି ମହାଜନ)

### ଓଡିଆ ଅନୁବାଦ

କେଉଁ ଆବହମାନ କାଳରୁ ସାନ୍ତାଳମାନଙ୍କ ମଧ୍ୟରେ କିସ୍କୁ ପାରିସ୍ର ଲୋକମାନେ ରାଜକାର୍ଯ୍ୟ ତୁଲାଇ ଆସୁଥିଲେ । ସେହିପରି ମାର୍ଣ୍ଡିମାନେ ମହାଜନୀ କାରବାର କରିଆସୁଥିଲେ । ଏହିମାନେ ଅକଳନ ଧନସମ୍ପଦ ମଧ୍ୟରେ ବୁଡିରହିଥିଲେ । ମାର୍ଣ୍ଡିମହାଜନଙ୍କର ଏକ ଅପୂର୍ବ ଲାବଣ୍ୟମୟୀ କନ୍ୟାଟିଏ ଥିଲା । କଥାରେ ଅଛି ଖାନ୍ଦାନୀକୁ ନେଇ ବନ୍ଧୁ, ଏହି କଥାନୁସାରେ ହିଁ ମାର୍ଣ୍ଡିଙ୍କ ଘରେ କିସ୍କୁରାଜା ନୂତନ ବନ୍ଧୁ ବାନ୍ଧିବା ପାଇଁ ଆସି ପହଞ୍ଚିଲେ । ଦେଖାଦେଖି ପସନ୍ଦଅପସନ୍ଦ ଶୁଭାଶୁଭ ସବୁ ନିର୍ଦ୍ଦିଷ୍ଟ ବିଧିମତେ କରାଗଲା । ଏହାପରେ କିସ୍କୁମାନେ ସବାରୀ ପାଲିଙ୍କି ବାଦ୍ୟବାଦକଙ୍କୁ ନେଇ ପହଞ୍ଚନ୍ତି ଏବଂ ମାର୍ଣ୍ଡିଙ୍କ କନ୍ୟାଙ୍କୁ ବିବାହ କରି ନେଇଗଲେ । ସେମାନେ ବହୁଦୂରକୁ ନେଇଗଲେ, ଦ୍ୱାଦଶ ପର୍ବତ ସେପଟେ, ମାନ୍ଦେପର୍ବତ ଆରପାରିକୁ ତାଙ୍କ ଦେଶକୁ ।

ଏହି ପ୍ରକାରେ ଭଲରେ ଦିନ ଅତିବାହିତ ହେଉଥାଏ । ତେବେ କଥାରେ କୁହାଯାଏ ସବୁଦିନ ଏକାପରି ଯାଏ ନାହିଁ, ଦିନେ ଶାଶୁମାଆ ବୋହୂକୁ କ'ଣ ସବୁ

ଗାଳିଗୁଲଜ କଲେ । ଏହା ମାର୍ଣ୍ଡିଙ୍କ ଅଲିଅଲି କନ୍ୟାଙ୍କୁ ବହୁତ ବାଧିଲା । ଏହାପରେ ସେ ସୁଯୋଗ ଉଣ୍ଡି ନିଜ ବାପାମାଆଙ୍କ ଘରକୁ ପଳାଇ ଯାଉଥିଲା । ତାଙ୍କୁ ପଳେଇଯିବା ଦେଖି ଅନ୍ୟଲୋକମାନେ କିସ୍କୁ ପରିବାରରେ କହିଦେଇଛନ୍ତି । ଏହାପରେ ରାଜପୁତ୍ର ନିଜ ପତ୍ନୀଙ୍କୁ ଫେରାଇ ଆଣିବା ସକାଶେ ବାହାରି ପଡିଛନ୍ତି । ଏହି ସମୟ ମଧ୍ୟରେ ବୋହୂଟି ତରତର ହୋଇ ଯାଉଥିବା ହେତୁ ମାନ୍ଦେ ପର୍ବତ ନିକଟକୁ ପହଞ୍ଚିଯାଇଥିଲା । ମାନ୍ଦେ ପର୍ବତ ଶିଖର ଦେଶରେ ତାହାକୁ ତାଙ୍କ ସ୍ୱାମୀ ପହଞ୍ଚାଇଲେ, ଅଶ୍ୱପୃଷ୍ଠରୁ ଅବତରଣ ପୂର୍ବକ ସେ କହିଲେ, ତୁମେ କାହିଁକି ପଳେଇଯାଉଛ ? ଚାଲ ଆମ୍ଭେ ଘରକୁ ଫେରିଯିବା । ଏତକ ଶୁଣୁଶୁଣୁ କ୍ରନ୍ଦନରତା ହୋଇ ବୋହୂଜଣକ କହିଛି - ନାଁ ଗୋ ଆଉ ଫେରିପାରିବି ନାହିଁ, ମୁଁ ଆମ ଘରକୁ ହିଁ ଯିବି । ସ୍ୱାମୀ କହିବାକୁ ଲାଗିଲେ - ଏ ଗୋ ! ସେହିଦିନ ସିନା ମାଆ କ'ଣ ଇଆଡୁ ସେଆଡୁ କହିଗଲେ ସବୁଦିନ ସେ ସେମିତି କହିବେ ନାହିଁ । ବଡମାନଙ୍କର ଏମିତି କେତେକଥା ସହିବାକୁ ହିଁ ହୁଏ । ତେବେହେଲେ ମଧ୍ୟ ବୋହୂଟି କିଛି ବୁଝିବାକୁ ପ୍ରସ୍ତୁତ ନଥାଏ । ବରଂ ସେ ଓଲଟା ତାଙ୍କ ସ୍ୱାମୀଙ୍କୁ କହିବାକୁ ଲାଗିଲେ - ଏତେ ଯଦି ତୁମେ ମୋତେ ଭଲ ପାଉଥାଅ, କାହିଁ ସେଦିନ ତ କିଛି କହିଲ ନାହିଁ, ଯେତେବେଳେ ମାଆ ଏତେକରି ଗାଳିଦେଲେ । ଏତକ କହି ସେ ପଳେଇ ଯାଉଥିଲା, ଏତେବେଳକୁ ସ୍ୱାମୀ ହାତଧରି ପଛକୁ ଟାଣି ଫେରାଇବାକୁ ପ୍ରୟାସ କରିଛନ୍ତି । ଇତ୍ୟବସରରେ ରମଣୀଟି ଏକବୃକ୍ଷକୁ ଅନ୍ୟହସ୍ତରେ ଧରିପକାଇଛି ଏବଂ ଫେରିବାକୁ ମଙ୍ଗୁ ନ ଥାଏ, ସେମାନଙ୍କର ସେଠାରେ ବହୁ ବାକ୍‌ବିତଣ୍ଡା ହୋଇଯାଇଅଛି, ଯାହାଫଳରେ ପୁରୁଷର ମୁଣ୍ଡକୁ ପିତ୍ତ ଚଢ଼ିଯାଇଛି । ଶେଷରେ ଅଣ୍ଟାପାଖରୁ ଖଣ୍ଡା ବାହାରକରି ଯେଉଁହାତରେ ତାଙ୍କ ପତ୍ନୀ ବୃକ୍ଷକୁ ଟାଣି ଧରିଥିଲା ସେହି ହାତଟିକୁ ହାଣି ଦ୍ୱିଖଣ୍ଡ କରିଦେଇଛନ୍ତି । ପରିଣାମ ସ୍ୱରୂପ ବୋହୂଟିର ଖଣ୍ଡିଆ ହାତରୁ ପାଣିଧାର ପରି ରକ୍ତ ବୋହିଯାଇଛି ଏବଂ ତାହାପରେ ତାହାର ପ୍ରାଣବାୟୁ ଉଡିଯାଇଛି । କିସ୍କୁରାଜାଙ୍କ ପୁତ୍ର ଏହିପରି ଅପକର୍ମକରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଏହି ଘଟଣା ପରେ ଦିନେ ମାହାଲିମାନେ ବାଉଁଶ କାଟିବା ପାଇଁ ମାନ୍ଦେ ପର୍ବତକୁ ଯାଇଥିଲେ । ସେତେବେଳେ ସେମାନେ ମାର୍ଣ୍ଡିମହାଜନଙ୍କ କନ୍ୟାର ମଲା ଶରୀର (ଶବ) ପାଇଛନ୍ତି ଏବଂ ତାଙ୍କ ଘରକୁ ଯାଇ ଏହି କଥା ଜଣାଇ ଦେଇଛନ୍ତି । ଏହି କଥା

ଜାଣିବା ଉତ୍ତାରେ ମାର୍ଣ୍ଡିମାନେ ଭୀଷଣ ରାଗିଯାଇଛନ୍ତି। ସେମାନେ ଏହାର ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଯାଇଛନ୍ତି । ପ୍ରତିଶୋଧ ସ୍ୱରୂପ ସେମାନେ କିସ୍କୁମାନଙ୍କ ଅଶ୍ୱକୁ ଚୋରିକରିବା ପାଇଁ ସ୍ଥିର କରିଛନ୍ତି । ସେଥିପାଇଁ ଯେତେବେଳେ କିସ୍କୁମାନେ ବିଲକୁ ହଳକରିବା ପାଇଁ ଯାଇଛନ୍ତି, ସେତେବେଳେ ଏମାନେ ଅଶ୍ୱଟିକୁ ବନ୍ଧାସ୍ଥାନରୁ ଲାଞ୍ଜରେ ଧରି ପଛକୁ ଘୋଷାରି ଘୋଷାରି ଚୋରେଇ ନେଇ-ଯାଇଥିଲେ । କିସ୍କୁମାନେ ଘରକୁ ଫେରି ଦେଖନ୍ତି ତ ତାଙ୍କର ଅଶ୍ୱ ନାହିଁ । ସେମାନେ ଅଶ୍ୱର ପଦଚିହ୍ନକୁ ଅନୁସରଣ କଲାରୁ ତାହା ପଛକୁ ପଛକୁ ହୋଇ ମାର୍ଣ୍ଡିମାନଙ୍କ ଘରପର୍ଯ୍ୟନ୍ତ ଲମ୍ବିଯାଇଛି । ଏହାକୁ ଦେଖି କିସ୍କୁରାଜାଙ୍କ ଦୁଇ ଆଖିରୁ ଲୋତକପାତ ହୋଇଅଛି ଏବଂ ଧର୍ମକୁ ସାକ୍ଷୀ ରଖି କହିଥିଲେ - ଆଜିଠାରୁ ଆକାଶରେ ସୂର୍ଯ୍ୟ ଚନ୍ଦ୍ର ଜଳୁଥିବା ପର୍ଯ୍ୟନ୍ତ କିସ୍କୁ ମାର୍ଣ୍ଡିଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ନ ହେଉ ।

ସେହିଦିନ ପାଖରୁ ଏବେ ପର୍ଯ୍ୟନ୍ତ ମଧ୍ୟ ଏହି ଦୁଇ ପାରିସ୍ ମଧ୍ୟରେ ବୈବାହିକ ସମ୍ବନ୍ଧ କରାଯାଇ ନ ଥାଏ । କୁହାଯାଇଥାଏ ଯେଉଁମାନେ ଏହାକୁ ଅବଜ୍ଞାକରି ବିବାହ କରିଥାନ୍ତି, ସେମାନଙ୍କ ଦାମ୍ପତ୍ୟ ଜୀବନ କ୍ଷଣସ୍ଥାୟୀ ହୋଇଥାଏ ଅର୍ଥାତ୍ ସେମାନଙ୍କର ଅକାଳ ବିୟୋଗ ଘଟେ ।

### ଲୋକକଥା - ୮

# ବାହୁକୁଲି ଗାତେ ଏଟାଃକଲା

ଯତ ସମାଜ୍‌ରେଗେ କୁଲିକଲାହାଃ ଦୁପୁଲାଲ୍‌ଦ ବାର୍ ହାଟିଞ୍ଜ୍‌ରେକ ହାଟିଞ୍ଜାକାଃଆ । ନଙ୍କା ଲେକାଗେ ସାନ୍ତାଲ୍ ସମାଜ୍‌ରେହଁ ନଙ୍କାଦ ମେନାଃଗେୟା । ନିନାଂ ସୁମୁଂଦ ବାଂଙ୍କା ନଙ୍କା ସମାଜରେ ନିଜର୍ ଜାଙ୍କାୟ୍ ସାଉଁ କୁଲି ହପନାଃ ସାଗାୟ୍ ଦହଦ ଆଡି ମାନତ୍ ମେନାଃଆ ତବେ ବାହୁକୁଲିୟାଃଏଟାଃ କଲାସାଉଁ ସାଗାୟ୍‌ଦହଦ ଆଡିମାରାଂ ପାପ୍ ଆର୍ ଏକାଲ୍‌ଗେ ବାୟ୍‌ଗାନଃଆ । ତବେ ରେହଁଗେ ନଓ୍ୱାଦ ମେନାଃ ଆଗୁଗେୟା, ଅନା ଖାତିର୍‌ଗେ ସାନ୍ତାଲ୍ ହପନ୍‌କଙ୍କାଃ କାହାନୀ ପାଲ୍‌ହା ଏମାନ୍ କରେହଁ ନଙ୍କାନ୍ କାଥା ମେନାଃଆକାନ୍‌ଗେୟା ।

ନିତଂ ରେନାଂ ଅକ୍ତରେ ମାନଙ୍ଗାକଙ୍ଗାଃ ଜୀବନ୍ ବିତାଉରେନାଂ ରାୟ୍‌ଗୀତ୍ ତାହୁଁଖନାଂ ତାହୁଁ ଚ଼ଟାତାକାନ୍‌ଗେ ତାହେଁନ୍ କାନା, ନଙ୍ଗାଇଦିକାତେଗେ ନାହାଃଦ ଚାଷ୍‌ଆର୍ଜାଉ ଧନ୍ ସୁମୁଂତେ ଆସୁଲଃଦ ମୁସ୍କିଲ୍‌କାନ୍ ଗେୟା । ଅନାଚେକା ନିତଂଦ କୁଲ୍‌ବେବ୍‌ଶା ବାଗିକାତେ ଯତକଗେ ବାଜାର୍‌ସେନ୍‌ବନ୍ ମହଁଡାହାକାନା । କାରନ୍‌ଦ ନଙ୍ଗାଗେ କାନା ନିତଂରିନ୍ ହଲ୍ ଆଁଶ୍‌କାନାୟ୍ କମ୍ ଖାଟାଲିତେ ବାଲ୍‌ତି ପୁଇସା । ହାଲେଗେ ବାପ୍ଲାହାକାନ୍ ଯୁଙ୍ଗାନ୍‌କଲାହଁ ଆଡିସମୟ୍‌ରେ ଜୀଙ୍ଗୀଜୁରୀ ବାଗିକାତେ ବାଜାର୍ ଦିଶମ୍‌ତେ ଚାକ୍‌ରୀ ଖାତିରେ ଅଡଂଚାଲାଃ କାନା । ହାରାତରା ବାହୁଗିଦ୍ରା ଜାଙ୍ଗାୟ୍ ବେଗର୍ ଦୁଃଖ୍‌ଦର୍‌ୟାରେ ଉବୁଟୁବୁଃ ତୁଲୁଜ୍ ଆଜାଃ ରୁଙ୍ଗାଲ୍ ରେନାଂ ହର୍‌କୟଃରେ ତାହେଁକଃଆ । ଆଡିଲେକାନାଃ ଏଟ୍‌କେଟଣେକ ଇଦିକାତେ ଏଟାଃହଲ୍‌ଠେନ୍ ବହଃ ଆଖ୍‌ରିଞ୍ ଆକାଦ୍ ଜୀତାଦ ଆଡିଦିନ୍ ଧାବିଜ୍ ଅଲାଃତେ ବାୟ୍‌ରୁଙ୍ଗାଲ୍‌ହଦ୍ ଦାଲେୟାଃଆ । ନଙ୍କାଲେକାତେ ନାଙ୍ଗାବାପ୍ଲା ବାହୁବିଟିଦ ଆଜାଃହଲ୍‌ମରେନାଂ ତେତାଂ ମାର୍‌ତକ୍ ଲାଗିଦ୍ ବୁଗିବାଲିଜ୍ ଲାଜାଙ୍ଗସରମ୍ ଜତଲେକାନାଃ କାଥାକ ଦେୟାକାତେ ଏଟାଃକଲା ଗାଡେ଼ଲେକାତେ ଞାମ୍‌ଜଂଆୟ୍ । ଯତକଙ୍ଗାଃ ମେଦ୍ ଦାନାଂରେ ନୁୟ୍‌ଦ ଏଟାଃ କଲାହପନ୍ ସାଙ୍ଗଁଏ ଖିଲ୍‌ଡୁ ଏନେଜ୍ ଜଂଆ । ତବେ ଅଲାଃରିନ୍ ହାନ୍‌ହାର୍, ହଞ୍‌ହାର୍ ଆର୍ ଜତ ହୁଡିଞ୍ ମାରାଂକ ସାଉଁତେ ସାଉଁତା ଠେନ୍ ଖନାଂ ଉକୁକାତେ ନଙ୍ଗାକାମୀରେ ତାହୁଁଖନାଂ ତାହୁୟ୍ ଡୁବୁଜ୍ ଇଦିଃଆ ।

ଜାଙ୍ଗାୟ୍ ବାନୁଃଏ ବେଲାରେ ବାହୁବିଟିଦ ହାନ୍‌ହାର୍‌ତେଦ୍ ବୁଡୀ ସାଉଂଗେ ଞୀନ୍ଦାଦୟ୍ ଗିତିଜ୍‌ଆ ମିଦ୍‌ଟାଂ ଅଲାଃରେ । ହାନ୍‌ହାର୍ ଆୟ୍‌ଦୟ୍ ବୁଡୀୟାକାନ୍ ଖାତିର୍ ଞୀନ୍ଦାଦ ବାୟ୍ ଞେଞେଲା । ନଙ୍ଗାଗେ ବାହୁ ଆର୍ ଆଜୀଜ୍ ମିଲୁଆ ଲାଗିନ୍‌ଦ ଆଶିଷ୍ ପାଲ୍‌ଟାଙ୍ଗଏନା, ଆର୍ ଆକିନାଃ ମିଦ୍‌ଠେନଃରେ ଜାଙ୍ଗେଦାରାମ୍ ଅକୟ୍‌ହଁ ବାନୁଃକଙ୍ଗା । ନଙ୍ଗାଲେକାତେଗେ ମେନ୍‌ଗାନଃଆ ଅନା-ଅଲାଃରେଦ ନିଚଂ ବାର୍‌ହଲ୍‌ଦ ବାଂଆ ପେ ହଲ୍‌କ ଗିତିଜ୍ କାନା । ଯାଙ୍ଗଦିନ୍‌ଲେକାଗେ ଇନ୍‌ହିଲଃ ହଁ ତାଲାଞୀନ୍ଦାରେ ବାହୁୟିଜ୍ ମିଲୁଆଦୟ୍ ସେଟେରାକାନ୍‌ତେ ନୁକିନାଃ ଗିତିଜ୍ ଅଲାଃତେ ବାୟ୍‌ବାୟ୍‌ତେୟ୍ ବଲହାକାନା । ଚାନ୍ଦରେନାଂ କାଥା ଇନାହିଲଃଦ ଉନ୍‌ଘାଲିକ୍‌ହଁ ବୁଡୀଦ ବାୟ୍ ଜାପିଦ୍ ଆକାଦ୍ ତାହେଁନ୍ । ଅନାଚେକାଗେ ଅଲାଃଭିତ୍ରାରେ ଅକୟ୍‌ଚଂ ବାୟ୍‌ବାୟ୍‌ତେୟ୍ ତାଲାମେଦ୍‌ଲେକାୟ୍ ଆୟ୍‌କାଉକେଦା । ତବେ ଞେଲ୍‌ମା ବାୟ୍ ଞେଞେଲା ଅନାଚେକା

ଆଦ ବାହୁଗେୟ୍ କୁଲିୟେକାନା - ବାହୁ ଗୋ ଅଲାଃ ଭିତ୍ରାରେ ଅକୟ୍ ଟଂ ଏ ତାଲାମେଦ୍ ଲେକାଞ୍ ଆୟ୍‌କାଉଏଦା ଞେଲେବିନ୍ ସେ ! ଆଦ ଇନାଃ ଖାନ୍‌ଗେ କିମିନ୍‌ତେଦ୍ ଏ ଲାୟ୍ ଗୁଦ୍ଧାଲେଦା - ଆ-ୟୋ଼ ଅଲାଃଭିତ୍ରାରେ ତିକିହୁଲୁଗିଞ୍ ତାସେ ଆକାଦା, ଅନା ଚେତାନ୍‌ରେ ପୁଷିଗେ ହାନ୍ତେନାତେଃ କାନ୍ ଖାତିର୍‌ଅକୟ୍ ଟଂ ତାଲାମ୍ ଲେକାଦମ୍ ଆଁଜମ୍ ଏଦା, ନଦ୍ଧା ତାୟ୍‌ନମ୍‌ଦ ବୁଢୀୟ୍ ଥ୍‌ରେନା । ନଦ୍ଧାତାୟ୍‌ନମ୍ କିଛି ଘାଲିକ୍ ଖାନ୍‌ଗେ ମିଲୁଆକଲା ବାହୁହାଃ ପାରକମ୍‌ତେ ସେଟେର୍‌କାତେ ଜତ୍‌ଦିନ୍‌ଲେକାଗେ ୟୁଆନ୍‌ଖେଲଣ୍ଡ୍‌କିନ୍ ଖେଲେଦା । ଅନା ଖାତିର୍‌ଗେ ବାହୁ ଗିତିଜ୍ ବାବେର୍ ପାରକମ୍‌ଦ ରଟଃ ରଟଃ ସାଡେକାନା, କଲା କୁଲିୟ୍ ଧାଲା ତାପାକିଜଃ କାନ୍‌ତେ ଥପ୍ ଥପ୍ ସାଡେହଁ ତାର୍‌କୟେନା । ଖାନ୍‌ଗେ ବୁଢୀ ଦଲ୍‌ହାୟ୍ କୁଃଲି କାନା ବାହୁ ଆବିନାଃ ଗିତିଜ୍ ପାରକମ୍ ସୁର୍‌ରେ ଚିଲିଦୟ୍ ରଟଃ ରଟଃ, ଥପଃ ଅପଃ ଗଃକାନା । ନଦ୍ଧାକୁକ୍‌ଲିରେନାଂ ଲାନାୟ୍ ଖାତିର ବାହୁଦ ଆରହଁ ଦଲ୍‌ହା ଏଲେ କାଥାୟ୍ ରଲେଦା ଆଜ୍ ବାଞ୍ଚାଅଃ ଖାତିର୍ । ଆୟ୍ ଏନାଂ ଯାହାଁୟ୍ ପୁଷି ତିକିହୁଲୁ ତାସେ ଚେତାନ୍‌ରେ ଦାଣାବାଲାୟ୍ କାନ୍ ତାହେଁନ୍‌ଉନିଦ ନିତଂ ସାର୍‌ଗା ନାୟ୍‌ୟ୍ ସାବ୍‌ଆକାଦେୟ୍ । ଉନିଗେ ଇଞାଃ ପାରକମ୍ ଲାତାର୍‌ରେ ଜମେ କାନା ଜଖନ୍ ଯାଂଏ ତଗଜ୍ ଏଦା ଉନ୍‌ଦ ରଟଃରଟଃ ଏ ସାଡେ ଅଚୟେଦା ଆର୍ ଯଖନ୍ ଜିଲେ ତଗଜେଦା ଉନ୍‌ଦ ଥପଃ ଥପଃ ଗଃ କାନା । ନିତଂଦ ହାନ୍‌ହାର୍‌ତେଦାଃ ଆର୍ ଚେଦ୍ କୁକ୍‌ଲି ରେନାଂଗେ ବାନୁଃ ଆନାଂ ଅନାଂ ଚେକା ଆଡି ନିଶ୍‌ଫିକିରେ ଯାପିଦ୍ ଆନା । ତବେ ବାହୁଦ ଯାଦ୍ଧଦିନ୍ ଲେକାଗେ ଉନି କଲାତୁଲୁଜ୍ ମିଦ୍ ଞୀଦାୟ୍ ଗିତିଜ୍‌ଏନା । ଆଙ୍ଗା ମାର୍ଶାଲଃ ମାଣାଂରେ କଲାଦୟ୍ ଉଠାଉ ଚାଲାଙ୍କେନା ।

ଦଶାର୍ ସେତାଃ ବାହୁଦ ଅଲାଃରେନାଂ ଯଃ ରାଚା କାମୀରେ ଛୁଟାଉ ହାକାନା । ହାନ୍‌ହାର୍‌ଏରା ବାହୁ କାମୀଗଲ ଲେକାତେ ଗିତିଜ୍ ଅଲାଃଦ ନିଜେଗେ ଜଜଃକାନା । ନଦ୍ଧା ଅକ୍ତରେଗେ ବାହୁଆଃ ପାର୍‌କମ୍ ଲାତାର୍‌ରେ ଚେଦ୍‌ଟଂ ହିରିଜ୍ ଆକାନ୍ ଲେକାୟ୍ ଞେଲ୍‌କେଦ୍‌ତେ ମେନ୍ ଜଂ କାନାୟ୍ ଅହାୟ୍‌ମାସେ ବାହୁଦ ମାହାରଗ୍‌ରେନାଂ କୁଁୟ୍‌ଡି ସୁନୁମ୍ ଦୟ୍ ହିରିଜ୍ ଆକାଦା । ମେନ୍ ମେନ୍ ତୁଲୁଜ୍ କାଟୁବ୍‌ତେ ବହଃରେଦୟ୍ ଅଜଃଆନା । ନଦ୍ଧା ତାୟ୍‌ନମ୍ ଛାଟ୍‌କା ଜଜଃଏ ଅଡକେନା । ଉନ୍ ଝକାନ୍‌ଗେ ବହଃରେ ରକ ଭେଣେଭେଣେୟେକାନ୍ ଖାତିର୍ ବହଃରେ ଅଜଃଆକାଦ୍

ସୁନୁମ୍ ଜଦ୍ ଆଗୁକାତେ ଜି ଆକାଦା ଆର୍ ଉନ୍‌ରେଦ ଚେଦ୍‌କାଥାହଁ ବୁଝାଉ ରେନାଂ ବାକିଦ ବାଂ ତାହେଁଲେନା । ଅନାଚେକା ସଙ୍ଗେ ବାହୁୟ୍ ରୁହିଦ୍ ମାର୍ଶାଲ୍ କେଦେୟା । ସାଉଁତେ ହପନ୍‌ତେଦ୍ ଠେନ୍ ଯତକାଥାୟ୍ ଲାୟ୍ ଅଙ୍‌ଂ କାଃଆ ମେନ୍ତେ ମେତାଦେୟା । ନଙ୍ଗାକ କାଥା ଆଂଜମ୍ ସାଉଁତେଗେ ବାହୁଦୟ୍ ରାଃମେଦ୍‌ହା ଗଦ୍‌କେଦା ଆରେ ମେନେଦା ଆୟ୍ ଆମ୍‌ଦ ବିନ୍ କାରନ୍‌ତେ ଇଞ୍ଚ୍ ନଙ୍ଗାନ୍ କାଥାମ୍ ମିତାଞ୍ଚ୍‌କାନା । ଆମ୍ ଯାହାଁଲେକା ବାଳିଜ୍‌ଇଞ୍ଚ୍ କାମୀୟେଦା ମେନ୍ତେମ୍ ଉୟ୍‌ହାରେଦା ସାରିତେଦ ଅନ୍‌କା ଚେଦ୍‌ହଁ ବାଞ୍ଚ୍ କାମୀୟାକାଦା । ୟେ ଖାରପ୍ ଆଲମ୍ ଉୟ୍‌ହାରା ଯାହାଁ ଆମ୍ ସାଲାଃ ତିସ୍‌ହଁ ବାଂ ଗାପାଲ୍‌ମାରାଙ୍ଗଃରେନାଂ କାଥା ଅନା ତେହେଞ୍ଚ୍ ଆମ୍ ସାମାଂରେ ମେନ୍‌ରେନାଂ ଇଞ୍ଚ୍ ବଲହେଃକାନା - ଆପେଦୟ୍ ପୁୟ୍‌ସା ଲୋଭ୍‌ତେ ହପନ୍‌ମେଦ ସାଙ୍ଗିଞ୍ଚ୍‌ଦିଶମ୍ ଚାକ୍ରିପେ ଭେଜାଆକାଦେୟା । ଅଳାଃରେ ଇଞ୍ଚ୍ ସୁମୁଂ ଆର୍ ରେଦ୍‌ଇଞ୍ଚ୍ ଚେକାୟା । ଚାଲାଂଙ୍ଗେନ୍ ଞୀଦାଦ ହଳମରେନାଂ ଜୁଲୁଃ ଜୁଙ୍ଗାନ୍ ସେଙ୍ଗେଲ୍‌ରେନାଂ ଆହାଲାଗେ ଅହଞ୍ଚ୍ ସାହାଙ୍ଗ ଦାଲେୟାଦା । ଗିତିଜ୍ ପାରକମ୍ ଚେତାନ୍‌ରେ ହାନ୍ତେ ନାତେ ତେ ତିନ୍ ଜଖାନ୍ ରେଚଂ ଇଞ୍ଚାଃ ଅଖେୟାଲ୍‌ରେ ପାରକମ୍ କଠେ ସାଉଦୁଞ୍ଚ୍ ଗାତେମେଶାୟେନା । ଆୟମ୍ ଇକା କାଞ୍ଚା । ନିତଂଦ ହାନ୍‌ହାର୍‌ତେଦ୍ କିମିନାଃ ସାରି ଏଟ୍‌କେଟଣେ କାଥାୟ୍ ବୁଝାଉ ତିୟୁଃକେଦା ଆର୍ ତିସ୍‌ରେହଁଗେ ହପନ୍‌ତେଦ୍ ସାଙ୍ଗିଞ୍ଚ୍‌ଦିଶମ୍ ଚାକ୍ରି ବାୟ୍ ଭେଜାଲେଦେୟା । ନଃଅ ନଙ୍ଗାଗେ ବାହୁକୁଳି କୁମ୍ଳୁ କାତେ ଦହଗାନ୍‌ରେଲେ କୁମ୍ଳୁବିର୍ଦାହଁ ନାପାୟ୍‌ଗେୟା ରାୟ୍‌ତେ ବାଳିଜ୍ କାମୀକାତେ ରେହଁ ସମାଜ୍ ଆର୍ ଜାଙ୍ଗାୟାଃ ମେଦ୍‌ରେ ବାଂଏ ସଦର୍‌ଲେନା ।

ସୂତ୍ର - ମୁଚିରାମ୍ ହେମ୍ବରମ୍ (୫୦)

ଗ୍ରାମ - ଶିକିଲିୟା (ଦାମ୍ ପାଳା)

ଜିଲ୍ଲା - ପୂର୍ବସିଂହଭୂମି, ଝାଡଖଣ୍ଡ

ଶୁଣିବାସ୍ଥାନ - ଡାବ୍ରାସେନ୍ଦ୍ରା (ଡାବ୍ରା ଶିକାର)

ବ୍ଲକ - ବହଳଦା, ଜିଲ୍ଲା-ମୟୁରଭଞ୍ଜ (ଓଡ଼ିଶା)

ସଂଗ୍ରାହକ - ଶ୍ରୀ ନାକୁ ହାଁସଦାଃ (ଗବେଷକ)

# ଲୋକକଥା - ୮
# ବାହ୍ମୁକୁଳି ଗାତେ ଏଟାଃକଳା (ପରକୀୟା ପ୍ରୀତି)

## ଓଡିଆ ଅନୁବାଦ

ସବୁ ସଂସ୍କୃତିରେ ପ୍ରୀତିକୁ ଯେପରି ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଅଛି, ଠିକ୍ ସେହିପରି ସାନ୍ତାଳୀ ସଂସ୍କୃତିରେ ମଧ୍ୟ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଅଛି । କେବଳ ସେତିକି ନୁହେଁ ଏହି ସଂସ୍କୃତିରେ ସ୍ୱକୀୟା ପ୍ରୀତି ହିଁ ସମାଜର ସ୍ୱୀକୃତିଲାଭ କରିଥିବା ସ୍ଥଳେ ଅନ୍ୟଟିକୁ ଦୋଷାବହ ବୋଲି ବିବେଚନା କରାଯାଇଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଯୁଗେଯୁଗେ  ପରକୀୟା ପ୍ରୀତି ମଧ୍ୟ ଶାଶ୍ୱତାବସ୍ଥାରେ ରହିଆସିଛି । ଏଥିପାଇଁ ହିଁ ସାନ୍ତାଳ ଲୋକକଥାରେ ଏହି ଧରଣର ଅନେକ କଥାମାନ ରହିଆସିବାର ଜଣାଯାଇଥାଏ ।

ସାମ୍ପ୍ରତିକ ସମୟରେ ମନୁଷ୍ୟର ଜୀବନଧାରଣର ମାନକ୍ରମଶଃ ଉନ୍ନତରୁ ଉନ୍ନତର ହେଉଥିବାରୁ ଏଣିକି କୃଷି ଉପାର୍ଜନଲବ୍ଧ ସମ୍ପଦ ତାହାପାଇଁ ଆଉ ଯଥେଷ୍ଟ ହୋଇପାରୁ ନାହିଁ । ଏଣିକି କୌଳିକ ବୃତ୍ତିକୁ ଛାଡି ସମସ୍ତେ ସହରାଭିମୁଖୀ ହେଲେଣି । କାରଣ ବର୍ତ୍ତମାନ ମଣିଷଚାହେଁ ଅଳ୍ପ ପରିଶ୍ରମରେ ବେଶୀ ରୋଜଗାର । ସଦ୍ୟବିବାହିତ ଯୁବକ ମଧ୍ୟ ଅନେକ ସମୟରେ ପ୍ରାଣପ୍ରିୟା ପତ୍ନୀକୁ ଛାଡି ସହରକୁ ଚାକିରୀ ସକାଶେ ଗମନ କରେ । ଅପର ପକ୍ଷରେ ତରୁଣୀଟି ବିରହ ବେଦନାରେ ଜର୍ଜରିତହୋଇ ସ୍ୱାମୀଙ୍କ ପ୍ରତ୍ୟାବର୍ତ୍ତନର ପଥକୁ ଅନାଇ ବସିଥାଏ । ନାନା କାରଣବଶତଃ ପରପାଖରେ ମୁଣ୍ଡବିକିଥିବା ସ୍ୱାମୀଟି ଦୀର୍ଘଦିନଧରି ଘରକୁ ଆସିପାରି ନ ଥାଏ । ଫଳସ୍ୱରୂପ ନବବିବାହିତା ତରୁଣୀପତ୍ନୀ ନିଜଦେହର କ୍ଷୁଧା ପ୍ରଶମିତ କରିବାକୁଯାଇ ନୀତି ଅନୀତି ଧର୍ମ ଅଧର୍ମ ଏହିସବୁକୁ ବିସ୍ମରୀ ପରକୀୟା ପ୍ରୀତିକୁ ଆପଣାର କରିନିଏ । ସମସ୍ତଙ୍କ ଅଲକ୍ଷ୍ୟରେ ସେ ଭଲପାଇ ବସେ ଅନ୍ୟଏକ ତରୁଣକୁ । ହେଲେ ଗୃହର ଶାଶୁ, ଶ୍ୱଶୁର ତଥା ଅନ୍ୟସମସ୍ତ ବୟୋଜ୍ୟେଷ୍ଠ ଗୁରୁସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ସମାଜର ଆଢୁଆଳରେ ଏଥିରେ ସେ ନିଜକୁ ଅଧିକରୁ ଅଧିକ ନିମଜ୍ଜିତ କରିଦେଇଥାଏ ।

ସ୍ୱାମୀଙ୍କ ଅନୁପସ୍ଥିରେ ବୃଦ୍ଧା ଶାଶୁଙ୍କ ସହିତ ବୋହୂଟି ଶୟନକକ୍ଷରେ ନିଦ୍ରା

ଯାପନକରେ । ଶାଶୁମାଙ୍କ ବିୟୋସାଧିକ୍ୟ ହେତୁ ରାତିରେ କିଛି ଦେଖାଯାଏ ନାହିଁ । ବୃଦ୍ଧାଶାଶୁଙ୍କ ଏହି ଅବସ୍ଥା ବୋହୂ ଓ ତାହାର ପ୍ରେମିକଙ୍କ ସକାଶେ ଆଶୀର୍ବାଦ ପାଲଟେ ଏବଂ ନିର୍ବିଘ୍ନରେ ସେମାନେ ପରସ୍ପର ସହିତ ମିଶିବାର ସୁଯୋଗ ପାଆନ୍ତି । ଏଣୁ ଏଣିକି ପ୍ରକୃତପକ୍ଷେ କହିବାକୁଗଲେ ସେହି ପ୍ରକୋଷ୍ଠରେ କେବଳ ଦୁଇଜଣ ଶାଶୁବୋହୂ ଶୋଉନାହାନ୍ତି ତାହାଙ୍କ ସହିତ ବୋହୂର ପ୍ରେମିକ ମଧ୍ୟ ଶୋଇବାକୁ ଲାଗିଲା । ଦିନକର ଘଟଣା ସବୁଦିନପରି ନିଶାର୍ଦ୍ଧରେ ପ୍ରେମିକ ଜଣକ ଏମାନଙ୍କ ଶୟନ ପ୍ରକୋଷ୍ଠରେ ପ୍ରବେଶ କରିଛି । ଯୋଗକୁ ସେଦିନ ଏତେବେଳ ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧାର ନିଦ ହୋଇ ନ ଥିଲା । ତେଣୁ ସେ ଘରଭିତରେ କେହିଜଣେ ମୃଦୁ ପଦପାତ କରୁଥିବାର ଅନୁଭବ କରିଛନ୍ତି ହେଲେ ତାଙ୍କ ଆଖିକୁ କିଛି ଦେଖାଯାଏ ନାହିଁ, ତେଣୁ ବୋହୂଟିର ଉଦ୍ଦେଶ୍ୟରେ ସେ ପ୍ରଶ୍ନକରିଛନ୍ତି - ବୋହୂ ! ଘରଭିତରେ କିଏ ଚାଲିବା ପରିକା ଶୁଭୁଛି ? ପ୍ରତିଉତ୍ତରରେ ବୋହୂ କହିଛି - ମାଆ ! ଘରେ ମୁଁ ଉଷୁନାଧାନ ତକ ମେଲାଇ ଦେଇଛି, ତାରି ଉପରେ ବିଲେଇଟି ଏପଟସେପଟ ହେଉଛି ତାହାହିଁ ଆପଣଙ୍କୁ କେହି ଚାଲିଲା ପରିକା ଶୁଭୁଛି । ଏଣିକି ଶାଶୁ ତୁନି ପଡିଯାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଯୁବକ ଜଣକ ବୋହୂ ନିକଟକୁ ପହଞ୍ଚିଯାଇଛି ଏବଂ ସବୁଦିନ ପରି ସେମାନେ ଦୁହେଁ ଅବୈଧ ପ୍ରଣୟରେ ଲିପ୍ତହୁଅନ୍ତି । ଏହି ଅବସରରେ ବୋହୂଶୋଇଥିବା ଦଉଡିଆ ଖଟଟି ରୋଟ୍‌ରୋଟ୍ ଶବ୍ଦହେବା ସମେତ, ସଙ୍ଗମାବସରର ଥପଥପ ଶବ୍ଦ ଶାଶୁଙ୍କର କାନକୁ ଶୁଭିଛି । ଏଣିକି ପୁନର୍ବାର ସେ ବୋହୂଟିକୁ ପ୍ରଶ୍ନ କରନ୍ତି - ଏଗୋ ବୋହୂ ! ତୁମ ଖଟପାଖରେ କ'ଣ ରୋଟ୍‌ରୋଟ୍ ଥପ୍‌ଥପ୍ ଶବ୍ଦହେଉଛି ? ପ୍ରତି ଉତ୍ତରରେ ବୋହୂ ନିଜକୁ ବଞ୍ଚାଇବାକୁ ଯାଇ ପୁନର୍ବାର ମିଥ୍ୟାର ଆଶ୍ରୟନେଇ କହିଛି - ମାଆ, ଯେଉଁ ବିଲେଇଟି ସେତେବେଳେ ମେଲାଯାଇଥିବା ଉଷୁନାଧାନ ଉପରେ ଚଲାବୁଲା କରୁଥିଲା ସେ ଏଣିକି ଏକ ମୂଷାକୁ ଧରିଲାଣି, ହେଇ ମୋ ଖଟ ତଳେ ତାକୁ ସେ ଖାଉଛି । ହୁଁ ସେ ଖାଇଲାବେଳେ ଯେତେବେଳେ ହାଡ ଖଣ୍ଡମାନ ଚୋବାଉଅଛି ସେତେବେଳେ ରୋଟ୍‌ରୋଟ୍ ଶୁଭୁଛି ମାଂସ ଚୋବାଇଲା ବେଳେ ଥପଥପ ଶବ୍ଦ ହେଉଛି । ଏଣିକି ବୃଦ୍ଧାର ଆଉ କିଛି ସନ୍ଦେହ କରିବାର ନାହିଁ, ସେ ନିଶ୍ଚିନ୍ତରେ ଶୋଇଯାଇଛନ୍ତି । ଅପରପକ୍ଷରେ ବୋହୂଟି ତାର ପ୍ରେମିକ ସହିତ ନିଶ୍ଚିନ୍ତରେ ରାତ୍ରି ଯାପନକରିଛି । ସକାଳ ପାହିବା ପୂର୍ବରୁ ଯୁବକଟି ସବୁଦିନ ପରି ଚାଲିଯାଇଛି ।

ପରଦିନ ସକାଳ ପାହିବାପରେ ବୋହୂଟି ଘରର ବାସୀକାମସବୁ ଯଥାବିଧି କରିବାକୁ ଆରମ୍ଭକରିଛି । ଶାଶୂ ତାକୁ ସାହାଯ୍ୟକରିବାକୁ ଯାଇ ଶୋଇବା ଘରଟିକୁ ନିଜେ ଓଳେଇବାରେ ଲାଗିଯାଇଛନ୍ତି । ଏହି ଅବସରରେ ବୋହୂର ଖଟତଳେ କିଛି ତରଳପଦାର୍ଥ ପଡିଥିବାର ଦେଖିବାକୁ ପାଇଛନ୍ତି ଆଉ ସେ ନିଜେ ନିଜକୁ କହିଚାଲିଲେ - ଏହା ପରା ବୋହୂର ଦୋଷ ସାଇତି ରଖାଯାଇଥିବା କଟତାତେଲକୁ କାହିଁକି କେଜାଣି ଏଇଠି ପକେଇଛି ଏବଂ ସଙ୍ଗେ ସଙ୍ଗେ ଅଙ୍ଗୁଳିରେ ପୋଛିପକାଇ ତାହାକୁ ମୁଣ୍ଡରେ ଲଗାଇଛି । ପରେପରେ ସେ ବାହାର ଅଗଣାରେ ଝାଡୁ ମାରିବାକୁ ଆରମ୍ଭକରିଛନ୍ତି, ଠିକ୍ ଏତେବେଳକୁ ମାଛିସବୁ ମୁଣ୍ଡରେ ଭଣଭଣ ହେଉଥିବାର ଅନୁଭବକରିବାରୁ ମୁଣ୍ଡରେ ଲଗାଇଥିବା ତେଲକୁ ପୋଛିଆଣି ଯେମିତି ଶୁଙ୍ଘିଛନ୍ତି, ସେତେବେଳକୁ ତାଙ୍କୁ ଆଉ କୌଣସି କଥା ଅଛପାହୋଇ ରହିଲା ନାହିଁ । ସେ ସିଧାସଳଖ ବୋହୂକୁ ତାଗିଦାକରିବାକୁ ଆରମ୍ଭ କରିଦେଇଛନ୍ତି ଏବଂ ଧମକଦେଇଛନ୍ତି ପୁଅ ପାଖରେ ସବୁକଥା ଖୋଲି କହିଦେବେ । ହେଲେ ଏତେବେଳକୁ ବୋହୂଟି ଆଉ ଏକ ଫନ୍ଦିବାହାର କରି କଇଁକଇଁ କାନ୍ଦି କହିବାକୁ ଆରମ୍ଭ କରିଛି । ମାଆ ! ଆପଣ କାହିଁକି ମୋତେ ଅଯଥାରେ ସନ୍ଦେହ କରୁଛନ୍ତି । ଆପଣ ଯାହା ଭାବୁଛନ୍ତି ବାସ୍ତବରେ ସେମିତି କିଛି ମୁଁ ଭୁଲ୍ କରିନାହିଁ । କିଛି ଖରାପ ଭାବବେନି, ଯାହାଆପଣଙ୍କୁ କହିବା କଥାନୁହେଁ ତାହା ମୁଁ କହିବାକୁ ବାଧ୍ୟହେଉଅଛି - ଆପଣମାନେ ପଇସା ଲୋଭରେ ପଡି, ପୁଅଙ୍କୁ ଚାକିରୀ କରିବା ସକାଶେ ମାସ ମାସ ଧରି ବାହାରକୁ ପଠେଇ ଦେଉଛନ୍ତି । ଅପରପକ୍ଷରେ ସଦ୍ୟଯୌବନା ବୋହୂ ଘରେ ଏକୁଟିଆ ଅବା କ'ଣ କରନ୍ତା ! ଗତକାଲି ରାତିରେ ମୋ ଦେହର ଜ୍ୱାଳା ଅସହ୍ୟ ହେବାରୁ ଖଟୁଲୀ ଉପରେ ଏପଟସେପଟ ହେଉହେଉ ମୋ ଅଜାଣତରେ (ଖଟ) ଖୁରାଶିରର ମୁଁ ଆଶ୍ରୟଲୋଡିଛି । ମୋତେ କ୍ଷମା କରିବେ ।

ଏଣିକି ଶାଶୂ ; ବୋହୂର ପ୍ରକୃତ ଅସୁବିଧା ବୁଝିପାରିଛନ୍ତି ଏବଂ ପୁନର୍ବାର ପୁଅକୁ ବିଦେଶକୁ ପଠେଇ ନାହାନ୍ତି । ସେହିପରି ମଧ୍ୟ ବୋହୂଟି ନେଇ ଆଣି ଥୋଇକାଣିଲେ ରୀତିରେ ଅବୈଧ ପ୍ରେମରେଲିପ୍ତ ଥିଲେ ହେଁ ସମାଜ ଏବଂ ସ୍ୱାମୀ ଆଖିରେ ଧରାପଡିନାହିଁ ।

## ଲୋକକଥା - ୯

# ଜୀବନ୍ ଡାହାର୍

ମିଦ୍ କିଷାଣ୍ ଅଲାଃରିନିଜ୍ ବାହୁକୁଲି ମେଦ୍‌ମୁଠାନ୍‌ତେ ଯାହାଁଲେକାୟ୍ ଚେହେରାହା, ଅନ୍‌କାଗେ ଆକାଃ ଗୁନ୍‌ହଁତାୟ୍ ସରସ୍‌ଗେୟା । ଉନିଦ ଆକଅଲାଃତେ ଯାହାଁତିପଃଗେ କକୟ୍‌କକ ସେଟେରଃ ଦାଃ ଦାକା ଆର୍ ବାଂଖାନ୍ ହୁଲୁଚାଉଲେ ରେହଁ ଏମ୍‌କାତେୟ୍ ବିଦାୟ୍‌କଢା । ନୁୟାଃ ନଢା କାମୀକ ଞେଲ୍‌କାତେ ଚାନ୍ଦବଙ୍ଗାୟ୍ - ଉୟ୍‌ହାର୍‌କେଦା ଆଛାନୁୟ୍ କୁଲିହପନାଃ ମନେରେ ସାରିଗେ ତିନାଃ ଦାୟା ଦୁଲାଲ୍ ମେନାଃଆ ହାପେ ମିଃଦିନ୍‌ଦ ଇଞ୍ଜଗେ ଚାଲାଢକାତେଞ୍ ତୁନୁମ୍ ଆଗୁୟା । ଆଦ ଇନା ତାୟ୍‌ନମ୍ ମିଃଦିନ୍‌ଦ ଚାନ୍ଦବଙ୍ଗାଗେ ମିଦ୍ କକୟ୍ ବୁଢୀ ରୂପ୍‌ତେ ଉନ୍‌କୁ କିଷାଣ୍ କଢାଃ ଦୁଆର୍ ତେୟ୍ ସେଟେରୋକାନା । ନଢା ଅକ୍ତଦ ବାହୁକୁଲି ଦାଃଲୁଲୁୟ୍ ଅଡ୍‌କ୍‌ଗଦ୍ ଆକାନା । ହେର୍‌ମେଦ୍ ଦିପିଲ୍ ଠିଲିସାବ୍‌କାତେ, ଦୁଆରାରେ କକୟ୍ ବୁଢୀ ସାଉଁକିନ ଞାପାମ୍ ଆକାନା । ବୁଢୀ ମେନେଦା ଆୟ୍ କୟ୍‌ହୁନାଂଢଃ ଏମ୍ ଇମାଞା । ହଲା ମାହାଧେର୍ ଖନାଂ କୟ୍‌ଗେ ବାଞ୍ ଞାମ୍‌ଠିକ୍ ଆକାଦା । ଇନା ଖାନ୍ ବାହୁକୁଲିଦ ଚେଦ୍‌ହଁ ବାଂ ମେନ୍‌କାତେ ଛାଟ୍‌କା ପିଣ୍ଡାରେ ଠିଲିକିନ୍ ଦହକାତେ ଅଲାଃଏ ବଲୟେନ୍ତେ ଉନି ବୁଢୀ. କୟେ ଏମାଦେୟା । ଖାନ୍‌ଗେ ଉନିଦ ଆକାଃସାରି ରୂପେ ଦେଖାଢାଦେତେ ମେତାୟ୍ କାନା ଇଞ୍ଜଦୁଞ୍ ଚାନ୍ଦବଙ୍ଗାକାନା ଆମ୍ ବିଡାଉମେଦିତେଗେ ନଢାରୂପ୍‌ଦୁଞ୍ ସାବ୍‌ଲେଦା । ତବେ ଇଞାଃ ବିଡାଢରେ ଆମ୍‌ଦମ୍ ପାରମ୍ ଆକାନା । ଅନାଚେକା ଆମ୍ ଯାହାନାଃଗେମ୍ ଖଜଃ ଇଞ୍ଜଠେନ୍ ଖନାଂ ବରେମ୍ ଞାମ୍ ଦାଲେୟାଃଆ । ବାହୁକୁଲି ଚାନ୍ଦବଙ୍ଗାଠେନ୍ ଗଡ୍‌କାତେ ମେନ୍ କେଦା - ସାରିଗେ ଚାନ୍ଦବଙ୍ଗା ଇଞ୍ଜ୍‌ଚେତାନ୍‌ରେମ୍ ସାକ୍ୟାତ୍ ଆକାନ୍‌ଖାନ୍ ନଢାଗେ ବରେମ୍ ଇମାଞା ନଢା ଆତୁରିନ୍ ଯାହାଁତିନାଂ ହଲ୍‌ଗେକ ଗୁଜୁଃ ଉନ୍‌କୁଆଃ ଜୀବନ୍ ଅକା ଡାହାର୍‌ତେ ଅକାଲେକା ଚାଲାଃକାନା ଞେଲ୍ ଦାଲେୟାଃମାଞ୍ । ଖାନ୍‌ଗେ ଚାନ୍ଦବଙ୍ଗାୟ୍ ମେନ୍‌କେଦା ଥୁମାନ୍‌ମେ, ଞେଲଦମ୍ ଞେଲା ତବେ ଗଟାପାଲା ଖନ୍‌ଦ ବାଙ୍ଗା ମିଦ୍‌ଟାଂ ଜାଗା ଖନେମ୍ ଞେଲା । ଅନାଦ ଆପେୟାଃ କୁଲ୍‌ହୀ ପାଠା ଅଲାଃରେନାଂ ମୁଡୁଲ୍‌ଚଟ୍‌ରେ ଯାହାଁ ଝର୍‌କା ମେନାଃଆ ଅଣ୍ଡେଖନାଂ । ନଢା ତାୟନମ୍ ଖାନ୍‌ଗେ ଚାନ୍ଦବଙ୍ଗାଦୟ୍ ଛାନେନା ।

କିଛୁଦିନ୍ ତାୟ୍‌ନମ୍ ଉନିବାହୁକୁଲିୟିକ୍ ହାନ୍‌ହାର୍ ଏଙ୍ଗାତ୍ ତେଦ୍‌ଏ ଗଜ୍‌ଏନା । ଏନ୍‌ଖାନ୍ ବାହୁକୁଲିଦ କୁଲ୍‌ହୀ ପାହାଟା ମୁତୁଲ୍‌କାନ୍ତରେ ଘାର୍‌ଲୀ ଟେଣ୍ଡାର୍‌କାତେ ଝରକା ଖନାଂ ଏ ଉସ୍ଗୁଦ ଆକ୍‌ଆୟ୍‌ଦ ଡାଣ୍ଡାରେ ଘେଁଣ୍ଟ୍‌ହେର୍‌ମେଦ୍ କାତେ ପାର୍‌କମ୍ ଦିପିଲ୍‌କାତେ ରାସ୍ତାଗେ ସେରେଞ୍ଜ୍ ସେରେଞ୍ଜ୍‌ତେୟ୍ ଚାଲାଙ୍ଗ ଜଂକାନା । ଉନି ଞେଲ୍‌କାତେ ବାହୁକୁଲି ଆଡି ରାଷ୍ଟାୟ୍ ବୁଝାଉକେଦା । ଅନାଚେକା ହଲକକ ଦୁଃଖୁଃକାନ୍ ରେହଁ ଆଡିଉତାର୍‌ଦ ଆଜ୍‌ଦ ବାୟ୍‌ଦୁଃଖ୍‌ଲେନା । ଆର୍‌ହଁ ଆଡିଦିନ୍ ତାୟ୍‌ନମ୍ ଆତୁରିନିଜ୍ ମିଦ୍ ଡାଙ୍ଗୁଆ କଳାୟ୍ ଗଜ୍ ଏନା । ଇନାହିଲଃ ହଁ ଅନ୍‌କାଗେ ବାହୁକୁଲିଦ ଉନିୟାଃ ଜୀବନ୍‌ଚାଲାଃ ଡାହାର୍‌ଏ କୟ୍‌ଃକେଦା । ତବେ ନିୟା ଧାଙ୍ଗଦ ମାଣାଂଲେକାଦ ବାଂଆ । ସେ ପୁନ୍‌ହଲ୍ ଯମ୍‌ଦୂତ୍‌କ ଉନିକଳାଦକ ତଲ୍ ଇଦିୟେକାନା । ତି , ଜାଙ୍ଗା , ଆର୍ ଡାଣ୍ଡା ରେକ ତଲାକା ଦେୟା । ତବେରେହଁଗେ ଚାଲାଃଗେ ବାୟ୍ ରେବେନ୍‌କାନ୍ ଖାତିର୍ ଦାଲ୍‌ଦାଲ୍‌ତେ ଆଡି ଜବର୍‌ଯୁସ୍ତିକ ଇଦିୟେ କାନା । ଖାନ୍‌ଗେ ବାହୁକୁଲିୟାଃ ମେଦ୍‌ଖନାଂ ମେଦ୍‌ଦାଃ ହିଡିର୍ ହିଡିର୍ ଜରୟେନା ।

ନଙ୍ଗା ତାୟ୍‌ନମ୍ ଖାନ୍‌ଗେ ଆତୁ ଜଗ୍‌ମାଝୀ ଦୁଆର୍ ଦୁଆର୍ ହହ ଇଦିକେଦା ଫାଲ୍‌ନା ଅଲାଃରେ ଗଃଶାହାନ୍ ମେନ୍ତେ । ଆର୍ ମିଦ୍‌ହାଲାମ୍ ମିଦ୍ ବୁଡୀ ଲଗନ୍‌ବନ୍ ସେଟେରଃ ଆ ମେନ୍ତେ । ତାୟ୍‌ନମ୍ ବାହୁକୁଲି ଆର୍ ଆଜ୍ ଜାଙ୍ଗାଁୟ୍ ଆକିନ୍‌ହଁ ବାନାହଲ୍‌କିନ୍ ଚାଲାଙ୍ଗେନା ଗଜ୍‌ଅଲାଃ । ତବେ ଅନା ଆତୁରେଦ ମିଦ୍‌ଟାଂଗେ ପୁଖ୍‌ରୀ ମେନାଃ ଖାତିର୍ କଳାହପନ୍ ଆର କୁଲିହପନ୍ ଅଣ୍ଡେଗେ ଆଲ୍‌ଗାଆଲ୍‌ଗା ଘାଟ୍‌ରେକ ଉମୁଃକାନା । ଯାହାଁ ତିନାଂଗେ କୁଲିକକ ସେଟେରୋକାନା ଯତକ ରାଃ ହମର୍ ହାଲାଂ ଏଦା । ତବେ ମିଦ୍ ଘାଳିକ୍ ତାୟ୍‌ନମ୍‌ଦ ଜତକ ଥାର୍‌ଥିର୍ ବାଲାୟେନା । ଏନ୍‌ରେହଁଗେ ଉନି କିଷାଣ୍ ଅଲାଃ କିମିନ୍‌ଦୟ୍ ରାରାଃକାନ୍‌ଗେୟା । କଳାଘାଟ୍‌ଖନ୍ ଆଜ୍‌ଜାଙ୍ଗାଁୟ୍ ଞେଲ୍ କାତେ ମନେମନେ ତେଦୟ୍ ଏଦ୍ରେଃକାନା । ତାୟ୍‌ନମ୍ ଜତଙ୍ଗାଃ କାମୀକ ଚାବାକାତେ ଅଲାଃକିନ୍ ରୁଙ୍ଗାଲେନ୍‌ଖାନ୍ ଉନିକଳାଦ ଆଜ୍‌ବାହୁୟ୍ ଏଗେରେକାନା - ଉନିତାମ୍‌ଦ ଚିଲି ହୁୟୁଃତେ ଉନାଃଏମ୍ ରାଃଆୟ୍‌କାନା , ଜୁରୁଲ୍ ଆମାଃଦ ନୁୟ୍‌ସାଉଁ ଚେଦ୍‌ଲେକାନ୍ ଖାରାପ୍ ସାଗାୟ୍ ଚଂ ଡାହେଁକାନ୍‌ଗେୟା । ଆର୍‌ବାଂଖାନ୍ ଆକଅଲାଃହଲ୍ ଥିର୍ ତାୟ୍‌ନମ୍‌ହଁ ଚେଦାଃଏମ୍ ରାଗା । ଯୁଦିଉନାଃଗେମ୍ ଦୁଗୁଃକାନା ଏନ୍‌ଖାନ୍ ଆୟ୍‌ଗଜ୍‌ଝଃମା ଉକୁର୍ ନଙ୍ଗା ବାମ୍ ରାଃ ଆକାଦା ।

ହେରେଲ୍‌ତେଦାଃ ମଚାରେନାଂ ଯତକାଥା ଆଁଜମ୍ ମୁଚାଦ୍ କାତେ ବାହୁକୁଳିଦ ମୁତୁଲ୍‌ଝରକା ଖନ୍ ଆଜ୍‌ଆୟ୍ ଗଜ୍ ଜଖାନ୍ ଯାହାଁଲେକାୟ୍ ଞେଲ୍‌ଲେଦେୟା ଆର୍ ନୁୟ୍ କଲା ଗଜ୍‌ଝଃ ଯାହାଁଲେକାୟ୍ ଞେଲାକାଦା ଅନାକାଥାକ ଜତୟ୍ ରାଳା ଆଦେୟା । ନଆ ତାୟନମ୍ ଏନାଂ ଆଜ୍ ଜାୱାଁୟାଃ ମନେ ଶାନ୍ତିଃ କାନା ।

ସୂତ୍ର - ଶ୍ରୀମତୀ ପୁଣ୍‌ଗୀ ହାଁସଦାଃ ( ୫୦ )
ଗ୍ରାମ-ନନ୍ଦାବସା , ଜିଲ୍ଲା - ମୟୂରଭଞ୍ଜ (ଓଡିଶା)
ଶୁଣିବା ସ୍ଥାନ - ନନ୍ଦାବସା
ସଂଗ୍ରାହକ - ଶ୍ରୀ ନାକୁ ହାଁସ୍‌ଦାଃ (ଗବେଷକ)

## ଲୋକକଥା - ୯

# ଜୀବନ୍ ଡାହାର୍ (ଜୀବନ ପଥ)

### ଓଡିଆ ଅନୁବାଦ

ଏକ ଧନୀ ଘରର କୁଳବଧୂ ଦେଖିବାକୁ ଯେମିତି ସୁନ୍ଦରୀ ଠିକ୍ ସେମିତି ମଧ୍ୟ ଗୁଣବତୀ । ସେ ଦୟାବତୀ ବୋହୂଜଣକ ତାଙ୍କ ଘରୁ କେବେ ହେଲେ ମଧ୍ୟ କାହାରିକୁ ଖାଲି ହାତରେ ଫେରାଇଦେଉ ନ ଥିଲେ । ଯେତେବେଳେ ଦୁଃଖି ଦରିଦ୍ର ଭିକାରୀ ଆସିଲେ ସେ ସେମାନଙ୍କୁ ଅନ୍ନ ଅଥବା କିଛି ଧାନ , ଚାଉଳ ହେଲେ ମଧ୍ୟ ଦେଇ ବିଦାୟ ଦେଉଥିଲେ । ଏହାଙ୍କର ଏହିସବୁ କାର୍ଯ୍ୟକଳାପ ଦେଖି ସ୍ୱୟଂ ଭଗବାନ ପରୀକ୍ଷା ନେବା ସକାଶେ ମନେମନେ ସ୍ଥିରକଲେ । ସତରେ ବୋହୂଜଣକ ପାଖରେ କେତେ ଦୟାଧର୍ମ ରହିଛି ମୁଁ ନିଜେ ଯାଇ ପରଖି ଆସିବି । ଏହା ଅନ୍ତେ ଭଗବାନ ଜଣେ ବୃଦ୍ଧାବେଶରେ ସେହି ଧନୀଲୋକଙ୍କ ଘରକୁ ଯାଇଛନ୍ତି ଠିକ୍ ଏତେବେଳକୁ ବୋହୂଟି କଳସୀ ଦୁଇଟି ଧରି ପାଣି ସକାଶେ ବାହାରୁଥିଲେ । ଗୋଟାଏ ମୁଣ୍ଡରେ ଅପରଟି କାଖରେ ଧରି ବାହାରନ୍ତେ ଦାଣ୍ଡଦୁଆର ପାଖରେ ଭିକ୍ଷୁଣୀ ଜଣକ ସହିତ ତାଙ୍କର ଭେଟହୁଏ । ବୃଦ୍ଧା ଭିକ୍ଷୁଣୀ ଜଣକ କହିଲା ମାଆ ! ଭିକ୍ଷାମୁଠିଏ ଦେଇଥାନ୍ତେ । କାଲି ପରଦିନ ପାଖରୁ ମୋତେ ଭିକ୍ଷା ମିଳିନାହିଁ । ଏତକ ଶୁଣିବାପରେ ବୋହୂଟି ମାଠିଆ ଦୁଇଟିକୁ ଦାଣ୍ଡପିଣ୍ଡାରେ ରଖିଦେଇ

ଘରକୁ ପଶିଗଲେ ଏବଂ ବୃଦ୍ଧାଜଣଙ୍କୁ ଭିକ୍ଷାଦେଲେ । ଏହାପରେ ବୃଦ୍ଧାଜଣକ ନିଜର ପ୍ରକୃତ ରୂପଧାରଣ କରିଛନ୍ତି ଏବଂ କହିଛନ୍ତି - ମୁଁ ହେଉଛି ଭଗବାନ ତୁମକୁ ପରୀକ୍ଷା କରିବା ସକାଶେ ଏ ରୂପ ଧାରଣ କରିଥିଲି । ଅବଶ୍ୟ ତୁମେ ମୋ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛ । ଏଥିସକାଶେ ତୁମେ ଯେଉଁ ବର ମାଗିବାକୁ ଚାହୁଁଛ ମାଗିପାର । ବୋହୂ ଏଥର ଭଗବାନଙ୍କୁ ପ୍ରଣାମ ପୂର୍ବକ କହିଲେ - ଏହିବର ମୋତେ ପ୍ରଦାନ କରିବେ, ଏହି ଗ୍ରାମର ଯେତେଲୋକ ମୃତ୍ୟୁଲଭିବେ ସେମାନଙ୍କ ଜୀବନ କେଉଁବାଟରେ କିପରି ଯାଉଛି ମୁଁ ଯେପରି ଦେଖିପାରିବି । ଭଗବାନ ତଥାସ୍ତୁ ବୋଲି କହିବା ପରେ କହିଲେ ହଁ ତୁମେ ଦେଖିପାରିବ କିନ୍ତୁ ସବୁଜାଗାରୁ ନୁହେଁ କେବଳ ଗୋଟିଏ ଜାଗାରୁ ଦେଖିପାରିବ, ତାହାହେଉଛି ତୁମର ଦାଣ୍ଡପଟ ଘରର ସୁଉଚ୍ଚରେ ଥିବା ଝରକାଟିରୁ । ଏତକ କହିସାରିବା ପରେ ଭଗବାନ ଉଭେଇଯାଇଛନ୍ତି ।

କେତେଦିନ ଉତ୍ତାରେ ବୋହୂଟିର ଶାଶୁମା ଇହଲୀଳା ସମ୍ବରଣ କରିଛନ୍ତି । ତାହାପରେ ବୋହୂ ପୂର୍ବ ଆଶୀର୍ବାଦକଥା ମନେ ପକାଇ ଦାଣ୍ଡପଟ ସୁଉଚ୍ଚ ଝରକାଟି ପାଖରେ ନିଶୁଣୀ ପକାଇ ବାହାରକୁ ଦେଖନ୍ତେ - ତାଙ୍କ ଶାଶୁ ଗୋଟିଏ ହାତରେ ଅଣ୍ଟାପାଖରେ ଏକ ଗଣ୍ଠିଲୀଟିଏ ଧରିଛନ୍ତି ଏବଂ ମୁଣ୍ଡରେ ଏକ ଦୌଡିଆ ଖଟଟିଏ ବୋହି ଅତ୍ୟନ୍ତ ହର୍ଷଉଲ୍ଲାସର ସହିତ ଗୀତଗାଇଗାଇ ପଦ୍‌ପାତ ପୂର୍ବକ ଆଗେଇ ଚାଲୁଥାନ୍ତି । ତାଙ୍କୁ ଦେଖିବା ପରେ ବୋହୂଟି ଖୁସି ହୋଇଯାଇଛନ୍ତି । ସେଥିପାଇଁ ହିଁ ପରିବାର ତଥା ତାଙ୍କ ଗାଁର ଅନ୍ୟମାନେ ଦୁଃଖ କରୁଥିଲେ ହେଁ ସେ ନିଜେ ଏତେଟା ଦୁଃଖିତ ହେଲେ ନାହିଁ । ଏହାର ଆଉ କିଛିଦିନ ପରେ ତାଙ୍କରି ଗ୍ରାମର ଜଣେ ଅବିବାହିତ ଯୁବକ ଜଣଙ୍କ ମୃତ୍ୟୁଘଟିଛି । ଏଥର ମଧ୍ୟ ବୋହୂଜଣକ ତାଙ୍କ ଜୀବନ ସେହିପଥରେ କିପରି ଯାଉଛି ଦେଖିବାକୁ ପ୍ରୟାସ କରିଛନ୍ତି । କିନ୍ତୁ ଏ କ'ଣ ଏହାଙ୍କ ଜୀବନ ଯାତ୍ରା ତାଙ୍କ ଶାଶୁଙ୍କ ଜୀବନଯାତ୍ରାର ସମ୍ପୂର୍ଣ୍ଣ ବିପରୀତ । ତିନି ଚାରିଜଣ ଯମଦୂତ ସେହି ଯୁବକକୁ ହାତ, ଗୋଡ, ଏବଂ ଅଣ୍ଟାରେ ବାନ୍ଧି ନେବାକୁ ପ୍ରୟାସ କରୁଛନ୍ତି । କିନ୍ତୁ ତଥାପି ଯୁବକ ଜଣକ ଯିବାକୁ ମଙ୍ଗୁନି, ସେଥିପାଇଁ ତାକୁ ବେତ୍ରାଘାତ ଆଦି ଯନ୍ତ୍ରଣା ପ୍ରଦାନ କରି ବଳପୂର୍ବକ ଘୋଷାରି ନେଉଛନ୍ତି । ଏହି ଦୃଶ୍ୟ ଦେଖିବାପରେ ବୋହୂର ଦୁଇ ଆଖିରୁ ଧାରଧାର ହୋଇ ନୀର ଗଡିପଡିଛି ।

ଏହାପରେ ଜଗମାଝୀ (ଡାକୁଆ) ଦ୍ୱାର ଦ୍ୱାର ବୁଲି ଡାକିନେଇଗଲେ ଅମୁକଙ୍କ ଘରେ ଗଃଶାହାନ୍ । ଆଉ ପ୍ରତ୍ୟେକଙ୍କ ଘରୁ ପୁରୁଷ ଜଣେ ସ୍ତ୍ରୀ ଜଣେ ଶୀଘ୍ର ଯିବେ ବୋଲି । ଏହାପରେ ସେହି ବୋହୂ ଏବଂ ତାଙ୍କ ସ୍ୱାମୀ ଦୁହେଁ ମୃତ୍ୟୁବରଣ କରିଥିବା ଯୁବକଙ୍କଘରକୁ ପହଞ୍ଚିଛନ୍ତି । ଯିବା ସମୟରେ ଗାଁଦାଣ୍ଡରେ ବୋହୂଟି କାନ୍ଦିକାନ୍ଦି ସେହିଯୁବଙ୍କର ଗୁଣାବଳୀକୁ ବାହୁନୁଥାଏ । ପରେ ପହଞ୍ଚିବାପରେ ସାଙ୍ଗରେ ନେଇଯାଇଥିବା ତେଲହଳଦୀ କୁ ଶ୍ରଦ୍ଧାର ସହିତ ଯୁବଙ୍କର ମରଶରୀରରେ ଲଗାଇଦେଇଛନ୍ତି । କିଛି ଟଙ୍କା ମଧ୍ୟ ଶବ ଶେଯରେ ଗୁଞ୍ଜିଦେଇଛନ୍ତି । ଏହାପରେ ଗ୍ରାମର ଆଉ ଆଉ ଆତ୍ମୀୟ ସଜ୍ଜନମାନେ ମଧ୍ୟ ଏମିତି କରିଛନ୍ତି । ଗାଁଆଟିରେ ଯେହେତୁ ଗୋଟିଏ ବୋଲି ପୋଖରୀ ତେଣୁ ଶବ ସତ୍କାର ପରେ ଉଭୟ ପୁରୁଷ ଏବଂ ମହିଳା ସେହି ପୋଖରୀରେ ଅଲଗା ଅଲଗା ଘାଟରେ ସ୍ନାନ କରିଥାନ୍ତି । ଗାଁଟା ଯାକର ଯେତେକ ମହିଳା ସେଠାରେ ପହଞ୍ଚିଛନ୍ତି କିଛି ସମୟ ଅନ୍ତେ ସମସ୍ତେ ଶାନ୍ତ ପଡିଯାଇଛନ୍ତି କିନ୍ତୁ ଧନୀଘରର ସେହି ବୋହୂଟି ଏକୁଟିଆ ଏପର୍ଯ୍ୟନ୍ତ ମଧ୍ୟ କାନ୍ଦୁଥାଏ । ଅପର ପକ୍ଷରେ ପୁରୁଷ ତୁଠରୁ ତାଙ୍କ ସ୍ୱାମୀ ଏସବୁ ଜିନିଷ ଦେଖି ମନେମନେ କ୍ରୋଧାନ୍ୱିତ ହୋଇଯାଉଥାନ୍ତି । ପରେ ସେହିଦିନର ସମସ୍ତ କ୍ରିୟାବିଧାନ ସମାପନ ହେବାପରେ ଦୁହେଁ ସ୍ୱାମୀ ସ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପରେ ସ୍ୱାମୀଜଣକ ତାଙ୍କ ପତ୍ନୀଙ୍କୁ ଉତ୍ତ୍ୟକ୍ତ କଣ୍ଠରେ କହନ୍ତି - ସେ ତୁମର କିଏ କି ! ତା ପାଇଁ ତ ଭାରି ଜୋର୍‌ରେ କାନ୍ଦୁଥିଲ ! ତା ସହିତ ନିଶ୍ଚୟ ତୁମର ଅବୈଧ ସମ୍ପର୍କ ଥିଲା । ଆଉ ତା ହୋଇ ନ ଥିଲେ ତାଙ୍କ ଘର ଲୋକ କାନ୍ଦବନ୍ଦକରିବା ପରେ ତୁମର ଦୁଃଖ ବଳିପଡୁଥିଲା; ତାହେଲେ ମାଆ ମରିବା ଦିନ ତ ଏତେ କାନ୍ଦି ନ ଥିଲ ?

ବୋହୂ ସ୍ୱାମୀଙ୍କ ମୁହଁର ସମସ୍ତକଥା ଶୁଣିସାରିବା ପରେ କହିଲେ - ତାଙ୍କ ମାଆ ଯେଉଁଦିନ ମରିଥିଲେ ସେଦିନ ତାଙ୍କୁ ଦାଣ୍ଡପଟ ଉପର ଝରକାରୁ ଯେମିତି ଦେଖିଥିଲେ ଏବଂ ଏହି ଯୁବକଟି ମଲାବେଳକୁ ଯାହା ଦେଖିଲେ ସମସ୍ତ ବୃତ୍ତାନ୍ତ ବିସ୍ତୃତଭାବେ ବୁଝାଇ କହିଲେ । ଏହାପରେ ଅବଶ୍ୟ ସ୍ୱାମୀଙ୍କର ମନ ବୁଝିଯାଇଥିଲା ଏବଂ ସେ ଶାନ୍ତ ପଡିଲେ ।

# ହିଲିତ୍ ଆଙ୍ଗିର୍

ଖେର୍‌ୱାଲ୍ ସାଉଁତାରେ ହିଲିୟ୍ ସାଗାୟ୍‌ଦ ଆଡି ରାସାଆନ୍ ସାଗାୟ୍‌କାନା । କାରନ୍‌କ ଭିତ୍ରାଖନ୍ ଉୟ୍‌ହାର଼ଃଆ ସେଦାୟ୍‌ମା ବୀର୍‌ବୁରୁତାଲାରେ ଖେର୍‌ୱାଲ୍ କଦବନ୍ ତାହେଁଲେନା । ଅନାଚେକା କୁଲ୍‌ବାନା ସାଉଁ ତାପାମ୍ କାତେ ଆଡି ସମୟ୍‌ରେ ଅବେଲାରେ ଜୀୱୀକାତିହ଼ଁ ଅଟାଂଙ୍ଗଃ କାନ୍ ତାହେଁନ୍ । ଅନାଚେକାଗେ ପାଲେ ମାରାଂହଲ୍‌ରିନ୍ ବାହୁ ଦହରୁୱାଲ୍ ରେନାଂଦ ରାୟ୍‌କ ତଲ୍‌ଲେଦା । ଚେଦାଃ ବାଂମା କୁଳି ହପନ୍ ଆଲୟ୍ ହାଲେ ଡାଲେଃମା ମେନ୍ତେ । ଆର୍‌ମିଦ୍‌ଦ ନୱାହ଼ଁ ହୁୟ୍‌କଃଆ ଯାହାନାଃ ବୁଗିବାଲିଜ୍ କାଥା ଅଲାଃରେ ଅକୟ୍‌ଠେନ୍‌ହ଼ଁ ଲାୟ୍ ବାଂ ଗାନଃରେହ଼ଁ ହିଲିଠେନେ ଲାୟ୍‌ସେଟେର୍ ଦାଲେୟ୍ଃଆ ମେନ୍ତେ । ହିଲିଦୟ୍ ଦାୟ୍‌ସମାନ୍ ହଲ୍‌କାନ୍ ଗେୟ୍ । ତବେ ହିଲିୟ୍ ସାଗାୟ୍‌ଦ ଗାନଃ ସାଗାୟ୍‌କାନ୍ ଖାତିର୍ ତିନାଂଗାନ୍‌ହଲ୍‌ଟଂ ହିଲିକ ସାଉଁ ବାଲିଜ୍ ସାଗାୟ୍‌କ ଦହୟେଦା । ଅନାଚେକା ସାନ୍ତାଲ୍ ହପନାଃ କାହାନୀ ପାହାଲାରେହ଼ଁ ନଙ୍କାନ୍ କାଥା ଦ ଞେଲଃଗେୟ୍ ।

ହୁଡିଞ୍‌କଲା ଆଜ୍ ହିଲିସାଉଁ ବାଲିଜ୍ ସାଗାୟେ ଦହକେଦ୍‌ତେ ଅଲାଃ ଖନାଂ ଅଡକ୍ ଚାଲାଃରେନାଂ କିନ୍ ଠାଉକା କେଦା । ଅଡକ୍ ହଁକିନ୍ ଅଡକ୍ ଆକାନା କିଛୁଜିଲିଞ୍ ଚାଲାୱାକାନ୍ ଖାନ୍‌ଗେ ଆଜ୍ ଦାଦା ଖବରେ ଞାମ୍‌କେଦ୍‌ତେ ଆଦୟ୍ ପାଞ୍ଜା ଆକାଦ୍ କିନା ଆଃ-ଶାର୍-କାପି ଆନ୍ତେ । ଆଜ୍‌ଦାଦା ଞେଲ୍‌କାତେ ହିଲିତ୍ ତେଦ୍ ଏ ମେନେଃଆ ହୁଡିଞ୍‌ବାବୁ ମାସେ ଦାଦାମ୍‌ମା ଆଃ-ଶାର୍-କାପିଆନ୍ତେ ହିଜୁଃକାନ୍‌ଦ ଚେଦ୍‌ଲାଂ ଚେକାୟ୍ । ଉନ୍‌ରେ ହୁଡିଞ୍ କଲାୟ୍ ମେନେଦା ହିଲି ଗୋ ଆଲମ୍ ବତର୍ ଭାବନାଃ ଆ ନୱା ଖାତିର୍‌ଦ । ଶାର୍‌ହିଲି ହିଜୁଃରେଦ କଲାମିଞ୍ ଅଡାୱା, କାପିହିଜୁଃରେଦ ହଟଃଇଞ୍ ଦେଖାୱା । ଏନ୍‌ରେହ଼ଁ ଆମ୍‌ବେଗର୍ ଅହଞ୍ ବାଞ୍ଚାଙ୍କ କଃଆ । ଖାନ୍‌ଗେ ହିଲିତ୍‌ତେଦ୍ ଆଡି ମୁସ୍କିଲ୍‌ରେ ଞୁରେନା । ବୟ୍‌ହା ବୟ୍‌ହା ଲାଡାୟ୍ ଆଜ୍ ଖାତିର୍ ଆଲହୁୟ୍ଃରେନାଂ ମନେ ମନେତେୟ୍ ଠାଉକା କେଦା । ଅନାଚେକା ଜଖନ୍ ଦାଦାତ୍‌ତେଦ୍ ଏ ସେଟେରେନା

ହୁଡିଞ୍ଜ୍ ବାବୁୟ୍ ମେତାୟ୍ କାନା ଆମ୍ଦ ଦେ ସାହାଲେନ୍ମେ ଇଞ୍ଜ୍ଗେ ଦାଦାମ୍ ସାଉଁଦୁଞ୍ଜ୍ ରପଲା । ନଙ୍କା ତାୟ୍ନମ୍ ଖାନ୍ଗେ ହିଲିତେଦ୍ ମାରାଂକଲାୟ୍ ମେତାୟ୍ କାନା ଜୀତା ! ବାଳିକ୍ମାଲିଞ୍ଜ୍ ବାଳିକ୍ ଆକାଦ୍ଗେ ଆଲିଞ୍ଜ୍ ବାନାହଲାଃଗେ ଦୋଷ୍ଦ, ତବେ ବକମ୍ ଚେତାନ୍ ଉୟୁଃ କାପିଦ ଇଞ୍ଜ୍ଠେନ୍ଗେ ଞୁର୍ମେ । ଚେନ୍ଦାଃ ବାଂମା ଇଞ୍ଜାଦୁଞ୍ଜ ଗଜ୍ଲେନ୍ରେ ଇଞ୍ଜ୍ବାରାବାରି ହଲ୍ଦ ଦିଶମ୍ରେ ସଙ୍ଗେଗେମ୍ ଞାମ୍କେକଆ, ତବେ ବକମେ ଗଜ୍ଲେନ୍ରେଦ ଦିଶମ୍ ଦିଶମ୍ ଏମ୍ ଦାଣାନ୍ରେହଁ ବକମ୍ ସମାନ୍ ହଲ୍ଦ ଅହଗେମ୍ ଞାମ୍କେକଆ । ଖାନ୍ଗେ ଦାଦାଦ୍ତେଦାଃ ଉୟୁଃକାପି ଆଣ୍ଗ ରୁଙ୍ଗାଲେନା । ଇନା ତାୟ୍ନମ୍ ଉନିକଲାୟ୍ ମେନେଦା ତବେ ଆମ୍ରେହଁଞ୍ଜ୍ ଗଜ୍ମେୟା । ଖାନ୍ଗେ କୁଲି ରାଃମେଦ୍ହାହାନ୍ତେ ମେନେଦା ଗଜମାମ୍ ଗଜିଞ୍ଜ୍ଗେୟା ତବେ ଅନାମାଣାଂରେ ମିଦ୍କାଥା ଆଁଜମ୍ ଲେମ୍ । ଆମ୍ ତି ରିନିକ୍ ବାଲକ୍ ହଲ୍ମରେ ମେନାୟା ମା ଆଦ ଅକାହଟଃରେ କାପିମ୍ ଞୁରେଃଆ ଞୁର୍ମେ । ନଙ୍କା ତାୟ୍ନମ୍ ଉନିକଲାଦ ଆଜ୍ବାହୁହଁ ବାୟ୍ ଗଜ୍ ଲେଦେୟା ଆରେ ଆଗୁ ରୁଙ୍ଗାଲ୍ କେଦ୍କିନା ।

ସୂତ୍ର - ମିର୍ଜା ବାସ୍କେ (୫୦)ଗ୍ରାମ - କେନ୍ଦୁଆ ଜିଲ୍ଲା - ମୟୂରଭଞ୍ଜ (ଓଡ଼ିଶା)ଶୁଣିବା ସ୍ଥାନ - ପଟ୍ରାସେନ୍ଦ୍ରା (ପଟ୍ରାଶିକାର)ଗ୍ରାମ - କାଶିଆବେଡା ଜିଲ୍ଲା - ପୂର୍ବ ସିଂହଭୂମି (ଝାଡ଼ଖଣ୍ଡ)

ସଂଗ୍ରାହକ - ଶ୍ରୀ ନାକୁ ହାଁସ୍ଦାଃ (ଗବେଷକ)

## ଲୋକକଥା - ୧୦

# ହିଲିତ୍ ଆଙ୍ଗିର୍ (ଭାଉଜ ହରଣ)

### ଓଡିଆ ଅନୁବାଦ

ଖେରୱାଲ୍ ସମାଜରେ ଭାଉଜ ଦିଅର ସର୍କ ଏକ ରସାଳ ସମ୍ପର୍କ। ଏହି ସମ୍ପର୍କ ପୂର୍ବଜମାନେ କେତେଗୁଡିଏ କାରଣ ସକାଶେ ସୃଷ୍ଟି କରିଯାଇଥିବା ଅନୁମାନ କରାଯାଇପାରେ । ଏଗୁଡିକ ମଧ୍ୟରୁ ପ୍ରଥମତଃ ପ୍ରାଚୀନଯୁଗରେ ଘୋର ବନାନୀ ମଧ୍ୟରେ ଖେର୍ୱାଲ୍ ବଂଶଧରମାନେ ବସବାସ କରୁଥିଲେ । ଏଥିପାଇଁ ହିଁ ଅନେକ

ସମୟରେ ଜଙ୍ଗଲର ବ୍ୟାଘ୍ର ଭାଲୁ ଆଦି ହିଂସ୍ରଜନ୍ତୁଙ୍କ ସହ ଲଢି ଏମାନଙ୍କର ଅକାଳ ବିୟୋଗ ଘଟୁଥିଲା । ବୋଧହୁଏ ଏଥିପାଇଁ ହିଁ ବଡଭାଇଙ୍କ ପତ୍ନୀଙ୍କୁ ସାନଭାଇମାନେ ପୁନଃବିବାହ କରିପାରିବେ ବୋଲି ନୀତି ନିର୍ଦ୍ଧାରଣ କରାଯାଇଥିଲା । ଏହାଦ୍ୱାରା ଅଳ୍ପ ବୟସରେ ବିଧବା ହୋଇଯାଇଥିବା ଝିଅଟିର ଭବିଷ୍ୟତ ସୁରକ୍ଷିତହୋଇ ପାରୁଥିଲା । ସେହିପରି ଅନ୍ୟଏକ କାରଣହେଲା - କେତେଗୁଡିଏ ଗୋପନୀୟକଥା ପରିବାରର ସମସ୍ତ ସଦସ୍ୟଙ୍କୁ କୁହାଯାଇ ପାରୁ ନ ଥିବା ସ୍ଥଳେ ତାହା ଭାଉଜଙ୍କୁ କୁହାଯାଇପାରିବ । ପ୍ରକୃତ ପକ୍ଷେ ଭାଉଜ ହେଉଛନ୍ତି ବଡଭଉଣୀ ପରିକା । ତେବେ ଭାଉଜ ସମ୍ପର୍କ ଏକ ଚଳନୀୟ ସମ୍ପର୍କ ହୋଇଥିବା ହେତୁ କେତେକ ଲୋକ ତାଙ୍କ ସହିତ ଥଟ୍ଟା ତାମସା କରୁକରୁ ଖରାପ ସମ୍ପର୍କ ମଧ୍ୟ ରଖିଥାନ୍ତି । ଏଥି ପାଇଁ ହିଁ ସାନ୍ତାଳମାନଙ୍କ ଲୋକକାହାଣୀରେ ଏହି ଧରଣର କାହାଣୀମାନ ଦୃଷ୍ଟିଗୋଚର ହୋଇଥାଏ ।

ସାନଭାଇ ତା ଭାଉଜଙ୍କ ପ୍ରେମରେ ପଡି ପରେ ତାହା ଶାରିରୀକ ସମ୍ପର୍କରେ ରୂପାନ୍ତରିତ ହୋଇ ସେମାନେ ଘରୁ ପଳାୟନ କରିବାର ନିଷ୍ପତ୍ତି ନେଇଛନ୍ତି । ଘରୁ ସେମାନେ ବାହାରି ଯାଇଛନ୍ତି, କିଛିବାଟ ଯାଇଛନ୍ତି କି ନାହିଁ ଏହି ଖବର ବଡଭାଇଙ୍କ କାନକୁ ଯାଇଛି ଏବଂ ହାତରେ ଧନୁଶର ଓ ଫାର୍ସାଧରି ପଶ୍ଚାଦ୍‌ନୁସରଣ କରିଛନ୍ତି । ନିଜ ସ୍ୱାମୀଙ୍କୁ ସଶସ୍ତ୍ର ଆସୁଥିବାର ଦେଖି ଭାଉଜ ଦେବରକୁ କହିଛନ୍ତି ବାବୁ ! ତମ ଭାଇ ହାତରେ ଅସ୍ତ୍ରଧରି ପହଞ୍ଚିଲେଣି ଏଣିକି ଆମେ କ'ଣ କରିବା । ଏହି ଅବସରରେ ଦେବର ଭାଉଜଙ୍କୁ କହିଛନ୍ତି ତମର ଚିନ୍ତା କରିବାର ଆବଶ୍ୟକତା ନାହିଁ; ତୁମେ କୌଣସି ପ୍ରକାର ଭୟକରିବା ଦରକାର ନାହିଁ । ଯଦି ଭାଇ ତୀର ମାରିବେ ମୁଁ ବକ୍ଷ ଦେଖାଇଦେବି, ଯଦି ସେ ଫାର୍ସା ଉଠାନ୍ତି ମୋ ବେକ ଦେଖାଇଦେବି ସିନା କିନ୍ତୁ ତମକୁ ଛାଡି ବଞ୍ଚି ପାରିବି ନାହିଁ । ଏହି ସବୁ କଥା ଶୁଣିବା ପରେ ଭାଉଜ ଧର୍ମ ସଙ୍କଟରେ ପଡିଯାଇଛନ୍ତି ମନେମନେ ସେ ସ୍ଥିର କରିନେଲେ ତାଙ୍କ ସକାଶେ ଭାଇ ଭାଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେବା କେବେହେଲେ ମଧ୍ୟ ଠିକ୍ ହୋଇ ନ ପାରେ । ସେଥିପାଇଁ ହିଁ ଯେତେବେଳେ ବଡଭାଇ ଆସି ପହଞ୍ଚି ଯାଇଛନ୍ତି, ସେ ଦେବରକୁ ପଛକୁ ହଟିବାପାଇଁ କହିଛନ୍ତି ଏବଂ ନିଜେ ସେ ସ୍ୱାମୀଙ୍କ ସହିତ କଥାବାର୍ତ୍ତା କରିବେ । ତାହାପରେ ସେ କହିବାକୁ ଆରମ୍ଭ କରିଛନ୍ତି ସ୍ୱାମୀ ! ଭୁଲ୍ ନିଶ୍ଚୟ ହୋଇଯାଇଛି, ଅବଶ୍ୟ ଏଥି ସକାଶେ ଆମ୍ଭେ ଦୁହେଁ ଅପରାଧି କିନ୍ତୁ ତୁମକୁ

ମୋ ଅନୁରୋଧ ତୁମେ ଉତ୍ତୋଳନ କରିଥିବା ଫାର୍ସା ତୁମ ଭାଇବେକରେ ନ ପକାଇ ମୋବେକରେ ପକାଇବ । କାରଣ ମୁଁ ମରିଗଲେ ତମର କିଛି ଫରକ୍ ପଡିବ ନାହିଁ । କାଲି ପୁଣି ମୋ ତୁଲ୍ୟ ଭାରିଯା ତୁମକୁ ବହୁତ ମିଳିବେ କିନ୍ତୁ ଭାଇଙ୍କୁ ହରାଇବା ପରେ ଦେଶସାରା ବୁଲିଲେ ମଧ୍ୟ ତୁମକୁ ଆଉ ଭାଇ ମିଳିବ ନାହିଁ । ଏହି ପଦକ କଥାରେ ବଡଭାଇ ଉଠାଇଥିବା ଫାର୍ସା ତଳକୁ ଖସିଆସିଛି । ଏହାପରେ ବଡଭାଇ (ସ୍ୱାମୀ) କହିଛନ୍ତି ଠିକ୍ ଅଛି ତାହେଲେ ତୁମକୁ ହେଲେ ମଧ୍ୟ ମୁଁ ମାରିବି । ତାଙ୍କ ଏହି କଥା ସରିଛିକି ନାହିଁ ରମଣୀଜଣକ କ୍ରନ୍ଦନରତା ହୋଇ କହିଛନ୍ତି, ମୋତେ ତ ନିଶ୍ଚୟ ମାରିବ ହେଲେ ମୁଁ ମରିବା ଆଗରୁ ଗୋଟିଏ କଥା କହିଦେଉଛି ଟିକିଏ ଶୁଣିବ । ତମ ଔରସର ଏକ ସନ୍ତାନକୁ ମୁଁ ଧାରଣକରିଛି ଏଣିକି ତମେ ନିଷ୍ପତ୍ତି କରିବ କେଉଁ ବେକରେ ତୁମେ ଫାର୍ସା ପକାଇବ । ଏହାପରେ ବଡଭାଇ ତାଙ୍କ ପତ୍ନୀଙ୍କୁ ମଧ୍ୟ ହତ୍ୟା କରି ନାହାନ୍ତି ଏବଂ ସେ ଦୁହିଁଙ୍କୁ ପୁନର୍ବାର ଫେରାଇ ଆଣିଛନ୍ତି ।

## ଲୋକକଥା - ୧୧

# ରାଂକିନୀ ଆୟ

ସତ୍‌ଯୁଗ୍‌ରେନାଂ କାଥା ବାବା ଭୈରବ୍‌ଠାକୁର୍ ଆର୍ ରାଂକିନୀ ଆୟ୍‌ଦ ସିଲ୍‌ଦା ଦିଶମ୍‌ରେନାଂ ପାଟାବିନ୍ଧା ଟାଣ୍ଡିରେକିନ୍ ତାହେଁକାନା । ଭୈରବ୍‌ଠାକୁର୍‌ଦ ମାନ୍‌ମୀହପନ୍‌କ ଅକାଲେକାତେ ବୁଗିରେକ ତାହେଁନା ଅନ୍‌କା ଲେକାୟ୍ କାମୀକାନ୍ ତାହେଁନ୍ ତବେ ଆଜ୍‌ବୁଡୀଦ ଉର୍କୁଉକୁତେ ଉନ୍‌କୁ ମାନ୍‌ମୀକଗେ ଜମେଦ୍ କ ତାହେଁନ୍ । ଦିନ୍ ଦିନ୍‌ତେ ନଙ୍ଗାକାଥାଦ ହାଣାମାଃ ଲୁତୁର୍‌ତେ ସେଟେରେନା ଆର୍ ଆଡିତେଦ୍ ଏ ଏଦ୍ରେୟେନ୍‌ତେ ରାଂକିନୀ ଆୟ୍‌ଦୟ୍ ଲାଗାକେଦେୟା ସିଲ୍‌ଦା ଦିଶମ୍‌ଖନାଂ ବାର୍‌ହେତେ । ଆଦ ଏନ୍‌ଖାନ୍ ବୁଡୀଦ ଚାଲାଙ୍କାତେ ଡେରାୟେନାୟ୍ ଘାଟ୍‌ଶିଲା ଜୁତୁମାନ୍ ମିଦ୍‌ଜାଗାରେ । ଅନ୍‌କାତେ ନଣ୍ଡେହଁ ଆଉଲିଗେ ହଲ୍‌କୟ୍ ଜମ୍‌କେଦ୍‌କଙ୍ଗା । ଇନାଂଖାନ୍ ଅନାଦିଶମ୍ ହଲ୍ ଜାରଙ୍ଗାକାତେ ରାଂକିନୀବୁଡୀକ ମେତାୟ୍ କାନା - ଆୟ୍ ! ନଙ୍ଗା ଖାଦାବାଦା ଆଲମ୍ ଜମ୍‌ଲେୟା ବାଂଖାନ୍ ନଙ୍ଗା ତେଦମ୍ ଜମ୍ ମୁଚାଦ୍ ଉତାର୍ ଲେୟା । ଆଲେତେଗେ ଦିନ୍ ମିଦ୍‌ହଲାତେଲେ ହିଜୁଃଆ ଆମ୍‌ଠେନ୍ ଆର୍ ମିଃଦିନ୍‌ରେ ମିଦ୍‌ହଲ୍‌ଗେ

ଜମ୍‌ଲେମ୍ । ଆଦ ଏନ୍‌ଖାନ୍ ଆଜ୍‌ହଁୟ୍ ଉୟ୍‌ହାର୍‌ବାଲାକେଦା ମାନ୍‌ମୀକ ଯାହାଁକ ମେନେଃଆ ଠିକାଃଗେକ ମେନେଃଆ । ଆର୍ ଆକତେକ ହିଜୁଃରେଦ ଆଜ୍‌ହଁ ଆଦ ଦାଣାନ୍ ବାୟ୍ ପାଳାଙ୍ଗାୟ୍ । ଅନାଚେକା ଦିଶମ୍‌ହଲ୍ କଙ୍ଗାଃ କାଥାରେ ରାଂଙ୍କିନୀ ଆୟୃଦୟ୍ ରେବେନେନା, ମେତାଦ୍ କଙ୍ଗାୟ୍ ଯୁଦି ଆପେତେପେ ହିଜୁଃରେଦ ମିଦ୍‌ହଲାତେଗିଞ୍ ଜମ୍‌ପେୟ୍ ତବେ ବାଂପେ ହେଜ୍ ଆକାନ୍ ଖାନ୍ ମିଃଦିନ୍‌ରେ ଆଡିଆଉଲି ହଲିଞ୍ ଜମ୍‌ପେୟ୍ । ନଙ୍ଗା କାଥାରେ ଦିଶମ୍‌ହଲ୍ ହଁକ ରେବେନେନା ଆର୍ ପାଲିକାତେ ଦିନ୍ ମିମିଦ୍‌ହଲ୍‌କ ସେଟେରେନା । ତେହେଞ୍ ମିଦ୍ ଅଲାଃଖନ୍ ଖାନ୍ ଗାପା ଆର୍‌ମିଦ୍ ଅଲାଃଖନ୍ ।

ଅନ୍‌କାତେ ଆଡିଦିନ୍ ପାରମେନା ମିଃଦିନ୍‌ଦ ମିଦ୍ ଆଠ୍‌କୁଲା ହାଣାମ୍‌ବୁଡୀୟ୍ଃ ପାଲି ସେଟେରାକାନା । ଅନାଚେକା ମାଣାଂହିଲଃ ଆୟୁବ୍‌ବେଲା ହାଣାମ୍ ବୁଡୀକିନ୍ ଗାପାଲ୍‌ମାରାଙ୍ଗଃ କାନା ଗାପାସେତାଃଦ ଅକୟ୍‌କିନ୍ ଚାଲାଃଆମେନ୍ତେ । ଲାହାତେ ହାଣାମେ ମେନ୍‌କେଦା ଇଞ୍‌ଗେ ଗାପାଦୁଞ୍ ଚାଲାଃଆ ଚେଦାଃବାଂମା ଇଞ୍ ଏକ୍‌ଲାଞ୍ ତାହେଁଲେନ୍‌ଖାନ୍ ଇସିନ୍‌ବାସାଂ ଜତଙ୍ଗାଃରେନାଂ ଆଡିତେଦ୍ ଇଞ୍ ମୁସ୍କିଲଃଆ । ଅନାଚେକା ଇଞ୍‌ଗେ ଜମ୍‌ଅଚଃଇଞ୍ ଚାଲାଃଆ । ବୁଡୀତେଦ୍ ଏ ମେନେଦା ବାଆା ହାଣାମ୍ ଆମ୍ ଚାଲାଃଦ ବାୟ୍‌ଠିକଃଆ ଇଞ୍‌ଗିଞ୍ ଚାଲାଃଆ । ଚେଦାଃ ବାଂମା ଇଞୀଞ୍ ଚାଲାଙ୍ଗଲେନ୍ ରେଦ ଇଞ୍‌ବାରାବାରୀ ହଲ୍ ସଙ୍ଗେଗେ ଆମ୍‌ଦମ୍ ଆଗୁକେକଙ୍ଗା । ନୁକିନାଃ ନଙ୍ଗା ଗାପାଲ୍‌ମାରାଙ୍ଗ ତାଲାରେ ଆକିନ୍ ଅଲାଃରେ ତାହେଁକାନେ ମିଦ୍ ବାଗାଲ୍‌ଜାତ୍‌ରିନିଜ୍ ଗୁଡିକଲାୟ୍ ମେନ୍‌ଗଦ୍‌କେଦା ଆବିନାଃଦ ଅକୟ୍ଃହଁ ଚାଲାଃ ବାଂହୁୟୁଃଆ । ଆବିନ୍ ଅଲାଃରେ ଇଞ୍ ଗୁଡି ମିନାଞ୍ଚା ଇଞ୍‌ଗିଞ୍ ଚାଲାଃଆ । ଚେଦାଃ ବାଂଚେ କିଷାଣାଃ ଜତଲେକାନାଃ କାମୀରେ ଗୁଡିକଙ୍ଗାଃଦ ଗଲଲାକ୍ତିଃ କାନା । ଅନ୍‌କାତେ ହାଣାମ୍‌ବୁଡୀହଁ ଉନିଗୁଡିକଲାହାଃ କାଥାଗେକିନ୍ ସାରିୟାଦା । ଆଦକିନ୍ ମେତାୟ୍‌କାନା ହୟ୍ ତବେବାବୁ ଗାପାସେତାଃରେ ଆମ୍‌ଗେ ଚାଲାଃମେ ତାବନ୍ ।

ଦସାର୍ ହିଲଃ ଆଙ୍ଗାମାର୍‌ସାଲେନା ଗୁଡିକଲାହାଃ ସାଜାଙ୍ଗ ସାପ୍ଲାଉତେ କାଟିଜ୍ ବେଳାଦ ପଲମ୍‌ଇଦିୟେନ୍ ଗେୟ୍ । ଅନାଚେକା କାଟିଜ୍ ବିଲମାତେ

ବାଗାଲ୍‌ଗୁଟିଦ ରାଂକିନୀ ଆୟ୍‌ଠେନେ ଚାଲାଙ୍କେନା । ଇନାଃତେଦ ବୁଡୀ ରେଙ୍ଗେଜ୍‌ତେ ଉଟ୍‌ପୁଟାଉ ଚାବାହାକାନା । ଅନାଚେକା ଗୁଟିକଲା ଆଉରୀ ସେଟେରଃଖନାଂଗେ ମେନେଦା ନୁନାଂ ଘାଲିକ୍ ଚେଦ୍‌ଏମ୍ ଚେକୋୟେଦ୍ ତାହେଁନ୍ ବାଡାୟମ୍ ଇଞ୍ଜ୍ ତିନାଂ ରେଙ୍ଗେଜ୍ ଆକାଦିଞ୍ଜା । ଆର୍ ମିଦ୍ ଘାଲିକେମ୍ ବିଲମ୍ କଃଖାନ୍ ହୁନାଂ ନଙ୍କା ଦିଶମ୍‌ରିନ୍ ସାନାମ୍ ମାନଙ୍କାଗେ ତେହେଞ୍ଜ୍‌ଦୁଞ୍ଜ୍ ଜମ୍ ଚାବାକେପେୟା । ଆଦ ଇନାଂ ଖାନ୍ ଗୁଟି କଲାୟ୍ ମେନେଦା ଆୟ୍ ଜମ୍‌ମାମ୍ ଜୁମିଞ୍ଜ୍‌ଗେୟା, ତବେ ଅନା ମାଣାଂରେ ଇଞ୍ଜାଃ ମିଦ୍‌ଟାଂ ସତ୍‌ମେନାଃଆ । ଇନାଂଖାନ୍ ରାଂକିନୀବୁଡୀ ଗାର୍ଜାଙ୍କ କାଡେ ମେନେଦା, ଚେଦ୍ ସତ୍‌ତାମ୍ ଲଗନ୍ ଲାୟ୍‌ମେ । ନଙ୍କାତାୟ୍‌ନମ୍ ଖାନ୍ ଗୁଟି କଲାୟ୍ ମେନ୍‌କେଦା କାଥାଦ ନଙ୍କାଗେ - ରାବ୍ଲାଞ୍ଜ୍ ଆଗୁତାରା ହାକାଦା ଅନାଗେ ବାରାବାରିତେ ଭାଗ୍‌କାତେବାନାହଲ୍‌ଲାଂ ଜମ୍‌ହେପ୍ରାଙ୍କଃଆ ଯାହାଁୟେ ହାରାଅଙ୍କା ଉନିଦ ନଙ୍କାଦିଶମ୍ ଖନାଂ ଚାଲାଃ ହୁୟୁଃତାୟା । ତବେ ଜମ୍‌ମାଣାଂରେ ବାନାହଲ୍‌ଲାଂ ଦାତାଙ୍କନି ଫୁର୍‌ଚାବାଲାଲେନ୍‌ଗେ । ଆଦ ଗୁଟିକଲା ବାର୍‌ୟା ଦାତାନି ଅଡକ୍‌କେଦ୍‌ତେ ମିଦଟାଂଦ ଆଜ୍‌ଏ ଦହଆନା ଯାହାଁ ତିରିଲ୍‌ଦାରେନାଂ କାନା । ଆର୍ ମିଦ୍‌ଟାଂ ଅନ୍‌କାଲେକାନାଃ ମିଦ୍ ମେଣ୍‌ହେଦ୍ ଦାତାଙ୍କନି ଅଡକ୍‌କେଦ୍‌ତେ ଅନାଦ ରାଂକିନୀବୁଡୀ ଏମାଦେୟା । ଆଦ ଗୁଟିକଲାଦ ଲଗନ୍‌ସାହିଁଜ୍‌ଏ ଗେର୍‌ପଶାଃ କେଦ୍‌ତେ ନାପାୟ୍ ଚେର୍‌ହାୟ୍ ଦାତାଉନି ବାଲାଏନା, ତବେ ରାଂକିନୀଆୟ୍‌ମା ତଗକ୍‌ଗେ ବାୟ୍‌ତଗଜ୍ ଦାଲେୟାଦା ଖାଲି ମଚାକୟ୍ ମାୟାଂ ଚାବାୟେନା । ଆଦ ଅନ୍‌କାଗେ ଖାଲିଗେ ମଚାରେ ହାନ୍ତେନାତେ ବାଲାକାତେ ଚାପାଦ୍ ଗିଡିକାଦା ।

ନଙ୍କାତାୟ୍‌ନମ୍ ଖାନ୍ ବାଗାଲଗୁଟିଦ ରାମ୍‌ବ୍ଲାୟ୍ ଅଡକ୍‌କେଦ୍‌ତେ ମିଦ୍‌ଆଁଜ୍‌ଲେଦ ଆଜ୍‌ଏ ଦହଆନା ଯାହାଁ ସାରିରାମ୍‌ବ୍ଲା ତାହେଁକାନା ଆର୍ ମିଦ୍ ଆଁଜ୍‌ଲେଦ ଆୟ୍‌ୟ୍ ଏମାଦ୍‌ଦେୟା ଯାହାଁ ମେଣ୍‌ହେଦ୍ ରାମ୍‌ବ୍ଲା ତାହେଁକାନା । ତବେ ମେଣ୍‌ହେଦ୍ ଆର ସାରିରାମ୍‌ବ୍ଲା ବାନାର୍‌ରେନାଂ ରଂ ମିଦ୍‌ଗେ ଖାତିର୍ ରାଂକିନୀ ଆୟ୍‌ଦ ବାୟ୍‌ଠିକାଦାଲେ ୟାଦା । ତାୟ୍‌ନମ୍ ବାନାହଲ୍ ହରବରକିନ୍ ଜମେଦା । ଗୁଟିକଲାଦ ରାମ୍‌ବ୍ଲାକାନ୍ ଇୟାତେ ଆଡି ଲଗନେ ଜମ୍‌ଚାବା ଇଦିଗଦେଦ୍‌ଆ ତବେ ରାଂକିନୀମା ମେଲ୍‌ହେଦ୍ କାନ୍ ଖାତିର୍ ମିଦ୍‌ତାପାଃ ଯାହାଁ ମଚାରେ ସାମ୍ବାଙ୍କ ଆକାଦା ଅନାଗେ ଚାବାଗେ ବାୟ୍ ଚାବା ଦାଲେୟାଃ କାନା ବାଂ ଉତାର୍ ବାଂ ଏ ତଗଜ୍ ଦାଲେୟାଃକାନା । ତାୟ୍‌ନମ୍ ଗୁଟିକଲାୟେମନେ ଜମ୍‌ହୁୟେଃଆ ମେନ୍ତେ ରାଂକିନୀୟ୍ ଞେଲ୍‌କେଦେୟା

ଆଡିହରବରୟ୍ ଦାଲ୍ଆକାଦା । ଖାନ୍ଗେ ଗୁଡିକଲାଦ ହାପାଗଃ କାତେ ଆଡି ଲାଗାୟ୍ ଲାଗାକେଦେୟ୍ଯ ଅନ୍କାତେ ଗଟା ଦିଶମ୍କିନ୍ ଦାଲ୍ ଆଟୁରେନା ସେଟେରେନାକିନ୍ ନିତଂକ ମେତାଃକାନ୍ କାପଲ୍ଗାଦି ଗାଡା ଘାଟ୍ତେ, ଯାହାଁରେ ଧୁବୀ ଲୁଗ୍ଲି ସଃବଦ୍ କାନ୍ ତାହେଁନ୍ । ରାଂକିନୀ ବୁଢୀଦ ସଙ୍ଗେ ଚାଲାଙ୍କେନ୍ତେ ଧୁବୀଜାରଙ୍ଗା ଆକାଦ୍ ଲୁଗ୍ଲିଗାଦ୍ରେ ବଲ ଉକୁୟେନା । ଅନାତାୟନମ୍ ତାୟନମ୍ତେ କୁଦାଙ୍ଗାକାଦେ ଗୁଡିକଲାହଁ ହାପାଗଃକାତେ ସେଟେରାକାନା ତବେ ହାନ୍ତେନାତେ କୟଃବାଲାୟେଦ୍ ଅକାସେଦ୍ରେହଁଗେ ଆୟମାବାୟ୍ ଞେଲ୍ତିୟୁଃ ଲେଦେୟ୍ଯ । ଇନାଖାନ୍ ଧୁବୀଗେ କୁଲି କେଦେୟ୍ଯ "ଆମି ମାଆକେ ହାରାୟ୍ଛେ, ତରା ଦେଖିଛ" ମେନ୍ତେ । ତବେ ଆଜ୍ଠେନ୍ଗେ ଅନାଲୁଗ୍ଲି ଗାଦ୍ରେଗେ ଉକୁଆକାନା ମେନ୍ତେମା ବତର୍ତେ ବାୟ୍ଲାୟ୍ ଦାଲେୟ୍ଯଃକାନା । ଆଦ ସୁଜ୍ ସୁଜ୍ଆତେ ସଃବଦ୍ ଏ ଛୁଟାଉ ଆକାନା ମନେଦ ସୁଜ୍ଶବ୍ଦ ତେଗେ ହାଁଃ ଏ ଠାରାୟ୍କାନା । ତବେ ବାଗାଲ୍ଦ ଧୁବୀୟଃ ଠାର୍ ବାୟ୍ ବୁଝାଉଦାଲେୟ୍ଯଦ୍ ଖାତିର୍ ଅଡେଖିନାଂଗେ ରୁଙ୍ଗାଲେନାୟ୍ । ତାୟନମ୍ ରାଂକିନୀ ଆୟଦ ଲୁଗ୍ଲିଗାଦ୍ ଖନାଂ ଅଡକ୍କାତେ ଧୁବୀ ଆଡିଜ୍ଏ ସାହାରାଓ କେଦେୟ୍ଯ ବାୟ୍ ଲାୟ୍ଅଡକ୍ ଲେଦେ ଖାତିର୍ । ଆରେ ଆଶିଶାଦେୟ୍ଯ ତେହେଞ୍ ଖନାଂଦ ଆମ୍ଦ ନଙ୍ଗା ଦିଶମ୍ରିନିଞ୍ ରାଜାମ୍ ହୁୟୁଃଆ ନଙ୍ଗା ଦିଶମ୍ହଁ ଆମାଃ ପାରିସ୍ ଲେକାତେ ଧାଲ୍ଦିଶମ୍ ମେନ୍ତେଞ୍ ଞୁତୁମେଦା । ଉନ୍ଝଃ ଖନାଂଗେ ନିତଂ ଧାବିଜ୍ ରେହଁଗେ ଧୁବୀଦ ଲୁଗ୍ଲିକ ଶବଦ୍ଝଃଦ ସି-ସି-କ ସାଡେଅଚୟ୍ଯ । ଆର୍ ଧାଲ୍ ଦିଶମ୍ରେହଁ ଆକଗେ ରାଜ୍କ ତାହେଁଲେନା । ରାଜ୍ଗାଲ୍ଦ ତାକ ଧଲ୍ଭୁମ୍ଗାଲ୍ରେ ତାହେଁକାନା । ତବେ ନିତଂଦ ରାଜ୍ରାପାଜ୍କଃଆ ଶାସନ ଚାବାହାକାନ୍ ଖାତିର୍ ରାଜ୍ଦ ବାନୁଃକଙ୍ଗା । ଏନ୍ରେହଁଗେ ଝାଡଖାଣ୍ଡ୍ ରାଜ୍ରେନାଂ ସିଂହଭୂମ୍ ଜିଲ୍ଲାରେନାଂ ମିଦ୍ ସବ୍ଡିଭିଜନ୍ ରେନାଂ ଞୁତୁମ୍ ଧଲ୍ଭୂମ୍ଗେ ମେନାଃ ଆକାଦା ।

ଅନ୍କା ଲେକାଗେ ଯାହାଁଜାଗାରେ ଧୁବୀ ଲୁଗ୍ଲି ଗାଦ୍କାତେ ସଃବନ୍ କାନ୍ ତାହେଁନ୍, ଅନାଦ କାଥା ତାହେଁନ୍ଲେକା ହିସାବ୍ ଆୟ୍ଆଃ ଆଶିଷ୍ତେଗେ ପାଷାନ୍ଲେନା ନଙ୍ଗାଦ ନିତଂ ଧାବିଜ୍ହଁ ଅନ୍କାଗେ ମେନାଃ ଗେୟ୍ଯ । ନଙ୍ଗାଗେକ ମେତାଃକାନା "କାପଲ୍ଗାଦି" ମେନ୍ତେ ନାହାଃଦରାଂକିନୀ ଆୟ୍ ଞୁତୁମ୍ତେ ମିଦ୍ ମାରାଂଅଜଦ୍ ମନ୍ଦିର୍ହଁକ ବେନାଙ୍ଗାକାଦା ଆର୍ ଦିନାମ୍ଗେ ହାଜାର୍ହାଜାର୍ ହଲ୍

ହେକ୍କାତେକ ଅତାତାବେରଃ କାନା । ନିତଂଦ ନଙ୍ଗାବୁରୁଘାଟିହଁ କାପଲ୍ଗାଢ଼ି ଘାଟିମେନ୍ତେଗେକ ମେତାଃକାନା । ଆଦ ଆୟ୍‌ଦ ହଲ୍‌ଜମେ ବାଗି ଉତାର୍‌କେଦା ଉନ୍‌ଖନାଂଗେ । ନିତଂଦ ଶିମ୍, ମେରମ୍, ଭିଡ଼ି, ଆର୍ ଗେଡେ ମାୟ୍‌ତେଗେୟ୍ ମାନାଙ୍କ ବାତାଙ୍କଃ କାନା । ନଣ୍ଡେଦ ଯାଙ୍କ ସେଦାୟ୍‌ଦ ସାନ୍ତାଲ୍‌କ ମାଦ୍‌ରିନ୍ ହାଁସ୍‌ଦାଃ ହଲ୍‌କକ ସେବା ଦେବାୟେଦ୍ ତାହେଁକାନା । ତବେଁ ନିତଂଦ ମନ୍ଦିର୍‌ରେଦ ଭାବ୍‌ଣେକ ବଙ୍ଗାବୁରୁୟେଦା । ହାଁସ୍‌ଦାଃହଲ୍‌କଦ ଅଣ୍ଡେଖନାଂ ଏଟାଃ ସେଦ୍‌ରେ ବଛର୍‌ଦିନ୍‌ରେ ମିଃଦିନ୍‌କ ବଙ୍ଗାବୁରୁୟେଦା ।

ଆୟ୍‌ୟ୍ କୁଦାଙ୍କ ଆଦ୍ ଲେଦେ ଖାଟିର୍ ତେଗେ ଉନ୍‌ଖନାଂଗେ ବାଗାଲ୍‌ଜାତିଦ "ମା-ହାରା" ମେନ୍ତେହେକ ଝୁମ୍‌କେଦ୍‌କଙ୍କା ।

ସୂତ୍ର - ଶ୍ରୀ କାହ୍ନୁ ହେମ୍ବ୍ରମ୍ (୫୫)

ଗ୍ରାମ - ରଘୁନାଥପୁର୍

ଥାନା ଚାକୁଲିଆ

ଜିଲ୍ଲା - ପୂର୍ବ ସିଂହଭୂମି (ଝାଡଖଣ୍ଡ)

ଶୁଣିବା ସ୍ଥାନ - ରଘୁନାଥପୁର

ସଂଗ୍ରାହକ - ଶ୍ରୀ ନାକୁ ହାଁସ୍‌ଦାଃ (ଗବେଷକ)

## ଲୋକକଥା - ୧୧

# ରାଂକିନୀ ଆୟ୍ (ରଂକିଣୀ ମାଆ)

### ଓଡିଆ ଅନୁବାଦ

ସତ୍ୟଯୁଗର କଥା । ବାବା ଭୈରବଠାକୁର ଏବଂ ରଂକିଣୀ ମାଆ ସିଲ୍‌ଦା ଦେଶର ପାଟାବିନ୍ଧା ନାମକ ଏକ ପ୍ରାନ୍ତରରେ ବସବାସ କରୁଥିଲେ । ଭୈରବଠାକୁର ଲୋକମାନେ କିପରି ସୁଖ ସ୍ୱାଚ୍ଛନ୍ଦରେ ରହିବେ ସେହିପରି କାର୍ଯ୍ୟମାନ କରୁଥିବା ସ୍ଥଳେ ତାଙ୍କ ପତ୍ନୀ ଲୁଚିଲୁଚି ସେହି ମଣିଷମାନଙ୍କୁ ଖାଇ ଦେଉଥିଲେ । କ୍ରମଶଃ ଏହିକଥା ବୁଡାର୍ କର୍ଣ୍ଣଗୋଚର ହୁଏ ଏବଂ ଭୀଷଣ କ୍ରୋଧର ବଶବର୍ତ୍ତୀ ହୋଇ ରଂକିଣୀ ମାଆଙ୍କୁ ସିଲ୍‌ଦା ଦେଶରୁ ବାହାରକୁ ତଡି ଦେଇଥିଲେ । ଏଥି ସକାଶେ ବୁଢୀ ସେଠାରୁ

ପଳାଇଯାଇ ଘାଟଶିଳା ନାମକ ଏକ ସ୍ଥାନରେ ଅବସ୍ଥାନ କଲେ । ସେଠାରେ ମଧ୍ୟ ସେହିପରି ଅନେକ ମଣିଷଙ୍କୁ ସେ ଖାଇଗଲେ । ସେଥିପାଇଁ ସେହି ଦେଶର ଲୋକମାନେ ଏକତ୍ରୀତ ହୋଇ ରଂକିଣୀ ବୁଢୀଙ୍କୁ କହିଲେ - ମାଆ ! ଏହିପରି ବହୁସଂଖ୍ୟାରେ ଆମକୁ ଖାନ୍ତୁ ନାହିଁ । ନ ହେଲେ ଆମ ବଂଶ ଲୋପ ପାଇଯିବ । ଆମେ ନିଜେ ପ୍ରତିଦିନ ଜଣେ ଲେଖାଏଁ ଆସିବୁ ଆପଣ କେବଳ ସେହି ଜଣକୁ ସେଦିନ ଭକ୍ଷଣ କରିବେ । ଏହାପରେ ଠାକୁରାଣୀ ନିଜେ ମଧ୍ୟ ଭାବି ବିଚାରିଲେ ମଣିଷମାନେ ଯାହା କହୁଛନ୍ତି ଠିକ୍ କହୁଛନ୍ତି । ଆଉ ସେମାନେ ଆପେ ଆସିଲେ ତାଙ୍କୁ ମଧ୍ୟ ବୁଲିବାକୁ ପଡିବ ନାହିଁ । ସେଥିପାଇଁ ରଂକିଣୀ ମାଆ ଦେଶବାସୀଙ୍କ ପ୍ରସ୍ତାବରେ ରାଜି ହୋଇଗଲେ । ଯଦି, ତୁମେ ନିଜେ ଆସି ପହଞ୍ଚିବ ତାହାହେଲେ ଜଣେ ଲେଖାଏଁ ଖାଇବି କିନ୍ତୁ ଯଦି ନ ଆସିଲ ଏକା ଦିନରେ ଗୁଡିଏ ଲୋକଙ୍କୁ ଖାଇବି । ଏହି କଥାରେ ଦେଶବାସୀମାନେ ମଧ୍ୟ ସମ୍ମତି ଜଣାଇଲେ ଏବଂ ପାଳିକରି ସବୁଦିନ ଜଣେ ଲେଖାଏଁ ଆସିବାକୁ ଲାଗିଲେ । ଆଜି ଜଣଙ୍କ ଘରୁ ତ କାଲି ଆଉଜଣଙ୍କ ଘରୁ ।

ଏହିପରି ଅନେକ ଦିନ ଯିବାପରେ ଦିନେ ଏକ ଆଣ୍ଠୁକୁଡା ବୁଢାବୁଢୀଙ୍କ ପାଳି ପଡିଥାଏ । ସେଥିପାଇଁ ପୂର୍ବଦିନ ସଂନ୍ଧ୍ୟାରେ ବୁଢାବୁଢୀ ଦୁଇଜଣ କଥା ହେଉଥାନ୍ତି ଆସନ୍ତା କାଲି ସକାଳୁ କିଏ ଯିବେ ବୋଲି । ସର୍ବପ୍ରଥମେ ବୁଢା କହିଲା , କାଲି ସକାଳୁ ମୁଁ ହିଁ ଯିବି , କାରଣ ମୁଁ ଏକୁଟିଆ ରହିଲେ ରୋଷେଇବାସ ତଥା ସମସ୍ତ ପ୍ରକାର ଘରକାମ ସକାଶେ ମୋତେ ଭାରି ହଇରାଣ ହେବାକୁ ପଡିବ । ସେଥିପାଇଁ ମୁଁ ଯାଇ ନିଜକୁ ସମର୍ପି ମାଆଙ୍କ କ୍ଷୁଧା ନିବାରଣ କରିବି । ବୁଢୀ କହିଲା - ନା ଗୋ ବୁଢା ତୁମେ ଯିବାଟା ଠିକ୍ ହେବ ନାହିଁ ମୁଁ ଯିବି । କାରଣ ମୁଁ ଗଲେ ମୋ ତୁଲ୍ୟଲୋକ ତୁମକୁ ସଙ୍ଗେସଙ୍ଗେ ମିଳିଯିବ । ଏମାନଙ୍କ ଏହି ଆଲୋଚନା ମଝିରେ ସେମାନଙ୍କ ଘରେ ଥିବା ବାଗାଲ୍ ଜାତିର ବାରମାସିଆ ଜଣକ କହିଲା ତମମାନଙ୍କର କାହାରି ଯିବା ଦରକାର ପଡିବ ନାହିଁ । ତମ ଘରେ ମୁଁ ବାରମାସିଆ ରହିଛି ମୁଁ ଯିବି । କାରଣ ମାଲିକର ସମସ୍ତ ପ୍ରକାର କାର୍ଯ୍ୟରେ ସାହାଯ୍ୟ କରିବା ହେଉଛି ବାରମାସିଆଙ୍କ କାମ । ଏହି ପ୍ରକାରେ ବୁଢାବୁଢୀ ଦୁହେଁ ସେହି ବାରମାସିଆଙ୍କ କଥାକୁ ଗ୍ରହଣ କରିନେଲେ । ତାହାପରେ ସେମାନେ ତାକୁ କହିଲେ ହେଉ ବାବୁ ତାହେଲେ ଆସନ୍ତାକାଲି ସକାଳୁ ତୁମେ ଆମ ତରଫରୁ ଯିବ ।

ତାପରଦିନ ସକାଳହେଲା , ବାରାମାସିଆ ଯୁବକର ସଜବାଜ ହେଉହେଉ ନିର୍ଦ୍ଦିଷ୍ଟ ସମୟଟି ଗଡିଯାଇଥିଲା । ସେଥିପାଇଁ ସାମାନ୍ୟ ଟିକିଏ ଡେରିରେ ବାଗାଲ୍‌ଗୋଟି ଜଣକ ରଂକିଣୀ ମାଆଙ୍କ ପାଖକୁ ଗଲା । ଏତେବେଳକୁ ବୁଢୀକୁ ପ୍ରବଳ ଭୋକ

ହେଉଥାଏ । ସେଥିପାଇଁ ଗୋତିଯୁବକ ଜଣକ ନ ପହୁଞ୍ଚୁଣୁ ସେ କହିଲେ ଏତେ ଡେରି ପର୍ଯ୍ୟନ୍ତ କ'ଣ କରୁଥିଲୁ ? ଜାଣିଛୁ ମୋତେ କେତେ ଭୋକ କରୁଛି । ଆଉ ଟିକିଏ ଡେରି କରିଥିଲେ ଆଜି ଦେଶଯାକର ସମସ୍ତ ମଣିଷଙ୍କୁ ଖାଇ ଦେଇଥାନ୍ତି । ତାହାପରେ ଗୋତିଯୁବକ କହୁଛି - ମାଆ ! ଆପଣ ନିଶ୍ଚୟ ମୋତେ ଖାଇବେ, ତେବେ ତାହା ପୂର୍ବରୁ ମୋର ଗୋଟିଏ ସର୍ତ୍ତ ରହିଛି, ଏହା ଶୁଣୁଶୁଣୁ ରଂକିଣୀ ବୁଢୀ ଗର୍ଜିଉଠିଲେ, କ'ଣ ସେ ସର୍ତ୍ତ ଶୀଘ୍ର କହିଦେ । ଏହାପରେ ଗୋତିଯୁବକ କହିଲା କଥାଟି ଏଇୟା - ମୁଁ କିଛି ବିରି ସଙ୍ଗରେ ନେଇ ଆସିଛି ତାହାକୁ ଭାଗକରି ଆମେଦୁହେଁ ଖାଇଥାନ୍ତେ । ଏହି ପ୍ରତିଯୋଗିତାରେ ଯିଏ ହାରିବ ସେ ଏ ଦେଶଛାଡି ପଳାଇବ । ତେବେ ଖାଇବା ପୂର୍ବରୁ ଦୁହେଁ ଦାନ୍ତଘୋଷି ସଫା କରିବା ତାହାପରେ ଗୋତିଯୁବକ ଦୁଇଟିକାଠି ତାହାର ମୁଣାରୁ କାଢିଲା । ସେଥିରୁ ଗୋଟାଏ ନିଜ ପାଇଁ ରଖି ଅପରଟିକୁ ମାଆଙ୍କୁ ଦେଇଦେଲା । ନିଜେ ଯେଉଁକାଠି ରଖିଥିଲା ତାହାଥିଲା କେନ୍ଦୁଗଛର ଏବଂ ଅନ୍ୟଟିଥିଲା ସେହିରଙ୍ଗର ଲୁହା ତିଆରିକାଠି । ଏହାପରେ ଗୋତିଯୁବକ କାଠିଟିକୁ ଶୀଘ୍ର ଚୋବାଇ ଭଲଭାବେ ଦାନ୍ତ ଘଷିଲା, କିନ୍ତୁ ରଂକିଣୀମା କାଠିଟିକୁ ଆଦୌ ଚୋବାଇ ପାରିଲେ ନାହିଁ, କେବଳ ପାଟିକୁ ରକ୍ତାକ୍ତ କରିଦେଲେ । ଏହି ପ୍ରକାରେ ମାଆ ମୁହଁରେ ଏପଟସେପଟ କରି ତାହାକୁ ଫିଙ୍ଗିଦେଲେ ।

ଏହାପରେ ବାଗାଲ୍ ଗୋତିଯୁବକ ବିରିକାଢି ଅଞ୍ଜୁଳାଏ ନିଜପାଇଁ ରଖିଲେ, ଯାହା ବାସ୍ତବରେ ବିରିଥିଲା ଆଉ ଅଞ୍ଜୁଳାଏ ମାଆଙ୍କୁ ଦେଲା ଯାହା ଲୁହା ତିଆରି ବିରିଥିଲା । ତେବେ ସତ ବିରି ଏବଂ ଲୁହା ବିରିର ରଙ୍ଗ ସମାନ ଧରଣର ହୋଇ ଥିବା ହେତୁ ରଂକିଣୀ ମାଆ ତାହାକୁ ଚିହ୍ନିପାରିଲେ ନାହିଁ । ତାହାପରେ ଦୁହେଁ ତରତର ହୋଇ ଖାଇବାକୁ ଲାଗିଲେ । ଗୋତିଯୁବକ ବିରି ଖାଉଥିବା ହେତୁ ତାହାକୁ ଶ୍ରୀଘ୍ର ଖାଇସାରି ଆସିଲାଣି, ତେବେ ରଂକିଣୀମାଆ ଲୁହାବିରି ହୋଇଥିବା ହେତୁ ଥରେ ଯାହା ପାଟିରେ ପୂରାଇଛନ୍ତି ତାହାମଧ୍ୟ ସାରିପାରି ନାହାନ୍ତି । ତାହାପରେ ଗୋତିଯୁବକ ଯେମିତି ଖାଇସାରି ଆସିଲାଣି ବୋଲି ରଂକଣୀ ଦେଖିଦେଇଛନ୍ତି ତରତର ହୋଇ ଧାଇଁବାକୁ ଆରମ୍ଭ କରିଛନ୍ତି । ଏହାପରେ ଗୋତିଜଣକ ବାଡିଖଣ୍ଡେ କାନ୍ଧରେ ଧାରଣକରି ତାଙ୍କ ପଛେ ପଛେ ଗୋଡାଇଛି । ଏହି ପ୍ରକାରେ ସେମାନେ ଦେଶସାରା ଦୌଡିଛନ୍ତି ଏବଂ ପହଞ୍ଚିଛନ୍ତି ବର୍ତ୍ତମାନର କାପଲ୍‌ଗାଦି ନଦୀଘାଟକୁ, ଯେଉଁଠାରେ ଧୋବା ଲୁଗା ସଫା କରୁଥିଲା । ରଂକିଣୀବୁଢୀ ସିଧା ଯାଇ ଧୋବା ଗଦେଇଥିବା ଲୁଗାଭିତରେ ପଶିଯାଇ ଲୁଚିଛନ୍ତି । ତାଙ୍କ ପଛେ ପଛେ ଗୋଡାଇଥିବା ଗୋତିମଧ୍ୟ ପହଞ୍ଚିଯାଇଛନ୍ତି ତେବେ

ଏପଟ ସେପଟ ଅନାଇଲେ ମଧ୍ୟ ମାଆଙ୍କୁ ଦେଖିପାରିଲା ନାହିଁ । ସେଥିପାଇଁ ଧୋବାକୁ ପଚାରିଲା - "ଆମି ମାଆକେ ହାରାୟିଛେ ତରା ଦେଖିଛ ।" ତେବେ ତାହା ପାଖରେ ସେହି ଲୁଗାଗଦା ଭିତରେ ଲୁଚିଥିବା କଥା ଭୟରେ ସେ କହି ପାରିଲା ନାହିଁ । ତାହାପରେ ସେ ସି-ସି ଶବ୍ଦ କରି ଲୁଗାକାଚିବାକୁ ଲାଗିଲା, ମନେମନେ ସେ ଏହି ଶବ୍ଦମାଧ୍ୟମରେ ଏହିଠାରେ ଅଛନ୍ତି ବୋଲି ଠାରୁଛନ୍ତି । କିନ୍ତୁ ବାଗାଲ୍ ଧୋବାର ଠାରକୁ ବୁଝିପାରିଲା ନାହିଁ ବୋଲି ସେଠାରୁ ଫେରିଯାଇଥିଲା ତାହାପରେ ରଂକିଣୀମାଆ ଲୁଗାଗଦାରୁ ବାହାରି ଧୋବାକୁ ବହୁତ ପ୍ରଶଂସା କରିଛନ୍ତି, ଯେହେତୁ ସେ ଲୁଚିଥିବା କଥା ପ୍ରକାଶ କରି ନାହିଁ ; ଆଉ ତାହାକୁ ଆଶୀର୍ବାଦ କରିଛନ୍ତି - ଆଜିପାଖରୁ ସେ ଏହି ଦେଶର ରାଜା ହେବେ, ଦେଶ ମଧ୍ୟ ତାର ସଂଜ୍ଞାନୁସାରେ ଧଳଭୂମ ନାମରେ ନାମିତ ହେବ । ସେହିଦିନ ପାଖରୁ ଆଜି ପର୍ଯ୍ୟନ୍ତ ମଧ୍ୟ ଧୋବାମାନେ ଲୁଗା ସଫା କରିବା ସମୟରେ ସି-ସି ଶବ୍ଦ କରିଥାନ୍ତି । ଆଉ ଧଳଭୂମରେ ସେମାନେ ରାଜତ୍ୱ କରିଥିଲେ । ସେମାନଙ୍କର ରାଜନଅର ଧଳଭୂମ ଗଡରେ ଥିଲା । ତେବେ ବର୍ତ୍ତମାନ ରାଜାମାନଙ୍କ ଶାସନ ଶେଷ ହୋଇଯାଇଥିବା ହେତୁ ସେମାନେ ଆଉ ରାଜା ନାହାନ୍ତି । ତଥାପି ଝାଡଖଣ୍ଡ ରାଜ୍ୟର ସିଂହଭୂମି ଜିଲ୍ଲାର ଏକ ସବ୍‌ଡିଭିଜନର ନାମ ଧଳଭୂମି ହିଁ ରହିଯାଇଅଛି ।

ସେହିପରି ଯେଉଁସ୍ଥାନରେ ଧୋବା ଲୁଗା ଗଦାକରିଥିଲା ଏବଂ କାଚୁଥିଲା, ତାହା କଥା ରହିବାପାଇଁ ମାଆଙ୍କ ଆଶୀର୍ବାଦରୁ ପାଷାଣ ପାଲଟି ଯାଇଛି, ଏହା ଏପର୍ଯ୍ୟନ୍ତ ମଧ୍ୟ ସେହିପରି ଅଛି । ଏହାକୁହିଁ କୁହାଯାଉଛି "କାପଲ୍‌ଗାଦି" । ଏଠାରେ ଏବେ ରଂକିଣୀ ମାଆଙ୍କ ନାମରେ ଏକ ବଡ ମନ୍ଦିରଟିଏ ତୋଳାଯାଇଅଛି, ଏବଂ ଏଠାକୁ ନିତିପ୍ରତିଦିନ ହଜାରହଜାର ଭକ୍ତଙ୍କର ସୁଅ ଛୁଟିଛି । ଏବେ ଏହି ପାହାଡ ଘାଟିକୁ ମଧ୍ୟ କାପଲ୍‌ଗାଦି ଘାଟି ନାମରେ ନାମକରଣ କରାଯାଇଅଛି । ଏହା ପରପାଖରୁ ମାଆ ମଣିଷ ଖାଇବା ପୂର୍ଣ୍ଣ ବନ୍ଦ କରିଦେଲେ । ଏବେ କୁକୁଡା, ଛେଳି, ମେଣ୍ଢା ଏବଂ ହଂସ ରକ୍ତ ପିଇ ସନ୍ତୁଷ୍ଟ ଅଛନ୍ତି । ଏଠାରେ ପୂର୍ବରୁ ସାନ୍ତାଳମାନଙ୍କ ମଧ୍ୟରୁ ହାଁସ୍‌ଦାଃ ଗୋଷ୍ଠୀର ଲୋକମାନେ ପୂଜାର୍ଚ୍ଚନା କରୁଥିଲେ । କିନ୍ତୁ ଏବେ ମନ୍ଦିରରେ ବ୍ରାହ୍ମଣମାନେ ପୂଜାକରୁଛନ୍ତି । ହାଁସ୍‌ଦାଃ ଲୋକମାନେ ସେଠାରୁ ଟିକିଏ ଦୂରରେ ଅନ୍ୟତ୍ର ବର୍ଷକୁ ଗୋଟିଏ ଦିନ ପୂଜା କରୁଛନ୍ତି ।

ମାଆଙ୍କୁ ଗୋଡେଇ ଗୋଡେଇ ହରାଇଥିବାରୁ ସେହିଦିନ ପାଖରୁ ବାଗାଲ୍ ଜାତିକୁ "ମା-ହାରା" ନାମରେ ନାମିତ କରାଯାଇଅଛି । ଏହି ମାହାରା ଜାତିକୁ ଓଡ଼ିଶାରେ ମଗଧା ଗଉଡ଼ ବୋଲି କୁହାଯାଇଥାଏ

